# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୯/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, August 29/2023 | Page 14 | ₹ 7.00

୪୯ଶ ଭାଗ ୨୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 274 | ମୂଲ୍ୟ₹୭/-




## ସେପ୍ଟେମ୍ବର ୨୮ରେ ପ୍ରଭାସଙ୍କ 'ସାଲାର'

ସାଉଥ୍ ଅଭିନେତା ପ୍ରଭାସଙ୍କ ଅଭିନୀତ ଆଗାମୀ ଚଳଚ୍ଚିତ୍ର 'ସାଲାର' ସେପ୍ଟେମ୍ବର ୨୮ରେ ରିଲିଜ୍ ହେବ।

୧୦

୧୪

## ଓଏଫ୍‌ସିରୁ ଖେଳିବେ ସିଙ୍ଗ୍‌ସନ

ଯୁବ ସେଣ୍ଟର ବ୍ୟାକ୍ ପାଓଗୋମାଙ୍ଗ ସିଙ୍ଗ୍‌ସନଙ୍କ ସହିତ ୩ ବର୍ଷିଆ ଚୁକ୍ତି ସ୍ୱାକ୍ଷର କରିଛି ଓଡ଼ିଶା ଫୁଟବଲ କ୍ଲବ(ଓଏଫ୍‌ସି)।



# ଲୋକସେବା ଭବନରେ ପଦୋନ୍ନତି ଦ୍ୱନ୍ଦ୍ୱ

**ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ପଦବୀରେ ଏସ୍‌ସି, ଏସ୍‌ଟି କର୍ମଚାରୀଙ୍କୁ ପଦୋନ୍ନତି ଦେବାକୁ ସରକାର ନିର୍ଦ୍ଦେଶାବଳୀ ଜାରି କରିଛନ୍ତି, ଯାହାକୁ ନେଇ ଏବେ ବିବାଦ ଦେଖାଦେଇଛି। ଏଥିରେ ସୁପ୍ରିମ୍‌କୋର୍ଟଙ୍କ ନିୟମର ଉଲ୍ଲଂଘନ ହେଉଥିବା ଦର୍ଶାଇ ସାଧାରଣ ବର୍ଗ କର୍ମଚାରୀମାନେ ବିରୋଧ କରୁଛନ୍ତି। ସରକାର ନିଜ ବିଫଳତାକୁ ଲୁଚାଇବାକୁ ଯାଇ ଉପରୋକ୍ତ ପଦକ୍ଷେପ ନେବା ସହ ଅଯଥାରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ଅପରପକ୍ଷରେ କିଛି ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀ ସୁପ୍ରିମକୋର୍ଟଙ୍କ ନିୟମାନୁଯାୟୀ ପଦୋନ୍ନତି ନେଇହେବ ବୋଲି ମଧ୍ୟ ଦାବି କରୁଛନ୍ତି। ଫଳରେ ପଦୋନ୍ନତିକୁ ନେଇ ଦ୍ୱନ୍ଦ ଆରମ୍ଭ ହୋଇଛି।**

ଭୁବନେଶ୍ୱର, ୨୮।୮ (ସୁନିତ୍ ମିଶ୍ର)

ଲୋକସେବା ଭବନରେ ପଦୋନ୍ନତିକୁ ନେଇ ବିବାଦ ଦେଖିବାକୁ ମିଳିଛି। ଏସ୍‌ସି, ଏସ୍‌ଟି (ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଉପଜାତି) ଏବଂ ସାଧାରଣ ବର୍ଗର କର୍ମଚାରୀଙ୍କ ମଧ୍ୟରେ ମୁଖ୍ୟତଃ ପଦୋନ୍ନତିକୁ ନେଇ ଦ୍ୱନ୍ଦ୍ୱ ଲକ୍ଷ୍ୟ କରାଯାଇଛି। ସାଧାରଣ ବର୍ଗର ଅଧିକାରୀଙ୍କ ପଦୋନ୍ନତି ପାଇଁ ଯେଉଁ ପଦବୀ ରହିଛି ସେଥିରେ ଏସ୍‌ସି, ଏସ୍‌ଟି ବର୍ଗଙ୍କୁ ପଦୋନ୍ନତି ଦେବାକୁ ସରକାର ଯୋଜନା କରୁଥିବା ଅଭିଯୋଗ ହୋଇଛି। ନିକଟରେ ଶତାଧିକ ସାଧାରଣ ବର୍ଗର କର୍ମଚାରୀ ଏହାକୁ ବିରୋଧକରି ଆଇନ ବିଭାଗ ସଚିବଙ୍କ କାର୍ଯ୍ୟାଳୟ ବାହାରେ ଏକତ୍ର ହୋଇ ଏନେଇ ଅଭିଯୋଗ କରିବାକୁ ଆସିଥିବାବେଳେ ଘଟଣା ସମ୍ପର୍କରେ ଜାଣିବାକୁ ମିଳିଥିଲା। ହେଲେ କେତେଜଣ ଅବସରପ୍ରାପ୍ତ ଅଧିକାରୀ ଏହି ଘଟଣା ଦୀର୍ଘଦିନ ହେଲା ଦ୍ୱନ୍ଦ୍ୱରେ ଚାଲିଥିବା ମତ ରଖିଛନ୍ତି। ଅନ୍ୟପଟେ ବିଭାଗୀୟ ମନ୍ତ୍ରୀ ଏ ବିଷୟରେ ତର୍ଜମା କରିବେ ବୋଲି ମତ ରଖିଛନ୍ତି। ଅପରପକ୍ଷରେ କେତେଜଣ ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀ ପଲଟା ଅଭିଯୋଗ ଆଣୁଛନ୍ତି। ସୁପ୍ରିମକୋର୍ଟଙ୍କ ନିୟମାନୁଯାୟୀ ସେମାନଙ୍କୁ ସାଧାରଣ ବର୍ଗଙ୍କ ସ୍ଥାନରେ ପଦୋନ୍ନତି ମିଳିପାରିବ ବୋଲି ଦାବି କରୁଛନ୍ତି।

ଆଗକୁ ବହୁ ପଦପଦବୀରେ ପଦୋନ୍ନତି ହେବାକୁ ଥିବାରୁ ଏବେଠାରୁ ନିଜ ଭବିଷ୍ୟତକୁ ନେଇ ସାଧାରଣ ବର୍ଗର କର୍ମଚାରୀମାନେ ଚିନ୍ତା ପ୍ରକଟ କରି ଏହା ଉପରେ ଆଲୋଚନା କରାଯାଉ ବୋଲି ଦାବି ଜୋର୍‌ଦାର କରିଛନ୍ତି। ଅଭିଯୋଗ କରିବାକୁ ଆସିଥିବା ☞ପୃଷ୍ଠା-୪



ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ସୋମବାର ଏକ ମାଲବାହୀ ଟ୍ରେନ୍ ବୋଲେରୋକୁ ଧକ୍କା ଦେଇ ଘୋଷାରି ନେଇଛି। **(ରିପୋର୍ଟ: ପୃଷ୍ଠା-୪)**

# ସେପ୍ଟେମ୍ବର ୨ ପୂର୍ବାହ୍ନ ୧୧ଟା ୫୦ରେ ସୂର୍ଯ୍ୟ ମିଶନ

ବେଙ୍ଗାଲୁରୁ, ୨୮।୮

ଚନ୍ଦ୍ରୟାନ-୩ ମିଶନର ସଫଳତା ପରେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଭାରତର ପ୍ରଥମ ସୂର୍ଯ୍ୟ ମିଶନ ଆଦିତ୍ୟ-ଏଲ୍‌୧ ଲଞ୍ଚ ସମ୍ପର୍କରେ ସୋମବାର ଘୋଷଣା କରିଛି। ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ ଲାଗି ଆଦିତ୍ୟ-ଏଲ୍‌୧କୁ ସେପ୍ଟେମ୍ବର ୨ ପୂର୍ବାହ୍ନ ୧୧ଟା ୫୦ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସ୍ପେସ୍ ପୋର୍ଟରୁ ମହାକାଶକୁ ଛଡ଼ାଯିବ। ଏହି ମହାକାଶ ଯାନ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ଏଲ୍‌୧ (ସୂର୍ଯ୍ୟ-ପୃଥିବୀର ଲାଗ୍ରାଞ୍ଜ ପଏଣ୍ଟ)ରୁ ସୋଲାର କରୋନା ଏବଂ ସୋଲାର ୱିଣ୍ଡର ଅନୁଧ୍ୟାନ କରିବ। ସୂର୍ଯ୍ୟଙ୍କ ଉପରେ ଅନୁଧ୍ୟାନ କରିବାରେ ଏହା ଭାରତର ପ୍ରଥମ ସ୍ପେସ୍ ମିଶନ ହେବ। ସୂର୍ଯ୍ୟଙ୍କ ଫଟୋସ୍ଫିୟର, କ୍ରୋମୋସ୍ଫିୟର ଏବଂ ବାହ୍ୟ ସ୍ତର କରୋନାର ଅନୁଧ୍ୟାନ ଲାଗି ଉକ୍ତ ମହାକାଶ ☞ପୃଷ୍ଠା-୪

## ବଡ଼ ଗର୍ତ୍ତକୁ ଏଡ଼ାଇ ଗଲା 'ପ୍ରଜ୍ଞାନ'

ବେଙ୍ଗାଲୁରୁ, ୨୮।୮

ଚନ୍ଦ୍ରୟାନ-୩ର ରୋଭର ପ୍ରଜ୍ଞାନ ରବିବାର ଏକ ୪ ମିଟର ବ୍ୟାସ ବିଶିଷ୍ଟ ବଡ଼ ଗର୍ତ୍ତର ସମ୍ମୁଖୀନ ହୋଇଥିଲା। ଉକ୍ତ ଗର୍ତ୍ତଟି ରୋଭରଠାରୁ ମାତ୍ର ୩ ମିଟର ଆଗରେ ଥିଲା। ଏହା ଜାଣିପାରି ରୋଭର ତା'ର ଗତିପଥ ବଦଳାଇଦେଇଥିବା ଇସ୍ରୋ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଏବେ ଏହା ନୂଆ ସୁରକ୍ଷିତ ପଥରେ ଅଗ୍ରସର ହେଉଛି। ଇତିମଧ୍ୟରେ ପ୍ରଜ୍ଞାନ ଏହାର ଗତିପଥରେ ଦୁଇଟି ଗର୍ତ୍ତର ସାମ୍ନା କଲାଣି। ପ୍ରଥମ ଗର୍ତ୍ତଟି ପ୍ରାୟ ୧୦୦ ମିଲିମିଟର ଗଭୀରର ଥିବାରୁ ରୋଭର ଏହାକୁ ଅତିକ୍ରମ କରିଯାଇଥିଲା। ☞ପୃଷ୍ଠା-୪

# ବାଳସୁଧାର ଗୃହରୁ ନାବାଳକଙ୍କ ମୃତଦେହ ଜବତ

ଭବାନୀପାଟଣା, ୨୮।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କୁସାଡଙ୍ଗର ନିକଟରେ ଥିବା ବାଳସୁଧାର ଗୃହରୁ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ସୋମବାର ଜବତ ହୋଇଛି। ବଳାତ୍କାର ଅଭିଯୋଗରେ ସମ୍ପୃକ୍ତ ନାବାଳକ ବାଳସୁଧାର ଗୃହରେ ରହିଥିଲେ। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୩) ରୁଜୁ କରିଛି। କେଉଁ କାରଣରୁ ନାବାଳକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଗଣତନ୍ତ୍ରର ହତ୍ୟାକାରୀ

୫ ମହାନଗର ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପୃଷ୍ଠା ୩




**ଭାରତୀୟ ବଂଶୋଦ୍ଭବଙ୍କୁ ଆକ୍ରମଣ:ଚାଇନା ନାଗରିକଙ୍କୁ ଜେଲ**

ଭାରତୀୟ ବଂଶୋଦ୍ଭବ ସୁରକ୍ଷା ଅଧିକାରୀଙ୍କୁ ମାଡ଼ ମାରିବା ଜଣେ ଚାଇନା ନାଗରିକଙ୍କୁ ମହଙ୍ଗା ପଡ଼ିଛି। ସିଙ୍ଗାପୁରର ଏକ କୋର୍ଟ ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୬ ସପ୍ତାହ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ୱାଙ୍ଗ୍ ଲିନ୍(୪୨) ପ୍ରକାଶ ଗୋବିନ୍ଦନ୍ ଦାମୋଦରନ୍(୫୬)ଙ୍କୁ ଠେଲି ଦେବାରୁ ସେ ଗୁରୁତର ହୋଇଥିଲେ। ୨୦୨୧ ନଭେମ୍ବର ୬ରେ ଏହି ଘଟଣା ଘଟିଥିଲା। ଏନେଇ ସୁରକ୍ଷା ଅଧିକାରୀ ଦାମୋଦରନ୍ ସ୍ଥାନୀୟ କୋର୍ଟର ଆଶ୍ରୟ ନେଇଥିଲେ।

## ସଂକ୍ଷେପରେ

### ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ପରାମର୍ଶଦାତା, ଓଏସ୍‌ଡିଙ୍କୁ ଇଡି ଜେରା

**ରାୟପୁର,୨୮।୮(ପି.ଟି.):** ବେଆଇନ ବେଟିଂ ଓ ଗାମ୍ବ୍ଲିଂ ଆପ୍ ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ରାଜନୈତିକ ପରାମର୍ଶଦାତା ବିନୋଦ ବର୍ମା ଏବଂ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ମନୀଷ ବନ୍‌ଛୋରଙ୍କୁ ଜେରା କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କ ବୟାନକୁ ରେକର୍ଡ କରାଯାଇଛି। ଗତ ସପ୍ତାହରେ ଇଡି ଉଭୟଙ୍କ ଘର ଓ କାର୍ଯ୍ୟାଳୟରେ ଚଢ଼ାଉ କରିବା ସହ ସେମାନଙ୍କୁ ତଦନ୍ତରେ ସାମିଲ ହେବା ଲାଗି କହିଥିଲା। 'ମହାଦେବ ଅନ୍‌ଲାଇନ ବୁକ୍' ନାମରେ ଏହି ବେଆଇନ ବେଟିଂ ଆପ୍ ସହ ସମ୍ପୃକ୍ତି ନେଇ ପୋଲିସ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଚନ୍ଦ୍ରଭୂଷଣ ବର୍ମା, ହାୱାଲା ଅପରେଟର ଭ୍ରାତା ଅନିଲ ଓ ସୁନୀଲ ଡମନି ଏବଂ ସତୀଶ ଚନ୍ଦ୍ରାକରଙ୍କୁ ଇଡି ଗିରଫ କରିଛି। ଏଏସ୍‌ଆଇଙ୍କର ବର୍ମାଙ୍କ ସହ ସମ୍ପର୍କ ଥିଲା। ଛତିଶଗଡ଼ ସିଏମ୍‌ଓ କାର୍ଯ୍ୟାଳୟ ସହ ସମ୍ପୃକ୍ତ ଉଚ୍ଚ ପାହ୍ୟାର ଅଫିସର ଏବଂ ରାଜନେତାଙ୍କୁ ପ୍ରଭାବିତ କରିବା ଲାଗି ସେ ଦୁବାଇରୁ ହାୱାଲା ପାଣ୍ଠି ଗ୍ରହଣ କରୁଥିଲେ ବୋଲି ଇଡି କହିଛି। ଅନ୍ୟପକ୍ଷରେ ଇଡି କାର୍ଯ୍ୟାନୁଷ୍ଠାନ ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ ବଘେଲ କହିଛନ୍ତି, ତାଙ୍କ ସରକାରଙ୍କୁ ବଦନାମ କରିବା ଓ ସ୍ୱର ଚାପିଦେବା ଲାଗି ଏଭଳି ଦୁର୍ଭାବନାପୂର୍ଣ୍ଣ ଉଦ୍ୟମ କରାଯାଉଛି। ବେଆଇନ ଅର୍ଥ କାରବାରରୁ ସେ ଟଙ୍କାଟିଏ ମଧ୍ୟ ପାଇ ନ ଥିବା ବିନୋଦ ବର୍ମା ଗତ ୨୪ ତାରିଖରେ ଏକ ଖବରଦାତା ସମ୍ମିଳନୀକୁ କହିଥିଲେ।

### ପ୍ରେମିକ ବିରୋଧରେ ସାକ୍ଷ୍ୟ ଦେବାକୁ ମନା କରିବାରୁ ଗର୍ଭବତୀ ଝିଅକୁ ହତ୍ୟା

**ମୁଜାଫରନଗର, ୨୮।୮:** କୋର୍ଟରେ ପ୍ରେମିକଙ୍କ ବିରୋଧରେ ସାକ୍ଷ୍ୟ ଦେବାକୁ ମନା କରିବାରୁ ଜଣେ ଗର୍ଭବତୀ ଝିଅଙ୍କୁ ତାଙ୍କ ମା' ବାପା ହତ୍ୟା କରିଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶର ସାହାପୁର ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଛି। ପୋଲିସ ସୂଚନାନୁସାରେ ଝିଅଟି ତାଙ୍କ ପ୍ରେମିକଙ୍କ ସହ ୨୦୨୨ ଅକ୍ଟୋବରରେ ଫେରାର ହୋଇଯାଇଥିଲେ। ଝିଅଙ୍କ ପରିବାର ଲୋକେ ଉଭୟଙ୍କୁ ଡିସେମ୍ବରରେ ଖୋଜି ବାହାର କରିବା ସହ ପ୍ରେମିକ ବିରୋଧରେ ଅପହରଣ ଓ ବଳାତ୍କାର ଅଭିଯୋଗରେ ଏତଲା ଦାଏର କରିଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରେମିକଙ୍କୁ ଜେଲ୍ ପଠାଇଥିଲେ। ମାମଲାର ଶୁଣାଣି ବେଳେ ଝିଅ ପରିବାର ଲୋକେ ତାଙ୍କୁ ପ୍ରେମିକ ବିରୋଧରେ କୋର୍ଟ ଆଗରେ ସାକ୍ଷ୍ୟ ଦେବାକୁ କହିଥିଲେ। ସେ ମନା କରିବାରୁ ଶୁକ୍ରବାର ରାତିରେ ଅଭିଯୁକ୍ତ ଦମ୍ପତି ଝିଅଙ୍କୁ ହତ୍ୟା କରିବା ସହ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ।



କାଇରୋରେ 'ବ୍ରାଇଟ୍ ଷ୍ଟାର୍-୨୩' ସମରାଭ୍ୟାସରେ ଯୋଗ ଦେବା ପାଇଁ ଭାରତୀୟ ବାୟୁସେନା ବାହିନୀର ଯବାନମାନେ ଇଜିପ୍ଟ ଏୟାରଫୋର୍ସ ବେସ୍‌ରେ ପହଞ୍ଚିଛନ୍ତି।

# ୩୭୦ ଉଚ୍ଛେଦ ବିରୋଧରେ ବୟାନ: ଅଧ୍ୟାପକ ନିଲମ୍ବିତ

## ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୮।୮(ପି.ଟି.)**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିରୋଧ କରି ସୁପ୍ରିମକୋର୍ଟରେ ଯୁକ୍ତି ରଖିଥିବା ଜଣେ ଅଧ୍ୟାପକଙ୍କୁ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ନିଲମ୍ବନ କରିଥିବାରୁ ଏହା ଉପରେ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଘଟଣାର ଅନୁଧ୍ୟାନ କରିବା ଲାଗି ଶୀର୍ଷ ଅଦାଲତ ସୋମବାର ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ମାମଲାରେ ଆବେଦନକାରୀ ଅଧ୍ୟାପକ ଜହୁର ଅହମଦ ଭଟ୍ଟ ଗତ ୨୪ ତାରିଖରେ ସୁପ୍ରିମକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଯୁକ୍ତି ରଖିଥିଲେ। ତାଙ୍କୁ ନିଲମ୍ବନ କରାଯିବା ଘଟଣାକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ



ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଗମ୍ଭୀରତାର ସହ ନେଇଛନ୍ତି। ବେଞ୍ଚରେ ଜଷ୍ଟିସ୍ ସଞ୍ଜୟ କିଷନ କୌଲ, ସଞ୍ଜୀବ ଖାନ୍ନା, ବି.ଆର. ଗଭାଇ ଏବଂ ସୂର୍ଯ୍ୟ କାନ୍ତ ରହିଛନ୍ତି। କୋର୍ଟରେ ଶୁଣାଣି ଆରମ୍ଭ ହେବା କ୍ଷଣି ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ରାଜୀବ ଧାୱନ ଭଟ୍ଟଙ୍କ ନିଲମ୍ବନ ପ୍ରସଙ୍ଗ ଉଠାଇଥିଲେ। ଭଟ୍ଟ ଦୁଇଦିନ ଛୁଟିରେ ଥିଲେ। ସେ କଲେଜକୁ ଫେରିବା ବେଳକୁ ତାଙ୍କୁ ଜମ୍ମୁ-କଶ୍ମୀର ପ୍ରଶାସନ ନିଲମ୍ବନ କରିଥିଲା ବୋଲି ସିବଲ କହିଥିଲେ। ଏହା ଶୁଣିବା ପରେ ସାମ୍ବିଧାନିକ ପୀଠ ଆଟର୍ନି ଜେନେରାଲଙ୍କୁ ଜମ୍ମୁ-କଶ୍ମୀର ଉପରାଜ୍ୟପାଳଙ୍କ ସହ ଏନେଇ ଆଲୋଚନା କରିବା ସହ ଘଟଣାର ଅନୁଧ୍ୟାନ କରିବାକୁ କହିଥିଲେ। ଜଣେ ସର୍ବୋଚ୍ଚ ଅଦାଲତଙ୍କ ଆଗରେ ଯୁକ୍ତି ଉପସ୍ଥାପନ କରି ଚାକିରିରୁ ନିଲମ୍ବିତ ହେବ, ଏହା କେବେ ହୋଇ ନ ପାରେ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଥିଲେ।

ଘଟଣାର ଅନୁଧ୍ୟାନ କରିବେ ବୋଲି ଭେଙ୍କଟରମଣୀ ଅଦାଲତଙ୍କୁ କହିଥିବାବେଳେ ମେହେଟ୍ଟା କହିଥିଲେ ଭଟ୍ଟଙ୍କ ନିଲମ୍ବନ ସମ୍ପର୍କରେ ସେ ଖବରକାଗଜରୁ ଜାଣିବା ପରେ ପ୍ରଶାସନକୁ ପଚାରି ବୁଝିଥିଲେ। ଅଧ୍ୟାପକଙ୍କୁ ନିଲମ୍ବନ କରାଯିବା ପଛରେ ଅନେକ କାରଣ ଥିବା ତାଙ୍କୁ କୁହାଯାଇଥିଲା। ସେ ନିୟମିତ ଭାବେ ବିଭିନ୍ନ କୋର୍ଟରେ ପିଟିଶନ ଦାଏର କରୁଥିଲେ। ତାଙ୍କ ନିଲମ୍ବନ ସମ୍ପର୍କିତ ସମସ୍ତ ଦସ୍ତାବିଜ କୋର୍ଟରେ ଦାଖଲ କରିବେ ବୋଲି ସଲିସିଟର ଜେନେରାଲ କହିଥିଲେ। ଏହାର ଜବାବରେ ସିବଲ କହିଥିଲେ, ଯଦି ଭଟ୍ଟଙ୍କ ବିରୋଧରେ ଅଭିଯୋଗ ଥିଲା, ତେବେ ତାଙ୍କୁ ପୂର୍ବରୁ ନିଲମ୍ବନ କରାଯାଇପାରିଥାନ୍ତା, ଏବେ କାହିଁକି। ବରିଷ୍ଠ ଆଇନଜୀବୀ କହିଥିଲେ, ଭଟ୍ଟଙ୍କ ନିଲମ୍ବନ ନିର୍ଦ୍ଦେଶ ତାଙ୍କ ପାଖରେ ରହିଛି। କୋର୍ଟରେ ଯୁକ୍ତି ରଖିବାରୁ ତାଙ୍କୁ ନିଲମ୍ବନ କରାଯାଇଥିବା ସେଥିରେ ସ୍ପଷ୍ଟ ଲେଖାଥିଲା। ଏହା ଠିକ୍ ନୁହେଁ। ଗଣତନ୍ତ୍ର କିପରି ଚାଲୁଛି, ତାହା ଏଥିରୁ ସ୍ପଷ୍ଟ ହେଉଛି ବୋଲି ସିବଲ କହିଥିଲେ। ଯଦି ଅନ୍ୟ କାରଣରୁ ନିଲମ୍ବନ କରାଯାଇଥାଏ, ତାହା ଭିନ୍ନ କଥା। କିନ୍ତୁ କୋର୍ଟରେ ଯୁକ୍ତି ଉପସ୍ଥାପନ ଲାଗି ନିଲମ୍ବିତ ହୋଇଥିଲେ, ତାହାକୁ ଅନୁଧ୍ୟାନ କରିବାକୁ ପଡ଼ିବ ବୋଲି ସାମ୍ବିଧାନିକ ପୀଠ କହିଥିଲେ।

### ହୋଟେଲରେ ଛକିଥିଲା ମୃତ୍ୟୁ

**ଭୁଜ୍,୨୮।୮**

ପ୍ରବାସୀ ଭାରତୀୟ କିଷନ ହାଲାଇ ଓ ତାଙ୍କର ୨୫ ବର୍ଷୀୟା ଭାବୀ ସ୍ତ୍ରୀ ରୁପାଲ ଭେକରିଆ ରବିବାର ମୁମ୍ବାଇରୁ ବିମାନ ଯୋଗେ ନାଇରୋବି ଯିବାର ଥିଲା। ହେଲେ ଭାଗ୍ୟ କିଛି ଅଲଗା ଚାହୁଁଥିଲା। ଏୟାରଲାଇନ୍ସ କର୍ତ୍ତୃପକ୍ଷ ବିମାନ ଛାଡ଼ିବା ସମୟରେ ପରିବର୍ତ୍ତନ କରିବାରୁ ଏହି ଯୋଡ଼ି ସାନ୍ତାକ୍ରୁଜ୍‌ସ୍ଥିତ ଗାଲାକ୍ସି ହୋଟେଲରେ ରହିଥିଲେ। ଉକ୍ତ ହୋଟେଲରେ ସେମାନଙ୍କ ପାଇଁ ମୃତ୍ୟୁ ଯେପରି ଛକି ରହିଥିଲା। ରବିବାର ଅପରାହ୍ନରେ ହୋଟେଲରେ ନିଆଁ ଲାଗିଯିବାରୁ କିଷନ(୨୮), ରୁପାଲ ଏବଂ କାନ୍ତିଲାଲ୍ ଭାରା(୫୦) ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ରୁପାଲଙ୍କ ମାଆ ମଞ୍ଜୁଳାବେନ୍(୪୯), ଭଉଣୀ ଆଲ୍‌ଫା (୧୯) ଏବଂ ଆସଲାମ ଶେଖ୍ (୪୮) ନାମକ ଅନ୍ୟ ଜଣେ ବ୍ୟକ୍ତି ନିଆଁରେ ପୋଡ଼ିହୋଇ ଆହତ ହୋଇଛନ୍ତି। କିଷନ ଏବଂ ରୁପାଲ ବହୁବର୍ଷ ହେଲା ନାଇରୋବିରେ ରହୁଥିଲେ। ସେମାନଙ୍କ ପୈତୃକ ଘର ଗୁଜରାଟର ରାମ୍ପାର ଗ୍ରାମରେ ରହିଛି।

## ଯାନ, ଔଷଧ, ପର୍ଯ୍ୟଟନ କ୍ଷେତ୍ର ନୂଆ ନିଯୁକ୍ତି ସୃଷ୍ଟି କରିବ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୮।୮(ପି.ଟି.)**

ଭାରତର ଅର୍ଥନୀତି ଦ୍ରୁତ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି। ଏହା ଯୁବବର୍ଗଙ୍କ ଲାଗି ନିଯୁକ୍ତିର ବଡ଼ ସୁଯୋଗ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରୋଜଗାର ମେଳାରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏହି ଅବସରରେ ସେ ୫୧ ହଜାର ଯୁବତୀଯୁବକଙ୍କୁ ନିଯକ୍ତି ପତ୍ର ପ୍ରଦାନ କରିଥିଲେ। ଯାନ, ଔଷଧ, ପର୍ଯ୍ୟଟନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସେକ୍ଟରରେ ଦ୍ରୁତ ବୃଦ୍ଧି ସାଙ୍ଗକୁ ଯୁବବର୍ଗଙ୍କ ପାଇଁ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅର୍ଥନୀତିକୁ କେବଳ ପର୍ଯ୍ୟଟନ ସେକ୍ଟରର ୨୦୩୦ ସୁଦ୍ଧା ୨୦ ଲକ୍ଷ କୋଟି ଟଙ୍କା ଅବଦାନ ରହିବ। ଏହି ସେକ୍ଟର ୧୩ରୁ ୧୪ କୋଟି ନୂଆ ନିଯୁକ୍ତି ସୃଷ୍ଟି କରିବା କ୍ଷମତା ରଖିଛି। ବର୍ତ୍ତମାନ ଭାରତର

### ୫୧ ହଜାରଙ୍କୁ ନିଯୁକ୍ତି ପତ୍ର



ଔଷଧ ଶିଳ୍ପ ୪ ଲକ୍ଷ କୋଟି ଟଙ୍କାର ହୋଇଥିବାବେଳେ ୨୦୩୦ ବେଳକୁ ଏହା ୧୦ ଲକ୍ଷ କୋଟିରେ ପହଞ୍ଚିବ। ତେଣୁ ଏହି କ୍ଷେତ୍ରରେ ବହୁସଂଖ୍ୟାରେ ଯୁବତୀଯୁବକ ନିଯୁକ୍ତି ସୁଯୋଗ ପାଇବେ। ସେହିପରି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଆଗାମୀ ୩.୫ ବର୍ଷରେ ୩୫ ଲକ୍ଷ କୋଟିରେ ପହଞ୍ଚିବାକୁ ଯାଉଛି ବୋଲି ମୋଦି କହିଛନ୍ତି।

## ବିମାନ ଯାତ୍ରା ବାଧାପ୍ରାପ୍ତ

### ବ୍ରିଟେନ୍ ଏଟିସିରେ ବୈଷୟିକ ତ୍ରୁଟି

**ଲଣ୍ଡନ,୨୮।୮**

ବ୍ରିଟେନ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରେ ବୈଷୟିକ ସମସ୍ୟା ଦେଖାଦେବାରୁ ସୋମବାର ଶତାଧିକ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି। ବ୍ରିଟେନର ନ୍ୟାଶନାଲ ଏୟାର ଟ୍ରାଫିକ୍ ସର୍ଭିସ (ଏନ୍‌ଏଟିଏସ୍) ବିମାନ ଚଳାଚଳ ଉପରେ କଟକଣା ଜାରି କରିଛି। ସୁରକ୍ଷା ସୁନିଶ୍ଚିତ କରିବା ଲାଗି ବିମାନ ଉଡ଼ାଣକୁ ସୀମିତ ରଖାଯାଇଛି। ଏନ୍‌ଏଟିଏସ୍ ଇଞ୍ଜିନିୟରମାନେ ତ୍ରୁଟି ଚିହ୍ନଟ କରି ସଂଶୋଧନ କରିବାକୁ କାମରେ ଲାଗିଥିବା ଏହାର ମୁଖପାତ୍ର କହିଛନ୍ତି। ତେବେ ସମସ୍ୟା ସମାଧାନ ହେବା ଲାଗି କେତେ ସମୟ ଲାଗିବ ସେ ତାହା କହି ନାହାନ୍ତି। ରିପୋର୍ଟ ଅନୁଯାୟୀ ଅଧିକାଂଶ ବିମାନ ଅନ୍ୟୂନ ୧୨ ଘଣ୍ଟା ବିଳମ୍ବିତ ହୋଇଛି।

## ପାର୍ଟନରଙ୍କୁ ପ୍ରେସର୍ କୁକରରେ ପିଟି ହତ୍ୟା

**ବେଙ୍ଗାଲୁରୁ,୨୮।୮**

ଲିଭ୍ ଇନ୍ ରିଲେସନ୍‌ଶିପ୍‌ରେ ରହୁଥିବା ଯୁବତୀ ଅନ୍ୟ ପୁରୁଷ ସହ ସମ୍ପର୍କ ରଖିବା ସନ୍ଦେହ କରି ପ୍ରେସର୍ କୁକରରେ ପିଟି ହତ୍ୟା କରିଛନ୍ତି ପ୍ରେମିକ। ଶନିବାର ରାତିରେ ଏହି ଘଟଣା ଘଟିଥିଲାବେଳେ ପୋଲିସ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ମୃତ ପ୍ରେମିକା ଥିରୁଭାନନ୍ତପୁରମ୍‌ର ଦେବା ଏସ୍ ହୋଇଥିବାବେଳେ ଅଭିଯୁକ୍ତ ବୈଷ୍ଣବ ହେଉଛନ୍ତି କେରଳର କୋଲମ୍ ଅଞ୍ଚଳର। ଅନ୍ୟ ପୁରୁଷ ସହ ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ହେଉଥିଲା। ଶନିବାର ରାତିରେ ବୈଷ୍ଣବ ହତ୍ୟା ଉଦ୍ଦେଶ୍ୟରେ ପ୍ରଥମେ ପ୍ରେସର୍ କୁକରରେ ଥିବା ଭାତ ଖାଲି କରିଥିଲେ। ଏହାପରେ ପ୍ରେମିକାଙ୍କ ମୁଣ୍ଡକୁ ବାରମ୍ବାର ପ୍ରହାର କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ପ୍ରେମିକା ଦେବାଙ୍କ ମୃତ୍ୟୁ

### ପରକୀୟା ପ୍ରୀତି ସନ୍ଦେହ



ଘଟିଥିଲା। ଦେବାଙ୍କ ଭଉଣୀ କ୍ରିଷ୍ଣା ତାଙ୍କୁ ଫୋନ୍ କରିବା ପରେ ସେ ଉଠାଇନଥିଲେ। ତେଣୁ ସେ ପଡ଼ୋଶୀଙ୍କୁ ଫୋନ୍ କରିବାରୁ ଘଟଣା ସାମ୍ନାକୁ ଆସିଥିଲା। ହତ୍ୟା କରିବା ପରେ ବୈଷ୍ଣବ ଘଟଣାସ୍ଥଳରୁ ଫେରାର ହୋଇଥିଲେ। କ୍ରିଷ୍ଣା କହିଛନ୍ତି, ଘଟଣା ଦିନ ସକାଳେ ଦେବା ଓ ବୈଷ୍ଣବ ତାଙ୍କ ଘରକୁ ଆସିଥିଲେ ଏବଂ ସେଠାରେ କୌଣସି କଥାକୁ ନେଇ ପାଟିତୁଣ୍ଡ କରିଥିଲେ। ଦେବା ସବୁବେଳେ ମୋବାଇଲରେ ବ୍ୟସ୍ତ ରହିବା ସହ ଅନ୍ୟ କାହାରିକୁ ମେସେଜ୍ କରୁଛନ୍ତି ବୋଲି ବୈଷ୍ଣବ ଅଭିଯୋଗ କରିଥିଲେ। ଏହାପରେ କ୍ରିଷ୍ଣା ଉଭୟଙ୍କୁ ବୁଝାଶୁଝା କରି ଘରକୁ ପଠାଇଥିଲେ। ଘଟଣାପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କୁ ରବିବାର ଗିରଫ କରିଥିଲା। ଦେବାଙ୍କୁ ବାରମ୍ବାର ତାଗିଦ୍ ପରେ ମଧ୍ୟ ସେ ଅନ୍ୟ ଜଣଙ୍କ ସହ ସମ୍ପର୍କ ରଖିଥିଲେ। ତେଣୁ ବାଧ ହୋଇ ହତ୍ୟା କରିଛନ୍ତି ବୋଲି ବୈଷ୍ଣବ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଦେବା ଏବଂ ବୈଷ୍ଣବ ଶେୟାର ମାର୍କେଟ୍ ବ୍ୟବସାୟରେ ସମ୍ପୃକ୍ତ ଥିଲେ। କେରଳରେ ଉଭୟଙ୍କ ସାକ୍ଷାତ ହୋଇଥିଲା।

## ଜି୨୦ ସମ୍ମିଳନୀରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ଯୋଗଦେବେ

**ନୂଆଦିଲ୍ଲୀ,୨୮।୮**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରି ଦିଲ୍ଲୀରେ ଆସନ୍ତା ସପ୍ତାହରେ ହେବାକୁ ଥିବା ଜି୨୦ ସମ୍ମିଳନୀରେ ଯୋଗଦେବାକୁ ଅସମର୍ଥ ବୋଲି ଜଣାଇଛନ୍ତି। ପୁଟିନ୍ ତାଙ୍କ ସ୍ଥାନରେ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭରୋଭଙ୍କୁ ଜି୨୦ ସମିଟ୍‌କୁ ପଠାଇବେ ବୋଲି କହିଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ପୁଟିନ୍‌ଙ୍କ ନିଷ୍ପତ୍ତି ସମ୍ପର୍କରେ ହୃଦ୍‌ବୋଧ କରୁଥିବା ମୋଦି ତାଙ୍କୁ ଜଣାଇଥିଲେ। ଚଳିତ ବର୍ଷ ଭାରତ ଜି୨୦ର ଅଧ୍ୟକ୍ଷତା କରୁଥିବାବେଳେ ରୁଷିଆର ସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ଦୁଇ ନେତା ଯୋଗାଯୋଗରେ ରହିବା ଲାଗି ରାଜି ହୋଇଥିବା ପିଏମ୍‌ଓ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ

### ମୋଦିଙ୍କୁ ଜଣାଇଲେ ପୁଟିନ୍



ଭ୍ଲାଡିମିର୍ ପୁଟିନ୍

ବିଶ୍ୱବ୍ୟାପୀ ସମାଲୋଚିତ ହୋଇଥିବା ରୁଷିଆ ରାଷ୍ଟ୍ରପତି ଜି୨୦ ସମିଟରେ ଯୋଗଦେବାକୁ ଯିବେ ନାହିଁ ବୋଲଇ ଗତ ସପ୍ତାହରେ କ୍ରେମଲିନ୍ ସୂଚନା ଦେଇଥିଲା।

## ହିନ୍ଦୁ ସଂଗଠନର ଶୋଭାଯାତ୍ରା ପାଇଁ ନୁହରେ କଡ଼ା ସୁରକ୍ଷା

**ନୁହ(ହରିୟାଣା),୨୮।୮(ପି.ଟି.)**

ହରିୟାଣାର ନୁହଠାରେ ସର୍ବଜାତୀୟ ହିନ୍ଦୁ ମହାପଞ୍ଚାୟତ ପକ୍ଷରୁ 'ଶୋଭାଯାତ୍ରା'ଲାଗି ଆହ୍ୱାନ ଦିଆଯାଇଥିବାବେଳେ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉକ୍ତ ଅଞ୍ଚଳ ସୁରକ୍ଷା ବଳ ଛାଉଣୀରେ ପରିଣତ ହୋଇଥିବାବେଳେ ଚାରିଆଡ଼ ଖାଁଖାଁ ଲାଗୁଛି। ନୁହରେ ଦଙ୍ଗାନିରୋଧୀ ଯାନ ଏବଂ ଡ୍ରୋନ୍ ମୁତୟନ ହୋଇଛି। ନଲହାରସ୍ଥିତ ଶିବମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ସୋମବାର ୧୫ ଜଣ ସନ୍ଥ ଓ ଧର୍ମୀୟ ନେତାଙ୍କୁ ଛଡ଼ାଯାଇଛି। ଜୁଲାଇ ୩୧ ଧର୍ମୀୟ ଶୋଭାଯାତ୍ରା ସାମ୍ପ୍ରଦାୟିକ ସଂଘର୍ଷରେ ପରିଣତ ହେବା ପରେ ଜିଲା କର୍ତ୍ତୃପକ୍ଷ ସୋମବାର ଶୋଭାଯାତ୍ରା ପାଇଁ ଅନୁମତି ଦେଇନାହାନ୍ତି। ତେବେ ଶ୍ରାବଣ ମାସର ଶେଷ ସୋମବାର ହୋଇଥିବାରୁ ସ୍ଥାନୀୟ ଲୋକଙ୍କୁ ଅନ୍ୟ ଅଞ୍ଚଳରେ ଥିବା ମନ୍ଦିରରେ ପୂଜା ପାଇଁ ଅନୁମତି ମିଳିଥିଲା। ନୁହକୁ ଯାଉଥିବା କେତେଜଣ ସନ୍ଥଙ୍କୁ



ଗୁରୁଗ୍ରାମର ଘମରୋଜ୍ ଟୋଲ ପ୍ଲାଜାଠାରେ ପୋଲିସ କର୍ମଚାରୀମାନେ ଗାଡ଼ିକୁ ଯାଞ୍ଚ କରୁଛନ୍ତି।

### ଡ୍ରୋନ୍ ମୁତୟନ, ଇଣ୍ଟରନେଟ୍ ସେବା ବନ୍ଦ

ଗୁରୁଗ୍ରାମଠାରେ ପୋଲିସ ଅଟକ ରଖିଛି। ଦିଲ୍ଲୀ-ଗୁରୁଗ୍ରାମ ଜାତୀୟ ରାଜପଥରେ ୫ଟି ବଡ଼ ଚେକ୍ ପଏଣ୍ଟ ସ୍ଥାପନ କରାଯାଇଛି। ଏପରିକି ଗଣମାଧ୍ୟମ ଗାଡ଼ିକୁ ମଧ୍ୟ ତୃତୀୟ ଚେକ୍‌ପଏଣ୍ଟ ଟପିବାକୁ ଦିଆଯାଉ ନାହିଁ। ଅଯୋଧ୍ୟାରୁ ଆସିଥିବା ହିନ୍ଦୁ ସନ୍ଥ ଜଗତଗୁରୁ ପରମହଂସ ଆଚାର୍ଯ୍ୟଙ୍କ ଗାଡ଼ିକୁ ସୋହନା ନିକଟବର୍ତ୍ତୀ ଘମ୍ରୋଜ ଟୋଲ୍ ପ୍ଲାଜା ନିକଟରେ ଅଟକାଯାଇଛି। ନଲହାର ମନ୍ଦିରରେ ଜଳାଭିଷେକ ଲାଗି ସନ୍ଥ ଓ ତାଙ୍କ ଲୋକମାନେ ସରଯୁ ନଦୀରୁ ଜଳ ଓ ଅଯୋଧ୍ୟା ମାଟି ଆଣିଥିଲେ ବୋଲି କହିବା ସହ ଅଟକ ବିରୋଧରେ ଟୋଲ ପ୍ଲାଜା ନିକଟରେ ଅନଶନରେ ବସିଛନ୍ତି। ସତର୍କତା ପଦକ୍ଷେପ ସ୍ୱରୂପ ନୁହ ଜିଲା ପ୍ରଶାସନ ସୋମବାର ଶିକ୍ଷାନୁଷ୍ଠାନ ଓ ବ୍ୟାଙ୍କଗୁଡ଼ିକୁ ବନ୍ଦ ରଖିଥିଲା। ସେହିପରି ମୋବାଇଲ ଇଣ୍ଟରନେଟ୍ ସେବା ଏବଂ ଏସ୍‌ଏମ୍‌ଏସ୍ ସେବାକୁ ବନ୍ଦ କରିଦିଆଯାଇଛି। ସାମ୍ପ୍ରଦାୟିକ ସମ୍ବେଦନଶୀଳ ଏହି ଜିଲାରେ ୧୪୪ ଧାରା ଜାରି କରାଯାଇଛି। ବାହାର ଲୋକଙ୍କୁ ଜିଲାରେ ପ୍ରବେଶ ବନ୍ଦ କରାଯାଇଛି।

### ଶୋଭାଯାତ୍ରା ପାଇଁ ମୁତୟନ ଏସ୍‌ଆଇଙ୍କ ହୃଦ୍‌ଘାତରେ ମୃତ୍ୟୁ

ଶୋଭାଯାତ୍ରା ପାଇଁ ସୋମବାର ନୁହରେ ମୁତୟନ ଥିବା ଜଣେ ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ)ଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତ ଏସ୍‌ଆଇ ହକମୁଦ୍ଦିନ (୪୭)ଙ୍କ ଘର ଉତୱାର ଗ୍ରାମରେ ଓ ସେ ବଡ଼କାଲୀ ଚୌକରେ ରହୁଥିଲେ। ଡ୍ୟୁଟି ସମୟରେ ଏସ୍‌ଆଇ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।




# ୨୬୨ ଆସିଷ୍ଟାଣ୍ଟ ପ୍ରଫେସର, ୮୮ ଏକ୍‌ଜିକ୍ୟୁଟିଭ ଆସିଷ୍ଟାଣ୍ଟ ନିଯୁକ୍ତି

- ଶିକ୍ଷକମାନେ ଛାତ୍ରଙ୍କ ମନରେ ଦୃଢ଼ ଆତ୍ମବିଶ୍ୱାସ ଭରିବା ଦରକାର: ମୁଖ୍ୟମନ୍ତ୍ରୀ
- ୬ ବର୍ଷରେ ସରକାରୀ କଲେଜରେ ନିଯୁକ୍ତ ହେଲେଣି ୪ ହଜାର ଶିକ୍ଷକ

ଭୁବନେଶ୍ୱର,୨୮।୮(ଅନିଲ ଦାସ)

ଉଚ୍ଚ ଶିକ୍ଷା ବିଭାଗର ୨୬୨ ଜଣ ଆସିଷ୍ଟାଣ୍ଟ ପ୍ରଫେସର ଏବଂ ଗୃହ ବିଭାଗର ୮୮ ଜଣ ଏକ୍‌ଜିକ୍ୟୁଟିଭ ଆସିଷ୍ଟାଣ୍ଟଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ସୋମବାର ଅନୁଷ୍ଠିତ ନିଯୁକ୍ତି ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ନିଯୁକ୍ତି ପତ୍ର ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ପିଲାମାନଙ୍କୁ ନିଯୁକ୍ତି ଉପଯୋଗୀ କରିବା ଏବଂ ସେମାନଙ୍କ ପାଇଁ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଚ୍ଚ ଶିକ୍ଷା ବିଭାଗ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। ଉଚ୍ଚଶିକ୍ଷାନୁଷ୍ଠାନରୁ ନିଜ ଜୀବନ ତଥା ସମାଜ ପାଇଁ ସେମାନେ ଆତ୍ମବିଶ୍ୱାସୀ ହୋଇ ବାହାରିବା ଆବଶ୍ୟକ। ଏ କ୍ଷେତ୍ରରେ ଶିକ୍ଷକ ଓ ପ୍ରଫେସରମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉତ୍ତମ ଶିକ୍ଷା ପ୍ରଦାନ ସହ ଶିକ୍ଷକମାନେ ନିଜ ଜୀବନର ଲକ୍ଷ୍ୟ ହାସଲ କରିବା ପାଇଁ ଛାତ୍ରୀଛାତ୍ରଙ୍କ ମନରେ ଦୃଢ ଆତ୍ମବିଶ୍ୱାସ ଭରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନବ ନିଯୁକ୍ତ ପ୍ରଫେସରମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉଚ୍ଚଶିକ୍ଷା ହେଉଛି ଏକ ବଡ ପ୍ଲାଟଫର୍ମ ଯେଉଁଠାରୁ ଶିକ୍ଷା ଗ୍ରହଣ କରି ଛାତ୍ରୀଛାତ୍ରମାନେ ନିଜର ବୃତ୍ତିଗତ କ୍ୟାରିୟରକୁ ପ୍ରବେଶ କରିଥାନ୍ତି। ୨୦୧୬–୧୭ରେ ରାଜ୍ୟ ସରକାର ସମସ୍ତ ସରକାରୀ କଲେଜ ପାଇଁ ୪ ହଜାର ଅଧ୍ୟାପକ ନିଯୁକ୍ତି ଦେଇଥିଲେ। ଏଥିସହିତ ରାଜ୍ୟରେ ଉଚ୍ଚଶିକ୍ଷାର ଉତ୍ତମ ବାତାବରଣ ସୃଷ୍ଟିପାଇଁ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ସହ ଲାପ୍‌ଟପ୍ ପ୍ରଦାନ କରାଯାଉଛି। ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସଚିବାଳୟ ପାଇଁ ଜୁନିୟର ଆସିଷ୍ଟାଣ୍ଟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲୋକମାନଙ୍କର ସେବା କରିବା ପାଇଁ ସରକାରୀ କର୍ମଚାରୀମାନେ ସମାନୁବର୍ତ୍ତୀ ଓ ପ୍ରତିବଦ୍ଧହେବା ଜରୁରୀ। ଏହି ଅବସରରେ ଉଚ୍ଚଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ଏହି ନିଯୁକ୍ତି କଲେଜ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷାର ଗୁଣାବତ୍ତା ବୃଦ୍ଧିକୁ ସହାୟତା କରିବ। ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ବର୍ତ୍ତମାନର ଯୁଗ ସହ ତାଳଦେଇ ଶିକ୍ଷାଦାନ କରିବାକୁ ନବ ନିଯୁକ୍ତ ପ୍ରଫେସରମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫–ଟି) ପରିଚାଳନା କରିଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ଜାଭେଲିନ ତାରକା କିଶୋରଙ୍କୁ ୨୫ ଲକ୍ଷ ଟଙ୍କା ପୁରସ୍କାର

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର,୨୮।୮(ଅନିଲଦାସ)

ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଥମ ଓଡ଼ିଆ ଭାବେ ଦେଶ ପାଇଁ ପ୍ରତିନିଧିତ୍ୱ କରି ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜାଭେଲିନ ତାରକା କିଶୋର ଜେନାଙ୍କୁ ୨୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବୁଦାପେଷ୍ଟରେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ କିଶୋର ଜେନାଙ୍କ ଉଲ୍ଲେଖନୀୟ ଯାତ୍ରା ଓ ଅସାଧାରଣ ପ୍ରଦର୍ଶନ ଆମ ରାଜ୍ୟ ଓ ଦେଶ ପାଇଁ କେବଳ ଗୌରବ ଆଣି ଦେଇ ନାହିଁ, ଆଗାମୀ ବର୍ଷଗୁଡ଼ିକରେ ଏହା ଅନେକ ଆଥ୍‌ଲେଟ୍‌ସଙ୍କୁ ପ୍ରେରଣା ଯୋଗାଇବ।

ରାଜ୍ୟର ପ୍ରଥମ ବ୍ୟକ୍ତି ଭାବେ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାଗ ନେଇ କିଶୋର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ରବିବାର ଅନୁଷ୍ଠିତ ଫାଇନାଲରେ ପଦକ ଜିତି ପାରି ନ ଥିଲେ ମଧ୍ୟ ସେ ନିରାଶ କରି ନ ଥିଲେ। ସେ ୮୪.୭୭ ମିଟର ଜାଭେଲିନ ଫିଙ୍ଗି ପ୍ରତିଯୋଗିତାର ପଞ୍ଚମ ସ୍ଥାନରେ ରହିଥିଲେ। ଏହା ଥିଲା କିଶୋରଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ହେଉଛି ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତା। ବିଶ୍ୱର ପ୍ରତିଭାବାନ ଆଥ୍‌ଲେଟ ଏହି ପ୍ରତିଯୋଗିତାରେ ଭାଗ ନେଇ ଥାଆନ୍ତି। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ କିଶୋର ଜେନା କେବଳ ନିଜର ବ୍ୟକ୍ତିଗତ ସଫଳତା ପାଇଁ ଅଂଶ ଗ୍ରହଣ କରି ନାହାନ୍ତି ବରଂ ଓଡ଼ିଶା ଏକ ପ୍ରତିଭାବାନ କ୍ରୀଡାବିତ୍‌ଙ୍କୁ ବିଶ୍ୱକୁ ପ୍ରଦାନ କରିପାରିଛି।



କିଶୋର ଜେନା

# ୫ ମହାନଗର ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର

- ୬୫ ହଜାର ଗରିବ ପରିବାର ଉପକୃତ
- ଜାଗା ସହ ମିଳିବ ଘର ତିଆରି ସହାୟତା
- ଅକ୍ଟୋବରରେ ବିଏମ୍‌ସିରେ ହେବ ୨ୟ ପର୍ଯ୍ୟାୟ ଭୂମି ଅଧିକାର କାର୍ଯ୍ୟକ୍ରମ
- ଜାଗା ମିଶନ ଗରିବ ଲୋକଙ୍କୁ ଦେଇଛି ନୂଆ ପରିଚୟ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୮।୮(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ଜାଗା ମିଶନ କାର୍ଯ୍ୟକ୍ରମରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର,ରାଉରକେଲା ଆଦି ୫ ମହାନଗର ନିଗମର ୬୫ ହଜାର ଗରିବ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାଗା ସହ ଘର କରିବା ପାଇଁ ଆର୍ଥିକ ସହାୟତା ମଧ୍ୟ ଦିଆଯିବ। ଆସନ୍ତା ଅକ୍ଟୋବରରେ ଏହାର୨ୟ ପର୍ଯ୍ୟାୟ ପ୍ରମାଣପତ୍ର ପ୍ରଦାନ କରାଯିବ।ସହରର ସବୁଗରିବ ପରିବାରଙ୍କୁ ଭୂମି ଅଧିକାର ମିଳିବା ପର୍ଯ୍ୟନ୍ତ ଏ ଅଭିଯାନ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସହର କେବଳ ଧନୀ ଲୋକଙ୍କର ନୁହେଁ। ଗରିବ ଲୋକଙ୍କର ମଧ୍ୟ ସ୍ୱାଭିମାନ ସହ ସହରରେ ବଞ୍ଚିବାର ଅଧିକାର ରହିଛି। ସହରର ନିର୍ମାଣରେ ବ୍ୟବହୃତ ପ୍ରତିଟି ଇଟାରେ ଗରିବ ଲୋକର ପରିଶ୍ରମ ଯୋଡ଼ି ହୋଇରହିଛି। ସେମାନଙ୍କ ଅବଦାନକୁ ଆମେ ସମସ୍ତେ ସମ୍ମାନ ଜଣାଇବା ଉଚିତ। ଜାଗା ମିଶନ ଗରିବ ଲୋକକୁ ସମ୍ମାନ ଦେଇଛି, ନୂଆ ପରିଚୟ ଦେଇଛି। ଏହି କାର୍ଯ୍ୟକ୍ରମ କେବଳ ଓଡ଼ିଶା ନୁହେଁ, ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି। ବିକାଶର ସୁଫଳରେ ଗରିବ ଲୋକର ପ୍ରଥମ ଅଧିକାର ରହିଛି। ସହରର ରୂପାନ୍ତରଣରେ ଜାଗା ମିଶନ ନୂଆ ଯୁଗ ଆରମ୍ଭ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଆଉ ବସ୍ତି ରହିବ ନାହିଁ। ସମସ୍ତ ବସ୍ତି ହେବ ବିଜୁ ଆଦର୍ଶ କଲୋନୀ। ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ଦେବାରେ ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକଙ୍କ ଜୀବନରେ ରୂପାନ୍ତର ଆଣିବା ପାଇଁ ଆମର ଉଦ୍ୟମକୁ ୫–ଟି ଉପକ୍ରମ ତ୍ୱରାନ୍ୱିତ କରିଛି। ଜାଗା ମିଶନ ଏହାର ଏକ ପ୍ରକୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଆପଣମାନେ ଖୁସି ତ। ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରଶ୍ନରେ କଳିଙ୍ଗ ଷ୍ଟାଡିୟମ କରତାଳି ଓ ହୁଳହୁଳିରେ କମ୍ପିଥିଲା।

ଉଲ୍ଲେଖଯୋଗ୍ୟ ଯେ, ୨୦୧୮ରୁ ଆରମ୍ଭ ହୋଇଥିବା ଜାଗା ମିଶନ କାର୍ଯ୍ୟକ୍ରମରେ ସହରର ବସ୍ତିଗୁଡ଼ିକରେ ରହୁଥିବା ଗରିବ ପରିବାରଗୁଡ଼ିକୁ ଭୂମି ଅଧିକାର ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ସହରର ୧ ଲକ୍ଷ ୭୦ହଜାରରୁ ଅଧିକ ପରିବାରକୁ ଭୂମି ଅଧିକାର ମିଳିଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜମି ପଟ୍ଟା ବଣ୍ଟନକୁ ମିଶାଇଲେ ଏ ପର୍ଯ୍ୟନ୍ତ ମୋଟ ୨ ଲକ୍ଷ ୪୦ ହଜାର ପରିବାରକୁ ଭୂମି ଅଧିକାର ପ୍ରଦାନ କରାଯାଇଛି। ଏଥିସହିତ ୪୦ ହଜାର ପରିବାରକୁ ଘର ତିଆରି ପାଇଁ ସହାୟତା ମଧ୍ୟ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୬୮ଟି ପୌରାଞ୍ଚଳର ୧୦୧୦ ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇଛି। ଜାଗା ମିଶନର ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫାଉଣ୍ଡେଶନ୍‌ର ଗୁରୁତ୍ୱପୂର୍ଣ୍ଣ ସହଯୋଗ ଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେବା ସହିତ ଟାଟା ଷ୍ଟିଲକୁ ସମ୍ବର୍ଦ୍ଧିତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ବିଜୁ ଆଦର୍ଶ କଲୋନୀରେ ପରିଣତ ହୋଇଥିବା ୧୦୧୦ଟି କଲୋନୀକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ବିଜୁ ଆଦର୍ଶ କଲୋନୀ ନିର୍ମାଣରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ମୁଖ୍ୟମନ୍ତ୍ରୀ କଟକ ମହାନଗର ନିଗମ, ଖୋର୍ଦ୍ଧା, କୋରାପୁଟ ଓ ଯାଜପୁର ପୌରାଞ୍ଚଳକୁ ସମ୍ମାନିତ କରିଛନ୍ତି। ସେହିପରି ଯେଉଁଠାରେ ଆଇନଗତ କାରଣରୁ ବସ୍ତି ଲୋକଙ୍କୁ ନିଜେ ରହୁଥିବା ସ୍ଥାନରେ ଜାଗା ଦିଆଯିବା ସମ୍ଭବ ନୁହେଁ, ସେଠାରେ ସମସ୍ତଙ୍କ ସହମତିରେ ନିକଟସ୍ଥ ସ୍ଥାନରେ ଜାଗା ଦିଆଯାଇ ନୂଆ କଲୋନୀ ସ୍ଥାପନ କରାଯାଉଛି। ନୂଆ କଲୋନୀ ସ୍ଥାପନରେ ଟିକିଟି, ବୌଦ୍ଧ, ଢେଙ୍କାନାଳ ଓ କେଶିଙ୍ଗା ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ସେହି ପୌରସଂସ୍ଥାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। ଜଙ୍ଗଲ ଜମିରେ ଘର କରିଥିବା ଗରିବ ଲୋକଙ୍କୁ ଜଙ୍ଗଲ ଅଧିକାର ଆଇନ ପ୍ରୟୋଗରେ ବସ୍ତି ବାସିନ୍ଦାଙ୍କୁ ଜମି ଅଧିକାର ଦେବା କ୍ଷେତ୍ରରେ ଢେଙ୍କାନାଳ ଜିଲା ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲା ପ୍ରଶାସନକୁ ସମ୍ବର୍ଦ୍ଧିତ କରିଛନ୍ତି। ସେହିପରି ରାଜ୍ୟର ଜାଗା ମିଶନ କାର୍ଯ୍ୟକ୍ରମ ଜାତିସଂଘ ୱାର୍ଲ୍ଡ ହାବିଟାଟ ଆୱାର୍ଡ –୨୦୨୩ ପାଇଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର ଜାଗା ମିଶନ ଟିମ୍‌କୁ ମଧ୍ୟ ସମ୍ବର୍ଦ୍ଧିତ କରିଛନ୍ତି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଉଷା ଦେବୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଉଦ୍ୟମ ଯୋଗୁ ରାଜ୍ୟର ଗରିବ ଲୋକମାନଙ୍କ ମୁହଁରେ ଆଜି ହସ ଫୁଟିଛି। ସେମାନେ ଆଜି ନିଜର ଅଧିକାର ପାଇଛନ୍ତି ଓ ଆଗକୁ ବଢ଼ିବାର ସୁଯୋଗ ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଭି.କେ. ପାଣ୍ଡିଆନ୍ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ୍ ପ୍ରାରମ୍ଭିକ ସୂଚନା ଦେଇଥିଲେ ଏବଂ ଜାଗା ମିଶନର ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ ସରିଲା

## ୪ରେ ମେଧା ତାଲିକା

ଭୁବନେଶ୍ୱର, ୨୮।୮(ଅସମାପିକା ସାହୁ)

ରାଜ୍ୟରେ ଉଚ୍ଚ ମାଧ୍ୟମିକ ସ୍କୁଲରେ ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ୨ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ରାତି ୮ଟା ସୁଦ୍ଧା ୬୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆବେଦନ କରିଥିବା ଜଣାପଡ଼ିଛି। ଗତ ୧୬ ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେପ୍ଟେମ୍ବର ୪ ପୂର୍ବାହ୍ନ ୧୧ଟା ୩୦ରେ ପ୍ରଥମ ମେରିଟ ଲିଷ୍ଟ ପ୍ରକାଶ ପାଇବ। ୫ ତାରିଖ ସକାଳ ୯ଟାରୁ ୭ ତାରିଖ ଅପରାହ୍ନ ୫ଟା ଭିତରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ୧୨ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ସ୍ପଟ୍ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧ ରୁ ୧୪ ତାରିଖ ସନ୍ଧ୍ୟା ଭିତରେ ନାମଲେଖାଇବେ।

ସୂଚନାଯୋଗ୍ୟ, ରାଜ୍ୟର ୨,୧୯୯ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ପାଇଁ ମୋଟ ୫,୧୯,୧୭୭ ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟ ନାମଲେଖାରେ ୩,୭୮,୯୨୦ଟି ସିଟ୍ ପୂରଣ ହୋଇଥିବାବେଳେ ୧,୪୦,୨୫୭ଟି ସିଟ୍ ଖାଲି ପଡ଼ିଛି। ଏଥିରୁ କଳା ବିଭାଗରେ ୫୧,୭୦୫ ସିଟ୍ ବଳକା ପଡ଼ିଥିବାବେଳେ ବିଜ୍ଞାନରେ ୫୯,୪୦୮, ବାଣିଜ୍ୟରେ ୧୬,୭୭୬, ସଂସ୍କୃତରେ ୬,୫୨୫ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫,୮୪୩ଟି ସିଟ୍ ଖାଲିପଡିଛି। ଏପରିସ୍ଥିତିରେ ଗତ ୧ ତାରିଖରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି। କିନ୍ତୁ ସିଟ୍ ପୂରଣ ହୋଇ ନ ଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା କରିବାକୁ ବିଭାଗ ନିଷ୍ପତ୍ତି ନେଇଥିଲା।

# ଯୁକ୍ତ୩ ନାମଲେଖା ଶେଷ

ଭୁବନେଶ୍ୱର, ୨୮।୮(ଅସମାପିକା ସାହୁ)

୨୦୨୩–୨୪ ଶିକ୍ଷାବର୍ଷ ନିମନ୍ତେ ସ୍ନାତକ(ଯୁଜି) ଚତୁର୍ଥ ପର୍ଯ୍ୟାୟ ନାମଲେଖା ସୋମବାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ମୋଟ ୩୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇଥିବା ଜଣାପଡିଥିଲେ ମଧ୍ୟ ମୋଟ କେତେ ସଂଖ୍ୟକ ଛାତ୍ରୀଛାତ୍ର ନାମଲେଖାଇଲେ ତାହା ମଙ୍ଗଳବାର ସକାଳ ୧୦ଟା ସୁଦ୍ଧା ଇ–ସ୍ପେସ୍‌ରେ ଅପ୍‌ଲୋଡ୍ ହେବା ପରେ ସ୍ପଷ୍ଟ ହେବ। ତେବେ ନାମଲେଖା ବିଳମ୍ବ ହେବାରୁ ଗତ ୨୧ତାରିଖରୁ ରାଜ୍ୟର ସମସ୍ତ ଡିଗ୍ରୀ କଲେଜରେ ଯୁକ୍ତ୩ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହୋଇଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ମୋଟ ୧,୦୪୦ ଡିଗ୍ରୀ କଲେଜରେ ୨,୭୦,୧୬୩ ସିଟ୍ ଥିବାବେଳେ ତୃତୀୟ ପର୍ଯ୍ୟାୟ ସୁଦ୍ଧା ୧,୨୭,୦୯୧ଜଣ ନାମ ଲେଖାଇଥିଲେ ଓ ୧,୪୩,୦୭୨ଟି ସିଟ୍ ବଳକା ପଡ଼ିଥିଲା। ଏଥିମଧ୍ୟରୁ କଳାରେ ୬୮,୪୧୭, ପଦାର୍ଥ ବିଜ୍ଞାନରେ ୩୦,୬୨୨, ଜୈବ ବିଜ୍ଞାନରେ ୧୬,୮୫୯, ବାଣିଜ୍ୟରେ ୨୦,୦୪୧, ସେଲ୍‌ଫ ଫାଇନାନ୍ସିଂରେ ୧,୨୫୩ ଏବଂ ସଂସ୍କୃତରେ ୫,୮୮୦ ସିଟ୍ ଖାଲି ପଡ଼ିଥିଲା। ତେଣୁ ଏହି ବଳକା ସିଟ୍‌ରେ ଗତ ୨୫ ତାରିଖରୁ ଚତୁର୍ଥ ପର୍ଯ୍ୟାୟ ନାମଲେଖା ଆରମ୍ଭ ହୋଇଥିଲା।



୧୨ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ସମିତି ସଭ୍ୟାସଭ୍ୟ ପରିବାର ପକ୍ଷରୁ ପଞ୍ଚାୟତ ସମିତି ସଭ୍ୟାସଭ୍ୟ ସୋମବାର ଭୁବନେଶ୍ୱର ଲୋୟର ପଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ–ମନୋରଞ୍ଜନ ମିଶ୍ର)

# ରାଜଧାନୀରେ ଗର୍ଜିଲେ ସମିତି ସଭ୍ୟାସଭ୍ୟ

ଭୁବନେଶ୍ୱର,୨୮।୮ (ଅନୁରାଧା ମହାରଣା)

୧୨ ଦଫା ଦାବି ନେଇ ରାଜଧାନୀ ରାସ୍ତାରେ ଗର୍ଜିଛନ୍ତି ଓଡ଼ିଶା ରାଜ୍ୟ ସମିତି ସଭ୍ୟାସଭ୍ୟ। ବିଭିନ୍ନ ଜିଲାରୁ ଆସିଥିବା ଆନ୍ଦୋଳନକାରୀମାନେ ଲୋୟର ପିଏମଜିରେ ଏକାଠି ହୋଇ ସେମାନଙ୍କ ଦାବିଗୁଡ଼ିକୁ ସରକାର ବିଧାନସଭାରେ ଉପସ୍ଥାପନ କରନ୍ତୁ ବୋଲି କହିଛନ୍ତି। ସମିତି ଅଧ୍ୟକ୍ଷ ବା ଉପାଧ୍ୟକ୍ଷ ନିର୍ବାଚନ ପରେ ପଞ୍ଚାୟତ ସମିତି ହେଉ ଅବା ପଞ୍ଚାୟତ ସବୁଠି ସମିତି ସଭ୍ୟାସଭ୍ୟ ଅଲୋଡ଼ା ହୋଇ ପଡ଼ିଥିବା କହି କ୍ଷୋଭ ପ୍ରକାଶ କରିଛନ୍ତି। ବିଧାନସଭାରେ ବିସ୍ତୃତ ଆଲୋଚନା ପରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ଏହାକୁ ବିଧିବଦ୍ଧ ଭାବେ ରାଜପତ୍ର ଅଧିସୂଚନାରେ ପ୍ରକାଶ କରାଗଲେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଭାଗିଦାରିତା ସୁଦୃଢ଼ ହୋଇପାରିବ ବୋଲି ସଂଘର ପରିଚାଳନା କମିଟି ସଦସ୍ୟମାନେ କହିଛନ୍ତି।

ଆନ୍ଦୋଳନକାରୀଙ୍କ ୧୨ ଦଫା ଦାବି ମଧ୍ୟରେ ସରପଞ୍ଚଙ୍କ ଭଳି ସମସ୍ତ ପ୍ରମାଣପତ୍ର ଓ ରେକର୍ଡରେ ସମିତି ସଭ୍ୟଙ୍କ ସ୍ୱାକ୍ଷର ରହିବାର ବ୍ୟବସ୍ଥା କରିବା, ପ୍ରତି ପଞ୍ଚାୟତରେ ସମିତି ସଭ୍ୟାସଭ୍ୟଙ୍କ ପାଇଁ ଏକ ଅଫିସ୍ ଗୃହ ଓ ନାମ ଫଳକ, ଗ୍ରାମ ପଞ୍ଚାୟତର ସମସ୍ତ ବୈଠକରେ ସମିତି ସଭ୍ୟାସଭ୍ୟଙ୍କ ଯୁଗ୍ମ ସ୍ୱାକ୍ଷର ବ୍ୟବସ୍ଥା, ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ସମିତି ସଭ୍ୟାସଭ୍ୟଙ୍କ କାଉଣ୍ଟର ଦସ୍ତଖତ ରଖିବା, ସମିତି ସଭ୍ୟ ପାଣ୍ଠି ବାର୍ଷିକ ୨୦ ଲକ୍ଷକୁ ବୃଦ୍ଧି କରିବା, ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା ଆଦି ସୁବିଧା ପ୍ରଦାନ ଆଦି ରହିଛି।

# ଡେଙ୍ଗୁରେ ଆକ୍ରାନ୍ତ ହେଲେଣି ୩ହଜାରରୁ ଊର୍ଦ୍ଧ୍ୱ

## ଗୁରୁତର ହାର ୫%

- ଭୁବନେଶ୍ୱର ହଟ୍‌ସ୍ପଟ୍, ଆଉ ୨ ସିଏଚ୍‌ସି ଓ ପିଏଚ୍‌ସିରେ ଟେଷ୍ଟିଂ ଆରମ୍ଭ
- ପୁରୀ ଓ କଟକରେ ବଢ଼ୁଛି ସଂକ୍ରମଣ
- ୨୦ହଜାର ପ୍ଲେଟ୍‌ଲେଟ୍ ଥିଲେ ଭୟ ନ କରିବାକୁ ପରାମର୍ଶ

ଭୁବନେଶ୍ୱର,୨୮।୮(ଅଭିଜିତ ଦାସ)

ରାଜ୍ୟରେ କ୍ଷିପ୍ର ବେଗରେ ବ୍ୟାପୁଛି ଡେଙ୍ଗୁ। ପ୍ରତିବର୍ଷ ପରି ଚଳିତବର୍ଷ ଡେଙ୍ଗୁ ମୁକାବିଲା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ନିଷ୍ପତ୍ତି ଓ ନିର୍ଦ୍ଦେଶ ତଳସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଡେଙ୍ଗୁ ବେକାବୁ ହେବାରେ ଲାଗିଛି। ଡେଙ୍ଗୁ ସ୍ଥିତି ନିୟନ୍ତ୍ରଣରେ ଥିବା ଉଚ୍ଚ ଅଧିକାରୀମାନେ କହୁଥିଲେ ମଧ୍ୟ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୩ହଜାର ଟପିଛି। ବିଶେଷକରି ଶେଷ ୧୦ଦିନରେ ରାଜ୍ୟରେ ୧ହଜାରରୁ ଅଧିକ ଆକ୍ରାନ୍ତ ହୋଇଥିବାରୁ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ ଏବେ ବି ଭୁବନେଶ୍ୱର ପାଇଁ ଖୋର୍ଦ୍ଧା ଜିଲା ହଟ୍‌ସ୍ପଟ୍‌ରେ ରହିଥିବାବେଳେ ପୁରୀ ଓ କଟକ ଜିଲାରେ ସଂକ୍ରମଣ ଅଧିକ ବଢୁଥିବା ଜଣାପଡିଛି।

ଜନସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟରେ ବିଭିନ୍ନ ଜିଲାରେ ୨୭ ତାରିଖ ସୁଦ୍ଧା ୪୬ ହଜାର ୪୯୧ ରକ୍ତ ନମୁନା ପରୀକ୍ଷଣ ହୋଇଥିବାବେଳେ ୩୦୯୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥି ମଧ୍ୟରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧ ହଜାର ୪୦୯ଜଣ ଡେଙ୍ଗୁ ଆକ୍ରାନ୍ତ ରହିଛନ୍ତି। ଏହା ତଳକୁ ପୁରୀ ଜିଲାରେ ୩୪୨, କଟକରେ ୨୭୮, ବାଲେଶ୍ୱରରେ ୨୭୭, ଜଗତ୍‌ସିଂହପୁରରେ ୧୭୩ ଓ ନୟାଗଡ ଜିଲାରେ ୧୧୬ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲାର ଅଧିକାଂଶ ଡେଙ୍ଗୁ ରୋଗୀ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳର ବୋଲି ଜଣାପଡିଛି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ଡେଙ୍ଗୁରେ ଅତିବେଶିରେ ମାତ୍ର ୫ ପ୍ରତିଶତ ଲୋକ ଗୁରୁତର ହେଉଛନ୍ତି। ଭୁବନେଶର କ୍ୟାପିଟାଲ ହସ୍ପିଟାଲ ଉପରୁ ଡେଙ୍ଗୁ ଚିକିତ୍ସା ବୋଝ କମାଇବା ପାଇଁ ପ୍ରଥମ ପର୍ଯ୍ୟାୟରେ ୪ଟି ଅର୍ବାନ ସିଏଚ୍‌ସିରେ ଡେଙ୍ଗୁ ରୋଗୀଙ୍କ ପାଇଁ ୧୦ଟି ଲେଖାଏ ସ୍ୱତନ୍ତ୍ର ବେଡ୍ ବ୍ୟବସ୍ଥା କରାଯାଇଥିଲା। ସେହିପରି କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ଟେଷ୍ଟିଂ କେନ୍ଦ୍ର କରାଯିବା ସହ ଅଧିକ ମ୍ୟାନପାୱାର ମଧ୍ୟ ନିୟୋଜିତ ହୋଇଛନ୍ତି। ଏହାସହ ପଟିଆ ଅର୍ବାନ ସିଏଚ୍‌ସି ଓ ଆଇଆର୍‌ସି ଭିଲେଜ ଅର୍ବାନ ପିଏଚ୍‌ସିରେ ଟେଷ୍ଟିଂ ବ୍ୟବସ୍ଥା ସୋମବାରରୁ ଆରମ୍ଭ ହୋଇଛି। ଡେଙ୍ଗୁ ରୋଗୀ ଗୋଟିଏ ଜାଗାରେ ଗହଳି ନ କରି ସିଏଚ୍‌ସି ଓ ପିଏଚ୍‌ସି ହସ୍ପିଟାଲକୁ ଯିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଉଛି। ସେହିପରି ଡେଙ୍ଗୁ ଆକ୍ରାନ୍ତଙ୍କ ୨୦ ହଜାର ପର୍ଯ୍ୟନ୍ତ ପ୍ଲେଟ୍‌ଲେଟ୍ ଥିଲେ ବ୍ୟସ୍ତ କିମ୍ବା ବିବ୍ରତ ହୁଅନ୍ତୁ ନାହିଁ ବୋଲି ସେ ପରାମର୍ଶ ଦେଇଛନ୍ତି।

**ଆଜିର ମନ୍ତବ୍ୟ**

"ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ଆବାହକ ପଦ ପାଇଁ ଆଗ୍ରହୀ ନୁହେଁ। ମେଣ୍ଟର ଅନ୍ୟ କୌଣସି ନେତାଙ୍କୁ ଏହି ପଦ ପାଇଁ ଚୟନ କରାଯିବ।
– ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଯିବେ କି ନାହିଁ ଶାଶୁଘର;**
**ଲୁଗା ପଡୁଥାଏ ଧୋବାଘର।**

ସାଧାରଣତଃ କିଛି ଗୋଟେ କାର୍ଯ୍ୟ ଆଗକୁ ଘଟିବାକୁ ବା ହେବାକୁ ଥିଲେ ସେ ନେଇ ପୂର୍ବ ପ୍ରସ୍ତୁତି କରାଯିବା ଉଚିତ ହୋଇଥାଏ। ପରନ୍ତୁ କୌଣସି ଅନିଶ୍ଚିତ କଥା ବା ଘଟଣା ପାଇଁ ପୂର୍ବରୁ ପ୍ରସ୍ତୁତ ହେବା ନିହାତି ମୂର୍ଖାମି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଝାଟିକି ଦେଲି ମାଟି;**
**ଭରା ଲାଗି ଘର ପଥର କାନ୍ଥି,**
**ବଇଛି ଗୁଣ୍ଡୁଣି ହାତୀ।**

ପରିବାରର ଗୁରୁଦାୟିତ୍ୱ ଗୃହିଣୀଙ୍କ ଉପରେ ନ୍ୟସ୍ତ ଥାଏ। ଯେଉଁ ଗୃହିଣୀ ଏଭଳି ଦାୟିତ୍ୱ ମୁଣ୍ଡାଇବାରେ ଅସମର୍ଥ ବା ହେଳା କରନ୍ତି, ସେମାନେ କେବେ ଆଦରଣୀୟା ହୋଇପାରି ନ ଥାନ୍ତି। କୋଠା ଘରେ ରହୁଥିବା ଘରଣୀ ଖାଇପିଇ ବେଶ୍ ଆରାମରେ ବସି ଦିନ କାଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନିମ୍ନମାନର ହଷ୍ଟେଲ ନିର୍ମାଣ କରି ସରକାରୀ ଅର୍ଥ ତୋସରପାତ

- ଭିଜିଲାନ୍ସ ଦ୍ୱାରା ୨ ଠିକାଦାର ଗିରଫ
- ଅଧିକାରୀ, ଇଞ୍ଜିନିୟରଙ୍କ ସମ୍ପୃକ୍ତି ନେଇ ତଦନ୍ତ ଜାରି



ବିଜୟ କୁମାର ଅଗ୍ରୱାଲ



ଦୀପକ କୁମାର ଅଗ୍ରୱାଲ

ସୋନପୁର,୨୮।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ୪ଟି ନିମ୍ନମାନର ଅନୁସୂଚିତ ଜାତି(ଏସ୍‌ସି) ଛାତ୍ରୀନିବାସ ନିର୍ମାଣ କରି ସରକାରୀ ଟଙ୍କା ତୋସରପାତ ହୋଇଥିଲା। ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରୁଥିଲା। ଏହି ଘଟଣାରେ ପ୍ରଥମ ଶ୍ରେଣୀ ଠିକାଦାର ବିଜୟ କୁମାର ଅଗ୍ରୱାଲ ଓ ତାଙ୍କ ପାୱାର ଅଫ୍ ଆଟର୍ନି ହୋଲ୍ଡର ଦୀପକ କୁମାର ଅଗ୍ରୱାଲ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସୋମବାର ଉଭୟଙ୍କୁ ରାଉରକେଲାରୁ ଗିରଫ ପରେ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଇ ଦିଆଯାଇଛି।

ଭୁବନେଶ୍ୱର ଆଇଆରସି ଭିଲେଜରେ ଥିବା କେନ୍ଦ୍ର ସରକାରଙ୍କ ପିଏସ୍‌ୟୁ ମେସର୍ସ ହିନ୍ଦୁସ୍ତାନ ଷ୍ଟିଲ ୱାର୍କ୍ସ କନ୍‌ଷ୍ଟ୍ରକଶନ ଲିଃ(ଏଚଏସ୍‌ସିଏଲ) ନାମକ ଠିକାସଂସ୍ଥାକୁ ୨୦୧୭-୧୮ରେ କେବିକେ ଜିଲା ପାଇଁ ସ୍ୱତନ୍ତ୍ର ରିଭାଇଜ୍‌ଡ ଲଙ୍ଗ ଟର୍ମ ଆକ୍ସନ ପ୍ଲାନ(ଆରଏଲଟିଏପି) ଯୋଜନାରେ ଛାତ୍ରୀନିବାସ ନିର୍ମାଣ ପାଇଁ ରାଜ୍ୟ ସରକାର ଦାୟିତ୍ୱ ଦେଇଥିଲେ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଏଚଏସସିଏଲ ସହିତ ଚୁକ୍ତିନାମା କରିଥିଲେ। ଏହି କ୍ରମରେ ଏଚଏସସିଏଲଙ୍କ ଦ୍ୱାରା ନିଯୁକ୍ତ ଠିକାଦାର ସୁବର୍ଣ୍ଣପୁର ଜିଲାର ମୁକୁନ୍ଦପୁର, ଅସୁରମୁଣ୍ଡା, ବଡଭଇଁରୋ ଓ କୁଞ୍ଜାପାଲି ଆଶ୍ରମ ସ୍କୁଲରେ ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ ୨୦୧୯-୨୦ ମସିହାରେ ସମ୍ପୂର୍ଣ୍ଣ କରିଥିଲେ। ଗତ ଜୁଲାଇ ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ.ପାଣ୍ଡିଆନ ମୁକୁନ୍ଦପୁର ଆଶ୍ରମ ସ୍କୁଲ ପରିଦର୍ଶନ କରିବା ସମୟରେ ଛାତ୍ରୀନିବାସର ନିମ୍ନମାନର କାମ ତାଙ୍କ ଦୃଷ୍ଟିକୁ ଆସିଥିଲା। ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ୫-ଟି ସଚିବ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରୀନିବାସ ନିର୍ମାଣରେ ବ୍ୟାପକ ଅନିୟମିତତା କରି ଟଙ୍କା ହଡପ କରିଥିବା ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁବର୍ଣ୍ଣପୁର ଜିଲାପାଳ ରାୟ ଗତ ଜୁଲାଇ ୫ ତାରିଖ ଦିନ ଜିଲା କାର୍ଯ୍ୟାଳୟ (ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ) ପତ୍ର ସଂଖ୍ୟା ୧୧୧୧, ତା୫।୭।୨୦୨୩ରିଖରେ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କୁ ପତ୍ର ଲେଖିଥିଲେ। ଏ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। କଟକ ଭିଜିଲାନ୍ସ ବିଭାଗର ବୈଷୟିକ ଟିମ୍ ଏଚଏସସିଏଲ ସାଇଟ୍ ଇଞ୍ଜିନିୟରଙ୍କ ଉପସ୍ଥିତିରେ ସୁବର୍ଣ୍ଣପୁର ଜିଲାର ୪ଟି ଛାତ୍ରୀ ନିବାସ ଅନୁଧ୍ୟାନ କରିଥିଲେ।

କୋଠା କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଓ ଛାତ ସ୍ଲାବ୍ ମୋଟେଇ କମ ଥିବା ନଜରକୁ ଆସିଥିଲା। କୋଠାର ବାହାର, ଭିତର କାନ୍ଥ ଓ ଫ୍ଲୋରିଂରେ ଅନେକ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଛାତରୁ ପାଣି ଝରୁଥିବା ବେଳେ ଝରକା, କବାଟରେ ଶାଳକାଠ ବ୍ୟବହାର ହୋଇ ନ ଥିଲା। ବିଦ୍ୟୁତ୍ କାମ ଓ ସାନିଟାରି କାମରେ ଚୁକ୍ତିନାମା ଅନୁଯାୟୀ ଭଲ କମ୍ପାନୀର ସାମଗ୍ରୀ ବ୍ୟବହାର ହୋଇ ନ ଥିଲା। ଏପରି କି ଠିକାସଂସ୍ଥା ରୟାଲଟି ବାବଦ ଅର୍ଥ ଜମା କରି ନ ଥିଲା। ବୈଷୟିକ ଟିମ୍‌ର ପ୍ରାରମ୍ଭିକ ମୂଲ୍ୟାୟନ ଅନୁଯାୟୀ ଛାତ୍ରୀନିବାସ ନିର୍ମାଣରେ ସରକାରଙ୍କ ପ୍ରାୟ ୩୪ ଲକ୍ଷ ୧୪ ହଜାର ୪୯୫ ଟଙ୍କା ତୋସରପାତ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗ ପକ୍ଷରୁ ପିଏସ କେସ୍ ନଂ. ୮/୨୩ରେ ମାମଲା ରୁଜୁ ହୋଇଥିଲା। ସୂଚନା ପାଇ ଉଭୟ ଠିକାଦାର ଫେରାର ହୋଇଯାଇଥିଲେ। ତେବେ ଏହି ଦୁର୍ନୀତିରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଅଧିକାରୀ ଏବଂ ଦାୟିତ୍ୱରେ ଥିବା ବିଭାଗୀୟ ଇଞ୍ଜିନିୟରଙ୍କର ସମ୍ପୃକ୍ତି ଥିବା ଜଣାପଡିଛି। ଭିଜିଲାନ୍ସ ବିଭାଗ ଏ ଦିଗରେ ତଦନ୍ତ ଜାରି ରଖିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ଲୋକସେବା ଭବନରେ...

ପ୍ରଥମ ପୃଷ୍ଠାରୁ...

କର୍ମଚାରୀମାନଙ୍କ କହିବା କଥା, ରାଜ୍ୟରେ ସରକାରୀ ନିୟମାନୁଯାୟୀ ମୋଟ ୩୮.୭୫ ପ୍ରତିଶତ ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀଙ୍କୁ ବିଭିନ୍ନ ସେବାରେ ନିଯୁକ୍ତି ମିଳିବା କଥା। ହେଲେ କେତେକ କ୍ୟାଡରରେ ଏହାଠାରୁ ଅଧିକ ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ପଦୋନ୍ନତି ପ୍ରାପ୍ୟ ମୁତାବକ ହେଉଥିବାବେଳେ ଅଧିକ ସଂଖ୍ୟାରେ ଯେଉଁମାନେ ନିଯୁକ୍ତି ପାଇଛନ୍ତି, ସେମାନଙ୍କ ପଦୋନ୍ନତି ତୁଳାନତ୍ମକ ଭାବେ ବିଳମ୍ବିତ ହେଉଛି। ତେଣୁ ସରକାର ନିଜ ଦୁର୍ବଳତାକୁ ଲୁଚାଇବା ସକାଶେ ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ନିୟମର ଖୋଲା ଉଲ୍ଲଂଘନ କରୁଥିବା ସାଧାରଣ ବର୍ଗର କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀଙ୍କୁ ମଧ୍ୟ ସାଧାରଣ ବର୍ଗର କର୍ମଚାରୀଙ୍କ ସ୍ଥାନରେ ପଦୋନ୍ନତି ଦିଆଯାଇପାରିବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗତ ଏପ୍ରିଲ ୧୦ ତାରିଖରେ ନିର୍ଦ୍ଦେଶାବଳୀ ଜାରି କରିଛି। ସାଧାରଣ ପ୍ରଶାସନ ବିଭାଗର ଏପରି ଏକ ମାର୍ଗଦର୍ଶିକା ଜାରି ହେବା ଉପରେ ସାଧାରଣ ବର୍ଗର କର୍ମଚାରୀମାନେ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ହେଲେ ଏହି ଆଇନ ସୁପ୍ରିମକୋର୍ଟ ରୁଲ୍‌କୁ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି।

ସାଧାରଣ ବର୍ଗ କର୍ମଚାରୀଙ୍କ ପଦବୀ ଉପରେ ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀଙ୍କୁ ପଦୋନ୍ନତି ଦିଆଯାଇପାରିବ ବୋଲି ନିକଟରେ ରାଜ୍ୟ ସରକାରଙ୍କ ଆଇନ ବିଭାଗର ମତାମତ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜଳ ସମ୍ପଦ ବିଭାଗକୁ ଅବଗତ କରାଯାଇଥିଲା। ସାଧାରଣ ପ୍ରଶାସନ ବିଭାଗର ଏହି ଚିଠିକୁ ନେଇ ମୁଖ୍ୟତଃ ସାଧାରଣ ବର୍ଗର କର୍ମଚାରୀମାନେ ପ୍ରତିବାଦ ଜଣାଇବା ସହ ଏହା ଆଇନ ବିରୋଧୀ ବୋଲି ଅଭିଯୋଗ କରିଥିଲେ। ଏନେଇ ସାଧାରଣ ବର୍ଗର କର୍ମଚାରୀମାନେ ଏପ୍ରିଲ ଶେଷ ସପ୍ତାହରେ ଉକ୍ତ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ମଧ୍ୟ ଅବଗତ କରାଇଥିଲେ। ମୁଖ୍ୟ ଶାସନ ସଚିବ ମେ ୨ରେ ଏହା ଉପରେ ଏକ ବୈଠକ କରି ଆଡଭୋକେଟ ଜେନେରାଲ (ଏଜି)ଙ୍କ ମତାମତ ଲୋଡ଼ିଥିଲେ। ଆଡ୍‌ଭୋକେଟ ଜେନେରାଲ ଏହି ଘଟଣାରେ ଆଇନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଭୁଲ୍ ବୋଲି ଦର୍ଶାଇବା ସହ ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ନିୟମାନୁସାରେ ଏହା ଠିକ୍ ନୁହେଁ ବୋଲି ମତ ରଖିଥିବା କେତେଜଣ କର୍ମଚାରୀ ସୂଚନା ଦେଇଛନ୍ତି। ହେଲେ ସାଧାରଣ ପ୍ରଶାସନ ବିଭାଗ ଆଡଭୋକେଟ ଜେନେରାଲଙ୍କ ମତକୁ ନେଇ ପୁଣି ଥରେ ଆଇନ ବିଭାଗଠାରୁ ଏହା ଉପରେ ଉତ୍ତର ଲୋଡିଛି, ଯାହାକୁ ନେଇ ସାଧାରଣ ବର୍ଗର କର୍ମଚାରୀମାନେ ପୁଣିଥରେ ବିରୋଧକରି ଅସନ୍ତୋଷ ପ୍ରକାଶ କରିବା ସହ ଆଇନ ସଚିବଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ଆଇନ ସଚିବଙ୍କ ସହ ସେପରି କିଛି ସଫଳ ଆଲୋଚନା କରି ନ ପାରି ସେମାନେ ଫେରିଛନ୍ତି। ତେବେ ଆଗକୁ ସାଧାରଣ ବର୍ଗର କର୍ମଚାରୀମାନେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଆଇନ ସଚିବ, ସାଧାରଣ ପ୍ରଶାସନ ବିଭାଗର ସଚିବଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିବେ ଏବଂ ଯଦି ଏହା ପରେ କିଛି ସୁଫଳ ନ ମିଳେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବେ ବୋଲି ଜଣାପଡିଛି।

ସାଧାରଣ ବର୍ଗର କର୍ମଚାରୀମାନେ ଆହୁରି କହିଛନ୍ତି, ଆଡଭୋକେଟ ଜେନେରାଲ ହେଉଛନ୍ତି ରାଜ୍ୟ ସରକାରଙ୍କ ପରାମର୍ଶଦାତା। ତାଙ୍କ ମତ ଉପରେ ଆଇନ ବିଭାଗର ମତାମତ ପୁଣିଥରେ ମଗାଯିବା କେତେଦୂର ଯୁକ୍ତିଯୁକ୍ତ। ସୁପ୍ରିମକୋର୍ଟଙ୍କ ନିୟମାନୁଯାୟୀ ଜଣେ ଏସ୍‌ସି, ଏସ୍‌ଟି ବର୍ଗର କର୍ମଚାରୀ ମଧ୍ୟ ସାଧାରଣ ବର୍ଗର କର୍ମଚାରୀଙ୍କ ଲାଗି ରହିଥିବା ପଦୋନ୍ନତି ପଦବୀ ସ୍ଥାନରେ ଲାଭ ନେଇପାରିବେ। ତେବେ କେଉଁ କ୍ଷେତ୍ରରେ ଏହା ସମ୍ଭବ ହୋଇପାରିବ ସେଥିନେଇ ନିୟମ ରହିଛି। ପରୀକ୍ଷା ଦେବା ସମୟରେ ସଂରକ୍ଷଣ ସୁବିଧା ନ ନେଇ ଯଦି ଜଣେ ଏସ୍‌ସି, ଏସ୍‌ଟି ପ୍ରାର୍ଥୀ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ସହିତ ପ୍ରତିଦ୍ୱନ୍ଦିତା କରି ସଫଳ ହୋଇଥିବେ ତେବେ ସେହି କ୍ଷେତ୍ରରେ ଏହି ନିୟମ ଲାଗୁ ହୋଇପାରିବ। ହେଲେ ଏଥିରେ ବ୍ୟତିକ୍ରମ ହେଉଥିବା ଯୋଗୁ ସରକାର ସୁପ୍ରିମକୋର୍ଟଙ୍କ ନିୟମକୁ ଠିକ୍ ଭାବେ ନ ଜାଣି ପଦକ୍ଷେପ ନେଇଯାଉଛନ୍ତି। ଫଳରେ ଏଭଳି ସମସ୍ୟା ଉପୁଜୁଥିବା ସାଧାରଣ ବର୍ଗର କର୍ମଚାରୀମାନେ ଅଭିଯୋଗ ଆଣିଛନ୍ତି।

ଏନେଇ ଏଜି ଅଶୋକ ପରିଜାଙ୍କୁ ପଚାରିବାରୁ ସେ ଗଣମାଧ୍ୟମକୁ ମତାମତ ଦିଅନ୍ତି ନାହିଁ ବୋଲି କହିଛନ୍ତି। ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ଏନେଇ ଯାହା ନିୟମ ରହିଛି ତାକୁ ତର୍ଜମା କଲେ ଯାଇ ପ୍ରକୃତ କଥା ବାହାରିବ। କର୍ମଚାରୀମାନେ ବିଭିନ୍ନ ପ୍ରକାର କଥା କହିବେ। ହେଲେ ଆଇନ କ'ଣ ରହିଛି ତାକୁ ଦେଖିବାକୁ ପଡ଼ିବ। ଯଦି ସାଧାରଣ ବର୍ଗର କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ଏନେଇ ଅବଗତ କରାଯାଏ ତେବେ ସେ ଏହି ବିଷୟରେ ଆଲୋଚନା କରିବେ ବୋଲି କହିଛନ୍ତି।

ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଛନ୍ତି, ଏନେଇ ଦୀର୍ଘଦିନ ହେଲା ଦ୍ୱନ୍ଦ୍ୱ ଲାଗି ରହିଛି। ଯଦି ଜଣେ ଏସ୍‌ସି,ଏସ୍‌ଟି କର୍ମଚାରୀ ସଂରକ୍ଷଣ ଲାଭ ନ ନେଇ ମେରିଟ୍ ଲିଷ୍ଟରେ ଆସିଥିବେ ତେବେ ତାଙ୍କୁ ସାଧାରଣ ବର୍ଗଙ୍କ ଲାଗି ରହିଥିବା ପଦୋନ୍ନତି କ୍ଷେତ୍ରରେ ସୁବିଧା ଦିଆଯାଇପାରିବ। ଯଦି ଜଣେ ସଂରକ୍ଷଣ ନେଇ ନିଯୁକ୍ତି ପାଇଥିବେ ତେବେ ସାଧାରଣ ବର୍ଗଙ୍କ ପଦୋନ୍ନତି ଲାଗି ରହିଥିବା ଶୂନ୍ୟ ସ୍ଥାନରେ ତାଙ୍କୁ ପଦୋନ୍ନତି ଦିଆଯାଇପାରିବ ନାହିଁ। ହେଲେ ଏହି ପ୍ରସଙ୍ଗରେ ରହିଥିବା ଦ୍ୱନ୍ଦ୍ୱ ଏଯାଏ ଦୂର ହେଇପାରୁନାହିଁ। ସରକାର ଏ ବାବଦରେ ଆହୁରି ତର୍ଜମା କରିବାର ଆବଶ୍ୟକତା ରହିଛି ବୋଲି ସହଦେବ କହିଛନ୍ତି।

## ବାଳସୁଧାର ଗୃହରୁ...

ଜୀବନ ହାରିଲେ ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୫ ତାରିଖରେ ନବରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ କୁକୁଡ଼ାବାଇ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ନବରଙ୍ଗପୁର ପୋଲିସ ତଦନ୍ତ କରି ସମ୍ପୃକ୍ତ ନାବାଳକଙ୍କୁ ଅଟକ ରଖି ଗତ ୧୨ ତାରିଖରେ କଳାହାଣ୍ଡି ଜିଲାରେ ଥିବା ବାଳସୁଧାର ଗୃହକୁ ପଠାଇ ଦେଇଥିଲା। ନାବାଳକ ଜଣଙ୍କ ସେବେଠାରୁ ବାଳସୁଧାର ଗୃହରେ ରହି ଆସୁଥିଲେ। ରବିବାର ଅନ୍ୟ ପିଲାଙ୍କ ସହ ଖେଳିବା ପରେ ଖାଇ ସାରି ଶୋଇ ପଡ଼ିଥିଲେ। ହେଲେ ବିଳମ୍ବିତ ରାତିରେ ନାବାଳକ କୋଠରିରେ ଝୁଲନ୍ତା ଅବସ୍ଥାରେ ଦେଖି ୱାର୍ଡେନ ଦାୟିତ୍ୱରେ ଥିବା କର୍ମଚାରୀ ବାଳସୁଧାର ଗୃହ ଅଧିକାରୀଙ୍କୁ ଜଣାଇଥିଲେ।

# ବେଆଇନ ଟ୍ରକ୍ ପାର୍କିଂ ନେଲା ଜୀବନ



## ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

କେନ୍ଦୁଝର,୨୮।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଡଙ୍ଗାପାଣି ନିକଟ ଏନ୍‌ଏଚ୍ ୪୯ରେ ବେଆଇନ ଟ୍ରକ୍ ପାର୍କିଂ ଏକ ଜୀବନ ନେଇଛି। ଟ୍ରକ୍ ଚାପାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳା ଜଣକ ହେଲେ ସଦର ବ୍ଲକ୍ ପଦ୍ମପୁର ଗ୍ରାମର ଖୁଲଣା ମହାନ୍ତ (୪୦)। ପୋଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରି ତଦନ୍ତ କରୁଛି। ଉକ୍ତ ସ୍ଥାନରେ ବେଆଇନ ଟ୍ରକ୍ ପାର୍କିଂ ନେଇ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପୋଲିସ ସୂଚନା ଅନୁଯାୟୀ, ଖୁଲଣା ସ୍ୱାମୀ ଭରଦ୍ୱାଜ ମହାନ୍ତଙ୍କ ସହିତ ଏକ ବାଇକ୍‌ରେ ଶୁଆକାଟି ଆଡୁ କେନ୍ଦୁଝର ଦେଇ ଗ୍ରାମ ଅଭିମୁଖେ ଯାଉଥିଲେ। ଏନ୍‌ଏଚ୍ ୪୯ର ଡଙ୍ଗାପାଣିଠାରେ ଲୁହାପଥର ଲୋଡିଂ ପାଇଁ ଶହ ଶହ ସଂଖ୍ୟାରେ ଟ୍ରକ୍ ଛିଡ଼ା ହୋଇଥିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଥିଲା। ଭରଦ୍ୱାଜ ବାଇକ୍‌କୁ ୨ ଟ୍ରକ୍ ମଧ୍ୟରେ ନେଇ ଯାଉଥିବା ସମୟରେ ଏକ ଟ୍ରକ୍‌ରେ ଘଷି ହୋଇଯାଇଥିଲେ। ଫଳରେ ଭାରସାମ୍ୟ ହରାଇ ଉକ୍ତ ଦମ୍ପତି ବାଇକ୍‌ରୁ ଖସି ପଡ଼ିଥିଲେ। ଏହି ସମୟରେ ମହିଳାଙ୍କ ମୁଣ୍ଡ ଉପରେ ଏକ ଟ୍ରକ୍‌ର ପଛ ଚକ ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଥିଲା। ଏ ନେଇ ସଦର ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି, ଥାନାରେ ଏକ ମାମଲା(ନଂ. ୨୯୪/୨୩)ରେ ରୁଜୁ କରାଯାଇ ତଦନ୍ତ ଚାଲିଛି। ରାସ୍ତା ଜାମ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ପ୍ରକାଶ ଯେ, କିଛି ଦିନ ହେଲା ଉକ୍ତ ରାସ୍ତାରେ ଲୁହାପଥର ଲୋଡିଂ ପାଇଁ ଟ୍ରକ୍ ଛିଡ଼ା ହେଉଥିବା କାରଣରୁ ରାସ୍ତା ଜାମ୍ ହେଉଛି। ଖଣି ସଂସ୍ଥା ଓ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଟ୍ରକ୍ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି।

# ବୋଲେରୋକୁ ଘୋଷାରି ନେଲା ଟ୍ରେନ୍

## ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଦୁର୍ଘଟଣା

ପାରାଦୀପ,୨୮।୮(ଶରତ ରାଉତ)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର କ୍ୟାଣ୍ଟିନ ପାଖରେ ସୋମବାର ସକାଳେ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ମାଲବାହୀ ଟ୍ରେନ୍ ଆଗକୁ ହଠାତ୍ ଆସିଯିବାରୁ ପ୍ରାୟ ୩୦ ମିଟର ପର୍ଯ୍ୟନ୍ତ ଘୋଷାରି ହୋଇଯାଇଛି। ଟ୍ରେନ୍‌ର ଗତିକୁ ଚାଳକ ନିୟନ୍ତ୍ରଣ କରିବା ପରେ ବୋଲେରୋକୁ ଉଦ୍ଧାର କରାଯାଇଥିଲା। ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କୌଣସି ଲୋକଙ୍କ କ୍ଷତି ହୋଇନାହିଁ। ଏହାପରେ ରେଲୱେ କର୍ତ୍ତୃପକ୍ଷ ଓ ବନ୍ଦର ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବୋଲେରୋ ଚାଳକଙ୍କ ଅସାବଧାନତା ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ଜଣେ ତଦନ୍ତକାରୀ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ବନ୍ଦର ନିଷିଦ୍ଧାଞ୍ଚଳରେ ଟ୍ରେନ୍ ଦ୍ୱାରା ପଣ୍ୟ ପରିବହନ ହେଉଥିବାରୁ ଅନେକ ସ୍ଥାନରେ ଟ୍ରେନ୍ ଲାଇନ ରହିଛି। ସେସବୁ ସ୍ଥାନରେ ଅନ୍ୟ ସାଧାରଣ ଯାନ ଯାତାୟାତବେଳେ ସତର୍କ ରହିବା ପାଇଁ କୁହାଯାଇଛି।







ଇସ୍ରୋ ପକ୍ଷରୁ ସୋମବାର ଜାରି ହୋଇଥିବା ସୂର୍ଯ୍ୟମିଶନ 'ଆଦିତ୍ୟ ଏଲ୍-୧' ସମ୍ପର୍କିତ ତଥ୍ୟ ଓ ଚିତ୍ର।

## ସେପ୍ଟେମ୍ବର ୨ ପୂର୍ବାହ୍ନ...

ଯାନରେ ବିଭିନ୍ନ ୱେଭ୍ ବ୍ରାଣ୍ଡର ୭ଟି ପ୍ଲେଲୋଡ୍ ରହିବ। ଆଦିତ୍ୟ-ଏଲ୍୧ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଛି। ଲାଗ୍ରାଞ୍ଜ ପଏଣ୍ଟ ହେଉଛି ସୂର୍ଯ୍ୟ ଏବଂ ପୃଥିବୀର ମହାକର୍ଷଣ ଶକ୍ତି ଯୋଗୁ ସୃଷ୍ଟ ବିସ୍ତୀର୍ଣ୍ଣ ଆକର୍ଷଣ ଏବଂ ବିକର୍ଷଣ ଅଞ୍ଚଳ। ଇନ୍ଧନ ବ୍ୟବହାର କମାଇ ପୋଜିଶନରେ ରହିବା ପାଇଁ ମହାକାଶ ଯାନ ଉକ୍ତ ସ୍ଥାନକୁ ବାଛିଥାନ୍ତି ବୋଲି ନାସା ପକ୍ଷରୁ କୁହାଯାଇଛି। ଇଟାଲୀୟ-ଫ୍ରେଞ୍ଚ ଗଣିତଜ୍ଞ ଜୋସେଫ୍-ଲୁଇସ୍ ଲାଗ୍ରାଞ୍ଜଙ୍କ ସମ୍ମାନାର୍ଥେ ଉକ୍ତ ପଏଣ୍ଟର ନାଁ ଲାଗ୍ରାଞ୍ଜ ରଖାଯାଇଛି। ଇସ୍ରୋ ସୂଚନା ଅନୁଯାୟୀ ଆଦିତ୍ୟ ଏଲ୍୧କୁ ଏକ ପିଏସ୍ଏଲ୍‌ଭି-ସି୫୭ ରକେଟ ସହାୟତାରେ ମହାକାଶକୁ ପ୍ରେରଣ କରାଯିବ। ମହାକାଶ ଯାନର ଭିଜିବଲ୍ ଏମିଶନ ଲାଇନ କରୋନାଗ୍ରାଫ୍ (ଭିଇଏଲ୍‌ସି) ପ୍ଲେଲୋଡ୍ ପ୍ରସ୍ତୁତ କରିବାରେ ବେଙ୍ଗାଲୁରୁର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋଫିଜିକ୍ସ(ଆଇଆଇଏ) ମୁଖ୍ୟ ଅନୁଷ୍ଠାନ। ସେହିପରି ପୁଣେର ଇଣ୍ଟରୟୁନିଭର୍ସିଟି ସେଣ୍ଟର ଫର୍ ଆଷ୍ଟ୍ରୋନୋମି ଆଣ୍ଡ ଆଷ୍ଟ୍ରୋଫିଜିକ୍ସ ମିଶନ ପାଇଁ ସୋଲାର ଅଲ୍‌ଟ୍ରାଭାଓଲେଟ୍ ଇମେଜର ପ୍ଲେଲୋଡ୍ ବିକଶିତ କରିଛି। ସୂର୍ଯ୍ୟର ବାହ୍ୟ ପାର୍ଶ୍ୱର ତାପମାତ୍ରା ୬,୦୦୦ ଡିଗ୍ରୀ ସେଣ୍ଟିଗ୍ରେଡ ହୋଇଥିବାବେଳେ ଏହାର କରୋନାର ତାପମାତ୍ରା କିପରି ଏକ ନିୟୁତ ଡିଗ୍ରୀରେ ପହଞ୍ଚିପାରୁଛି, ତାହା ଉପରେ ଭିଇଏଲ୍‌ସି ତଥ୍ୟ ସଂଗ୍ରହ କରିବ। ୟୁଭି ପ୍ଲେଲୋଡ୍ ସହାୟତାରେ ଏହା କରୋନା ଏବଂ ସୋଲାର କ୍ରୋମୋସ୍ଫିୟର ଉପରେ ଅନୁଧ୍ୟାନ କରିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ୟୁ.ଆର. ରାଓ ସାଟେଲାଇଟ୍ ସେଣ୍ଟର ଦ୍ୱାରା ପ୍ରସ୍ତୁତ ଉକ୍ତ ସାଟେଲାଇଟ୍ ଶ୍ରୀହରିକୋଟାସ୍ଥିତ ଇସ୍ରୋ ସ୍ପେସ୍‌ପୋର୍ଟରେ ଚଳିତ ମାସ ଆରମ୍ଭରେ ପହଞ୍ଚିଥିଲା।

## ବଡ଼ ଗର୍ତ୍ତକୁ...

ତେବେ ରବିବାରର ଗର୍ତ୍ତ ବହୁତ ବଡ଼ ହୋଇଥିବାରୁ ରୋଭରକୁ ଗତିପଥ ବଦଳାଇବାକୁ ପଡ଼ିଥିଲା। ଚନ୍ଦ୍ରପୃଷ୍ଠରେ ରୋଭରର ଅଭିଯାନ ଅର୍ଦ୍ଧସ୍ୱୟଂକ୍ରିୟ ହୋଇଥିବାରୁ ଏହାର ଗତିଶୀଳତା ପାଇଁ ଇସ୍ରୋର ଗ୍ରାଉଣ୍ଡ ଷ୍ଟେଶନରୁ କମାଣ୍ଡ ପଠାଇବାକୁ ପଡୁଛି।







## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦ୍ୱିଜା ନକ୍ଷତ୍ର ପାରିବାରିକ ସ୍ନେହ ଶ୍ରଦ୍ଧା ଓ ଆଦର ମଧ୍ୟରେ ନିଜକୁ ହଜାଇ ଦେଇପାରନ୍ତି। କୌଣସି ନୂତନ କାମ ଆରମ୍ଭ ସକାଶେ ବ୍ୟୟ ଅଟକଳ କରିପାରନ୍ତି। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ, ଛୋଟ ଦୋକାନରୁ ସୁଫଳ ମିଳିବ। ଆନୁଷ୍ଠାନିକ କାମରେ ପ୍ରସ୍ତୁତି ସରିବ ଓ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ।

**ବୃଷ** – ରୋହିଣୀ ନକ୍ଷତ୍ରର ଆକସ୍ମିକ ଦୂରଯାତ୍ରା ସାଙ୍ଗକୁ ବ୍ୟୟବହୁଳତା ମାନସିକ ଯନ୍ତ୍ରଣାର କାରଣ ହେବ। କୌଣସି କାମ ସୁବିଧାରେ ନ ହେବାରୁ ମନ ଭଲ ରହିବ ନାହିଁ। ସଭା ସମିତି, କଚେରି ମାମଲା, ଚୁକ୍ତିପତ୍ର ଓ କଳା ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ। କୌଣସି ଦ୍ରବ୍ୟପ୍ରାପ୍ତିରେ ଜଣେ ବ୍ୟକ୍ତି ଅସହଯୋଗ କରିପାରେ।

**ମିଥୁନ** – ମୃଗଶିରା ନକ୍ଷତ୍ରର ପାରିବାରିକ ଦ୍ୱନ୍ଦ୍ୱର ଅବସାନ ଘଟିବା ବଦଳରେ ବୃଦ୍ଧି ପାଇବ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରି ସ୍ଥଗିତ କାମ ତ୍ୱରାନ୍ୱିତ କରିପାରନ୍ତି। ବସ୍ତ୍ର, ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାର ସମ୍ଭାବନା ରହିଛି।

**କର୍କଟ** – ପୁନର୍ବସୁ ନକ୍ଷତ୍ରର ଘରୋଇ କାମ ସାଙ୍ଗକୁ ଅଫିସ କାମର ଜଞ୍ଜାଳ ବଢ଼ିଯିବ। ତଥାପି ବହୁତ ଦିନରୁ ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠା ହୋଇପାରେ। ସାମାଜିକ ସ୍ତରରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିପାରନ୍ତି।

**ସିଂହ** – ମଘା ନକ୍ଷତ୍ର ଦୂର ସ୍ଥାନକୁ ଯିବା ପାଇଁ ସକାଳୁ ଅତ୍ୟାବଶ୍ୟକ କାର୍ଯ୍ୟ ସମାପନ କରିବାକୁ ବାଧ୍ୟ ହେବେ। ବ୍ୟବସାୟିକ ସ୍ଥିତିର ଶୁଭତ୍ୱ ହେତୁ ଆର୍ଥିକ ଉନ୍ନତି ଓ କାର୍ଯ୍ୟ ହାସଲରୁ ଖୁସି ରହିବେ। ଦିନ ଭିତରେ ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ସାମାଜିକ ସ୍ତରରେ ବନ୍ଧୁମିଳନରୁ ଖୁସି ହେବେ।

**କନ୍ୟା** – ଆଜିର ସାଂସ୍କୃତିକ, ସାମାଜିକ ଅନୁଷ୍ଠାନରେ ମନ ଖୁସି ହେଲା ଭଳି କଥା କହି ଅନ୍ୟମାନଙ୍କର ପ୍ରିୟଭାଜନ ହେବେ। ହସ୍ତା ନକ୍ଷତ୍ର ବାଣିଜ୍ୟ ଓ ସାମ୍ବାଦିକତା ତଥା ଏଜେନ୍ସିପରୁ ଖୁସି ରହିବେ। ଯେକୌଣସି ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଅବଶ୍ୟମ୍ଭାବୀ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ଲଢ଼ିଲେ ମଧ୍ୟ ସମର୍ଥନ ପାଇବେ ନାହିଁ।

**ତୁଳା** – କର୍ମକ୍ଷେତ୍ରରେ ଅର୍ଥ, ସମ୍ମାନ, ପ୍ରଶଂସା ମଧ୍ୟ ପାଇ ଖୁସି ହେବେ। ଚିତ୍ରା ନକ୍ଷତ୍ରର ଘରୋଇ ସମସ୍ୟା ସମାଧାନ ହୋଇଯିବ, କିନ୍ତୁ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ କିଛି ନୂତନ କାମ ସୃଷ୍ଟି କରିବା ସକଶେ ଚିନ୍ତା କରି ପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ ଏବଂ କଳା, ସାହିତ୍ୟ, ସଭାସମିତିରେ ଯୋଗ ଦେଇପାରନ୍ତି।

**ବିଛା** – ଚେଷ୍ଟା ଅବ୍ୟାହତ ରଖନ୍ତୁ ଲକ୍ଷ୍ୟପ୍ରାପ୍ତି ଅବଶ୍ୟ ଘଟିବ। ଖର୍ଚ୍ଚର ପରିମାଣ ବୃଦ୍ଧି ପାଇଲେ ମଧ୍ୟ ବିଭିନ୍ନ ଦିଗରୁ ରୋଜଗାର କିଛି କମ୍ ହେବନି। ଅନୁରାଧା ନକ୍ଷତ୍ର ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ନିଜ ଲୋକମାନେ କାମରେ ଅବହେଳା କରିବା କାରଣରୁ ମନରେ ବିରକ୍ତିଭାବ ସୃଷ୍ଟି ହେବ।

**ଧନୁ** – ଆଜି ଦିନଟି ଆପଣଙ୍କ ସକାଶେ ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟି କରିବାରେ ସହାୟକ ହେବ। ବିନୟଭାବ ପୋଷଣ କଲେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ମୂଳା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସାହାଯ୍ୟରେ କାମ ସୁବିଧାରେ ହେବାର ସୂଚନା ରହିଛି।

**ମକର** – ଆପଣଙ୍କ ମଧୁର କଥାରେ ଅନ୍ୟମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇପାରନ୍ତି। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ନିନ୍ଦା ଶୁଣିବାର ସୂଚନା ରହିଛି। ଶ୍ରବଣା ନକ୍ଷତ୍ର କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ପ୍ରଶାସନ, ପ୍ରକାଶନ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**କୁମ୍ଭ** – ଆଜି ଶତଭିଷା ନକ୍ଷତ୍ର ମଜା ମଉଜ ମଧ୍ୟରେ ସମୟ ଅତିବାହିତ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ମନ୍ଦ ନ ହେଲେ ମଧ୍ୟ ସନ୍ତୋଷଜନକ ନ ହୋଇପାରେ। କଳହ ଆଶଙ୍କା କରି ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେଇପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ବିଭିନ୍ନ ପ୍ରତିବନ୍ଧକର ସାମନା କରିବାକୁ ପଡ଼ିପାରେ।

**ମୀନ** – ଆଜି ଘରକାମକୁ ପଛରେ ପକାଇ ବନ୍ଧୁ ମେଳରେ ଅଧିକାଂଶ ସମୟ ଅତିବାହିତ କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତାରେ ଲକ୍ଷ୍ୟ ହାସଲ କରିବେ। ସନ୍ତାନଙ୍କ ଦାବିକୁ ଅଗ୍ରାହ୍ୟ କରି ପରିବାରରେ କଳହ ଲାଗିବ। ଉତ୍ତରଭାଦ୍ରପଦ ନକ୍ଷତ୍ର ସାମାଜିକ ସ୍ତରରେ ସ୍ନେହ, ଶ୍ରଦ୍ଧା ଓ ଆଦର ମଧ୍ୟରେ ନିଜକୁ ହଜାଇ ଦେବେ।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଷ୍ଟ୍ରୀୟ କ୍ରୀଡ଼ା ଦିବସ, ଧ୍ୟାନ ଚାନ୍ଦଙ୍କ ଜନ୍ମଦିବସ, ଅଗଷ୍ଟ ୨୯ ତାରିଖ, ରାଶି ନକ୍ଷତ୍ର-ଶ୍ରବଣା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୦ ଗତେ ଘ.୧୦।୩୨ ମଧ୍ୟେ, ଘ.୦୧।୦୨ ଗତେ ଘ. ୦୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ ଘ ୦୪।୨୭ ମଧ୍ୟେ ରାହୁକାଳ।

# ସୂର୍ଯ୍ୟ ମନ୍ଦିରରୁ ବାଲିକଢ଼ା କାର୍ଯ୍ୟ ପୁଣି ଆରମ୍ଭ

- ଗର୍ଭଗୃହରୁ ଖୁବ୍‌ଶୀଘ୍ର ବାହାରିବ ବାଲି
- ୧୨୦ ବର୍ଷ ପରେ ଖୋଲିବ ଗର୍ଭଗୃହର ପ୍ରବେଶ ପଥ

କୋଣାର୍କ,୨୮।୮(ଜ୍ୟୋତିରାଜ ମହାନ୍ତି)

୧୩ଶହ ଶତାବ୍ଦୀର ନିର୍ମିତ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହ ଦୀର୍ଘ ୧୨୦ବର୍ଷ ପରେ ପୁଣି ଖୋଲା ହେବା ପାଇଁ ଐତିହାସିକ ନିଷ୍ପତ୍ତି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା(ଏଏସ୍‌ଆଇ) ପକ୍ଷରୁ ନିଆଯାଇ ଗତ ଜାନୁୟାରୀ ୩ରୁ ବାଲି କଢ଼ା କାର୍ଯ୍ୟ ଆରମ୍ଭ ହୋଇ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିଥିଲା। ମାତ୍ର କୌଣସି କାରଣକୁ ନେଇ ଏହି ବାଲି କଢ଼ା କାର୍ଯ୍ୟ ଦୀର୍ଘଦିନ ପାଇଁ ବନ୍ଦ ରଖାଯାଇଥିଲା। ତେବେ ସୋମବାର ଏଏସ୍‌ଆଇ ପକ୍ଷରୁ ନିଯୁକ୍ତ ଠିକାଦାର ଦ୍ୱାରା ୫ମାସ ପରେ ପୁନର୍ବାର କ୍ରେନ ସାହାଯ୍ୟରେ ବଡ଼ ବଡ଼ ଲୁହା ବିମ ସବୁ ଲଗାଯାଇ କାର୍ଯ୍ୟ କରାଯାଉଛି। ମାର୍ଚ୍ଚ ମାସରୁ ବନ୍ଦ ରହିବାରୁ ଏବେ ମନ୍ଦିର ଉତ୍ତର ଓ ପଶ୍ଚିମ କୋଣରେ ଲିଫ୍ଟ ପାଇଁ ମୂଳଦୁଆ ନିର୍ମାଣ ପରେ ଲୁହା ବିମ୍ ଲଗାଯାଇଛି। ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ସ୍ୱତନ୍ତ୍ର ଲିଫ୍ଟ ମାଧ୍ୟମରେ ମନ୍ଦିର ଚୂଡ଼ାରୁ ଗର୍ଭଗୃହରେ ରହିଥିବା ବାଲିକୁ ପର୍ଯ୍ୟାୟକ୍ରମେ ମନ୍ଦିର ପାଦଦେଶକୁ ସୁରକ୍ଷିତ ଉପାୟରେ ବାହାର କରାଯାଉଛି। ପାଦଦେଶରୁ ପାଇପ ସାହାଯ୍ୟରେ ବାଲିକୁ ସ୍ୱତନ୍ତ୍ର ରାସ୍ତା ଦେଇ ଉତ୍ତର ପଶ୍ଚିମ କୋଣରେ ରଖାଯିବ। ବାଲି ନିଷ୍କାସନ କାର୍ଯ୍ୟ ସରିଲେ ପର୍ଯ୍ୟଟକଙ୍କ ପାଇଁ ଜଗମୋହନ ଦ୍ୱାର ଖୋଲାଯିବ ବୋଲି ସୂଚନା ମିଳିଛି।

ସୂଚନାଥାଉକି, କୋଣାର୍କ ସୂର୍ଯ୍ୟମନ୍ଦିରକୁ ଇଂରେଜମାନେ ଉଦ୍ଧାର କରିବା ପରେ ସୂର୍ଯ୍ୟମନ୍ଦିରର ଜଗମୋହନ ମନ୍ଦିରରୁ ପଥର ଖସିବାରୁ ଏହାକୁ ସୁରକ୍ଷିତ ରଖିବା ପାଇଁ ଗର୍ଭଗୃହରେ ସେମାନେ ଉପାୟ ନ ପାଇ ୧୯୦୩ରୁ ୧୯୦୯ ମସିହା ମଧ୍ୟରେ ସମ୍ପୂର୍ଣ୍ଣ ବାଲି ପୂରାଇ ଏହାର ସମସ୍ତ ପ୍ରବେଶ ପଥକୁ ସିଲ୍ କରିଦେଇଥିଲେ। ମାତ୍ର ପରେ କୋଣାର୍କ ସୁରକ୍ଷା ସମିତିର ପୂର୍ବତନ ସଭାପତି ସ୍ୱର୍ଗତ ବାଦଲ ଦାଶଙ୍କ ଗର୍ଭ ଗୃହରୁ ବାଲି କାଢି ସର୍ବସାଧାରଣ ପାଇଁ ପ୍ରବେଶ ପଥ ଖୋଲିବା ପାଇଁ ଦାବି ଓ କଟକର ଆଇନଜୀବୀଙ୍କର ଏହାକୁ ନେଇ ପିଏଲଆଇ କରିବା ପରେ ହାଇକୋର୍ଟ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ସମସ୍ତ ତଥ୍ୟ ସଂଗ୍ରହ କରି ଗର୍ଭଗୃହରୁ ବାଲି କଢାଗଲେ କୌଣସି ବିପଦ ନଥିବା ପରାମର୍ଶ ଦେବା ପରେ ଓ କେନ୍ଦ୍ର ପାର୍ଲାମେଣ୍ଟ କମିଟିର ପରାମର୍ଶକ୍ରମେ ଏଏସ୍‌ଆଇ ପକ୍ଷରୁ ସୂର୍ଯ୍ୟମନ୍ଦିରର ଗର୍ଭଗୃହରୁ ବାଲି କାଢ଼ିବା ନିମନ୍ତେ ନିଷ୍ପତ୍ତି ନିଆଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରଥମେ ସୂର୍ଯ୍ୟମନ୍ଦିର ଜଗମୋହନ ମନ୍ଦିରର ଉପରିଭାଗ ପଶ୍ଚିମ ଦିଗରେ ୫ଫୁଟରେ ଏକ ସ୍ୱତନ୍ତ୍ର ଟନେଲ ପଥର କଟାଯାଇ ସୁରକ୍ଷିତ ଭାବେ ଗର୍ଭଗୃହରେ ଥିବା ବାଲିକୁ ସ୍ୱତନ୍ତ୍ର ଲିଫ୍ଟରେ ସ୍ଥାନାନ୍ତର କରାଯିବ। ଏ ନେଇ ବିଡିଆର ପ୍ରାଃ ଲିଃ ପକ୍ଷରୁ ବରିଷ୍ଠ ଇଞ୍ଜିନିୟର ଓ ଆର୍ଟିଟେକ ଡିଜାଇନର ଲୋକନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇର ଇଞ୍ଜିନିୟରଙ୍କ ଉପସ୍ଥିତିରେ ପର୍ଯ୍ୟାୟକ୍ରମେ କାର୍ଯ୍ୟ ହେଉଛି।



# ପାଠ ନ ଆସିବାରୁ ଛାତ୍ରଙ୍କୁ ପିଟିଲେ ଶିକ୍ଷକ

## କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଭିଭାବକ



**ନୀଳଗିରି, ୨୮।୮(ପ୍ରଶାନ୍ତ ବିଶ୍ୱାଳ):** ଭୟମୁକ୍ତ ହୋଇ ଛାତ୍ରୀଛାତ୍ରଙ୍କ ମନରେ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ସରକାର ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଘୋଷଣା କରିଛନ୍ତି। ହେଲେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ମଧୁପୁରିଆ ପ୍ରାଥମିକ ବିଦ୍ୟାଳୟରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପାଠ ନ ଆସିବାରୁ ଦୁଇ ଛାତ୍ରଙ୍କୁ ଜଣେ ଶିକ୍ଷକ ଅମାନୁଷିକ ଭାବେ ବାଉଁଶ କଣିରେ ପିଟିଥିବା ଜଣାପଡିଛି। ଏହାକୁ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଭାବକମାନେ ଏ ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅବଗତ କରିଥିଲେ ମଧ୍ୟ ଏ ଦିଗରେ ଗୁରୁତ୍ୱ ଦିଆ ଯାଇ ନ ଥିଲା। ଫଳରେ ସେମାନେ ବାଧ୍ୟ ହୋଇ ସୋମବାର ନୀଳଗିରି ଉପଖଣ୍ଡ ଶିକ୍ଷାଧିକାରିଣୀ ସ୍ନିଗ୍ଧା ପଣ୍ଡାଙ୍କଠାରେ ଅଭିଯୋଗ କରି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଭାବକଙ୍କ ମଧ୍ୟରେ ମିର୍ଜା ସରେନ, ରାମହରି ମାରାଣ୍ଡି, ନବକିଶୋର କିସ୍କୁ, ରୁହ୍ୟା ଟୁଡୁ, ଚନ୍ଦନ କୁମାର କିସ୍କୁ, ପାଣ୍ଡବ ସୋରେନ, ବନମାଳୀ ହେମ୍ବ୍ରମ, ଗିରିଶ ବାସ୍କେ, ଗୁରୁବା ମାର୍ଣ୍ଡିପ୍ରମୁଖ ଉପସ୍ଥିତ ରହି ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ଦାବି କରିଛନ୍ତି।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନାମଲେଖା ଆରମ୍ଭ



ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନାମଲେଖା ପାଇଁ ଅଧିକାରୀଙ୍କ ସହ ଛାତ୍ରୀଛାତ୍ର।

## ପ୍ରଥମ ଦିନରେ ନାମ ଲେଖାଇଲେ ୩୬ ଛାତ୍ରୀଛାତ୍ର

ସାକ୍ଷୀଗୋପାଳ,୨୮।୮ (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)

ପୁରୀ ଜିଲା ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷଠାରୁ ପାଠପଢ଼ା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ୩ଟି ବିଭାଗରେ ୨୪ଟି ଲେଖାଏ ଆସନରେ ସୋମବାରଠାରୁ ନାମଲେଖା ଆରମ୍ଭ କରାଯାଇଛି। ପୂର୍ବରୁ ପ୍ରବେଶିକା ପରୀକ୍ଷା ଦେଇଥିବା ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ନାମଲେଖା ପାଇଁ ଆସିଥିଲେ। ଏହି ନାମଲେଖା ପ୍ରକ୍ରିୟା ୨୮ ଓ ୨୯ ଦୁଇଦିନ ଚାଲିବ। ପ୍ରଥମ ବର୍ଷରେ ଓଡ଼ିଆ ଭାଷା ଓ ସାହିତ୍ୟ, ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ, ଆଦିବାସୀ ଭାଷା ଏବଂ ଐତିହ୍ୟ ଆଦି ୩ଟି ବିଭାଗରେ ୩୬ଜଣ ଛାତ୍ରୀଛାତ୍ର ପ୍ରଥମଦିନ ନାମ ଲେଖାଇଛନ୍ତି। ପୂର୍ବାହ୍ନ ୧୦ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ନାମଲେଖା ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ରଶ୍ମିରେଖା ଦାଶ, ନିର୍ଦ୍ଦେଶକ(ପିଟିସି) ରଜତ କୁମାର ମାନସିଂ, ଅଧ୍ୟକ୍ଷ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସତ୍ୟ ଶିବ ସୁନ୍ଦର ମିଶ୍ର, ଆଡମିଶନ ଇନଚାର୍ଜ ଧନୁର୍ଦ୍ଧର ମୁଦୁଲି, ଶଙ୍କର ପ୍ରସାଦ ମିଶ୍ର, ଚନ୍ଦ୍ରଶେଖର ତ୍ରିପାଠୀ, ଡାଟା ଏଣ୍ଟ୍ରି ଅପରେଟର ଭବାନୀ ଶଙ୍କର ମିଶ୍ର, ଆଡ୍‌ମିଶନ ଆସିଷ୍ଟାଣ୍ଟ ସୀତାଂଶୁ ମହାପାତ୍ର ଓ ପ୍ରକାଶ ଚନ୍ଦ୍ର ଗୌଡ଼, ଆକାଉଣ୍ଟାଣ୍ଟ ମହେଶ୍ୱର ସ୍ୱାଇଁ, ପିଅନ ଗଣେଶ ସାହୁ ପ୍ରମୁଖ ନାମଲେଖା ପ୍ରକ୍ରିୟାରେ ସାମିଲ ଥିଲେ।

# ପଞ୍ଚଭୂତରେ ଲୀନ ହେଲେ କବି ଜୟନ୍ତ ମହାପାତ୍ର

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

କଟକ,୨୮।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ପଞ୍ଚଭୂତରେ ବିଲୀନ ହୋଇଛି ବିଶିଷ୍ଟ ସାହିତ୍ୟିକ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଦ୍ୱିଭାଷିକ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ପାର୍ଥିବ ଶରୀର। ସୋମବାର କଟକ ଖାନନଗର ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ୱର୍ଗତ ମହାପାତ୍ରଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ପୁତୁରା ଦେବ କୁମାର ଦାସ ମୁଖାଗ୍ନି ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଶେଷକୃତ୍ୟ ସମୟରେ କୃଷି ଓ କୃଷକ ସଶକ୍ତୀକରଣ ତଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ରପ୍ରତାପ ସ୍ୱାଇଁ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ମହାନଗର ନିଗମର ଅଧ୍ୟକ୍ଷ ଅନିଲ କୁମାର ସାମଲ, ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ତାଙ୍କ ସମ୍ପର୍କୀୟ ଓ ଶୁଭେଚ୍ଛୁମାନେ ଅଶ୍ରୁଳ ନୟନରେ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ସୂଚନାଯୋଗ୍ୟ, ୯୫ ବର୍ଷୀୟ କବି ସ୍ୱର୍ଗତ ମହାପାତ୍ର ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ନିମୋନିଆରେ ଆକ୍ରାନ୍ତ ହେବା ପରେ ଗତ ୪ ତାରିଖରେ ତାଙ୍କୁ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ପରଲୋକ ଖବର ପାଇବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଏସ୍‌ସିବି ମେଡିକାଲକୁ ଯାଇ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ମରଶରୀରକୁ ତିନିକୋଣିଆ ବଗିଚାସ୍ଥିତ ତାଙ୍କ ବାସଭବନ 'ଚନ୍ଦ୍ରଭାଗା'କୁ ନିଆଯାଇଥିଲା। ସେଠାରେ ବହୁ ଶୁଭେଚ୍ଛୁ ଓ ପ୍ରଶଂସକ ତାଙ୍କର ଶେଷ ଦର୍ଶନ କରିଥିଲେ। ଡ. ମହାପାତ୍ର ଖ୍ରୀଷ୍ଟ ଧର୍ମାବଲମ୍ବୀ ଥିଲେ ମଧ୍ୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମାଜର ସବୁ ବର୍ଗର ଲୋକଙ୍କ ପ୍ରତି ତାଙ୍କର ଅହେତୁକ ଶ୍ରଦ୍ଧା ଓ ସ୍ନେହ ରହିଥିଲା। ଉଲ୍ଲେଖଯୋଗ୍ୟ, ୧୯୨୮ ଅକ୍ଟୋବର ୨୨ରେ କଟକରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ମହାପାତ୍ର ଷ୍ଟିୱାର୍ଟ କଲେଜରୁ ଶିକ୍ଷାଗ୍ରହଣ କରିଥିଲେ। ପରେ ପାଟନା ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତରରେ ଉତ୍ତୀର୍ଣ୍ଣ ହେବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ଶିକ୍ଷାଦାନ କରିଥିଲେ। ଉଭୟ ଓଡ଼ିଆ ଓ ଇଂଲିଶ ସାହିତ୍ୟରେ ତାଙ୍କର ଅସୀମ ଦକ୍ଷତା ଥିଲା। ଇଂଲିଶ ପୁସ୍ତକ 'ରିଲେସନଶିପ୍' ପାଇଁ ସେ ପ୍ରଥମ ଭାରତୀୟ କବି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୨୦୦୯ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଥିଲେ।



ଜୟନ୍ତ ମହାପାତ୍ରଙ୍କ ମରଶରୀରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

# ମିନାଝୋଲାରେ ବୁଡ଼ ପକାଇବା ବେଳେ ୨ ନିଖୋଜ

ଚନ୍ଦ୍ରପୁର,୨୮।୮(ବିଜୟ ପ୍ରସାଦ ଉଲାକା)/କୋଟଗଡ଼ (ସରୋଜ ବଳିଆରସିଂ)

ଶ୍ରାବଣ ଶେଷ ସୋମବାର ଉପଲକ୍ଷେ ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ବହୁ ପୁରାତନ ଶୈବପୀଠ ଶ୍ରୀମିନାଝୋଲାଠାରେ ଥିବା ଶୈବପୀଠ ମୀନକେତନସ୍ୱରରେ ପ୍ରବଳ ଭିଡ଼ ଜମିଥିଲା। ମିନାଝୋଲାଠାରେ ଥିବା ତ୍ରିବେଣୀ ସଙ୍ଗମରେ ୨ ଶ୍ରଦ୍ଧାଳୁ ବୁଡ଼ ପକାଇବା ବେଳେ ନିଖୋଜ ହୋଇଯାଇଛନ୍ତି। ଚନ୍ଦ୍ରପୁର ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି। ଖବର ଲେଖା ହେବା ସୁଦ୍ଧା ନିଖୋଜ ବାଳିକା, ବାଳକଙ୍କ କୌଣସି ପତ୍ତା ମିଳିପାରି ନାହିଁ। ନିଖୋଜ ୨ ଜଣ ହେଲେ କନ୍ଧମାଳ ଜିଲା ଶ୍ରୀରାମପୁର କଲୋନୀର ସ୍ମୃତି ବଡ଼ସେଠ (୧୦) ଓ ରତ୍ନାକର ବଡ଼ନାୟକ (୧୧)।

ସୂଚନାଯୋଗ୍ୟ, ଶ୍ରୀରାମପୁର କଲୋନୀରୁ ୪ଟି ଅଟୋ, ଗାଡ଼ି ଯୋଗେ ୩୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମିନାଝୋଲାଠାରେ ଥିବା ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇ ମୀନକେତନସ୍ୱରଙ୍କୁ ଦର୍ଶନ କରିଥିଲେ। ପୁଣି ଆଉଥରେ ଗାଧୋଇବା ପାଇଁ ସ୍ମୃତି ଓ ରତ୍ନାକର ତ୍ରିବେଣୀ ଘାଟକୁ ଯାଇ ଆଉ ଫେରି ନ ଥିଲେ। ସେମାନଙ୍କ ସାଙ୍ଗରେ ଯାଇଥିବା ଶ୍ରଦ୍ଧାଳୁ ବହୁ ଖୋଜାଖୋଜି କରିବା ପରେ ସେମାନଙ୍କର କୌଣସି ଖବର ନ ମିଳିବାରୁ ସ୍ଥାନୀୟ ବାସିନ୍ଦା ଚନ୍ଦ୍ରପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଚନ୍ଦ୍ରପୁର ତହସିଲଦାର ଅଶୋକ ତ୍ରିପାଠୀ, ଚନ୍ଦ୍ରପୁର ଥାନା ଅଧିକାରୀ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି।

# ଦୋଷୀଙ୍କୁ ଆଜୀବନ ଜେଲ

## ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ମାମଲା

**ରାଇରଙ୍ଗପୁର,୨୮।୮(ମାନସ ମହାନ୍ତି/ମନୋରଞ୍ଜନ ତିରିଆ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୀପକ କୁମାର ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାଦାମପାହାଡ଼ ଥାନା ଅଧୀନ କୁମୁମୀ ଗାଁର ଶ୍ୟାମ କିସ୍କୁ। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଜୁଲାଇ ୨୯ ତାରିଖରେ କୁସୁମୀ ଗାଁର ନାଥ ନାଏକଙ୍କ ସହ ଅଭିଯୁକ୍ତ ଶ୍ୟାମ କିସ୍କୁଙ୍କର କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶ୍ୟାମ ଏକ ଟାଙ୍ଗିଆ ଆଣି ନାଥଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଦାମପାହାଡ଼ ପୋଲିସ ଏନେଇ ଏକ ମାମଲା(ନଂ.୭୦/୨୨) ରୁଜୁ କରି ଅଭିଯୁକ୍ତ ଶ୍ୟାମଙ୍କୁ କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

# ନାବାଳିକା ଯୌନ ନିର୍ଯାତନା ମାମଲା: ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୨୮।୮(ମାନସ ବିଶ୍ୱାଳ)

ନାବାଳିକା ଯୌନ ନିର୍ଯାତନା ମାମଲାର ଶୁଣାଣି କରି ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ଜଜ୍ ରଞ୍ଜନ କୁମାର ସୁତାର ଅଭିଯୁକ୍ତ ଅନୀଲ ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୪ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ୧୩ଜଣ ସାକ୍ଷ୍ୟ, ୧୮ ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଦେଇଛନ୍ତି।

୨୦୧୭ରେ ନୀଳଗିରି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ଏକ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# 'ବିକଶିତ ଭାରତ ଗଠନରେ ସହଭାଗିତା ଜରୁରୀ'

- ବରୁଣେଇରୁ ଆଇଆଇଟି ପର୍ଯ୍ୟନ୍ତ ସାଇକେଲ ଯାତ୍ରା
- ଶହୀଦ ସ୍ମୃତିସ୍ତମ୍ଭ ନିକଟରୁ ସଂଗୃହୀତ ହେଲା ମାଟି
- ଛାତ୍ରୀଛାତ୍ରଙ୍କୁ 'ପଞ୍ଚପ୍ରାଣ'ର ସଙ୍କଳ୍ପ କରାଇଲେ

ଖୋର୍ଦ୍ଧା,୨୮।୮(ପ୍ରଭାତ ପାଣିଗ୍ରାହୀ)

ଆଇଆଇଟି ଭୁବନେଶ୍ୱର ଆନୁକୂଲ୍ୟରେ ସୋମବାର 'ମୋ ମାଟି ମୋ ଦେଶ' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବରୁଣେଇ ପାଦଦେଶରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଐତିହାସିକ ଖୋର୍ଦ୍ଧାଗଡ଼ ଏବଂ ବୀର ପାଇକମାଟିର ଆରାଧ୍ୟ ଦେବୀ ମା'ବରୁଣେଇ, କରୁଣେଇଙ୍କ ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପୂଜାର୍ଚ୍ଚନା କରିଥିଲେ। ବରୁଣେଇ ପାଦଦେଶରେ ଥିବା ଶହୀଦ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ପବିତ୍ର ସ୍ଥାନରୁ କଳସରେ ମାଟି ସଂଗ୍ରହ ପରେ ସାଇକେଲ ଶୋଭାଯାତ୍ରାରେ ଯୁବବର୍ଗଙ୍କ ସହ ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। କ୍ୟାମ୍ପସ ପରିସରରେ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ସ୍ମାରକୀ ଫଳକ ସ୍ଥାପନ କରିଥିଲେ। ଛାତ୍ରୀଛାତ୍ରଙ୍କ ସହ ଚାରାରୋପଣ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରୀଛାତ୍ରମାନେ ମାନବଶୃଙ୍ଖଳରେ ଭାରତ ମାନଚିତ୍ର ପ୍ରଦର୍ଶନ କରିଥିଲେ। ଆୟୋଜିତ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଯୋଗଦେଇ ସମବେତ ଛାତ୍ରୀଛାତ୍ରଙ୍କୁ 'ପଞ୍ଚପ୍ରାଣ'ର ଶପଥ କରାଇଥିଲେ କେନ୍ଦ୍ରମନ୍ତ୍ରୀ ପ୍ରଧାନ। ୨୦୪୭ ସୁଦ୍ଧା ଭାରତକୁ ଆତ୍ମନିର୍ଭର ତଥା ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସ୍ୱପ୍ନକୁ ସାକାର କରିବାକୁ ପଡିବ। ଦାସତ୍ୱ ଓ ଦୁର୍ବଳ ମାନସିକତାରୁ ଊର୍ଦ୍ଧ୍ୱରେ ଉଠିବା, ଦେଶର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରିବା, ଭାରତର ଏକତା ଓ ଅଖଣ୍ଡତାକୁ ସୁଦୃଢ ଏବଂ ଦେଶର ସୁରକ୍ଷା ପାଇଁ ସମର୍ପିତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ, ନାଗରିକ ଦାୟିତ୍ୱ କର୍ତ୍ତବ୍ୟକୁ ନିଷ୍ଠାର ସହ ପରିଚାଳନା ନେଇ ପ୍ରଧାନ ପ୍ରତିଜ୍ଞା କରାଇଥିଲେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ଖୋର୍ଦ୍ଧା ହେଉଛି ଏକ ବୀର ମାଟି। ଦୁଇ ଶହ ବର୍ଷ ତଳେ ଏହି ବୀର ଭୂମିରେ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବୀର ପାଇକମାନେ ଇଂରେଜମାନଙ୍କ ସହ ଲଢେଇ କରିଥିଲେ। ଦେଶ ମାତୃକା ପାଇଁ ପାଇକବୀରଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ପ୍ରତ୍ୟେକ ସ୍ୱାଧୀନତା ସଂଗ୍ରାମୀ, ଶହୀଦଙ୍କ ଗାଁ ମାଟିରୁ ସଂଗୃହୀତ ମାଟି କଳସରେ ନୂଆଦିଲ୍ଲୀ ଅଣାଯାଇ ସେଠାରେ ସ୍ମାରକୀ ନିର୍ମାଣରେ ବ୍ୟବହାର କରାଯିବ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରୁଣେଇ ପାଦଦେଶରୁ ସାଇକେଲ୍ ଶୋଭାଯାତ୍ରାରେ ବାହାରିଛନ୍ତି।

# ମା'ଙ୍କ ଗହଣା ବନ୍ଧାପକାଇ ହୋଟେଲ ଖୋଲିଥିଲି

୧୯୫୭ ଫେବୃୟାରୀ ୩ରେ ଯାଜପୁରରେ ଜନ୍ମ ଗ୍ରହଣ କରିଥିଲେ ସ୍ୱସ୍ତି ଗ୍ରୁପ୍‌ର ସିଏମ୍‌ଡି ଡ. ଜିତେନ୍ଦ୍ର କୁମାର ମହାନ୍ତି। ଦିଲ୍ଲୀ ୟୁନିଭର୍ସିଟିରୁ ଗ୍ରାଜୁଏଶନ ଶେଷ କରି ଓଡ଼ିଶା ଫେରିବା ପରେ ମା'ଙ୍କ ସହଯୋଗରେ ହୋଟେଲ ଇଣ୍ଡଷ୍ଟ୍ରିରେ ପାଦ ରଖିଥିଲେ। ପ୍ରଥମେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନରେ ହୋଟେଲ ସ୍ୱସ୍ତି ଖୋଲିଥିଲେ। ପରବର୍ତ୍ତୀ ସମୟରେ ଷ୍ଟାର୍ ହୋଟେଲ ସ୍ୱସ୍ତି ପ୍ରିମିୟମ, ଗୋପାଳପୁର ଓ ଚିଲିକାରେ ସ୍ୱସ୍ତି ଚିଲିକା ରିସୋର୍ଟ, ସାତପଡ଼ା ଓ ଭିତରକନିକାରେ ସ୍ୱସ୍ତି ଭ୍ୟାକେସନ୍ କ୍ଲବ୍, ସ୍ୱସ୍ତି ଏଜୁକେଶନାଲ ଫାଉଣ୍ଡେଶନ, ସ୍ୱସ୍ତି ଟ୍ରାଭେଲ୍ସ ଆଣ୍ଡ୍ ଏକ୍ସପୋର୍ଟ, ସ୍ୱସ୍ତି ପାମ୍ ରିସର୍ଟ ଭଳି ବଡ଼ ବଡ଼ ଅନୁଷ୍ଠାନ ଗଢ଼ିଥିଲେ। ସବୁ ବର୍ଗର ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ସହ ଯୁବ ଉଦ୍ୟୋଗୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିବା ଡ. ମହାନ୍ତି ଇତିମଧ୍ୟରେ ହୋଟେଲ ଶିଳ୍ପ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ଲାଗି ବହୁ ଜାତୀୟ ତଥା ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। ବର୍ତ୍ତମାନ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶାର ଆଜୀବନ ଅଧ୍ୟକ୍ଷ ଅଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିକଟରେ ସମ୍ମାନଜନକ ଡକ୍ଟରେଟ ଉପାଧି ପାଇଥିବା ଡ. ମହାନ୍ତିଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର।



ଜେ.କେ. ମହାନ୍ତି, ସିଏମ୍‌ଡି, ସ୍ୱସ୍ତି ଗ୍ରୁପ୍

**ପ୍ରଶ୍ନ–ପର୍ଯ୍ୟଟନ ତଥା ହୋଟେଲ ଇଣ୍ଡଷ୍ଟ୍ରିରେ ଯାତ୍ରା କିପରି ଆରମ୍ଭ କରିଥିଲେ?**

ଉ– ୧୯୮୦ରେ ମା' ଗହଣା ବନ୍ଧା ପକାଇ ଦେଇଥିବା ୧ଲକ୍ଷ ଟଙ୍କାରୁ ହୋଟେଲ ଇଣ୍ଡଷ୍ଟ୍ରିରେ ପାଦ ରଖିଥିଲି। ଏକ୍ଷେତ୍ରରେ ଯିବା ପାଇଁ ବାପା ପ୍ରଥମେ ବାରଣ କରୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାଙ୍କ ପ୍ରେରଣା ମୋତେ ଏତେ ସଫଳତା ଦେଇଛି। ମାଷ୍ଟର କ୍ୟାଣ୍ଟିନରେ ଥିବା ବର୍ତ୍ତମାନର ସ୍ୱସ୍ତି ଗ୍ରାଣ୍ଡ(ହୋଟେଲ ସ୍ୱସ୍ତି)ର ୧୦ଟି ରୁମ୍ ଓ ୯ଜଣ କର୍ମଚାରୀଙ୍କୁ ନେଇ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଏବେ ଇଂଲଣ୍ଡରୁ ହୋଟେଲ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିଥିବା ମୋ ପୁଅ ମଧ୍ୟ ଏଥିରେ ଯୋଡି ହୋଇଛି। ପ୍ରାୟ ୧୫୦୦ ଲୋକଙ୍କୁ ନିଯୁକ୍ତି ଦେବା ସହ ସାରା ଓଡ଼ିଶାରେ ଏ ଦିଗରେ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ରହିଛି।

**ପ୍ର–କିଟ୍ ବିଶ୍ୱବିଦ୍ୟାଳୟରୁ ଆପଣଙ୍କୁ ଡକ୍ଟରେଟ୍ ଉପାଧି ମିଳିଛି। ଏ ସମ୍ପର୍କରେ କ'ଣ କହିବେ?**

ଉ– ଏହି ସମ୍ମାନଜନକ ଉପାଧି ମୋତେ ମିଳିବ ବୋଲି ଜାଣି ନ ଥିଲି। ତେବେ ପରେ ଜାଣିବାକୁ ପାଇଲି ଯେ, ପ୍ରାୟ ୪୦ ବର୍ଷ ଧରି ପର୍ଯ୍ୟଟନ ତଥା ହୋଟେଲ ଇଣ୍ଡଷ୍ଟ୍ରି ପ୍ରତି ମୋର ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଉଛି। ମୋ ସ୍ୱର୍ଗତ ବାପା ମା', ପରିବାରର ସଦସ୍ୟ ଓ ସର୍ବୋପରି ଈଶ୍ୱରଙ୍କ କୃପାରୁ ଏହା ସମ୍ଭବ ହୋଇପାରିଛି। କିଟ୍ ଓ କିସ୍‌କୁ କୃତଜ୍ଞତା ଜଣାଇବାକୁ ଚାହିଁବି। ଏହା କେବଳ ଏକ ସମ୍ମାନ ନୁହେଁ, ଏହା ମୋ ପାଇଁ ଏକ ଦାୟିତ୍ୱ। ଓଡ଼ିଶାକୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀରେ ପରିବର୍ତ୍ତନ କରିବା ଦିଗରେ କାର୍ଯ୍ୟ କରୁଥିବା ପ୍ରତିଟି ବ୍ୟକ୍ତିଙ୍କ ସହ ଯୋଡି ହୋଇ ଏହି ପ୍ରୟାସକୁ ଆଗକୁ ନେବାକୁ ଏହି ସମ୍ମାନ ପ୍ରେରଣା ଦେବ।

**ପ୍ର– କେବେ କିଛି ସଂଘର୍ଷ ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି କି?**

ଉ– ଅନେକ ସମସ୍ୟାର ମୁକାବିଲା କରି ଆଗକୁ ବଢ଼ିବାକୁ ପଡ଼ିଛି। ୧୯୯୯ ମସିହା ମହାବାତ୍ୟା ଓ କୋଭିଡ୍–୧୯ ମହାମାରୀ ସମୟରେ ସ୍ୱସ୍ତି ଗ୍ରୁପ୍‌ର କର୍ମଚାରୀଙ୍କ ଜୀବନଜୀବିକା ଯେପରି ପ୍ରଭାବିତ ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଶ୍ରୀ ଜଗନ୍ନାଥଙ୍କ କୃପାରୁ ସେସମୟ ମଧ୍ୟ ଅତିକ୍ରମ କରିଯାଇଛି।

**ପ୍ର–ବିଜ୍‌ନେସ କ୍ଷେତ୍ରରୁ ଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବାରେ ସ୍ୱସ୍ତିଗ୍ରୁପ୍‌ର କ'ଣ ଲକ୍ଷ୍ୟ ରହିଛି?**

ଉ– ପର୍ଯ୍ୟଟନ ତଥା ହୋଟେଲ ଇଣ୍ଡଷ୍ଟ୍ରିରେ ଦକ୍ଷ କର୍ମଚାରୀ ନିୟୋଜିତ ହେଲେ ଏହି କ୍ଷେତ୍ରର ପ୍ରଗତି ତ୍ୱରାନ୍ୱିତ ହୋଇପାରିବ। ଦକ୍ଷ କର୍ମଚାରୀ ସୃଷ୍ଟି ପାଇଁ ୨୦୧୪ରେ ସ୍ୱସ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସୋସିଆଲ ଷ୍ଟଡିଜ୍ ଆରମ୍ଭ ହୋଇଥିଲା। ଏଠାରୁ ଶିକ୍ଷାଲାଭ କରିଥିବା ଛାତ୍ରୀଛାତ୍ର ନୋଭୋଟେଲ, ଷ୍ଟାର୍‌ଉଡ୍, ତାଜ୍, ଓବରଏ, ଲିଲା ଗ୍ରୁପ୍, ଆଇଟିସି ଭଳି ବିଶ୍ୱର ବଡ଼ବଡ଼ ହୋଟେଲରେ ନିଯୁକ୍ତ ହେବା ସହ ସ୍କିଲ୍ ଇଣ୍ଡିଆ ପକ୍ଷରୁ ଗୋଲ୍ଡ ମେଡାଲ ମଧ୍ୟ ହାସଲ କରିପାରିଛନ୍ତି।

**ପ୍ର– ପୁରୀରେ ନିର୍ମାଣାଧୀନ 'ସ୍ୱସ୍ତି ପ୍ରିମିୟମ ବିଚ୍ ରିସୋର୍ଟ' ସମ୍ପର୍କରେ କ'ଣ କହିବେ?**

ଉ– ପୁରୀ ସମୁଦ୍ର କୂଳରେ ପ୍ରଥମ ୫–ଷ୍ଟାର୍ ହୋଟେଲ ଭାବେ 'ସ୍ୱସ୍ତି ପ୍ରିମିୟମ ବିଚ୍ ରିସୋର୍ଟ' ସେବା ଯୋଗାଇବ। ଜଗନ୍ନାଥ ଧାମ ପୁରୀକୁ ବର୍ଷସାରା ଆସୁଥିବା ପର୍ଯ୍ୟଟକଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ଦେବାରେ ଏହା ସହାୟକ ହେବ। ୧୪ ମହଲା ଓ ୧୫୨ରୁମ୍ ବିଶିଷ୍ଟ ଏହି ହୋଟେଲରେ ଆଗନ୍ତୁକଙ୍କ ପାଇଁ ଡାଇନିଂ ରେଷ୍ଟୁରାଣ୍ଟ, ଫୁଡ୍ କୋର୍ଟ, ଜିମ୍, ଗେମ୍ ଜୋନ୍, ସ୍ୱିମିଂ ପୁଲ୍‌ଠାରୁ ଆରମ୍ଭ କରି ବିଭିନ୍ନ ସୁବିଧା ଉପଲବ୍ଧ ହେବ। ୩ଟି ୱେଡିଂ ଭେନ୍ୟୁ ସହ କନ୍‌ଭେନଶନ୍ ଭେନ୍ୟୁ ଏହି ହୋଟେଲର ଅନ୍ୟତମ ଆକର୍ଷଣ।

**ପ୍ର– ଆପଣଙ୍କ ସଫଳତାର ମନ୍ତ୍ର କ'ଣ? ହୋଟେଲ ଇଣ୍ଡଷ୍ଟ୍ରିରେ ଭବିଷ୍ୟତ ଗଢ଼ିବାକୁ ଚାହିଁଥିବା ଯୁବପିଢ଼ିଙ୍କୁ କ'ଣ ବାର୍ତ୍ତା ଦେବେ?**

ଉ– ଈଶ୍ୱର ଓ ଗୁରୁଜନଙ୍କ ଆଶୀର୍ବାଦ ହିଁ ମୋ ସଫଳତାର ମନ୍ତ୍ର। ଯୁବପିଢ଼ିଙ୍କୁ ଏତିକି କହିବି, ରାତାରାତି ସଫଳତା ମିଳେ ନାହିଁ। ଏଥିପାଇଁ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ଈଶ୍ୱରଙ୍କ ଉପରେ ଭରସା ରଖି ଆଗକୁ ବଢ଼ିଲେ ସଫଳତା ନିଶ୍ଚୟ ମିଳିବ।

(ସାକ୍ଷାତ୍‌କାର: ଅନୁରାଧା ମହାରଣା, ଭୁବନେଶ୍ୱର)

“ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ



# ଗଣତନ୍ତ୍ରର ହତ୍ୟାକାରୀ

ଭାରତରେ ସପ୍ତାହକ ମଧ୍ୟରେ ଘଟିଥିବା କେତୋଟି ଘଟଣା ଅତ୍ୟନ୍ତ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟିକରିଛି। ୨୪ ଅଗଷ୍ଟରେ ମଧ୍ୟପ୍ରଦେଶର ସାଗର ଜିଲାରେ ଗୋଟିଏ ଦଳିତ ପରିବାର ଉପରେ ଆକ୍ରମଣ କରି ଜଣଙ୍କୁ ମାରିଦିଆଯିବା ସହ ତାଙ୍କ ମା'ଙ୍କୁ ଉଲଗ୍ନ କରିବା ଘଟଣା ଗଣମାଧ୍ୟମ ସାମ୍ନାକୁ ଆଣିଛି। ଉତ୍ତରପ୍ରଦେଶର ମୁଜାଫରନଗରରେ ଜଣେ ମୁସଲମାନ ଛାତ୍ରଙ୍କୁ ତାଙ୍କ ସହପାଠୀ ଚାପୁଡ଼ା ମାରିବା ଲାଗି ଶିକ୍ଷୟିତ୍ରୀଙ୍କ ଉତ୍ସାହପ୍ରଦ ନିର୍ଦ୍ଦେଶ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀରର କାଠୁଆ ଜିଲାରେ ଏକ ସ୍କୁଲରେ ଜଣେ ହିନ୍ଦୁ ଛାତ୍ର କଳାପଟାରେ ‘ଜୟ ଶ୍ରୀରାମ’ ଲେଖିଦେବାରୁ ଶିକ୍ଷକ ତାଙ୍କୁ ବାଡ଼େଇ ହସ୍ପିଟାଲରେ ପକାଇ ଦେଇଛନ୍ତି। ଉତ୍ତରପ୍ରଦେଶର ସେହି ମୁଜାଫରନଗରର ଅନ୍ୟ ଏକ ଘଟଣାରେ ଜଣେ ୧୯ ବର୍ଷୀୟା ହିନ୍ଦୁ ଗର୍ଭବତୀ ଯୁବତୀଙ୍କୁ ତାଙ୍କ ମା'ବାପା ତଣ୍ଟିଚିପି ମାରିଦେବା ଘଟଣା, ଅଗଷ୍ଟ ୨୭ରେ ମଣିପୁରର ନୂଆ ଲାମ୍ବୁଲେନ୍‌ରେ ପୁନର୍ବାର ହିଂସା ଦେଖାଦେବା ଏବଂ ଦିଲ୍ଲୀର କେତେକ ମେଟ୍ରୋ ଷ୍ଟେଶନରେ ଖଲିସ୍ତାନୀ ସ୍ଲୋଗାନ ଭଳି ବହୁ ବିଷୟ ସୂଚାଉଛି ଯେ ଭାରତର ସାମାଜିକ ସ୍ଥିତି ଅତ୍ୟନ୍ତ ଶଢ଼ିପଚି ବିଗିଡ଼ିଗଲାଣି। ଏତେ ତ୍ରୁଟି ଦେଖାଦେବା ସତ୍ତ୍ୱେ ସ୍ୱୀକାର କରିବାକୁ ହେବ ଯେ, ସକ୍ରିୟ ଗଣମାଧ୍ୟମ ଓ ବିଶେଷକରି ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ) ଯୋଗୁ ଏହିଭଳି ଜଘନ୍ୟ ଘଟଣାଗୁଡ଼ିକ ପଦାକୁ ବାହାରିଆସୁଛି। ଏହାର ଅର୍ଥ ନୁହେଁ ଯେ ପୂର୍ବରୁ ଏଭଳି ଘଟଣା ଘଟୁ ନ ଥିଲା। ଭାରତୀୟ ମାନସିକତା ସବୁବେଳେ ଏହି ଧାରାରେ ଚାଲିଆସିଛି। ଏବେ ସାମାଜିକ ଓ ଅନ୍ୟ ଗଣମାଧ୍ୟମର ସକ୍ରିୟତା ସହ ପ୍ରତିଦ୍ୱନ୍ଦ୍ୱିତା ଯୋଗୁ ଅନେକ ଘଟଣା ଲୁଚି ରହିପାରୁ ନାହିଁ।

ଉପରୋକ୍ତ ଘଟଣାଗୁଡ଼ିକ ଦେଶର ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ପଦାରେ ପକାଇବା ସହ ନାରୀ ସୁରକ୍ଷାର ଫମ୍ପା ଧ୍ୱନି ସହିତ ଅସହିଷ୍ଣୁତାକୁ ସାମ୍ନାକୁ ଆଣିଛି। ଉଦାହରଣସ୍ୱରୂପ ଦିଲ୍ଲୀରେ ଜି୨୦ ସମ୍ମିଳନୀ ଆରମ୍ଭ ହେବାର ଦୁଇ ସପ୍ତାହ ପୂର୍ବରୁ ‘ଶିଖ୍ ଫର୍ ଜଷ୍ଟିସ’ର ସଦସ୍ୟମାନେ ରାଜଧାନୀର ୫ଟି ମେଟ୍ରୋ ଷ୍ଟେଶନରେ ‘ଦିଲ୍ଲୀ ବନେଗା ଖଲିସ୍ତାନ’ ଓ ‘ଖଲିସ୍ତାନ ଜିନ୍ଦାବାଦ’ ସ୍ଲୋଗାନ ଲେଖିଛନ୍ତି। ଏହା ବିଚ୍ଛିନ୍ନତାବାଦ ପରିବର୍ତ୍ତେ ସାଧାରଣ ଲୋକଙ୍କର ଆଜିର ସରକାର ଉପରେ କ୍ରୋଧକୁ ସୂଚାଉଛି।

**ଭାରତୀୟ ଗଣତନ୍ତ୍ରର ତଣ୍ଟି ଆଜି ପ୍ରତ୍ୟେକ ଭାରତୀୟ ନାଗରିକ ହିଁ ଚିପୁଛି। ଆମର କ୍ଷତି କୌଣସି ଦଳ ବା ରାଜନେତା କରିପାରିବେ ନାହିଁ, ଯଦି ଆମେ ନିଜଆଡୁ ସବୁବେଳେ ସତର୍କ ରହି ପରିବର୍ତ୍ତନ କରିଚାଲୁଥିବା। ବ୍ୟକ୍ତିଗତ ସୁବିଧା ଖୋଜିବାକୁ ଯଦି ଦେଶରେ ପରିବର୍ତ୍ତନକୁ ବିରୋଧ କରିବା ଆମେ ନିଜେ ଗଣତନ୍ତ୍ରର ହତ୍ୟାକାରୀ ବୋଲି ବିବେଚିତ ହେବା।**

କିଛି ମାସ ଧରି ମେଇତି ଓ କୁକି ଆଦିବାସୀଙ୍କ ମଧ୍ୟରେ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ମଣିପୁରରେ ଚାଲିଥିବା ଜାତିଗତ ହିଂସା ଓ ମହିଳାଙ୍କ ପ୍ରତି ଦୁର୍ବ୍ୟବହାର ବଢ଼ିଚାଲିବା ଭାରତର ଛବିକୁ ମଳିନ କରିଚାଲିଛି। ମଣିପୁରରେ ଦୁଇ ମହିଳାଙ୍କୁ ରାସ୍ତାରେ ଉଲଗ୍ନ କରି ଚଲାଇବା ସହ ଶହେରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଓ ଅନେକ ହଜାର ଘରକୁ ପ୍ରତିବାଦକାରୀମାନେ ଜାଳି ଛାରଖାର କରିଦେଇଛନ୍ତି। ୨୭ ଅଗଷ୍ଟରେ ଘରପୋଡ଼ି ସହ ହିଂସା ଘଟଣା ସୂଚାଇଦେଉଛି ଯେ, ମଣିପୁର ଏବେ ମଧ୍ୟ ଅଶାନ୍ତ ରହିଛି ଏବଂ ଭିତରୁ ଜଳିଚାଲିଛି। ଲୋକ ସଭାରେ ସରକାର ଅନାସ୍ଥା ଭୋଟ ଜିତିବା ସତ୍ତ୍ୱେ ମଣିପୁରର ସ୍ଥିତିରେ କୌଣସି ପରିବର୍ତ୍ତନ ଆସିନାହିଁ। ଏହିଭଳି ଉଦାହରଣ ପ୍ରମାଣ କରିଦେଉଛି ଯେ, ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ଏବେ କେବଳ ନାମକୁମାତ୍ର ହୋଇଗଲାଣି। ସେହି ବ୍ୟବସ୍ଥାରେ ସାଧାରଣ ନାଗରିକ ପାଇଁ କୌଣସି ସୁରକ୍ଷାକବଚ ବଞ୍ଚି ରହିନାହିଁ। ଏହା କେବଳ ଯେ ଭାଜପା କିମ୍ବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଯୋଗୁ ହେଉଛି ବୋଲି କହିବା ତ୍ରୁଟିପୂର୍ଣ୍ଣ ହେବ। ଗଣତନ୍ତ୍ରକୁ ସବୁ ରାଜନୈତିକ ଦଳ ତଣ୍ଟିଚିପି ମାରିବା ପାଇଁ ଦୀର୍ଘ ସମୟରୁ ଲାଗିପଡ଼ିଛନ୍ତି। ଲୋକ ପ୍ରତିନିଧି ଯଥା ବିଧାୟକ ଓ ସାଂସଦମାନଙ୍କ ସ୍ଥିତିକୁ ଦୁର୍ବଳ କରିବାକୁ ଚେଷ୍ଟା ଚାଲିଛି। ଗୋଟିଏ ପରିବାର ଯେତିକି କ୍ଷତିକାରକ ସେହିଭଳି ଗୋଟିଏ ନେତା ମଧ୍ୟ କ୍ଷତିକାରକ ବୋଲି ଭାରତର ରାଜନୀତି ଜାତୀୟ ସ୍ତରଠାରୁ ରାଜ୍ୟସ୍ତର ସବୁଠାରେ ପ୍ରମାଣ ଦେଇଚାଲିଛି। ସମ୍ଭବତଃ ସେଥିପାଇଁ ଆଜି ସବୁ ଦଳର ପ୍ରାୟ ସବୁ ବଡ଼ ନେତା ନିଜ ଭିତରେ କୋଳାକୋଳି ହୋଇ ବୁଝାମଣା କରିସାରିଲେଣି।

ବୁଝାମଣାର ଖେଳପଡ଼ିଆରେ ନେତାମାନଙ୍କୁ ପହଞ୍ଚାଇବା ପାଇଁ ପ୍ରତ୍ୟେକଟି ଭାରତୀୟ ନାଗରିକ ଦାୟୀ। ସ୍ୱାଧୀନତାର ଅର୍ଥ ବୁଝି ନ ଥିବା ଜାତିକୁ ମିଳିଯାଇଥିବା ସ୍ୱାଧୀନତାର ଅପବ୍ୟବହାର ହେବା ସୁନିଶ୍ଚିତ। ସେଥିପାଇଁ ଭାରତୀୟ ଗଣତନ୍ତ୍ରର ତଣ୍ଟି ଆଜି ପ୍ରତ୍ୟେକ ଭାରତୀୟ ନାଗରିକ ହିଁ ଚିପୁଛି। ଆମର କ୍ଷତି କୌଣସି ଦଳ ବା ରାଜନେତା କରିପାରିବେ ନାହିଁ, ଯଦି ଆମେ ନିଜଆଡୁ ସବୁବେଳେ ସତର୍କ ରହି ପରିବର୍ତ୍ତନ କରିଚାଲୁଥିବା। ବ୍ୟକ୍ତିଗତ ସୁବିଧା ଖୋଜିବାକୁ ଯଦି ଦେଶରେ ପରିବର୍ତ୍ତନକୁ ବିରୋଧ କରିବା ଆମେ ନିଜେ ଗଣତନ୍ତ୍ରର ହତ୍ୟାକାରୀ ବୋଲି ବିବେଚିତ ହେବା।

(୨୮।୮।୨୦୨୩ ସୋମବାର ପ୍ରକାଶିତ ‘ଆମ ପିଲା ହୋଇଥିଲେ’ ସମ୍ପାଦକୀୟରେ ଉତ୍ତରପ୍ରଦେଶର ମୁଜାଫରନଗର ସ୍ଥାନରେ ଭୁଲବଶତଃ ମୁଜାଫରପୁର ଲେଖାଯାଇଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖିତ।)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 9 | 3 | | | | 7 | |
| 7 | 8 | | | | 9 | | | |
| | | | | 4 | | 1 | | |
| | | 6 | | | | | | |
| | | | 1 | | | | 9 | 5 |
| | 7 | | 2 | 6 | | | | |
| | | | 6 | 9 | | 8 | 2 | 7 |
| 2 | | | | 7 | | | 1 | |
| | | | | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 2 | 8 | 9 | 4 | 5 | 7 | 6 |
| 5 | 6 | 9 | 7 | 2 | 3 | 1 | 4 | 8 |
| 8 | 7 | 4 | 1 | 6 | 5 | 2 | 3 | 9 |
| 9 | 3 | 8 | 5 | 4 | 1 | 6 | 2 | 7 |
| 1 | 5 | 6 | 3 | 7 | 2 | 8 | 9 | 4 |
| 2 | 4 | 7 | 6 | 8 | 9 | 3 | 1 | 5 |
| 4 | 8 | 5 | 2 | 3 | 7 | 9 | 6 | 1 |
| 7 | 2 | 1 | 9 | 5 | 6 | 4 | 8 | 3 |
| 6 | 9 | 3 | 4 | 1 | 8 | 7 | 5 | 2 |

ଗତକାଲିର ଉତ୍ତର

# ଜାତି ଖୋଜିଲେ ମୁକ୍ତି କାହିଁ



ଡ. ଏକାଦଶୀ ପ୍ରଧାନ

ଆମେ ଧର୍ମନିରପେକ୍ଷତା କଥା କହିଲେ ମଧ୍ୟ ଧର୍ମ, ସମ୍ପ୍ରଦାୟ, ଜାତିଗତ ବୈଷମ୍ୟତା ଦୃଷ୍ଟିରୁ ନାନା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଆମର ମହାପୁରୁଷ-ଧର୍ମ, ସମ୍ପ୍ରଦାୟ, ଜାତି ପ୍ରତି ବିଦ୍ୱେଷଭାବ ପୋଷଣ କରିନାହାନ୍ତି କି ଅସହନଶୀଳ ମନୋଭାବ ପ୍ରଦର୍ଶନ କରି ନାହାନ୍ତି। ଜାତିଭେଦ ଊର୍ଦ୍ଧ୍ୱରେ ରହି ସମାଜ ଓ ମାନବ ଜାତିର କଲ୍ୟାଣ ସାଧନ କରିବା ହେଉଛି ସବୁଧର୍ମ ସମ୍ପ୍ରଦାୟର ଲକ୍ଷ୍ୟ। ସନ୍ଥ ଭୀମଭୋଇ ଶୁଣାଇଥିଲେ ‘ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ।’ ମହାତ୍ମା ବୁଦ୍ଧ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ମାନବ ସମାଜକୁ ଗୋଟିଏ ଐକ୍ୟ ମନ୍ତ୍ରରେ ବାନ୍ଧିବାକୁ ଚେଷ୍ଟା କରିଥିଲେ। ମୋଗଲ ସମ୍ରାଟ ଆକବର ସବୁ ଧର୍ମର ସାରମର୍ମକୁ ନେଇ ‘ଦିନ୍-ଇ-ଇଲାହି’ ନାମରେ ଏକ ସମନ୍ୱୟବାଦୀ ଧର୍ମର ପ୍ରଚାର କରିଥିଲେ। ଶ୍ରୀକୃଷ୍ଣ ଗୋପାଳ ଜାତିରେ ଜନ୍ମ ନେଇ ସର୍ବାଧିକ ଉଦାରତା ପ୍ରକାଶ କରି ଗୀତାରେ କହିଥିଲେ - ‘ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ।’ ମାତ୍ର ଆଜି ଧର୍ମ ସମାଜରେ ପାରସ୍ପରିକ ଅସଦ୍‌ଭାବର କାରଣ ହୋଇଛି।

ମନୁଷ୍ୟ ଜାତି ଜାତିଗତ ପ୍ରମାଣପତ୍ରକୁ ନେଇ ପ୍ରଭାବିତ; ଏସବୁ ମନୁଷ୍ୟକୃତ। ଆଜି ଯେଉଁ ସାଂପ୍ରଦାୟିକ ଦଙ୍ଗା ଦେଶ, ଜାତି ଓ ବ୍ୟକ୍ତିକୁ ଆକ୍ରାନ୍ତ କରିଛି ତାହା ଜାତି ଓ ଧର୍ମଗତ ବିଦ୍ୱେଷ ପାଇଁ ସୃଷ୍ଟି ହୋଇଛି। ଏହା ଦେଶ ବା ଜାତିର ମହତ୍ତ୍ୱର ଲକ୍ଷଣ ନୁହେଁ, ବିଶୃଙ୍ଖଳାର ଲକ୍ଷଣ। ଜାତିର କଥା କହି ସମ୍ପ୍ରଦାୟର ବିଚାରବିମର୍ଶ କରି ଓଡ଼ିଶାରେ ମଧ୍ୟ ରାଜନୈତିକ, ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଅବକ୍ଷୟ ସୃଷ୍ଟି ହେଉଛି। ଜାତିଗତ ମତଭେଦକୁ ନେଇ ସଂଘର୍ଷ, ଅଶାନ୍ତି ସୃଷ୍ଟି ହେଉଛି। ଜାତିଗତ କାରଣ ଆଜି ସମ୍ପ୍ରଦାୟ ଗଣ୍ଡି ଭିତରେ ଛନ୍ଦି ହୋଇ ରାଜନୀତୀକରଣ ହେଉଛି।

ଜାତିକୁ ନେଇ ପ୍ରଶାସନିକ କ୍ଷେତ୍ରରେ ଟିକେ କେଁ ରହିଯାଇଛି। ଜମିବାଡ଼ି ରେଜିଷ୍ଟ୍ରି ବେଳେ କବଲାରେ ରାଜସ୍ୱ ବା ଅନ୍ୟ ବିଭାଗରେ ଜାତିକଥା ଉଲ୍ଲେଖ ରହୁଛି। ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜାତିକଥା ଉଲ୍ଲେଖ ନ କରି କିମ୍ବା ଉଚ୍ଚ-ନୀଚ ଜାତି ବିଭେଦ ସୃଷ୍ଟି ନ କରି ମଣିଷ ଜାତି ବୋଲି ଉଲ୍ଲେଖ ହେଲେ ଅସୁବିଧା କ'ଣ ହୁଅନ୍ତା, ବରଂ ବିଶ୍ୱ ଭ୍ରାତୃପ୍ରେମ, ଭାଇଚାରା, ସାମ୍ପ୍ରଦାୟିକତା ଊର୍ଦ୍ଧ୍ୱରେ ରହି ସଂକୀର୍ଣ୍ଣତାର ତତ୍ତ୍ୱ ପ୍ରଶମିତ ହୁଅନ୍ତା। ଏବେ ଅବଶ୍ୟ ସାଙ୍ଗିଆ ଉଠିବାକୁ ବସିଲାଣି। ବାପାମା'ମାନେ ପିଲାଙ୍କ ନାମ ପରେ ସାଙ୍ଗିଆବିହୀନ କରି ପି.ଏସ୍. ଦିଲସାନ, ପି.ଏସ୍. ବିଜୟଲକ୍ଷ୍ମୀ, ଟି.ଏସ୍. ହଂସିକା ପ୍ରିୟଦର୍ଶିନୀ, କେ.ଏସ୍. ହଂସିତା, ଏସ୍.ଟି. ନର୍ମଦା, ପି.କେ. ଝାନ୍ସି, ଏମ୍.ଏସ୍. ବିଭୁପ୍ରସାଦ, ସ୍ଥିତିପ୍ରଜ୍ଞା ପ୍ରିୟଦର୍ଶିନୀ ଦେଲେଣି। ସ୍ୱାଗତଯୋଗ୍ୟ କଥା; ଏଥିରୁ ଜାତିର କୌଣସି ପ୍ରମାଣ ମିଳେନାହିଁ। ବହୁଦିନ ପୂର୍ବରୁ ସନ୍ଥ ଭୀମଭୋଇ ‘ସ୍ତୁତି ଚିନ୍ତାମଣି’ରେ ଉଲ୍ଲେଖ କରିଛନ୍ତି-

‘ସ୍ତ୍ରୀ ପୁରୁଷ ଦୁହିଁକୁ ଗଢ଼ିଅଛି ଯୋଡ଼ିଏ
ସ୍ୱରୂପ ଦେଖ।
ଦ୍ୱିତୀୟ ଜାତିରୁ ତିନି ଜାତି ନାହିଁ
ସୁଜନେ କର ବିବେକ।।’

ବାସ୍ତବରେ ବିଶ୍ୱ ସୃଷ୍ଟିରେ ଦୁଇ ଜାତି ସ୍ତ୍ରୀ ଓ ପୁରୁଷ ଜାତି ବ୍ୟତୀତ ତୃତୀୟ ଜାତି କିଛି ନାହିଁ, ସର୍ବୋପରେ ମଣିଷ ଜାତି। ସ୍ୱାର୍ଥାନ୍ୱେଷୀ ମଣିଷ ମନଗଢ଼ା ଜାତିସୃଷ୍ଟିକରି ହିଂସା, ବିଦ୍ୱେଷ, ଘୃଣା, ସଂଘର୍ଷ, ସମସ୍ୟା ସୃଷ୍ଟି କରୁଛି। ଜାତିଗତ ବିଦ୍ୱେଷଭାବ, ସଦ୍‌ଭାବ ଓ ମୈତ୍ରୀକୁ ଧ୍ୱଂସ କରି ଦେଇଛି। ଜାତି ନାମରେ ସାଂପ୍ରଦାୟିକତା ସୃଷ୍ଟି ହେଉଛି। ଜାତିକୁ ଅସ୍ତ୍ର ଭାବରେ ବ୍ୟବହାର କରି ସୁବିଧାବାଦୀ ରାଜନୈତିକ ଗୋଷ୍ଠୀ ଫାଇଦା ଉଠାଉଛନ୍ତି। ବିଭିନ୍ନ ବର୍ବରୋଚିତ ଓ ନାରକୀୟ ଘଟଣା ଘଟୁଛି ଜାତି ପାଇଁ। ଜାଠ ଜାତିରୁ ସାଂପ୍ରଦାୟିକତା ଦଙ୍ଗା ଜାତି ବ୍ୟକ୍ତିଙ୍କୁ ଆକ୍ରାନ୍ତ କରିଥିଲା। ଏହି ବିଶୃଙ୍ଖଳା କ'ଣ ଦେଶ ବା ଜାତିର ମହତ୍ ଲକ୍ଷଣ?

ମଣିଷ ଶରୀରର ରକ୍ତ ଲାଲ। ବିଭିନ୍ନ ଜାତିଭେଦ ସୃଷ୍ଟିକରି ରକ୍ତର ରଙ୍ଗ ବଦଳାଇବାର ଶକ୍ତି କାହାର ନାହିଁ। ମାତ୍ର ମନ୍ଦିରକୁ ଦଳିତ ବା ସାବରୀମାଲା ମନ୍ଦିରରେ ମହିଳା ଜାତି ପ୍ରବେଶ ନ କରିବାରେ ମସୁଧା ରକ୍ତପାତ, ସଂଘର୍ଷ, ଈର୍ଷା, ବିଦ୍ୱେଷ ଓ ହିଂସାର ତାଣ୍ଡବଲୀଳା ସାଂପ୍ରଦାୟିକ ବଡ଼ପଣ୍ଡାମାନେ ସୃଷ୍ଟି କରୁନାହାନ୍ତି କି? ସାଂପ୍ରଦାୟିକ ଜାତିପ୍ରଥା ମଣିଷ ଜାତିକୁ ବିଭ୍ରାନ୍ତ କରୁଛି। ମନୁଷ୍ୟ ଜାତିର ଇତିହାସରେ ସବୁଠାରୁ ବଡ଼ ବଡ଼ ଅସନା ହେଉଛି ଆମର ଏ ସୁନ୍ଦର ପୃଥିବୀକୁ ଅସୁନ୍ଦର କରିବାରେ ଜାତିଗତ ପ୍ରଥା ପ୍ରଚଳନ କରି ବିଭେଦ ସୃଷ୍ଟିକରି ନଷ୍ଟଭ୍ରଷ୍ଟ କରିବା। ଆମେ ହିନ୍ଦୁ ମୁସଲମାନ ଭାଇ ଭାଇ କହୁଛେ ଭାଷଣରେ; ଯାତ୍ରା, ଚଳଚ୍ଚିତ୍ର ଜଗତରେ ସୁନ୍ଦର ନାଟକ ମାଧ୍ୟମରେ ହିନ୍ଦୁ ମୁସଲମାନ ମଧ୍ୟରେ ବୈବାହିକ ଜୀବନ ସହିତ ଜାତି, ସମ୍ପ୍ରଦାୟ ଊର୍ଦ୍ଧ୍ୱର



ଦୃଶ୍ୟପଟ ପରିବେଷଣ କରି ଆହ୍ଲାଦିତ ହେଉଛେ। ପ୍ରକୃତପକ୍ଷେ ଆମର ମାନସିକତା ଦ୍ୱନ୍ଦ୍ୱ ସୃଷ୍ଟି କରୁଛେ।

ଜାତି ଧର୍ମ ମଧ୍ୟରେ ବିରାଟ ପ୍ରାଚୀର ସୃଷ୍ଟି ହୋଇଛି। ନିଜ ନିଜ ରୁଚି ଅନୁସାରେ ଆମେ ଖାଦ୍ୟପେୟ ପୋଷାକ ପରିଧାନ କରୁଛେ। ଈଶ୍ୱର ଆଲ୍ଲା ଏକ କଥା କହୁଥିବା ବେଳେ ଛୋଟ ବଡ଼ ହିନ୍ଦୁ, ଖ୍ରୀଷ୍ଟିୟାନ କହି ବିଭେଦ ସୃଷ୍ଟି କରିବାର ଅର୍ଥ କ'ଣ। ସବୁ ଧର୍ମର ସାରତତ୍ତ୍ୱ ହେଉଛି ଈଶ୍ୱର ଭକ୍ତି। ଖାଦ୍ୟପେୟର ସଂଯମତା, ଜୀବ ହତ୍ୟା କରିବା ନାହିଁ; ଅହିଂସା ଆଚରଣ କରିବା। ମାତ୍ର ସ୍ୱାର୍ଥାନ୍ୱେଷୀ ମଣିଷ ଖାଦ୍ୟରେ ସଂଯମତା ନ ରଖି ମାଂସ ଆହରଣ କରିବା କୌଣସି ଜାତି, ଗୋତ୍ର, ସମ୍ପ୍ରଦାୟରେ ଉଲ୍ଲେଖ ନାହିଁ।

ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ ଧର୍ମରେ ମଧ୍ୟ ବିଭିନ୍ନ ଜାତି ବ୍ୟକ୍ତି ବିଶେଷ ଅଛନ୍ତି। ଏସବୁ ଗୋଟିଏ ଗୋଟିଏ ମତ। ବିଭିନ୍ନ ଜାତିରେ ଆମେ ହିଂସ୍ର ହୋଇ ବିଭିନ୍ନ ପ୍ରକାର ଖାଦ୍ୟ ଖାଉଛେ। ସାମାଜିକତା ଭିତରେ ଆମେ ଖାଦ୍ୟକୁ ନେଇ ଛୋଟ ବଡ଼ ଜାତି ବୋଲି କହୁଛେ। ମାତ୍ର ସବୁ ଧର୍ମ ସବୁ ଜାତିର ସାରତତ୍ତ୍ୱ ହେଉଛି ଜୀବେ ହିଂସା କରିବା ନାହିଁ। ଏ କଥା କିଏ ମାନୁଛି। ଆମେ ସମସ୍ତେ ଗୋପାଳନ, କୁକୁଡ଼ା ପାଳନ, ମତ୍ସ୍ୟଚାଷ କରୁଛେ, ଆମେ ପାଳୁଥିବା ଜନ୍ତୁଙ୍କୁ ଓ ଜୀବ ହିଂସା କରି ଖାଇବା ଏକଥା ବା କେଉଁ ଶାସ୍ତ୍ରରେ ଅଛି। ପ୍ରକୃତରେ କୌଣସି ଜାତି ସମ୍ପ୍ରଦାୟ ମତ ସହିତ କୌଣସି ମତର ବିରୋଧ ନାହିଁ। ଭାବର ବିଭିନ୍ନତା। ଜଣେ ଖାଣ୍ଟି ମୁସଲମାନ ପ୍ରକୃତପକ୍ଷେ ଖାଣ୍ଟି ହିନ୍ଦୁ। ଜଣେ ଖାଣ୍ଟି ହିନ୍ଦୁ ଜଣେ ଖାଣ୍ଟି ମୁସଲମାନ। ଯିଏ ଖାଣ୍ଟି ସେ ସବୁ ମତକୁ ଗ୍ରହଣ କରିବ। ଜଣେ ଭେଜାଲ ସ୍ୱାର୍ଥାନ୍ୱେଷୀ ନିଶ୍ଚୟ ଅନ୍ୟ ସବୁ ମତକୁ ଭେଜାଲ କହି ନିଜକୁ ନେଇ ବ୍ୟସ୍ତ ରହିବ। ଏହା ଖାଣ୍ଟିତ୍ୱର ଲକ୍ଷଣ ନୁହେଁ।

ଯାହାକୁ ଭିତ୍ତିକରି ସବୁକିଛି ତିଷ୍ଠି ରହିଛି ତାହା ହେଉଛି ମଣିଷ ଜାତିର ଧର୍ମ। ଏହା ଚିରନ୍ତନ ଓ ଶାଶ୍ୱତ। ମଣିଷର ବଞ୍ଚିବା ଓ ବଢ଼ିବାର ଧର୍ମ। ମାତ୍ର ଆଜି ମଣିଷ ମଧ୍ୟରେ ଜାତି, ଧର୍ମ, ହିଂସା, ବିଦ୍ୱେଷ, ଘୃଣା, ସଂଘର୍ଷରେ ପରିଣତ ହେଲାଣି। ଏହା ମଣିଷ ଜାତି ପାଇଁ ଶୁଭଙ୍କର ନୁହେଁ। ଧର୍ମ ଜାତିକୁ ନେଇ ସଂକୀର୍ଣ୍ଣତା ସାମ୍ପ୍ରଦାୟିକତା ମତଭେଦ ସୃଷ୍ଟି କରୁଛି। ଯେତେ ମଣିଷ ସେତେ ମତ ହୋଇପାରେ, ଭାବର ହିଁ ବିଭିନ୍ନତା ରହିବ, ମାତ୍ର ମଣିଷ ଜାତି ସବୁ ସଂକୀର୍ଣ୍ଣତା ଛୋଟ ବଡ଼ ଜାତି ଭାବନାର ଊର୍ଦ୍ଧ୍ୱରେ ରହି ଗୋଟିଏ ଆଦର୍ଶ ଗୋଟିଏ ଲକ୍ଷ୍ୟ ପରମତତ୍ତ୍ୱ ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ହେଲେ ଆମର ମଙ୍ଗଳ, ସମାଜର ମଙ୍ଗଳ ହେବ।

**ହିତୈଷୀ ଭବନ**
**ଏରକଣା, ମାହାଙ୍ଗା, କଟକ**
**ମୋ-୯୯୩୭୯୦୬୧୫୪**

# ଶିକ୍ଷାରେ ଏଆଇ



ଦ୍ୱିତୀଚନ୍ଦ୍ର ସାହୁ

ଅଷ୍ଟମ ଶ୍ରେଣୀରେ ପଢୁଥିବା ପୁଅ ଚମକେଇ ଦେଲା ଭଳି କହିଲା - ‘ବାପା! ମୋର ବିଦ୍ୟାଳୟର ପ୍ରୋଜେକ୍ଟ ଶେଷ କରିଦେଇଛି। କିନ୍ତୁ ଟିକେ ତୁମେ ଦେଖିଲା ପରେ ତା' କାମ ଶେଷ କରିବି।’ ମୁଁ କିଛି କ୍ଷଣ ଚକିତ ହେଲି। ଏକଥା ନୁହେଁ ଯେ କିଶୋର ବୟସର ପିଲା ନିଜ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପକୁ ନିଜେ କରିପାରିବନି। ତା'ର ଦକ୍ଷତା ଓ ବୁଦ୍ଧିମତ୍ତା ଉପରେ ମୋର ସନ୍ଦେହ ନାହିଁ। ଖାଲି ଏତିକି ଦ୍ୱିଧା ରହିଲା ଯେ ବିଦ୍ୟାଳୟରେ ପ୍ରକଳ୍ପ ଦେଉ ଦେଉ ସେ ଆସି ବ୍ୟସ୍ତ କରିବ ପ୍ରକଳ୍ପ ସମ୍ପର୍କିତ ଆଇଡିଆ ନେବା ପାଇଁ। ବ୍ୟସ୍ତ କରିଦେବ କିଭଳି ତାକୁ ପ୍ରସ୍ତୁତ କରିବ। ସେ ସମ୍ପର୍କରେ ସ୍ଥୂଳ ଧାରଣା ଦେଇଦେଲେ ତେଣିକି ସେ ନିଜ ବାଗରେ ପ୍ରକଳ୍ପ ପ୍ରସ୍ତୁତ କରିବ। ପରେ ତାକୁ ଗୋଟି ଗୋଟି କରି ଦେଖାଇବ। ସବୁ ଠିକ୍‌ଠାକ୍ ପରେ ପ୍ରକଳ୍ପ ପ୍ରସ୍ତୁତି ଚୂଡ଼ାନ୍ତ କରିବ। ଏଥର ତା'ର ବ୍ୟବହାରିକ ପରିବର୍ତ୍ତନରେ ମୁଁ ଯେତିକି ଖୁସି ସେତିକି ଚିନ୍ତିତ ହେଲି। ସାମାନ୍ୟ ନୀରବ ରହିବା ପରେ ସେ ନିଜ ଆଡୁ କହିଲା - ‘ଆଶ୍ଚର୍ଯ୍ୟ ହେଉଛ କି ମୁଁ କେମିତି ତୁମକୁ ନ ପଚାରି ଏତେ ସବୁ କରିଦେଲି? କଥା କ'ଣ କି ଚାର୍ଟ ଜିପିଟି ସହାୟତାରେ ମୁଁ ଏତିକି କାମ କରିଦେଲି।’ ମୁଁ ଟିକେ ଆହୁରି ମନନଶୀଳ ହେଲି। କେମିତି ସବୁ କଲା ପ୍ରଥମେ ତା'ଠାରୁ ଡେମୋ ଦେଖିବାକୁ ଚାହିଁଲି। ସେ କମ୍ପ୍ୟୁଟର ଖୋଲି ମୋତେ ଦେଖାଇଲା।

ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଚାର୍ଟ ଜିପିଟି କିଭଳି ସବୁ ତଥ୍ୟ ପ୍ରଦାନ କରୁଛି ତାକୁ ପରଖିଲି। ପୁଅ ଆମର ଖୁସି ହେଉଥିଲା। ମୁଁ ସାମାନ୍ୟ ଦୁଃଖୀ ହେଲି। ଭାବିଲି ବ୍ୟକ୍ତିଗତ ବୁଦ୍ଧିମତ୍ତାକୁ ଏବେ କୃତ୍ରିମ ବୁଦ୍ଧିମତ୍ତା ଗିଳି ଦେଇଛି। ପରେ ପ୍ରକଳ୍ପ ପରଖିବା ସହ ଆବଶ୍ୟକ ସଂଶୋଧନ ଲାଗି କହିଲି। ସେ ଖୁସି ହୋଇଗଲା। ପିଲାଙ୍କ ପାଇଁ ଗୁଗଲ ଆଉ ଗୁରୁ ହୋଇ ରହିନାହିଁ। ତା'ର ସ୍ଥାନ ଅଧିକାର କରିଛି ଚାର୍ଟ ଜିପିଟି। ଏଆଇ ବୈଷୟିକ ପାରଦର୍ଶିତାର ଚାର୍ଟ ଜିଟିପି ଗୋଟେ ଅଂଶ। ଏଆଇକୁ ନେଇ ସବୁ ସ୍ତରରେ ବହୁ ଚର୍ଚ୍ଚା। ଏମିତିକି ଜାତୀୟ ଶିକ୍ଷା ନୀତି-୨୦୨୦ରେ ଏଆଇ ଶୈକ୍ଷିକ ମୂଲ୍ୟାୟନକୁ ନେଇ ଗୋଟେ ଦିଗ ଉନ୍ମୁକ୍ତ ରଖାଯାଇଛି। ଏଥିରେ କୌଣସି ଦ୍ୱିଧା ନାହିଁ ପିଲାଙ୍କ ସ୍ଥିତି ଓ ପ୍ରଗତିକୁ ନେଇ ମୂଲ୍ୟାଙ୍କନ ଫଳାଫଳ ଖୁବ୍ ସୁନ୍ଦର ଭାବେ ପ୍ରତିଫଳିତ ହେବ। ଶିକ୍ଷାର୍ଥୀ, ଛାତ୍ରୀଛାତ୍ର, ଅଭିଭାବକ ସର୍ବୋପରି ଶିକ୍ଷା ବିଭାଗ ବି ଫଳାଫଳ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ଲାଗି ସହଜ ହେବ। କିନ୍ତୁ ଆମ ଦେଶ କିମ୍ବା ରାଜ୍ୟର ବିଦ୍ୟାଳୟର ଯେଉଁ ଭିତ୍ତିଭୂମି ରହିଛି ସେଥିରେ ଏଆଇ ମୂଲ୍ୟାୟନ ଫଳାଫଳ ଓ ପରବର୍ତ୍ତୀ ସୁଧାରକ୍ରମ ପଦକ୍ଷେପ କେତେ ପରିମାଣରେ ସହାୟକ ହେବ ତାହା ଏବେ ବି ପ୍ରଶ୍ନବାଚୀ।

ଏଆଇ ଶିକ୍ଷା କ୍ଷେତ୍ରରେ ବିପୁଳ ସୁଯୋଗ ସୃଷ୍ଟି କରିଛି ଅବଶ୍ୟ। ପିଲାଙ୍କ ଟିକିନିଖି ମୂଲ୍ୟାୟନ ସହ ଆବଶ୍ୟକ ଅନୁରୂପ ଶିକ୍ଷା ପ୍ରଦାନରେ କେବଳ ମାର୍ଗଦର୍ଶକ ହେବନି, ବରଂ ସେ ନିଜେ ବ୍ୟକ୍ତିଗତ ଶିକ୍ଷକ ଭାବେ ଆବଶ୍ୟକ ଶୈକ୍ଷିକ ସହାୟତା ଦେଇପାରିବ ମଧ୍ୟ। ବିବିଧତାଭରା ଶିକ୍ଷଣ ତଥ୍ୟ ପ୍ରଦାନରେ ଏଆଇ ନିଜର ପାରଦର୍ଶିତା ପ୍ରତିପାଦିତ କରିଚାଲିଛି ଏଯାବତ। ଆଗକୁ ଆହୁରି ବିପ୍ଳବ ସୃଷ୍ଟି ହେବ। ସହରାଞ୍ଚଳର ପିଲାମାନଙ୍କ ପାଇଁ ଏଆଇ ଅନ୍ୟତମ ଅବ୍ୟର୍ଥ ଅସ୍ତ୍ର ହୋଇପାରିବ। କିନ୍ତୁ ଗ୍ରାମାଞ୍ଚଳରେ ଅଧ୍ୟୟନରତ ପିଲାଙ୍କ ପାଇଁ ଏଇ ନୂଆ ବୈଷୟିକ ଆବିଷ୍କାର ବଡ଼ ଚାଲେଞ୍ଜ ସୃଷ୍ଟି କରିଛି। ୨୦୦୯ରୁ ଦେଶବ୍ୟାପୀ ଶିକ୍ଷା ଅଧିକାର ଆଇନ ଲାଗୁ ହେଲା। ମାତ୍ର ୩ବର୍ଷ ଭିତରେ ବିଦ୍ୟାଳୟର ଆନୁଷଙ୍ଗିକ ଭିତ୍ତିଭୂମି ସଜାଡ଼ିବା ସହ ଶିକ୍ଷକ ଓ ଛାତ୍ର ଅନୁପାତରେ ସୁଧାର ଆଣିବା ଲାଗି ସମସ୍ତ ରାଜ୍ୟ କାର୍ଯ୍ୟ କରିବାକୁ ସୁଯୋଗ ଦିଆଗଲା। କରୋନା କାଳକୁ ବାଦ୍ ଦେଲେ ଏକ ଦଶନ୍ଧି ବିତିଗଲା ଅଥଚ ସବୁ ବିଦ୍ୟାଳୟକୁ ବିଦ୍ୟାଳୟ ପରି ଗଢ଼ିବା ସମ୍ଭବ ହୋଇପାରି ନାହିଁ। ଆମ ରାଜ୍ୟ ତଥା ଦେଶର ସବୁ ପ୍ରାନ୍ତରକୁ ଏବେ ବି ବିଜୁଳି ଓ ନେଟୱର୍କ ଅପହଞ୍ଚ। ଜୀବନଜୀବିକା ନେଇ ବୃହତ୍ତର ଭାଗ ଅଭିଭାବକ ଚିନ୍ତାରେ ଦହଗଞ୍ଜ। ଏଭଳି କ୍ଷେତ୍ରରେ ଶିକ୍ଷାରେ ଏଆଇ ବୈଷୟିକ ସହାୟତା ତଥାପି ପ୍ରଶ୍ନବାଚୀ ସୃଷ୍ଟି କରୁଛି ଆମ ସମସ୍ତଙ୍କ ନିକଟରେ। ଅନ୍ୟ ଏକ ଦିଗ ହେଲା ଆମ ବିଦ୍ୟାଳୟରେ କର୍ମରତ ଶିକ୍ଷକ ଏବଂ ଶିକ୍ଷାରେ ଜଡ଼ିତ କର୍ମଚାରୀବୃନ୍ଦଙ୍କ ମଧ୍ୟରୁ ବଡ଼ ଗୋଷ୍ଠୀ ବୈଷୟିକ ଜ୍ଞାନରେ ବହୁ ପଛରେ। ଏଇ କାରଣରୁ ଶିକ୍ଷା ଓ ଶିକ୍ଷାର୍ଥୀ ସମ୍ପର୍କିତ ତଥ୍ୟ ପରିଚାଳନାରେ ଅନେକ ସମସ୍ୟା ଉପୁଜୁଛି। ଅଭିଭାବକ, ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷା ପ୍ରଶାସକ ସମସ୍ତେ ଏଆଇ ବୈଷୟିକ ଜ୍ଞାନରେ ପାରଦର୍ଶିତା ଲାଭ କରିବାକୁ ଯଥେଷ୍ଟ ସମୟ ଆବଶ୍ୟକ। ଏସବୁ ବାଦ୍ ଜଣେ ଶିକ୍ଷାର୍ଥୀ ପାଇଁ ତା' ଆଗରେ ସବୁଠାରୁ ବଡ଼ ପ୍ରେରଣା ହେଉଛି ତା'ର ଶିକ୍ଷକ, ଅଭିଭାବକ ଓ ପରିବେଶ। ତା' ସମ୍ମୁଖରେ ଥିବା ଶିକ୍ଷକର ଛବି ପ୍ରତିମୁହୂର୍ତ୍ତରେ ଜଳଜଳ ହୋଇ ଦିଶୁଥାଏ। ସେଇ ଶିକ୍ଷକ ବଦଳରେ ଏଆଇକୁ ଗ୍ରହଣ କରିବା ଭାରତୀୟ ବ୍ୟବସ୍ଥାରେ ଜଣେ ଶିକ୍ଷାର୍ଥୀ ପାଇଁ ଏତେ ସହଜ ନୁହେଁ।



ଶିକ୍ଷକର ବିକଳ୍ପ ବୋଲି ଯାହା ବହୁଳ ଭାବରେ ଆଲୋଚନା ହେଉଛି ସେଥିରେ ସତ୍ୟତା ନାହିଁ ବୋଲି ମୁଁ ବିଚାର କରେ। ଶୈକ୍ଷିକ ପ୍ରଗତି ଲାଗି ସମସ୍ତ ବିକଳ୍ପ ଓ ବିବିଧ ତଥ୍ୟ ପ୍ରଦାନ ସତ୍ତ୍ୱେ ଶିକ୍ଷକର ସ୍ଥାନ ଶିକ୍ଷାର୍ଥୀ ପାଇଁ ସେମିତି ସ୍ୱତନ୍ତ୍ର ରହିବ। କିନ୍ତୁ ଶିକ୍ଷକମାନଙ୍କ ପାଇଁ ଚାଲେଞ୍ଜ ବଢ଼ିବ। ଏଆଇ ବୈଷୟିକ ଆଧାରରେ ବିଦ୍ୟାଳୟରେ ଅଧ୍ୟୟନରତ ପିଲାଟି ଯେ କୌଣସି ସମୟରେ ପ୍ରଶ୍ନଟି ପଚାରିବାର ଅବକାଶ ରହିବ। ବିଦ୍ୟାଳୟ ସମୟ ପରେ ବି ପିଲାଙ୍କ ପ୍ରଗତିକୁ ନିରୀକ୍ଷଣ କରିବା ପ୍ରାଧାନ୍ୟ ରହିବ ଶିକ୍ଷକଙ୍କ ଉପରେ। ପଚାରିଥିବା ପ୍ରଶ୍ନଟିର ଉତ୍ତରକୁ ତୁରନ୍ତ ପ୍ରଦାନ କରିବାକୁ ପଡ଼ିବ ବୈଷୟିକ ପଦ୍ଧତିରେ। ନଚେତ ଶିକ୍ଷକମାନଙ୍କ ବ୍ୟକ୍ତିଗତ ପାରଦର୍ଶିତା ଏଆଇ ମୂଲ୍ୟାୟନ ବେଳେ ଅବଶ୍ୟ ଆଗକୁ ଆସିବ। ବିଦ୍ୟାଳୟ କାମ ପରେ ଶିକ୍ଷକମାନଙ୍କ ବ୍ୟକ୍ତିଗତ କାର୍ଯ୍ୟସୂଚୀକୁ ପ୍ରଭାବିତ କରିବ ନିଶ୍ଚିତ। ହୁଏତ ଆପଣଙ୍କ ପାରଦର୍ଶିତା ମୁତାବକ ବାର୍ଷିକ ଆର୍ଥିକ ଅଭିବୃଦ୍ଧିରୁ ଆପଣ ବଞ୍ଚିତ ହୋଇପାରନ୍ତି। ଏମିତିକି ମୋ ପୁଅ ଭଳି ଶିକ୍ଷକ ଓ ଅଭିଭାବକଙ୍କୁ ଏଆଇକୁ ନେଇ ଚମକପ୍ରଦ ଶିକ୍ଷାର୍ଥୀଙ୍କ ସାମ୍ନା କରିବାକୁ ପଡ଼ିବ ଆଗକୁ। ଏଆଇ ପିଲାଙ୍କ ବୁଦ୍ଧିମତ୍ତା ଓ ସୃଜନଶୀଳତାର ଅପମୃତ୍ୟୁ କରେଇବ ଯେତିକି ଶିକ୍ଷାର୍ଥୀକୁ ସ୍ୱୟଂସମ୍ପୂର୍ଣ୍ଣ ରୂପେ ଗଢ଼ିତୋଳିବା ସହ ଶିକ୍ଷା କ୍ଷେତ୍ରକୁ ପରିପୁଷ୍ଟ ଓ ବୁଦ୍ଧିମନ୍ତ କରିବ ସେତିକି।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ -୯୪୩୭୯୦୯୬୭୧**

## ଏଇ ଭାରତରେ

ପରିବାର ସଦସ୍ୟଙ୍କ ସହ ଶିକାରକୁ ଯାଉଥିବା ପିଲାଟିର ମନରେ ବିରାଟ ପରିବର୍ତ୍ତନ ଆସିବା ପରେ ସେ ଆଉ ଶିକାର ନ କରି ପ୍ରାଣୀମାନଙ୍କ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଛନ୍ତି। ସେ ହେଉଛନ୍ତି ନାଗାଲାଣ୍ଡର ରୁଭୋଟୋ ବେଲ୍‌ହୋ। ୨୦୦୩ରୁ ସେ ଏହି କାର୍ଯ୍ୟରେ ଲାଗିଛନ୍ତି। ଗୋଟିଏ ବିରଳ ପ୍ରଜାତିର ପକ୍ଷୀ ଶିକାର କରିବା ପରେ ସେ ଆଉ ଏହି କାର୍ଯ୍ୟ ନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। କେବଳ ସେତିକି ନୁହେଁ, ବେଲ୍‌ହୋ ଉଦ୍ଧାର କରୁଥିବା ପଶୁପକ୍ଷୀଙ୍କ ଚିକିତ୍ସା ଖର୍ଚ୍ଚ ନିଜେ ବହନ କରୁଛନ୍ତି। ସେମାନଙ୍କୁ ଚିକିତ୍ସା ପରେ ପୁନର୍ବାର ଜଙ୍ଗଲରେ ଛାଡ଼ିଦେଇଆସୁଛନ୍ତି। ସେ ଘରେ ମଧ୍ୟ ବିଲୁପ୍ତ ହୋଇଯାଉଥିବା ୬୦ଟି ପ୍ରଜାତିର ପଶୁ ଓ ପକ୍ଷୀ ରଖିଛନ୍ତି। ଏଥିପାଇଁ ୧ ଏକର ଜମିରେ ଘର କରି ତାହାକୁ ଏକ ମିନି ଚିଡ଼ିଆଖାନା କରିଛନ୍ତି। ସେଠାରେ ଅଛନ୍ତି ବିଭିନ୍ନ ବିରଳ ପ୍ରଜାତିର ବଗ, ପେଚା, ମାଙ୍କଡ଼, ଶୁଆ, ହରିଣ, ଚିତାବାଘ ଓ ଭାରତର କଳା କଇଁଛ। ଲୋକମାନଙ୍କୁ ଦେଖିବା ଲାଗି ସୁଯୋଗ ଦେଉଛନ୍ତି। ସବୁଠୁ ବଡ଼ କଥା ହେଉଛି, ଲୋପ ପାଇଯାଉଥିବା ଏହିସବୁ ପ୍ରଜାତିର ଜୀବଙ୍କ ପାଇଁ ସେ ସ୍ୱତନ୍ତ୍ର ଯତ୍ନ ନେଉଛନ୍ତି। ଏବେ ସେ ଆଉ ଏକ ଜମି କିଣି ତାଙ୍କ ମିନି ଚିଡ଼ିଆଖାନାକୁ ବଢ଼ାଇବା ଲାଗି ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅଗଷ୍ଟ ୧୯୯୮

- ୟାଙ୍ଗନ୍‌ରୁ ଉତ୍ତର-ପୂର୍ବ ମ୍ୟାନମାରର ଟାଚିଲେକ ସହର ଅଭିମୁଖେ ଯାଉଥିବା ଫୋକର ଏଫ୍-୨୭ ନାମକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୯ ଯାତ୍ରୀ ମୃତ।
- ଶ୍ରମିକମାନଙ୍କର ନର୍ବନିମ୍ନ ମଜୁରି ହାର ଦୈନିକ ୩୫ ଟଙ୍କାରୁ ୪୦ ଟଙ୍କା ବୃଦ୍ଧି କରିବା ପାଇଁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ କେନ୍ଦ୍ରର ନିର୍ଦ୍ଦେଶ।
- ରାଜସ୍ଥାନର ରାଜସ୍ୱମନ୍ତ୍ରୀ ଗଙ୍ଗାରାମ ଚୌଧୁରୀଙ୍କ ଭୈରୋଁ ସିଂ ଶେଖାୱତଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ଡେଙ୍ଗୁ ସମସ୍ୟାରେ ବିରାମ ଲାଗୁ

ମହାଶୟ,

ଏ ବର୍ଷ ଡେଙ୍ଗୁ ଜ୍ୱର ଚିନ୍ତାର କାରଣ ପାଲଟିଲାଣି। ତେବେ ବେଳହୁଁ ସାବଧାନ୍। ଘର ଆଖପାଖରେ ଫଟା ଟାୟାର, ଭଙ୍ଗା ପାତ୍ର, ଫୁଲକୁଣ୍ଡ ନ ରଖିବା ଉଚିତ। ନର୍ଦ୍ଦମା ଯେପରି ସୃଷ୍ଟି ନ ହେବ, ସେଥିପ୍ରତି ଧ୍ୟାନ ଦେବା ଦରକାର। ବିଶେଷ ଭାବରେ ଏଡିସ୍ ମଶା କାମୁଡିଲେ ଡେଙ୍ଗୁ ଜ୍ୱର ହୋଇଥାଏ। ସେଥିପାଇଁ ସମସ୍ତେ ଫୁଲ୍‌ପ୍ୟାଣ୍ଟ ବ୍ୟବହାର କରନ୍ତୁ। ଏହି ମଶା ମୁଖ୍ୟତଃ ଆଣ୍ଠୁ ତଳକୁ କାମୁଡିଥାନ୍ତି। ତେଣୁ ସର୍ବଦା ସତର୍କ ରହିବା ଉଚିତ। ଡେଙ୍ଗୁର ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

**-ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

## ଚିରନ୍ତନୀ

ଚିନ୍ତାହୀନ ଶୋକଶୂନ୍ୟ
ସୁଖ ସୌଭାଗ୍ୟର କୋଳାହଳ,
କାହିଁ ଲୁଚେ ଅନ୍ଧକାରେ
କାହିଁ ହୁଏ ଆଲୋକେ ଉଜ୍ଜ୍ୱଳ!
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରଙ୍କ ରାସ୍ତା ଅବରୋଧ

- ଗୋପାଳ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା
- ଆନ୍ଦୋଳନରେ ସାମିଲ ହେଲେ ଅଭିଭାବକ
- ଦ୍ୱିତୀୟ ଶିକ୍ଷକ ନିଯୁକ୍ତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ

ରସୁଲପୁର,୨୮।୮(ରଞ୍ଜିତ ରାଉତ)



ଛାତ୍ରୀଛାତ୍ରମାନେ କୁଆଖିଆ-ଯୋକଡିଆ ରାସ୍ତା ଅବରୋଧ କରିଛନ୍ତି।

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବାଘଡିଆଁ ଗ୍ରାମ ଗୋପାଳ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀକୁ ଜଣେ ଶିକ୍ଷକ ନିଯୁକ୍ତି ନୀତିକୁ ବିଦ୍ୟାର୍ଥୀ, ଅଭିଭାବକ, ସ୍ଥାନୀୟ ଲୋକମାନେ ବିରୋଧ କରିଛନ୍ତି । ସୋମବାର ଛାତ୍ରୀଛାତ୍ରମାନେ ଆଉ ଜଣେ ଶିକ୍ଷକ ନିଯୁକ୍ତି ଦାବିରେ ଦ୍ୱିତୀୟ ଥର ପାଇଁ କୁଆଖିଆ-ଯୋକଡିଆ ରାସ୍ତା ଅବରୋଧ କରିବା ସହିତ ଧାରଣା ଦେଇଥିଲେ । ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଧାରଣାରୁ ହଟିବେ ନାହିଁ ବୋଲି ଛାତ୍ରୀଛାତ୍ରମାନେ ଜିଦ୍ ଧରିଥିଲେ । ଏହି ଖବର ରସୁଲପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଁଚିବା କ୍ଷଣି କାର୍ଯ୍ୟାଳୟ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ଥିଲା । ସେହି ବିଦ୍ୟାଳୟକୁ ବଣ୍ଟରା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ବେହେରାଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇ ଥିଲା । ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଅବଗତ କରାଯାଇଥିଲା । ଶିକ୍ଷକ ବେହେରା ବିଦ୍ୟାଳୟରେ ଯୋଗଦେବା ପରେ ଛାତ୍ର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟର ୧ ରୁ ୫ମ ଶ୍ରେଣୀରେ ୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଅଧ୍ୟୟନରତ ଅଛନ୍ତି । ଏହି ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଶିକ୍ଷାବର୍ଷ ଅଧା ହେବାକୁ ବସିଲାଣି ଅଥଚ ଶିକ୍ଷକ ଅଭାବରୁ ପାଠ ପଢ଼ା ବାଧାପ୍ରାପ୍ତ ହେଉଛି । ପିଲାମାନେ ପାଠ ପଢ଼ିବା ବଦଳରେ ଖେଳକୁଦ କରି ଘରକୁ ଫେରୁଛନ୍ତି । ବିଦ୍ୟାଳୟର ଏଭଳି ସ୍ଥିତିକୁ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଚଳିତ ମାସ ୧୦ତାରିଖରେ ବିଦ୍ୟାର୍ଥୀମାନେ ରାସ୍ତା ଉପରେ ଟାୟାର ଜାଳି ଧାରଣାରେ ବସିଥିଲେ। ସେତେବେଳେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ, ସିଆରସିସି ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ସପ୍ତାହକ ମଧ୍ୟରେ ଦ୍ୱିତୀୟ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଇତିମଧ୍ୟରେ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ବି ଆଉ ଜଣେ ଶିକ୍ଷକ ନିଯୁକ୍ତି ଦିଆଗଲା ନାହିଁ । ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇ ଥିବା ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହେବାରୁ ପୁଣି ଛାତ୍ର ଅଶାନ୍ତି ଦେଖାଦେଇଥିଲା । ଏଭଳି ସ୍ଥିତିରେ ସୁଧାର ଆଣିବା ପାଇଁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ତ୍ୱରିତ ପଦକ୍ଷେପ ନିଆଯାଇଥିଲା । ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଅସନ୍ତୋଷ, ବିଦ୍ୟାର୍ଥୀମାନଙ୍କ ସୁରକ୍ଷା ଓ ନିରାପତ୍ତା ଏବଂ ପାଠପଢ଼ାକୁ ସୁଗମ କରିବା ଆଳରେ ପ୍ରଧାନ ଶିକ୍ଷକ ବେହେରାଙ୍କୁ ଉକ୍ତ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଛି । ପରବର୍ତ୍ତି ନିର୍ଦ୍ଦେଶ ପର୍ଯ୍ୟନ୍ତ ଶିକ୍ଷକ ବେହେରା ଉକ୍ତ ବିଦ୍ୟାଳୟରେ କାର୍ଯ୍ୟ କରିବେ ବୋଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ।

ଏ ନେଇ ବ୍ଲକ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଉକ୍ତ ବିଦ୍ୟାଳୟକୁ ଦ୍ୱିତୀୟ ଶିକ୍ଷକ ଭାବେ ବେହେରାଙ୍କ ନାମକୁ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ୩୧ ଜୁଲାଇରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପତ୍ର ଜରିଆରେ ସୁପାରିଶ କରାଯାଇଥିଲା । ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତାହା ଅନୁମୋଦିତ ହୋଇ ଆସିବାରେ ବିଳମ୍ବ ହୋଇଥିଲା । ଏଠାରେ ଉପୁଜିଥିବା ସମସ୍ୟାକୁ ପ୍ରଶମିତ କରିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କ ଅନୁମତି କ୍ରମେ ଶିକ୍ଷକ ବେହେରାଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଛି । ପରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଅନୁମୋଦନ ଆସିଲା ପରେ ସଂପୃକ୍ତ ଶିକ୍ଷକ ଜଣକ ସେଠାରେ ସ୍ଥାୟୀ ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

## ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

କାଏମା,୨୮।୮
(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଜାରକା ଅଞ୍ଚଳର ଆଦର୍ଶ ଶିକ୍ଷୟିତ୍ରୀ ସରୋଜିନୀ ଦାସଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ସୋମବାର ସରୋଜିନୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ଶାନ୍ତିବଜାରସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ.ପୁରୁଷୋତ୍ତମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁରର ପୂର୍ବତନ ଏମ୍‌ପି ରୀତା ତରାଇ ମୁଖ୍ୟଅତିଥି, ଶିକ୍ଷାବିତ୍ ତଥା ବିଶିଷ୍ଟ ସାହିତ୍ୟିକ ଡ.ରାଜକିଶୋର ପାଢ଼ୀ ମୁଖ୍ୟବକ୍ତା ଓ ଡ.ସ୍ମୃତି ରଞ୍ଜନ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରୋଜିନୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ,ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଡ.ବିଦ୍ୟାଧର ପାତ୍ର, ଡ.ସନ୍ତୋଷ ବେହେରା, ବୈଦ୍ୟନାଥ ସାହୁ, ଡ.କୃଷ୍ଣଚନ୍ଦ୍ର ପାତ୍ର, ସଂଗ୍ରାମ ସ୍ୱାଇଁ ଓ ପ୍ରୀତିପ୍ରଜ୍ଞା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଡ.ଚିତ୍ତରଞ୍ଜନ ମହାନ୍ତିଙ୍କ ଦ୍ୱାରା ରଚିତ କବିତା ସଙ୍କଳନ 'ପ୍ରୀତିଛନ୍ଦା'ଲୋକାର୍ପଣ ହୋଇଥିଲା । ସଙ୍ଗଠନ ସମ୍ପାଦକ ଇଂ.ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ଡ.ଚିତ୍ତ ରଞ୍ଜନ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଶାନ୍ତ ସ୍ୱାଇଁ, ଅର୍ଜୁନ ପୃଷ୍ଟି,ଆଲୋକ କର, ଡ.ସୁମାନ ବେହେରା,ସନ୍ତୋଷ ତରାଇ, ପ୍ରେମଲତା ମହାରଣା, ଖବରଦାତା ଅଖିଳ ସ୍ୱାଇଁ ,ମାନସ ରଞ୍ଜନ ଜେନା,ଶିବପ୍ରସାଦ ମହାନ୍ତି,ସୁରେଶ କର ପ୍ରମୁଖ ସ୍ୱର୍ଗତା ଦାସଙ୍କ ସ୍ମୃତିଚାରଣ କରିଥିଲେ । ଖବରଦାତା ବିବେକାନନ୍ଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ଶିକ୍ଷୟିତ୍ରୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରୁଛନ୍ତି।

## ଜାଫରପୁର ପଞ୍ଚାୟତର ପ୍ରଥମ ସରପଞ୍ଚଙ୍କ ପରଲୋକ

ଝୁମ୍ପୁରୀ,୨୮।୮(ସରୋଜ ନାୟକ)

ଜାଫରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସଞ୍ଜୁଲତା ମଲିକଙ୍କ ୪୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ। ୨୦୧୭ରେ ଜାଫରପୁର ପଞ୍ଚାୟତ ନୂତନ ଭାବେ ଗଠିତ ହୋଇଥିଲା । ଏହି ପଞ୍ଚାୟତର ପ୍ରଥମ ସରପଞ୍ଚ ଭାବେ ସେ ନିର୍ବାଚିତ ହୋଇଥିଲେ । ତାଙ୍କ ଉଦ୍ୟମରେ ପଞ୍ଚାୟତ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା । ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ଶୋକର ଛାୟା ଖେଳିଯାଇଥିଲା । ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ସରପଞ୍ଚ ସୁରେନ୍ଦ୍ର କୁମାର ବେହୁରିଆ, ସମିତି ସଭ୍ୟ ଶୈରେନ୍ଦ୍ର ସାମଲ, ବିଜେଡି ନେତା ମହେଶ୍ୱର ଜେନା, ଚିତ୍ତରଞ୍ଜନ ନାୟକ, ସଞ୍ଜୀବ ସାମଲ, ଯୁବନେତା ଚିନ୍ମୟ ମାହୁନ୍ତ ପ୍ରମୁଖ ସ୍ୱର୍ଗତା ମଲ୍ଲିକଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି ।



ସଞ୍ଜୁଲତା ମଲିକ।


No.CAD-1839

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No.IDCO:H.O./P&C/EST-E-1196/04/2018/Part-IV/ 26739, Dated.23.08.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH E-PROCUREMENT**

**1.Name of the Work:** Providing Comprehensive Facility Management Services of IDCO Towers, Bhubaneswar. 2.Period of Completion: 03 (Three) Years. 3.Other details:

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | P&C/ES-T/E-115/2023-24 | From 17.00 Hours of 04.09.2023 | To 17.00 hours of dt.22.09.2023 |

**Further details can be seen from the e-Procurement Portal: www.tendersodisha.gov.in.** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in. and www.idco.in.**

Sd./-Chief General Manager (P&C), IDCO, Bhubaneswar

OIPR-14003/11/0193/2324



**OFFICE OF THE CHIEF DISTRICT MEDICAL & PUBLIC OFFICER, KALAHANDI**

Letter No. 6043 Dt. 25.08.2023

**TENDER CALL NOTICE**

No. E-368: Sealed tenders are invited from intending firms/ suppliers/wholesalers to supply of Laboratory Chemical & Consumables and equipment, instrument & furniture for CDM & PHO, Kalahandi for the year 2023-24. The last date of submission of tender is Dt.11.09.2023 at 04.00 P.M. by Speed Post/Registered Post only. For details information please visit the website: **http://kalahandi.nic.in/.**

Sd./- Chief District Medical & PHO, Kalahandi

OIPR-10076/11/0012/2324



**BLOCK DEVELOPMENT OFFICER, BAMRA**

**TENDER CALL NOTICE**

**Order No. 3880, 3883 & 3886** **Date: 24.08.2023**

No. i-338: The Block Development Officer, Bamra invites percentage rate basis tender for 1. Completion of Mukhya Mantri Sabha Ghar at Bamra, Govindpur G.P. & 2. Completion of Mukhya Mantri Sabha Ghar Sadhapada, Rangiatikra G.P. 3. Const. of Multipurpose Hall at Kesaibahal, kesaibahal G.P. under Bamra Block. The detail of bid documents can be downloaded from district website: **www.sambalpur.nic.in** starts from Dt.28.08.2023 to 11.09.2023 during office hour and receipt of bid documents starts from 28.08.2023 to 12.09.2023 upto 4.00 P.M. on all working days in Office of the Block Development Officer, Bamra. The bid will be opened on Dt.13.09.2023 at 11.00 A.M. Intending Class - C & Class - B contractor may visit district website of Sambalpur **www.sambalpur.nic.in** for detail information.

Sd./- Block Development Officer, Bamra

OIPR-19319/11/0001/2324



**Cuttack Development Authority**

CAD-1865

Arunodaya Bhawan, Link Road, Cuttack-12
Fax No-0671-2312299 URL: cdacuttack.nic.in
E-mail-cda.cuttack@nic.in

**Notice No: 9761** **Date: 28.08.2023**

**EOI FOR AUCTION TO RENT OUT PARKING SPACE AT CUTTACK NETAJI BUS TERMINAL (CNBT), CUTTACK ON "AS IS WHERE IS BASIS".**

**Brief Description of the Process:** Cuttack Development Authority (CDA) invites applications from prospective applicants for renting out parking space at Cuttack Netaji Bus Terminal (CNBT), Cuttack on "as is where is basis".

The applicants are requested to make themselves aware of the site conditions and eligibility criteria mentioned in the EOI before participating in the process. The EOI can only be downloaded from CDA website **http://www.cdacuttack.nic.in** and the last date of submission of application in prescribed format and required documents by Dt. 13/09/2023 till 15:00 Hrs. C.D.A, Cuttack reserves the right to accept or reject any application(s) and to annul the selection process at any time, without incurring any liability and without assigning any reason thereof.

For any assistance/clarification in this regard, the prospective applicants may contact the **Scheme Officer on 8249964517** or to reach out to **PMU-9937022079/8050398938** during office hours.

OIPR-13037/11/0117/2324 **Sd./- Secretary**



**TPCODL**

**TP CENTRAL ODISHA DISTRIBUTION LIMITED**

(A Tata Power and Odisha Govt. Joint Venture)
1st Floor, Anuj Building, Plot No.29, Satya Nagar, Bhubaneswar, Odisha 751007

**NOTICE INVITING TENDER**

**NIT No: TPCODL/P&S/NIT/23-24/15**

**Bids are invited from eligible Bidders for the following tenders of Odisha DISCOMs, namely TPCODL/ TPNODL/TPWODL/TPSODL (JV of Tata Power & Odisha Govt.):**

| Sl.No | Tender Enquiry No. | Tender description |
|---|---|---|
| 1 | TPCODL/P&S/1000000415/23-24 | Management of Customer Care Centre across TPCODL for 2 Years |
| 2 | TPCODL/P&S/1000000421/23-24 | Supply of various Testing Equipment for TPCODL |
| 3 | TPCODL / CCG / 2023-24 / 037 | Rate Contract for Supply of Drone with Trained Pilot for TPCODL / TPNODL / TPSODL / TPWODL / TPDDL / Power links Transmission Ltd. for Six Month |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website https://www.tpcentralodisha.com. All tenders will be available on TPCODL website w.e.f. from **dtd. 29.08.2023**. Future communication / corrigendum to tender documents, if any, shall be available on TPCODL website.



**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE**

**1st Corrigendum to Bid Identification No.CCE/BLS/NCB/20**
**Invited vide this office Letter No.3196, dt.05.08.2023**
Office Order No.3596, Dt.19.08.23

**No.O-787:** In pursuance to this office e-Procurement Notice No.31966, Dt.05.08.2023 (NCB-20) the following changes have been made in NIT & DTCN.

| Sl. No. | Items | As per Original TCN | As per 1st Corrigendum to TCN & DTCN |
|---|---|---|---|
| 1 | Period of availability of Bidding Documents on website www.tenderodisha.gov.in. | 18.08.2023 at 10.00 AM to 25.08.2023 upto 5.00 PM | 28.08.2023 at 11.00 AM to Dt.12.09.2023 upto 5.00 PM |
| 2 | Last date & time of seeking tender Clarification | 24.08.2023 upto 5.00 PM | 11.09.2023 upto 5.00 PM |
| 3 | Opening of Bids: The Bids will be opened online by the authorized officer at the appointed time. | 28.08.2023 at 10.00 A.M. | Dt.13.09.2023 at 10.00 A.M. |

All other terms & conditions remain unaltered.

OIPR-25105/11/0030/2324 Sd./- Chief Construction Engineer, Rural Works Circle, Balasore



ANNEXURE - I

**OFFICE OF THE PANCHAYAT SAMITI, MANESWAR**

**Standard Bidding Document**
**Government of Odisha**

**No. 1868/2023** **Date: 23.08.2023**

**QUOTATION CALL NOTICE**

No. i-335: Sealed quotations are invited from interested reputed Travel Agencies/ Tour Operators or Private Individuals for providing 02 (Two) Nos. of Diesel Driven Vehicle of Fuel efficient vehicle (Bus 52 seater) within the monetary limit on maximum hiring or Rs.98,800/- (Ninety eight thousand eight hundred) per month (Maximum 26 days) excluding GST & Pol cost as per Notification No. 8508 Dtd.12.04.2019 of Home Deptt., Govt. of Odisha concurred in Finance Deptt. UOR No. 04/Codes Dt.10.04.2019 which shall confirm to the terms and conditions (Annexure - II) for OAV parmannpur for ferrying of Student through the Panchayat Samiti, Maneswar on monthly rent basis, initially for a period of twelve months and likely to be extended thereafter.

1. The service provide shall have a valid OGST registration having transport service as supplier service to participate in the tendering.
2. The service provider, participating in the bidding process under the jurisdiction of Municipal Corporations, shall be registered on Gem Platform.
3. The vehicle must be in road worthy condition and shall not be more than 3 years old from the date (Preferably new) of initial registration and must have valid Registration Certificate, Insurance Certificate, Fitness Certificate and valid contract carriage permit, proof of updated tax payment etc. which are mandatory for plying of vehicle.
4. The driver of the vehicle must have a valid driving licence for driving heavy transport passenger vehicle and should be sufficiently experienced in driving transport passenger vehicle.
5. The driver should be well behaved, gentle and obedient in nature.
6. A sum of Rs.5000/- shall be deposited by the intending bidders in shape of Account Payee Bank Draft dawn in favour of the Block Development Office, Maneswar submitted along with the quotation/tender as security deposit. After completion of tender process, the Bank Draft will be refunded to unsuccessful bidders.
7. The monthly rate of hire charges have to be quoted separately.
8. The vehicle must achieve a fuel efficiency of 03 Km. per liter.
9. The details of the make and year of manufacture of the vehicle, Registration No., mileage (Km cover per liter) and name of the Driver with Driving Licence No. and period of validity should be specifically provided in the general bid information to be furnished with the quotation/tender (Annexure - III).
10. The quotation completed in all respect should reach the Panchayat Samiti, Maneswar in a sealed cover scribed "Quotation for providing vehicle on hire basic" on or before 31.08.2023 by 11.00 A.M. and shall be opened on 31.08.2023 at 03.00 P.M. in presence of the bidders or their authorized representatives. This office has not responsible for any postal delay.
11. The application form of quotation/tender containing General Bid Information and terms and conditions & financial bid information for hiring of vehicles etc. will be available with the Block Development Officer, Maneswar on payment of Rs.100/- from 24.08.2023 to 31.08.2023 (Except Holidays) or can be downloaded from the website, the applicant shall furnish a Demand Draft drawn in favour of Block Development Officer, Maneswar for an amount of Rs.100/- (Rupees one hundred) only towards the cost of application along with the application.

Sd./- Block Development Officer, Maneswar
Quotation/Tender Calling Authority

OIPR-19383/11/0002/2324



GOVERNMENT OF ODISHA

**OFFICE OF THE SUPERINTENDING ENGINEER RURAL WORKS DIVISION-I, MALKANGIRI**

NATIONAL COMPETITIVE BIDDING THROUGH e-Procurement

**1st Corrigendum to Identification No.Online Tender 07/RWD-I,MKG/2023-24, dt.14.08.2023**

**No.O-789:** Due to some unavoidable circumstance the availability of tender online bidding from 21.08.2023 at 11.00 am to 01.09.2023 upto 11.00 am is shifted as follows.

| Procurement Officer | Bid Identification No. | No. of Works | Availability of Tender on-line for bidding | | Last date & Time of seeking tender clarification | Date and time of opening of tender (Double Cover) |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender-07/RWD-I, MKG/2023-24 | 5 (Five) Nos. | 01.09.2023 from 11.00 AM | 12.09.2023 upto 5.00 PM | 11.09.2023 upto 5.00 P.M. | Tech.Bid opening 13.09.2023 at 11.00 AM & Financial Bid opening:18.09.2023 at 11.00 AM |

OIPR-25058/11/0011/2324

Sd./- Superintending Engineer,
R.W.Division-I, Malkangiri



**ODISHA STATE SEEDS CORPORATION LIMITED**

(A GOVERNMENT UNDERTAKING)
SANTARAPUR, BHUBANESWAR-751002, Tel-MD 0674-2340573, PBX-2340170, Fax:2340096

**TENDER INVITATION No.-OSSC/Engg-87/2023**

**CAD-1863:** Managing Director, Odisha State Seeds Corporation Ltd. invites Percentage Rate tenders in **Double Cover System** through **ONLINE MODE ONLY** for the works below. **Values in Rs.**

| Sl. | Name of the Work | Cost of Work without GST | EMD | Cost of Tender Document with GST | Completion Period | Class of Contractor |
|---|---|---|---|---|---|---|
| 1 | Installation of LT Supply for Power Supply to 45 KW GP (Enhanced from existing 15.0 KW) by upgradation of Transformer from 25 KVA, 11/0.4 KV into 63 KVA Substation at Jajpur Road. | 7,63,238.00 Without GST | 7632.00 | 7,080.00 With GST | 120 | HT Electrical |

CRITICAL DATES

| | | |
|---|---|---|
| A | Availability of Bid Document | 14.40 hours on dt.29.08.2023 to 17.00 hours on dt.08.09.2023 |
| B | Last Date of Receipt of Tender in the Portal | 17.00 hours on dt. 08.09.2023 |
| C | Date/Time of Opening of Bid | 12.30 hours on dt.11.09.2023 |

Further detail can be seen from the website https://tendersodisha.gov.in. Any addendum/ corrigendum/ cancellation can also be seen in the said website.

Sd./- Managing Director, OSSC Ltd., BBSR

OIPR-01106/11/0041/2324



No. W-41

ACCESS TO JUSTICE FOR ALL

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୩

ତା୦୯।୦୯।୨୦୨୩ରିଖ (ଦ୍ୱିତୀୟ ଶନିବାର)

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩. ତା୦୯।୦୯।୨୦୨୩ରିଖ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା ଓ ଅନ୍ୟାନ୍ୟ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରି ମକଦ୍ଦମାର ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାଏର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
**ଯୋଗାଯୋଗ:**
ମୋ.: ୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ-ମେଲ୍: oslsa2020@gmail.com

OIPR-18008/11/0006/2324

## ସଂକ୍ଷେପରେ

### ମତ୍ସ୍ୟ ପୋଖରୀ ବନ୍ଧ ଭୁଶୁଡ଼ିଲା

ଖଜୁରୀପଡ଼ା, ୨୮।୮ (ବିଦୁର ବେହେରା)

ମତ୍ସ୍ୟ ପୋଖରୀ ଯୋଜନାରେ ପୋଖରୀ ଖନନ କରିବାର ମାସ କେତୋଟି ନ ପୂରୁଣୁ ବନ୍ଧ ଭୁଶୁଡ଼ିପଡ଼ିଛି। ବନ୍ଧରେ ମାଛ ଚାଷ ହେବା ବଦଳରେ ଧାନ ଚାଷ କରାଯାଉଛି। ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ କିଭଳି ଭାବେ କନ୍ଧମାଳ ଜିଲାରେ ମତ୍ସ୍ୟ ବିଭାଗ ତରଫରୁ ପୋଖରୀ ଖନନ କରାଯାଉଛି। ଏ ବାବଦରେ ହିତାଧିକାରୀଙ୍କୁ ପଚାରିଲେ ନିମ୍ନ ମାନର କାମ କରାଯାଇଥିବା ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ସରକାର ଚାଷ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଏବଂ ପୋଖରୀ ଖନନ କରି ମାଛ ଚାଷ କରି ଚାଷୀମାନେ ଯେପରି ସ୍ୱାବଲମ୍ବୀ ହେବେ ସେଥିପ୍ରତି ଦୃଷ୍ଟି ଦେଉଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀମାନେ ପୋଖରୀ ଖନନ କାର୍ଯ୍ୟ ସଠିକ୍ ଭାବେ ତଦାରଖ କରୁନଥିବାରୁ ଖନନ କାର୍ଯ୍ୟ ନିମ୍ନମାନର କରାଯାଉଛି। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡୁଛି। ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

### ଓମ୍ ଶାନ୍ତି କେନ୍ଦ୍ରରେ ରକ୍ଷା ବନ୍ଧନ

ରମ୍ଭା, ୨୮।୮ (ବନବାସୀ ସେଠୀ):

ସ୍ଥାନୀୟ ଓମ୍ ଶାନ୍ତି ବ୍ରହ୍ମାକୁମାରୀସ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ରରେ ପବିତ୍ର ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ବ୍ରହ୍ମାକୁମାରୀ ଲିଲି ଭଉଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ପୁଷ୍ପା ଭଉଣୀ ମୁଖ୍ୟ ଅତିଥିଭାବେ ଏବଂ ସମାଜସେବୀ ଭୀମସେନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାର ମହାଦେବ ମଲ୍ଲିକ, ଭାରତୀ ଭଉଣୀ, ବିଜୟ ଭାଇ, ଜ୍ୟୋତି ଭଉଣୀ, ପ୍ରଭାତ ଭାଇ, କଳ୍ପନା, ସନ୍ଧ୍ୟା, ସୋନି, ଜୟରାମ ଭାଇ, ସୁଦର୍ଶନ ଭାଇ, ବ୍ରହ୍ମାକୁମାରୀ କ୍ରିଷ୍ଣକ ଭଉଣୀ ପ୍ରମୁଖ ଯୋଗ ଦେଇଥିଲେ।

# ୬ ଜଣଙ୍କୁ ୩୦ ହଜାର ଲେଖାଏଁ ପ୍ରଦାନ

## ୪୮ ଘଣ୍ଟାରେ ଦାବି ପୂରଣ କଲେ ୫-ଟି ସଚିବ

ଭଞ୍ଜନଗର, ୨୮।୮ (ବାବୁଲା ପ୍ରଧାନ):

୫-ଟି ସଚିବ ଭି.କେ ପାଣ୍ଡିୟାନ ଶନିବାର ଭଞ୍ଜନଗର ଗସ୍ତରେ ଆସି ମୋଟ ୪୪୪ ଟି ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଏହି ସମୟରେ ସଚିବ ସମସ୍ତ ଦାବିର ଉତ୍ତର ୩୦ ଦିନ ମଧ୍ୟରେ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ୪୮ ଘଣ୍ଟା ଭିତରେ କିଛି ଦାବି ପୂରଣ ହୋଇଥିବା ଜଣାପଡିଛି। ସେଥିମଧ୍ୟରେ ଭଞ୍ଜନଗର ବ୍ଲକର ୫ ଜଣଙ୍କୁ ଏବଂ ଜଗନ୍ନାଥପ୍ରସାଦ ବ୍ଲକର ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏଁ ଦେବା ପାଇଁ ସୋମବାର ନିର୍ଦ୍ଦେଶ ଆସିଛି। ସୋମବାର ସନ୍ଧ୍ୟାରେ ଉପଜିଲାପାଳ ଜ୍ୟୋତିରଞ୍ଜନ ରାୟ, ବିଡିଓ ଶଶିଭୂଷଣ ମହାପାତ୍ର, ତହସିଲଦାର ଅଚ୍ୟୁତାନନ୍ଦ ଜାନି ଚାକୁଣ୍ଡାପଲ୍ଲୀରେ ପହଞ୍ଚି ଏ. ସ୍ୱପ୍ନାଙ୍କୁ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସେହିପରି ଜିଲୁଣ୍ଡିରେ ସରପଞ୍ଚ ରଞ୍ଜିତ ଆରୁଖ ବିଡିଓଙ୍କ ଉପସ୍ଥିତିରେ ଶିବରାମ ଜେନାଙ୍କୁ ଚେକ ପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ଗ୍ରାମର ଚନ୍ଦ୍ର ଗୌଡ, ରବିନ୍ଦ୍ର ଗୌଡ, ଉପେନ୍ଦ୍ର ନାୟକଙ୍କୁ ମଧ୍ୟ ୩୦ ହଜାର ଟଙ୍କା ଲେଖାଏଁ ଦେବା ବ୍ୟବସ୍ଥା ହୋଇଛି। ସେହିଭଳି ଜଗନ୍ନାଥପ୍ରସାଦ ବ୍ଲକର ଜଣଙ୍କୁ ୩୦ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଆସିଛି।



ଉପଜିଲାପାଳ ଜ୍ୟୋତିରଞ୍ଜନ ରାୟ ଏ. ସ୍ୱପ୍ନାଙ୍କୁ ଚେକ୍ ଦେଉଛନ୍ତି।

# ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି, ୨୮।୮ (ଗିରିଧାରୀ ପରିଛା):

ଗଜପତି ଜିଲା କାଶୀନଗର ବ୍ଲକ ଶିଆଳି ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶଶିକାନ୍ତ ମହାନ୍ତି, ବ୍ଲକ ଅଧ୍ୟକ୍ଷା ବାଲ୍ଲା ସାୟାମ୍ମା ମଞ୍ଚାସୀନ ଥିଲେ। ତହସିଲଦାର ଅଶୋକ କୁମାର ପ୍ରଧାନ, ବିଡ଼ିଓ କପିଳେଶ୍ୱର ତାଣ୍ଡି, ଏନଏସି ନିର୍ବାହୀ ଅଧିକାରୀ ଆଶିଷ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଜନ ଅଭିଯୋଗ ଶୁଣାଣି କରାଯାଇଥିଲା।

କାଶୀନଗର ବ୍ଲକର ଶିଆଳି, ଖାରଡ଼ା, କିଡିଗାମ୍, ହାଡୁଭାଙ୍ଗି, ଖାଣ୍ଡବା, ବୁଦୁରା ଓ କେ.ସୀତାପୁର ପଞ୍ଚାୟତର ସମୁଦାୟ ୫୬ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଜଳ ସେଚନ, ଗୃହ ନିର୍ମାଣ, ରାସନ୍ କାର୍ଡ, ମନରେଗା, ଶିକ୍ଷା, ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଶିଆଳି ସରପଞ୍ଚ ରାମପ୍ରସାଦ ପଟ୍ଟନାୟକ, ସମିତି ସଭ୍ୟ କୁଣ୍ଡଙ୍ଗି ସୋମେଶ, ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀଗଣଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# କଳିଙ୍ଗ ସାହିତ୍ୟ ସମାଜର ଆସର

ବ୍ରହ୍ମପୁର, ୨୮।୮ (ସ୍ମୃତି ରଞ୍ଜନ ମହାଳିକ)

ମାତୃଶକ୍ତି ହିଁ ସମାଜକୁ ଲାଳନ ପାଳନ କରିବାରେ ନିଜକୁ ଉତ୍ସର୍ଗ କରିଥାନ୍ତି। ତାଙ୍କର ସ୍ନେହ ପ୍ରେମ ସମାଜକୁ ସରସସୁନ୍ଦର କରି ଗଢି ତୋଳିଥାଏ। ସାହିତ୍ୟ ସର୍ଜନାରେ ମଧ ମାତୃଜାତି ପଛରେ ନାହାନ୍ତି ବୋଲି କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଆଶ୍ରମ ସଭାକକ୍ଷରେ ଅନୁଷ୍ଠିତ ମାତୃ ସ୍ୱର ସାହିତ୍ୟ ଆସରରେ ମତ ପ୍ରକାଶ ପାଇଛି। ସାହିତ୍ୟ ସମାଜର ଉପସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଢୀ ଆସରରେ ସଭାପତିତ୍ୱ କରି ଏହା କହିଛନ୍ତି। ସାହିତ୍ୟ ସମାଜର ସଭାପତି ଡ ସିଦ୍ଧାର୍ଥ ଶଙ୍କର ପାଢି, ସାଧାରଣ ସମ୍ପାଦକ ଡ ଶରତ ଚନ୍ଦ୍ର ଜେନା ଓ କମିଟିର ନିଷ୍ପତ୍ତିକ୍ରମେ କଳିଙ୍ଗର ମାତୃସ୍ୱର ନାମିତ ସାହିତ୍ୟ ଆସର ଲେଖିକା ଓ କବୟିତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ବୋଲି କହିଥିଲେ। ଡ ସୂଚନା ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆସରରେ ଡ ସୂଚନା ପାଢୀ, ସ୍ୱର୍ଣ୍ଣପ୍ରଭା ପାଢୀ, ଜ୍ୟୋତ୍ସ୍ନାରାଣୀ ମହାନ୍ତି, ପଦ୍ମିନୀ ମିଶ୍ର ଓ ସୌଦାମିନୀ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟ ସମାଜର ସଂଗଠନ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ନଳିନୀ ଗୌଡ ଓ କବି କପିଳ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱାୟତ୍ତ ଶାସନ ପାଇଁ ଝୋଟି ପ୍ରତିଯୋଗିତା

ଗଞ୍ଜାମ, ୨୮।୮ (ବିଦ୍ୟାଧର ସାହୁ)

ଆସନ୍ତା ଅଗଷ୍ଟ ୩୧ରେ ଗଞ୍ଜାମ ଏନଏସିରେ ପାଳିତ ହେବ ସ୍ୱାୟତ୍ତ ଶାସନ ଦିବସ। ଏହି ଉପଲକ୍ଷେ ଏନଏସି ପକ୍ଷରୁ ବିଭିନ୍ନ ୱାର୍ଡର ମହିଳା ସ୍ୱଚ୍ଛସାଥୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ସୋମବାର ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏନଏସି ଇଓ ଅବିନାଶ ମିଶ୍ର ଏହି ଝୋଟି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଆକାଉଣ୍ଟାଣ୍ଟ ଦୀପ୍ତି ରଞ୍ଜନ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା, ଏନଏସି ଗୋଷ୍ଠୀ ସାଙ୍ଗଠିକା ସ୍ୱପ୍ନାରାଣୀ ମହାପାତ୍ର, ସିଏମଏମ ଭାଗ୍ୟଶ୍ରୀ ନାୟକ, କମଳାକାନ୍ତ, ମହିଳା କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରିୟା ସାବତ, ସାନିଟେସନ ଏକ୍ସପର୍ଟ ସୁମିତ ବେହେରା, ମୁକ୍ତା ଅଧିକାରୀ ଚିନ୍ମୟ ପୃଷ୍ଟି, ଅଜୟ ପଣ୍ଡା, ଟିଟୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଏନଏସି ପକ୍ଷରୁ କୁହାଯାଇଛି।

# ସ୍ନେହମିଳନ କାର୍ଯ୍ୟକ୍ରମ



କବିସୂର୍ଯ୍ୟନଗର, ୨୮।୮ (କୃପାସିନ୍ଧୁ ସ୍ୱାଇଁ

କବିସୂର୍ଯ୍ୟନଗର ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପ୍ରଭୁପ୍ରୀତ ଭବନ ଓ ଏନଏସି ଠାରେ ରକ୍ଷାବନ୍ଧନ ଉପଲକ୍ଷେ ସ୍ନେହମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଆସିକା ଶାନ୍ତିଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମକୁମାରୀ ପ୍ରଭାତୀ, ଅତିଥି ଭାବେ ବରିଷ୍ଠ ସମାଜିକ କର୍ମୀ ଜି. ଶମ୍ଭୁଲିଙ୍ଗମ୍ ଆଚାରୀ, ଅବସରପ୍ରାପ୍ତ କ୍ୟାପଟେନ ଟି ରାମେଶ୍ୱର ପାତ୍ର, ଅବସରପ୍ରାପ୍ତ ସେନା ଅଧିକାରୀ କଂଗ୍ରେସ ପ୍ରଧାନ, ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ରାଉତ, ବୁଦ୍ଧିମନ୍ତ ସ୍ୱାଇଁ, ଶରତ ଚନ୍ଦ୍ର ଡାକୁଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଭୁପ୍ରୀତ ଭବନର ସଂଚାଳିକା ବ୍ରହ୍ମକୁମାରୀ ସୁଜ୍ଞାନି ସଂସ୍ଥା ପରିଚୟ ଦେବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେହିପରି ଏନଏସି ଅଧକ୍ଷାଙ୍କ କକ୍ଷରେ ସ୍ନେହମିଳନ କାର୍ଯ୍ୟକ୍ରମରେ ଅଧକ୍ଷା ଏସ. ଲକ୍ଷ୍ମୀ ସେଠୀ, ଉପାଦକ୍ଷ ବିକ୍ରାନ୍ତ କୁମାର ସାହୁ, ଲାୟନ କୃପାସିନ୍ଧୁ ସ୍ୱାଇଁ, ଯନ୍ତ୍ରୀ ଜଗନ୍ନାଥ ସାମଲ, ଡ଼ା. ଲକ୍ଷ୍ମୀନାରାୟଣ ପାତ୍ର ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଗୋପନୀୟ ବଦଭ୍ୟାସ ତ୍ୟାଗ ପୂର୍ବକ ରାଖୀ ବାନ୍ଧିଥିଲେ।


**Cuttack Development Authority** — CAD-1865

C.D.A

Arunodaya Bhawan, Link Road, Cuttack-12
Fax No-0671-2312299 URL: cdacuttack.nic.in
E-mail-cda.cuttack@nic.in

Notice No: 9761 — Date: 28.08.2023

**EOI FOR AUCTION TO RENT OUT PARKING SPACE AT CUTTACK NETAJI BUS TERMINAL (CNBT), CUTTACK ON "AS IS WHERE IS BASIS".**

**Brief Description of the Process:** Cuttack Development Authority (CDA) invites applications from prospective applicants for renting out parking space at Cuttack Netaji Bus Terminal (CNBT), Cuttack on "as is where is basis".

The applicants are requested to make themselves aware of the site conditions and eligibility criteria mentioned in the EOI before participating in the process. The EOI can only be downloaded from CDA website **http://www.cdacuttack.nic.in** and the last date of submission of application in prescribed format and required documents by Dt. 13/09/2023 till 15:00 Hrs. C.D.A, Cuttack reserves the right to accept or reject any application(s) and to annul the selection process at any time, without incurring any liability and without assigning any reason thereof.
For any assistance/clarification in this regard, the prospective applicants may contact the **Scheme Officer on 8249964517** or to reach out to **PMU-9937022079/8050398938** during office hours.

OIPR-13037/11/0117/2324 — **Sd./- Secretary**

ANNEXURE - I

**OFFICE OF THE PANCHAYAT SAMITI, MANESWAR**

**Standard Bidding Document**
**Government of Odisha**

No. 1868/2023 — Date: 23.08.2023

**QUOTATION CALL NOTICE**

No. i-335: Sealed quotations are invited from interested reputed Travel Agencies/ Tour Operators or Private Individuals for providing 02 (Two) Nos. of Diesel Driven Vehicle of Fuel efficient vehicle (Bus 52 seater) within the monetary limit on maximum hiring or Rs.98,800/- (Ninety eight thousand eight hundred) per month (Maximum 26 days) excluding GST & Pol cost as per Notification No. 8508 Dtd.12.04.2019 of Home Deptt., Govt. of Odisha concurred in Finance Deptt. UOR No. 04/Codes Dt.10.04.2019 which shall confirm to the terms and conditions (Annexure - II) for OAV parmannpur for ferrying of Student through the Panchayat Samiti, Maneswar on monthly rent basis, initially for a period of twelve months and likely to be extended thereafter.

1. The service provide shall have a valid OGST registration having transport service as supplier service to participate in the tendering.
2. The service provider, participating in the bidding process under the jurisdiction of Municipal Corporations, shall be registered on Gem Platform.
3. The vehicle must be in road worthy condition and shall not be more than 3 years old from the date (Preferably new) of initial registration and must have valid Registration Certificate, Insurance Certificate, Fitness Certificate and valid contract carriage permit, proof of updated tax payment etc. which are mandatory for plying of vehicle.
4. The driver of the vehicle must have a valid driving licence for driving heavy transport passenger vehicle and should be sufficiently experienced in driving transport passenger vehicle.
5. The driver should be well behaved, gentle and obedient in nature.
6. A sum of Rs.5000/- shall be deposited by the intending bidders in shape of Account Payee Bank Draft dawn in favour of the Block Development Office, Maneswar submitted along with the quotation/tender as security deposit. After completion of tender process, the Bank Draft will be refunded to unsuccessful bidders.
7. The monthly rate of hire charges have to be quoted separately.
8. The vehicle must achieve a fuel efficiency of 03 Km. per liter.
9. The details of the make and year of manufacture of the vehicle, Registration No., mileage (Km cover per liter) and name of the Driver with Driving Licence No. and period of validity should be specifically provided in the general bid information to be furnished with the quotation/tender (Annexure - III).
10. The quotation completed in all respect should reach the Panchayat Samiti, Maneswar in a sealed cover scribed "Quotation for providing vehicle on hire basic" on or before 31.08.2023 by 11.00 A.M. and shall be opened on 31.08.2023 at 03.00 P.M. in presence of the bidders or their authorized representatives. This office has not responsible for any postal delay.
11. The application form of quotation/tender containing General Bid Information and terms and conditions & financial bid information for hiring of vehicles etc. will be available with the Block Development Officer, Maneswar on payment of Rs.100/- from 24.08.2023 to 31.08.2023 (Except Holidays) or can be downloaded from the website, the applicant shall furnish a Demand Draft drawn in favour of Block Development Officer, Maneswar for an amount of Rs.100/- (Rupees one hundred) only towards the cost of application along with the application.

**Sd./- Block Development Officer, Maneswar**
**Quotation/Tender Calling Authority**
OIPR-19383/11/0002/2324

idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES — No.CAD-1839

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No.IDCO:H.O./P&C/EST-E-1196/04/2018/Part-IV/ 26739, Dated.23.08.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH E-PROCUREMENT**

**1.Name of the Work:** Providing Comprehensive Facility Management Services of IDCO Towers, Bhubaneswar. 2.Period of Completion: 03 (Three) Years. 3.Other details:

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | P&C/ES-T/E-115/2023-24 | From 17.00 Hours of 04.09.2023 | To 17.00 hours of dt.22.09.2023 |

**Further details can be seen from the e-Procurement Portal: www.tendersodisha.gov.in.** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in. and www.idco.in.**

**Sd./-Chief General Manager (P&C), IDCO, Bhubaneswar**
OIPR-14003/11/0193/2324

**OFFICE OF THE CHIEF DISTRICT MEDICAL & PUBLIC OFFICER, KALAHANDI**

Letter No. 6043 — Dt. 25.08.2023

**TENDER CALL NOTICE**

No. E-368: Sealed tenders are invited from intending firms/ suppliers/wholesalers to supply of Laboratory Chemical & Consumables and equipment, instrument & furniture for CDM & PHO, Kalahandi for the year 2023-24. The last date of submission of tender is Dt.11.09.2023 at 04.00 P.M. by Speed Post/Registered Post only. For details information please visit the website: **http://kalahandi.nic.in/**.

**Sd./- Chief District Medical & PHO, Kalahandi**
OIPR-10076/11/0012/2324

**BLOCK DEVELOPMENT OFFICER, BAMRA**

**TENDER CALL NOTICE**

**Order No. 3880, 3883 & 3886** — **Date: 24.08.2023**

No. i-338: The Block Development Officer, Bamra invites percentage rate basis tender for 1. Completion of Mukhya Mantri Sabha Ghar at Bamra, Govindpur G.P. & 2. Completion of Mukhya Mantri Sabha Ghar Sadhapada, Rangiatikra G.P. 3. Const. of Multipurpose Hall at Kesaibahal, kesaibahal G.P. under Bamra Block. The detail of bid documents can be downloaded from district website: **www.sambalpur.nic.in** starts from Dt.28.08.2023 to 11.09.2023 during office hour and receipt of bid documents starts from 28.08.2023 to 12.09.2023 upto 4.00 P.M. on all working days in Office of the Block Development Officer, Bamra. The bid will be opened on Dt.13.09.2023 at 11.00 A.M. Intending Class - C & Class - B contractor may visit district website of Sambalpur **www.sambalpur.nic.in** for detail information.

**Sd./- Block Development Officer, Bamra**
OIPR-19319/11/0001/2324

**TPCODL**

**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
1st Floor, Anuj Building, Plot No.29, Satya Nagar, Bhubaneswar, Odisha 751007

**NOTICE INVITING TENDER**

**NIT No: TPCODL/P&S/NIT/23-24/15**

**Bids are invited from eligible Bidders for the following tenders of Odisha DISCOMs, namely TPCODL/ TPNODL/TPWODL/TPSODL (JV of Tata Power & Odisha Govt.):**

| Sl.No | Tender Enquiry No. | Tender description |
|---|---|---|
| 1 | TPCODL/P&S/1000000415/23-24 | Management of Customer Care Centre across TPCODL for 2 Years |
| 2 | TPCODL/P&S/1000000421/23-24 | Supply of various Testing Equipment for TPCODL |
| 3 | TPCODL / CCG / 2023-24 / 037 | Rate Contract for Supply of Drone with Trained Pilot for TPCODL / TPNODL / TPSODL / TPWODL / TPDDL / Power links Transmission Ltd. for Six Month |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website https://www.tpcentralodisha.com. All tenders will be available on TPCODL website w.e.f. from **dtd. 29.08.2023**. Future communication / corrigendum to tender documents, if any, shall be available on TPCODL website.

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE**

**1st Corrigendum to Bid Identification No.CCE/BLS/NCB/20**
**Invited vide this office Letter No.3196, dt.05.08.2023**
Office Order No.3596, Dt.19.08.23

**No.O-787:** In pursuance to this office e-Procurement Notice No.31966, Dt.05.08.2023 (NCB-20) the following changes have been made in NIT & DTCN.

| Sl. No. | Items | As per Original TCN | As per 1st Corrigendum to TCN & DTCN |
|---|---|---|---|
| 1 | Period of availability of Bidding Documents on website www.tenderodisha.gov.in. | 18.08.2023 at 10.00 AM to 25.08.2023 upto 5.00 PM | 28.08.2023 at 11.00 AM to Dt.12.09.2023 upto 5.00 PM |
| 2 | Last date & time of seeking tender Clarification | 24.08.2023 upto 5.00 PM | 11.09.2023 upto 5.00 PM |
| 3 | Opening of Bids: The Bids will be opened online by the authorized officer at the appointed time. | 28.08.2023 at 10.00 A.M. | Dt.13.09.2023 at 10.00 A.M. |

All other terms & conditions remain unaltered.

OIPR-25105/11/0030/2324 — **Sd./- Chief Construction Engineer, Rural Works Circle, Balasore**

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER RURAL WORKS DIVISION-I, MALKANGIRI**

**NATIONAL COMPETITIVE BIDDING THROUGH e-Procurement**

**1st Corrigendum to Identification No.Online Tender 07/RWD-I,MKG/2023-24, dt.14.08.2023**

**No.O-789:** Due to some unavoidable circumstance the availability of tender online bidding from 21.08.2023 at 11.00 am to 01.09.2023 upto 11.00 am is shifted as follows.

| Procurement Officer | Bid Identification No. | No. of Works | Availability of Tender on-line for bidding: From | Availability of Tender on-line for bidding: To | Last date & Time of seeking tender clarification | Date and time of opening of tender (Double Cover) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender-07/RWD-I, MKG/2023-24 | 5 (Five) Nos. | 01.09.2023 from 11.00 AM | 12.09.2023 upto 5.00 PM | 11.09.2023 upto 5.00 P.M. | Tech.Bid opening 13.09.2023 at 11.00 AM & Financial Bid opening:18.09.2023 at 11.00 AM |

OIPR-25058/11/0011/2324 — **Sd./- Superintending Engineer, R.W.Division-I, Malkangiri**

**ODISHA STATE SEEDS CORPORATION LIMITED**
**(A GOVERNMENT UNDERTAKING)**
**SANTARAPUR, BHUBANESWAR-751002, Tel-MD 0674-2340573, PBX-2340170, Fax:2340096**

**TENDER INVITATION No.-OSSC/Engg-87/2023**

**CAD-1863:** Managing Director, Odisha State Seeds Corporation Ltd. invites Percentage Rate tenders in **Double Cover System** through **ONLINE MODE ONLY** for the works below. **Values in Rs.**

| Sl. | Name of the Work | Cost of Work without GST | EMD | Cost of Tender Document with GST | Completion Period | Class of Contractor |
|---|---|---|---|---|---|---|
| 1 | Installation of LT Supply for Power Supply to 45 KW GP (Enhanced from existing 15.0 KW) by upgradation of Transformer from 25 KVA, 11/0.4 KV into 63 KVA Substation at Jajpur Road. | 7,63,238.00 Without GST | 7632.00 | 7,080.00 With GST | 120 | HT Electrical |

**CRITICAL DATES**

| | | |
|---|---|---|
| A | Availability of Bid Document | 14.40 hours on dt.29.08.2023 to 17.00 hours on dt.08.09.2023 |
| B | Last Date of Receipt of Tender in the Portal | 17.00 hours on dt. 08.09.2023 |
| C | Date/Time of Opening of Bid | 12.30 hours on dt.11.09.2023 |

Further detail can be seen from the website https://tendersodisha.gov.in. Any addendum/ corrigendum/ cancellation can also be seen in the said website.

**Sd./- Managing Director, OSSC Ltd., BBSR**
**OIPR-01106/11/0041/2324**

No. W-41

न्याय सब के लिए — ACCESS TO JUSTICE FOR ALL

**ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୩**

**ତା୦୯।୦୯।୨୦୨୩ରିଖ (ଦ୍ୱିତୀୟ ଶନିବାର)**

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋସ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩. ତା୦୯।୦୯।୨୦୨୩ରିଖ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା ଓ ଅନ୍ୟାନ୍ୟ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରି ମକଦ୍ଦମାର ଆପୋସ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାଏର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ.: ୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ-ମେଲ୍: oslsa2020@gmail.com
OIPR-18008/11/0006/2324

**ସଂକ୍ଷେପରେ**

## ରାମ୍‌କୋ ସିମେଣ୍ଟ ପ୍ଲାଣ୍ଟ ସମ୍ମୁଖରୁ ଟ୍ରକ ଚୋରି

**ଧର୍ମଶାଳା,୨୮।୮(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା ଅନ୍ତର୍ଗତ ରାମ୍‌କୋ ସିମେଣ୍ଟ କାରଖାନା ନିକଟରେ ଥିବା ଏକ ୧୨ଚକିଆ ଟ୍ରକ(ନଂ. ଓଡି-୦୫-ଆର-୬୬୪୩) ରବିବାର ରାତିରେ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି । ଉକ୍ତ ସିମେଣ୍ଟ କାରଖାନାରେ ଲାଗିଥିବା ଏହି ଟ୍ରକ୍‌କୁ ବ୍ରାହ୍ମଣଦା ଗ୍ରାମର ଡ୍ରାଇଭର ତଥା ମାଲିକ ଲିଙ୍ଗରଜ ସାହୁ ରବିବାର ରାତିରେ କାରଖାନା ଗେଟ ପାଖରେ ରଖି ଘରକୁ ଆସିଥିଲେ । ସୋମବାର ସକାଳେ ସେଠାରେ ଟ୍ରକ ନ ଥିଲା । ବିଭିନ୍ନ ସ୍ଥାନ ଖୋଜା ଖୋଜି କରି ନ ପାଇବାରୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା(ନଂ.୫୨୯/୨୩)ରୁଜୁ କରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ଧର୍ମଶାଳା ସବ୍‌ପୋଷ୍ଟମାଷ୍ଟରଙ୍କୁ ଶ୍ରଦ୍ଧାଞ୍ଜଳି

**ଧର୍ମଶାଳା,୨୮।୮(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଉପଡାକଘର ସବ୍‌ପୋଷ୍ଟ ମାଷ୍ଟର ସୁଶାନ୍ତ କୁମାର ସାହୁଙ୍କ ଏକାଦଶାହ ଅବସରରେ ଧର୍ମଶାଳା ଡାକ ଘରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯାଜପୁର ପୋଷ୍ଟାଲ ଡିଭିଜନର ଅଧୀକ୍ଷକ ଶୁଭ୍ରକାଶ ନାୟକ, ଧର୍ମଶାଳା ପୋଷ୍ଟାଲ ଡାକ ନିରୀକ୍ଷକ କୁମର ପ୍ରସାଦ ଜେନା, ଧର୍ମଶାଳା ସବ୍‌ପୋଷ୍ଟ ମାଷ୍ଟର ଅଚ୍ୟୁତ ଖଣ୍ଡେଇ, ପୂର୍ବତନ ପୋଷ୍ଟ ମାଷ୍ଟର ସୁନିତ କୁମାର ମହାରଣା, ଅନନ୍ତ ଚରଣ ସାହୁ, ଚକ୍ରଧର ବେହେରା, ସୁଶ୍ରୀ ବିଶ୍ୱାଳ, ଯାଜ୍ଞସେନୀ ସାହୁ, ଲୋପାମୁଦ୍ରା ମହାନ୍ତି, ବିନୁଲତା ଶାନ୍ତି, ସୌଗତ ଶୁଭଙ୍କର ସ୍ୱାଇଁ, ସନ୍ତୋଷ ଶତପଥୀ, କୁଞ୍ଜବିହାରୀ ରାୟ, ସୁବାଷ ଦାସ, ଗୁଲାମ ରସୁଲ ଖାନ, ରିନୁଲତା ତରାଇ, ଦେବାଶିଷ କର, କୁଳମଣି ରାଉତ, ତପନ ମଲ୍ଲିକ, କାହ୍ନୁ ଚରଣ ପାତ୍ର, କୃଷ୍ଣ ଚନ୍ଦ୍ର ମାଝୀ, କ୍ଷୀରୋଦ ମହାଲିକ, ଅବିନାଶ ରଥ, ପ୍ରମୋଦ କୁମାର ସାହୁ, ଚନ୍ଦ୍ରମଣି ମଲ୍ଲିକ ଯୋଗ ଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ କାଏମା ପୋଷ୍ଟ ମାଷ୍ଟର ଧନେଶ୍ୱର ମହାନ୍ତି ପରିଚାଳନା କରିଥିଲେ । ଧର୍ମଶାଳା ସବ୍‌ପୋଷ୍ଟ ଅଫିସରେ ଶୋକସଭା ପାଳନ ପରେ ଡାକ ଅଧୀକ୍ଷକ ଏବଂ ନିରୀକ୍ଷକ ସୁଶାନ୍ତ ସାହୁଙ୍କ ବାସଭବନକୁ ଯାଇ, ତାଙ୍କ ସ୍ତ୍ରୀଙ୍କ ଚାକିରୀ, ପେନସନ ଏବଂ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ରୁଆ ଧାନ ଜମି ଫାଟିଲା

**ସିଂହପୁର,୨୮।୮**
**(ଅନଙ୍ଗଉଦୟ ବେହୁରିଆ)**

ନିଅଣ୍ଟିଆ ବର୍ଷା ଯୋଗୁ ରୁଆ ଓ ବୁଣା ଧାନ ଜମି ଫାଟି ଆଁ କରିଛି । ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର, ଓଲେଇଚନ୍ଦନପୁର, ବାଚଳ , ଟିନା, ଜରୀ , ବାଙ୍ଗରା, ହଳଦିଡିହ ଆଦି ପଞ୍ଚାୟତରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ଏଥିପାଇଁ ଚଳିତ ବର୍ଷ ଫସଲ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ଚାଷ ଜମି ଅବସ୍ଥା ଦେଖି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଚଳିତ ବର୍ଷ ପ୍ରାରମ୍ଭରେ ଅଳ୍ପ ବର୍ଷା ଯୋଗୁ ଚାଷ କାମ ବିଳମ୍ବରେ ଆରମ୍ଭ ହୋଇଥିଲା ।

## ୨ ପଞ୍ଚାୟତରେ ଭତ୍ତା ବଣ୍ଟନ

**ବାଲିଚନ୍ଦ୍ରପୁର,୨୮।୮**
**(ଗିରିଜା ପ୍ରସାଦ ସାହୁ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ପଞ୍ଚାୟତ କାର୍ଯ୍ୟାଳୟରେ ପତରାଜପୁର ଓ ବାଲିଚନ୍ଦ୍ରପୁର ପଞ୍ଚାୟତର ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ବରିଷ୍ଠ ଅତିଥି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଅନ୍ୟତମ ଅତିଥି ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଆମ୍ବା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ଶାରଦା ମହାନ୍ତି, ପତରାଜପୁର ସରପଞ୍ଚ ତନୁଶ୍ରୀ ଦାସ, ବାଲିଚନ୍ଦ୍ରପୁର ସମିତି ସଭ୍ୟ ବନ୍ଦିତା ମହାରଣା, ଚାରିନଙ୍ଗଳ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରରେ ପତରାଜପୁର ପଞ୍ଚାୟତ ୨୮ ଜଣ ହିତାଧିକାରୀ ଓ ବାଲିଚନ୍ଦ୍ରପୁର ପଞ୍ଚାୟତର ୪୮ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା ।

# କାର୍ଯ୍ୟକ୍ଷମ ହୋଇପାରୁନାହିଁ ଗୋଷ୍ଠୀ ଶୌଚାଳୟ

**ପ୍ରହସନ ପାଲଟିଛି ସ୍ୱଚ୍ଛ ଭାରତ ଯୋଜନା**

**ପ୍ରୀତିପୁର,୨୮।୮(ସୁଶାନ୍ତ ବେହୁରିଆ)**

ସରକାର ସ୍ୱଚ୍ଛ ଭାରତ ଯୋଜନାରେ ପ୍ରଚାର ପ୍ରସାର ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଭିନ୍ନ ଗ୍ରାମକୁ ବାହ୍ୟ ମଳମୁକ୍ତ ଗ୍ରାମ ବୋଲି ଫଳକ ଲଗାଇ ବାହାବା ନେବାକୁ ଉଦ୍ୟମ କରୁଛନ୍ତି। ହେଲେ ବିଭିନ୍ନ ସ୍ଥାନର ପ୍ରକୃତ ସ୍ଥିତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଜଣାପଡ଼ିଛି । ଏହାର ଉଦାହରଣ ବିଂଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତରେ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଖାନନଗର ପଞ୍ଚାୟତ ରାମପୁର ଗ୍ରାମଠାରେ ଗ୍ରାମବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୨୧-୨୨ରେ ରାମପୁର ହରିଜନ ସାହି ଗୋଷ୍ଠୀ ଶୌଚାଳୟ ନିର୍ମାଣ ନିମନ୍ତେ ୧ ଲକ୍ଷ ୭୮୦ ଟଙ୍କା ଯୋଗାଇ ଦିଆଯାଇଥିଲା । ପରେ ଏହାର ପୂର୍ଣ୍ଣାଙ୍ଗ ନିମନ୍ତେ ୨୦୨୧-୨୨ରେ ପୁଣି ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଶୌଚାଳୟ ଟାଙ୍କି, କବାଟ ଓ ଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ ୧ ଲକ୍ଷ ଟଙ୍କା ଦିଆଯାଇଥିଲା । ମାତ୍ର ଇତିମଧ୍ୟରେ ୧ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଉକ୍ତ ଶୌଚାଳୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅପରପକ୍ଷେ ଶୌଚାଳୟର କବାଟ ଓ ସେପ୍ଟିକ ଟାଙ୍କିର ଡାଙ୍କୁଣୀ ଆଦି ଭାଙ୍ଗି ଗଲାଣି । ମୁକୁଳା ଟାଙ୍କିରେ ଗାଈଗୋରୁ, ଛେଳି ମେଣ୍ଢା ଓ ଛୋଟ ପିଲାମାନେ ଗଳି ପଡ଼ିବାର ଆଶଙ୍କା ରହିଛି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସୁବ୍ରତ ବେହେରାଙ୍କୁ ପଚାରିବାରୁ ଜଳ ଯୋଗାଣ ଓ ବିଦ୍ୟୁତ୍ ବ୍ୟବସ୍ଥା ଅସମ୍ପୂର୍ଣ୍ଣ ରହିଥିବାରୁ ଉକ୍ତ ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ହୋଇପାରୁନି ବୋଲି କହିଛନ୍ତି। ମାତ୍ର ବାକି କାମ ହେବା ବେଳକୁ ଶୌଚାଳୟର ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଥିବ ବୋଲି ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଦଶରଥପୁର ବିଡ଼ିଓ ଏ ସମ୍ପର୍କରେ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।



ଅଧାପନ୍ତରିଆ ଅବସ୍ଥାରେ ଗୋଷ୍ଠୀ ଶୌଚାଳୟ ।

# ୧୪କୁଇଣ୍ଟାଲ ତମ୍ବା, ଆଲୁମିନିୟମ ତାର ଜବତ



ଜବତ ହୋଇଥିବା ତମ୍ବା ଓ ଆଲୁମିନିୟମ ତାର ।

**ରସୁଲପୁର/ପାଣିକୋଇଲି,୨୮।୮**
**(ରଞ୍ଜିତ ରାଉତ/ବିକାଶ କୁମାର ମଲିକ)**

କୁଆଖିଆ ଥାନା ଅଞ୍ଚଳରେ ବେଆଇନ ତମ୍ବା, ଆଲୁମିନିୟମ ଅସ୍କ୍ରାପ ଚୋରା ଚାଲାଣ ହେବା ଏକ ନିତିଦିନିଆ ଘଟଣା। ଯାଜପୁର ଜିଲା ଓ ତାର ପଡୋଶୀ ଜିଲାରୁ ଚୋରା ଚାଲାଣ ହେଉଥିବା ସ୍କ୍ରାପଗୁଡ଼ିକୁ ବସ୍ ଯୋଗେ ବାହାର ରାଜ୍ୟକୁ ଚାଲାଣ କରାଯାଉଛି । ଏହାର ମାଷ୍ଟର ମାଇଣ୍ଡକୁ ପୋଲିସ କୁଆଖିଆ ବଜାରରୁ କାବୁ କରିବାରେ ସଫଳ ହୋଇଛି। ଅଭିଯୁକ୍ତମାନଙ୍କଠାରୁ ପୋଲିସ ୧୪ କୁଇଣ୍ଟାଲ ଓଜନର ତମ୍ବା ଓ କପର ତାର ବୋଝେଇ ଥିବା ଅଖାବସ୍ତାକୁ ଜବତ କରି ତଦନ୍ତ ଜାରି ରଖିଛି । ଉକ୍ତ ବସ୍ତାଗୁଡିକ ପାରାଦୀପରୁ କଲିକତା ଅଭିମୁଖେ ଯାଉଥିବା ଶୁଭମ୍ ନାମକ ଏକ ବସ୍‌ରେ କୁଆଖିଆ ବଜାରରୁ ବୋଝେଇ ହୋଇ କଲିକତା ଚାଲାଣ ହେଉଥିଲା । ଏହି ଚୋରା ଚାଲାଣରେ ସଂପୃକ୍ତ ଥିବା ୨ ଅଭିଯୁକ୍ତ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ଅରୁଣ ପଣ୍ଡା(୪୮) ଓ ଏହି ଥାନା ଅନ୍ତର୍ଗତ କୋଳଥଳ ଗ୍ରାମର ବଳିଆ ଓରଫ ବଳରାମ ବେହେରା(୩୪) ବୋଲି ଜଣାପଡିଛି । ବଳିଆ କୁଆଖିଆ ବଜାରର ବସ୍‌ଷ୍ଟାଣ୍ଡରେ ହକରିଂ କରୁଥିବା ବେଳେ ଅରୁଣ ପଣ୍ଡା ତମ୍ବା ପିତ୍ତଳ ବ୍ୟବସାୟୀ । ଅଭିଯୁକ୍ତମାନେ ଆଗରୁ ବହୁବାର ଏଭଳି ଚୋରା ଚାଲାଣ କାରବାର କରୁଥିଲେ ବୋଲି ପୋଲିସ ନିକଟରେ ଅଭିଯୋଗ ହୋଇ ଆସୁଥିଲା ।

ରବିବାର ରାତି ୧୦ଟାରେ ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଦେବପଦ ମହାନ୍ତିଙ୍କ ନେତୃତ୍ୱରେ ଏକ ପୋଲିସ ପାଟ୍ରୋଲିଂ ଦଳ ଘଟଣାସ୍ଥଳରେ ପହଞ୍ଚି ଥିଲେ । କୁଆଖିଆ ବସ୍‌ଷ୍ଟାଣ୍ଡରେ ଛିଡା ହୋଇଥିବା ଶୁଭମ୍ ବସ୍‌କୁ ଛାନଭିନ୍ନ କରିବାରୁ ଉକ୍ତ ବସ୍‌ରେ ବୋଝେଇ ହୋଇଥିବା ତମ୍ବା, ପିତ୍ତଳ, ଆଲୁମିନିୟମ ତାର ବସ୍ତାଗୁଡିକୁ ଜବତ କରିଥିଲେ । ଏହି ତାରକୁ ଚାଲାଣ କରିବାରେ ସଂପୃକ୍ତ ଥିବା ବ୍ୟବସାୟୀ ଦ୍ୱୟଙ୍କୁ ପୋଲିସ ପଚରା ଉଚୁରା କରିବା ସହ ଏ ଦିଗରେ ସେମାନେ ପୋଲିସକୁ କୌଣସି କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିଲେ । ମୂଲ୍ୟବାନ ଧାତୁ ବେଆଇନ ଚାଲାଣ ଅଭିଯୋଗରେ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏଏସଆଇ ମହାନ୍ତିଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୩୧୯/୨୩) ରୁଜୁ ହୋଇଛି । ଏଏସଆଇ କଳାକାହ୍ନୁ ଟିଯୁ ମାମଲାର ତଦନ୍ତ କରୁଛନ୍ତି ।

# ନଳୀପୁରଠାରେ ଉପସ୍ୱାସ୍ଥ୍ୟକେନ୍ଦ୍ର ଶିଳାନ୍ୟାସ

**ବାଲିଚନ୍ଦ୍ରପୁର,୨୮।୮**
**(ଗିରିଜା ପ୍ରସାଦ ସାହୁ)**

ବଡ଼ଚଣା ବ୍ଲକ ଅଧୀନ ନଳୀପୁରଠାରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି। ବଡ଼ଚଣା ଆଇନ ସେଲ ଅଧ୍ୟକ୍ଷ ମନ୍ମଥ କେଶରୀ ସାହେବରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖି କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବଡ଼ଚଣାର ବିଧାୟକ ଅମର ପ୍ରସାଦ ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଉପ କେନ୍ଦ୍ର ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବଡ଼ଚଣା ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି, ଆମ୍ବା ଅଧ୍ୟକ୍ଷ ବିପିନ ବିହାରୀ ଜେନା ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ମନୋରଞ୍ଜନ ମଲ୍ଲିକ, ସେକ୍ ଏମାମୁଦ୍ଦିନ, ନ୍ୟାଜୁଦ୍ଦିନ୍ ଖାଁ, ଜାବେଦ ଏକବାଲ, ଜୟନ୍ତ ବେହେରା, ତପ ରଞ୍ଜନ ବଳ, ସେକ୍ ସରାଫତ୍, ପତରାଜପୁର ସରପଞ୍ଚ ତନୁଶ୍ରୀ ଦାସ, ଫନିନ୍ଦ୍ରନାଥ ପଣ୍ଡା, ଦିଲୀପ ଷଣ୍ଢ, ଆରିଫ୍ ଖାଁ, ରମେଶ ମଲିକ, ପ୍ରତାପ ଚନ୍ଦ୍ର ନାୟକ, ଅନନ୍ତ ସିଂହ, ସୁଧାଂଶୁ ଶେଖର ମହାନ୍ତି, ଶରତ ବାରିକ, ସତ୍ୟଜିତ୍ କାନୁନଗୋ, ମମତାଜ ଖାଁ, ସେକ୍ ବୁଦ୍ଧି, ହନାନ୍ ଖାଁ, ସମସାରା ବେଗମ, ସେକ୍ ନ୍ୟାସିରୁଦ୍ଦିନ୍, ରାକେଶ ମଲିକ, ଅନୁସୂୟା ରାଉତ, ବିଜୟ ମଲିକ ପ୍ରମୁଖ ଯୋଗଦେଇଥିଲେ। ରଶ୍ମି ରଞ୍ଜନ ବଳ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଏମ୍‌ପି ଶର୍ମିଷ୍ଠା ସେଠୀ, ବିଧାୟକ ଅମର ପ୍ରସାଦ ଶତପଥି ଏବଂ ଅନ୍ୟମାନେ ।

## ୬୭୫ ଲିଟର ସୁରା ଜବତ, ଜଣେ ଗିରଫ

**ଧାମନଗର,୨୮।୮ (ସନ୍ତୋଷ କୁମାର ମହାପାତ୍ର)**

ଭଦ୍ରକ ଜିଲା ଧାମନଗର ଥାନା ଗିଙ୍ଗୁଡ଼ିପୁରସ୍ଥିତ ଏକ ଗୋଦାମରେ କଟକ ଅବକାରୀ ବିଭାଗର ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ଧାମନଗର ଅବକାରୀ ବିଭାଗ ମିଳିତ ଚଢ଼ାଉ କରି ୬୭୫ ଲିଟର ସୁରା ଜବତ ସହ ଜଣଙ୍କୁ ଗିରଫ କରିଛନ୍ତି। ରବିବାର ବିଶ୍ୱନାଥ ପାଢ଼ୀଙ୍କ ଗୋଦାମରେ ବେଆଇନ ଭାବେ ୬୭୫ ଲିଟର ସୁରା ଗଚ୍ଛିତ ଥିବା ଖବରପାଇ ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌ର ଇନ୍ସପେକ୍ଟର ହୋସେନ ଇସୁ ହାଁସଦା, ଏଏସ୍‌ଆଇ ପ୍ରଦୀପ ବେହେରା, ନଟବର ବେହେରା, ରୋଜାଲିନ ପଟ୍ଟନାୟକ ଏବଂ ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ସନ୍ଦୀପ ପାଢ଼ୀ, ଏଏସ୍‌ଆଇ ଭବେଶ ଦାସ ପ୍ରମୁଖ ଚଢ଼ାଉ କରିଥିଲେ। ବିଶ୍ୱନାଥଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେହିପରି ଧାମନଗର ବିଜୁ ପଟ୍ଟନାୟକ ଛକ ନିକଟରେ ଏକ ବୋଲେରୋରୁ ୨୭୦ ଲିଟରେ ସୁରା ଓ ୧୦୬୦ ଲିଟର ପୋଚ, ମଙ୍ଗଳପୁରଠାରୁ ୩୬୦ ଲିଟର ଦେଶୀମଦ ଜବତ କରାଯାଇଥିଲା।

# ଆବାସିକ ଶିକ୍ଷାନୁଷ୍ଠାନରେ ସ୍ୱାଗତ ଉତ୍ସବ



ସ୍ୱାଗତ ଉତ୍ସବରେ ଯୋଗଦେଇଥିବା ଅତିଥି ।

**ବାଲିଚନ୍ଦ୍ରପୁର,୨୮।୮**
**(ଗିରିଜା ପ୍ରସାଦ ସାହୁ)**

ସ୍ୱାମୀ ବିବେକାନନ୍ଦ ଆବାସିକ ଶିକ୍ଷାନୁଷ୍ଠାନର ନବାଗତ ବିଜ୍ଞାନ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏହି ଉତ୍ସବରେ ପ୍ରଫେସର ଶ୍ରୀନିବାସ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ପ୍ରଫେସର ଯତିନ୍ଦ୍ର ରାଉତ, ପ୍ରଫେସର ପ୍ରଦୀପ ସୂତାର, ଚେୟାରମ୍ୟାନ୍ ଇଂ.ଜ୍ୟୋତି ପ୍ରକାଶ ମହାନ୍ତି, ଅଧ୍ୟାପକ ଚିନ୍ମୟ ସାହୁ, ଅଧ୍ୟାପିକା ସୁପ୍ରିୟା ଶତପଥୀ, ସ୍ୱପ୍ନା ସାଗରିକା ଜେନା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଚିନ୍ମୟ ଓଝା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଭାପତି ଶ୍ରୀନିବାସ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ପ୍ରାଧ୍ୟାପକ ଯତିନ୍ଦ୍ର ରାଉତ ଶୃଙ୍ଖଳିତ ଜୀବନ ଉପରେ ଆଲୋକପାତ କରିଥିଲେ । ରସାୟନ ବିଜ୍ଞାନ ପ୍ରାଧ୍ୟାପକ ପ୍ରଦୀପ୍ତ ସୂତାର ଜୀବନରେ ଭଗବତ ଗୀତାର ମହାତ୍ମ୍ୟ ଓ ମୂଲ୍ୟବୋଧ ସମ୍ପର୍କରେ କହିଥିଲେ। ବର୍ଷାରାଣୀ ଜେନା, ଅର୍ପିତା ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଲୋକ ସମ୍ପର୍କ ଅଧିକାରୀ ଦେବାଶିଷ ଓଝା, ସସ୍ମିତା ନାୟକ, ଶୀତନ ସାହୁ, ଚନ୍ଦନ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ସ୍ନେହଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘଣ୍ଟାଏରେ ଜିଲାପାଳଙ୍କ ଜନଶୁଣାଣି ଶେଷ

**ଅଭିଯୋଗ କମ୍, ଅଧିକାରୀ ବେଶୀ**

**ଝୁମ୍ପୁରୀ,୨୮।୮(ସରୋଜ ନାୟକ)**

ସୋମବାର ଯାଜପୁର ଜିଲା ଦଶରଥପୁର ବ୍ଲକ୍‌ରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ହେଲେ ଏହି ଶିବିର ମାତ୍ର ୧ ଘଣ୍ଟା ମଧ୍ୟରେ ଶେଷ ହୋଇଥିଲା। ଉକ୍ତ ଶିବିରରେ ଅଭିଯୋଗ କମ୍ ଆସିଥିଲା । ଆବଶ୍ୟକ ପ୍ରଚାର ପ୍ରସାର ଯୋଗୁ ଏହି ଶିବିର ଫାଙ୍କା ପଡିଥିଲା । ଅନ୍ୟପକ୍ଷେ ଉକ୍ତ ଶିବିରରେ ଯାହା ନିଷ୍ପତ୍ତି ହେଉଛି ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ଲୋକଙ୍କ ବିଶ୍ୱାସ ତୁଟି ଯାଉଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଅଭିଯୋଗ ହୋଇଥିଲା।

ସୂଚନା ଅନୁଯାୟୀ, ସୋମବାର ବ୍ଲକ୍‌ର ସଭାଗୃହରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଜିଲାପାଳଙ୍କ ସହ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଅଭିଯୋଗକାରୀଙ୍କ ସଂଖ୍ୟା ନଗଣ୍ୟ ଥିଲା । ଶିବିରରେ ମାତ୍ର ୩୮ ଅଭିଯୋଗ ଆସିଥିଲା । ସେଥିମଧ୍ୟରେ ବ୍ୟକ୍ତିଗତ ଭାବେ ୩୪ଟି ଅଭିଯୋଗ ହୋଇଥିବାବେଳେ ୪ଟି ଅଭିଯୋଗ ସାମୁହିକ ହୋଇଥିଲା । ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ ୧୪ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା । ରେଡ୍‌କ୍ରସ ପାଣ୍ଠି ସହାୟତା ପାଇଁ ୮ ଜଣ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଅର୍ଥ ପାଇବାକୁ ୩ ଜଣ ହିତାଧିକାରୀ ଆବେଦନ କରିଥିଲେ । ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଶିବିରରେ ପହଞ୍ଚିଥିବାବେଳେ ମାତ୍ର ୧ ଘଣ୍ଟା ରହି ୧୨ଟା ସମୟରେ ଶିବିରରୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ଶିବିରରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ, ଉପଜିଲାପାଳ ଗୋପୀନାଥ କୁଅଁର, ବିଡ଼ିଓ ଆକାଶ ପଟ୍ଟନାୟକ, ତହସିଲଦାର ବିକ୍ରମ କିଶୋର ପରିଡ଼ା, ଜିଲା ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ଡେପୁଟି କଲେକ୍ଟର ପ୍ରଫୁଲ୍ଲ ମିଶ୍ର, ଡି.ଡବ୍ଲ୍ୟୁ.ଓ ଶରତ ଚନ୍ଦ୍ର ବେହେରା, ପି.ଇ.ଓ ସଂଯୁକ୍ତା ଘଡ଼ାଇ, ସିଡ଼ିପିଓ ଶାନ୍ତିଲତା ସେଠୀ ପ୍ରମୁଖଙ୍କ ସହ ବ୍ଲକ୍ ସହକାରୀ ଯନ୍ତ୍ରୀ ରାହାସ ବିହାରୀ ଜେନା ଏହି ଶିବିରରେ ଯୋଗଦେଇଥିଲେ।

# ଡାକ ବିଭାଗ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ

**ଧର୍ମଶାଳା, ୨୮।୮(ବଟକୃଷ୍ଣ ପରିଡ଼ା):**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମା ଲାଲବାହାଦୁର ହାଇସ୍କୁଲଠାରେ ଯାଜପୁର ପୋଷ୍ଟାଲ ଡିଭିଜନ ତରଫରୁ ବିଭିନ୍ନ ଖେଳକୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ସ୍କୁଲ ପରିସରରେ ଖେଲୋ ଇଣ୍ଡିଆ, ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଲିବଲ, ଚେସ୍ ଓ ଯୋଗ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ଡାକ ଅଧୀକ୍ଷକ ଶୁଭ୍ରାକାଶ ନାୟକ, ସମ୍ମାନିତ ଅତିଥି କୁମର ପ୍ରସାଦ ଜେନା, ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରାଜଶ୍ରୀ ପଣ୍ଡା, କ୍ରୀଡା ଶିକ୍ଷୟିତ୍ରୀ ଗୀତା ମହାନ୍ତି ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ କାଏମା ପୋଷ୍ଟ ମାଷ୍ଟର ଧନେଶ୍ୱର ମହାନ୍ତି ପରିଚାଳନା କରିଥିଲେ ।



ଜଣେ କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

# ଟାଟା ପାୱାର ଚୁକ୍ତି ବାତିଲ କରିବା ଦାବି ଜୋର ଧରିଲା

**ରସୁଲପୁର,୨୮।୮(ରଞ୍ଜିତ ରାଉତ)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ହାଟସ୍ଥିତ କଲ୍ୟାଣ ମଣ୍ଡପରେ ଗ୍ରାମାଞ୍ଚଳ ବିଦ୍ୟୁତ ଉପଭୋକ୍ତା ଏକତା ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମଞ୍ଚ ପକ୍ଷରୁ ରାଜ୍ୟରେ ବିଦ୍ୟୁତ ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାର କମ୍ପାନୀକୁ ତୀବ୍ର ବିରୋଧ କରାଯାଇଛି । ଓଡିଶାର ଗ୍ରାମାଞ୍ଚଳର ଗରୀବ ଉପଭୋକ୍ତାମାନଙ୍କୁ ଟାଟା କମ୍ପାନୀ ଶୋଷଣ କରୁଛି । ଏ ଦିଗରେ ସରକାର ସୁଚିନ୍ତିତ ପଦକ୍ଷେପ ନିଅନ୍ତୁ ଏବଂ କମ୍ପାନୀ ସହ ହୋଇଥିବା ଚୁକ୍ତିକୁ ତୁରନ୍ତ ବାତିଲ କରନ୍ତୁ । ଏହାଛଡା ଗ୍ରାମାଞ୍ଚଳ ଉପଭୋକ୍ତାମାନଙ୍କୁ ୧୫୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଯୋଗାଇ ଦେବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି ।

ମଞ୍ଚ ପକ୍ଷରୁ କମ୍ପାନୀ ବିରୋଧରେ ଏକ ଦସ୍ତଖତ ଅଭିଯାନ ଜରିଆରେ ଜନମତକୁ ଏକତ୍ରିତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ରାଜ୍ୟ ସରକାର ବିଦ୍ୟୁତ ଭଳି ଏକ ଅତ୍ୟାବଶକୀୟ ସେବାକୁ ନେଇ କାର୍ଯ୍ୟକାରୀ କରୁଥିବା ନୀତିରେ ପରିବର୍ତ୍ତନ ନ ଘଟାଇଲେ ରାଜ୍ୟ ବ୍ୟାପୀ ଆନ୍ଦୋଳନ ହେବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାବାଦ୍ ମଞ୍ଚର କାର୍ଯ୍ୟକର୍ତ୍ତାମାନେ ଟାଟା ପାୱାରର ମନମୁଖି କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, କମ୍ପାନୀ ପକ୍ଷରୁ ଉପଭୋକ୍ତାମାନଙ୍କ ଘରେ ଲଗା ଯାଇଥିବା ମିଟର ଦ୍ରୁତ ଗତିରେ ଚାଲୁଛି । ତାର ବୈଷୟିକ ଯାଞ୍ଚ କରାଯାଉ । ସଂଶ୍ରି ଚାର୍ଜ, ବିଦ୍ୟୁତ ଡିୟୁଟି ଚାର୍ଜ, ଅତିରିକ୍ତ ଅମାନତ ଜମା ଦାଖଲ କରିବା, ବିଦ୍ୟୁତ ବିଲ୍‌ରେ ମନଇଚ୍ଛା ଅର୍ଥ ଯୋଡିବା ଭଳି କେତେକ ଅନୈତିକ କାର୍ଯ୍ୟକୁ ବିରୋଧ କରାଯାଇଛି । ଏହାଛଡା ଉପଭୋକ୍ତାମାନଙ୍କ ସମାନ୍ୟ ତ୍ରୁଟି ଦର୍ଶାଇ ସେମାନଙ୍କ ଉପରେ ଅତ୍ୟଧିକ ଜୋରିମାନା ଲାଗୁ କରିବା, ବିଦ୍ୟୁତ ଭିତ୍ତିଭୂମି ସଜାଡିବା ଆଳରେ ଗ୍ରାହକମାନଙ୍କୁ ଲୁଣ୍ଠନ କରିବା, ନିରନ୍ତର ବିଦ୍ୟୁତ ସେବା ପ୍ରଦାନରେ ବିଫଳ ହେବା ଭଳି କମ୍ପାନୀର ବହୁ ବିଫଳତା ଉପରେ ମଞ୍ଚର କାର୍ଯ୍ୟକର୍ତ୍ତାମାନେ ବର୍ଷି ଥିଲେ । ଓଡ଼ିଶା ବିଦ୍ୟୁତ ଉତ୍ପାଦନରେ ଏକ ବଳକା ରାଜ୍ୟ ହୋଇଥିବା ବେଳେ ଏଠାରେ ବିଦ୍ୟୁତ ଦେୟ ଅତ୍ୟନ୍ତ ମହଙ୍ଗା ହୋଇପଡିଛି । ରାଜ୍ୟ ସରକାର କମ୍ପାନୀ ପାଖରେ ହାତଟେକିଦେବା ଭଳି ସ୍ଥିତିକୁ ବୈଠକରେ ନିନ୍ଦା କରାଯାଇଛି । ଏହାର ଫଳ ସରକାରଙ୍କୁ ଭୋଗିବାକୁ ପଡିବ । ସରକାର ତୁରନ୍ତ ବିଦ୍ୟୁତ ଭଳି ଅତ୍ୟାବଶକୀୟ ସାମଗ୍ରୀକୁ ନିଜ ଅଧୀନରେ ରଖିବା ସହ ଗ୍ରାମାଞ୍ଚଳର ଗରୀବ ଉପଭୋକ୍ତାମାନଙ୍କୁ ମାଗଣା ବିଜୁଳି ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି ମଞ୍ଚର ସଭାପତି ନାରାୟଣ ଜେନା ଦାବି କରିଛନ୍ତି । ଜନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶାସ୍ତ୍ରୀ ବାହାଦୁର ପ୍ରଧାନ, ମଞ୍ଚର ସଂଯୋଜକ ଶାନ୍ତନୁ କୁମାର ଶତପଥୀ, ସହ-ସଂଯୋଜକ ନିରଞ୍ଜନ ପ୍ରଧାନ, ତ୍ରିଲୋଚନ ବିଶ୍ୱାଳ, ସୁଦାମ ପାଢ଼ୀ, ସୁବାଶିଷ ପଣ୍ଡା, ଗୋପିନାଥ ଲେଙ୍କା, ବଟକୃଷ୍ଣ ପ୍ରଧାନ, ଲାଲାମୋହନ ନନ୍ଦୀ, ମନମୋହନ ନନ୍ଦୀ, ଭାଗିରଥୀ ଦାସ, ବିଦ୍ୟାଧର ଦତ୍ତଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।




ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ଏକତା ମଞ୍ଚ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ।

**ବରୁଣା ପଞ୍ଚାୟତରେ ୮୨ ନୂତନ ଭତ୍ତା ବଣ୍ଟନ**

ରାଜକନିକା,(ରବୀନ୍ଦ୍ର କୁମାର ଦାସ/ ସଞ୍ଜୟ କୁମାର ଦାଶ): ରାଜକନିକା ବ୍ଲକ ବରୁଣା ପଞ୍ଚାୟତରେ ୮୨ଜଣ ନୂଆ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା ବଣ୍ଟନ କରାଯାଇଛି। ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜକନିକା ୨୮ ନଂ. ଜିଲାପରିଷଦ ଜୋନ୍‌ର ସଭ୍ୟ ପ୍ରତାପ କୁମାର ବେହେରା ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବରୁଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେଡି ପଞ୍ଚାୟତ ସମ୍ପାଦକ ଉତ୍ତମ କୁମାର ସେନାପତି ଉପସ୍ଥିତ ବୃଦ୍ଧାବୃଦ୍ଧମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ହରିଶ୍ଚନ୍ଦ୍ର ମହାପାତ୍ର, ଧାରେନ୍ଦ୍ର ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ୭ ମାସ ପରେ ବି ୱେବସାଇଟ୍ ଅପଡେଟ୍ ହେଲାନି

**ଜଗତ୍‌ସିଂହପୁର ପୌର ପରିଷଦ**

■ **ଏସ୍‌ଆଇସିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରିତାରେ ବିଳମ୍ବ**

ଜଗତ୍‌ସିଂହପୁର, ୨୮।୮ (ପ୍ରମୋଦ ନାୟକ)

କୌଣସି ନାଗରିକଙ୍କୁ ସୂଚନା ଅଧିକାର (ଆର୍‌ଟିଆଇ)ରୁ ବଞ୍ଚିତ କରାଯାଇପାରିବ ନାହିଁ। ତେଣୁ ନିର୍ଦ୍ଦେଶ ପାଇବାର ୬୦ ଦିନ ଭିତରେ ଅଫିସିଆଲ ୱେବସାଇଟ୍ ଅପଡେଟ୍ କର। ଜଗତ୍‌ସିଂହପୁର ପୌର ପରିଷଦକୁ ୭ ମାସ ପୂର୍ବରୁ ଏଭଳି ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ସୂଚନା କମିଶନର (ଏସ୍‌ଆଇସି) ଦିଲୀପ କୁମାର ବିଶୋଇ। କିନ୍ତୁ ଏହି ନିର୍ଦ୍ଦେଶ କାର୍ଯ୍ୟକାରିତାରେ ବିଳମ୍ବକୁ ନେଇ ନାନା କଥା ଆଲୋଚନା ହେଉଛି।

ସୂଚନା ଅଧିକାର ଅଧିନିୟମ ୨୦୦୫ ଧାରା ୬(୧) ଅନୁଯାୟୀ ଦେଶର ପ୍ରତ୍ୟେକ ନାଗରିକ ସୂଚନା ପାଇବାର ଅଧିକାର ଅଛି। ଦରଖାସ୍ତ ପାଇବାର ୩୦ ଦିନ ଭିତରେ ଜନସୂଚନା ଅଧିକାରୀ ସୂଚନା ଦେବା ନିୟମ ରହିଛି। ଏହି ସମୟ ଭିତରେ ସୂଚନା ନ ମିଳିଲେ ଆବେଦନକାରୀ ପରବର୍ତ୍ତୀ ୩୦ ଦିନ ଭିତରେ ପ୍ରଥମ ଆପିଲେଟ୍ କର୍ତ୍ତୃପକ୍ଷଙ୍କ ନିକଟରେ ଦରଖାସ୍ତ କରିପାରିବେ। ଏହାସତ୍ତ୍ୱେ ସୂଚନା ନ ମିଳିଲେ ଅବଶିଷ୍ଟ ୩୦ ଦିନ ଭିତରେ ଦ୍ୱିତୀୟ ଆପିଲେଟ୍ ଅଥରିଟି ଅର୍ଥାତ୍ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଆବେଦନ କରିହେବ। କିନ୍ତୁ ଜଗତ୍‌ସିଂହପୁର ପୌର ପରିଷଦ ଅନେକ ସମୟରେ ସୂଚନା ଦେବାରେ ବିଳମ୍ବ କରୁଛି। ଏପରି କି ଗଣମାଧ୍ୟମକୁ ସୂଚନା ଦେବାକୁ କୁଣ୍ଠା ପ୍ରକାଶ କରୁଛି। ତେଣୁ ଗଣମାଧ୍ୟମ ପ୍ରତିନିଧିମାନେ ଅନେକ ସମୟରେ ଆର୍‌ଟିଆଇର ସହାୟତା ନେଉଛନ୍ତି। ଏହି ଆଧାରରେ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ପରିମଳ କାର୍ଯ୍ୟ ଓ ହୋମିଓପାଥିକ ଚିକିତ୍ସାଳୟ ସମ୍ପର୍କିତ କେତେକ ସୂଚନା ଜାଣିବା ପାଇଁ ଧରିତ୍ରୀ ଜଗତ୍‌ସିଂହପୁର ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ୨୦୨୦ରେ ଆର୍‌ଟିଆଇରେ ପୃଥକ୍ ଭାବେ ସୂଚନା ମାଗିଥିଲେ। କିନ୍ତୁ ଧାର୍ଯ୍ୟ ସମୟ ମଧ୍ୟରେ ସୂଚନା ମିଳି ନ ଥିଲା । ତେଣୁ ସେ ପ୍ରଥମ ଆପିଲେଟ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ସେଠାରୁ ନିରାଶ ହେବା ପରେ ରାଜ୍ୟ ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଉପରେ ରାଜ୍ୟ ସୂଚନା କମିଶନଙ୍କ ପକ୍ଷରୁ ମାମଲା ନଂ. ୧୯୧୯/୨୦ ଓ ୧୯୨୦/୨୦ ରୁଜୁ ହେବା ସହ ୩୦।୯।୨୨ରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଏହିଦିନ ଆବେଦନକାରୀ ନାୟକ ଓ ପ୍ରତିପକ୍ଷ ତଥା ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ଜନ ସୂଚନା ଅଧିକାରୀ ଦେବବ୍ରତ ମିଶ୍ର ଓ ସହକାରୀ ପିଆଇଓ ଯୋଗ ଦେଇଥିଲେ। ସେଠାରେ ନାୟକ ପୂର୍ଣ୍ଣ ସୂଚନା ମିଳି ନ ଥିବା କଥା କହିବା ସହ ପରିଷଦ ୱେବସାଇଟ୍ କାମ କରୁ ନ ଥିବାରୁ ଅନେକ ସୂଚନା ମିଳିବାରେ ଅସୁବିଧା ହେଉଥିବା କଥା ଉଲ୍ଲେଖ କରିଥିଲେ। ଉଭୟ ପକ୍ଷଙ୍କ ବୟାନ ଶୁଣିଲା ପରେ କମିଶନ ତୁରନ୍ତ ଆବେଦନକାରୀଙ୍କୁ ସୂଚନା ଦେବାକୁ କହିଥିଲେ। ଏଥିସହ ୧ ମାସ ଭିତରେ ପରିଷଦ ଅଫିସିଆଲ ୱେବସାଇଟ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୪।୧୧।୨୨ରେ ପରବର୍ତ୍ତୀ ତାରିଖ ସ୍ଥିର ହୋଇଥିଲା। ନାୟକ ଜଗତ୍‌ସିଂହପୁର ପୌର ପରିଷଦରେ ଦରଖାସ୍ତ କରିବା ସମୟରେ ବିମଳ ଲେଙ୍କା ପ୍ରଥମ ଆପିଲେଟ୍ କର୍ତ୍ତୃପକ୍ଷ ଥିଲେ, ତେଣୁ ତାଙ୍କୁ ମଧ୍ୟ ଏହିଦିନ ଉପସ୍ଥିତ ରହିବାକୁ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିଯୋଗୁ ସେ ମଧ୍ୟ ହାଜର ହୋଇଥିଲେ। କିନ୍ତୁ ଧାର୍ଯ୍ୟ ତାରିଖ ସୁଦ୍ଧା ୱେବସାଇଟ୍ ଅପଡେଟ୍ ତ ଦୂରର କଥା ପୂର୍ଣ୍ଣ ସୂଚନା ମିଳି ନ ଥିଲା । ନାୟକ ଏ ସମ୍ପର୍କରେ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ କମିଶନ କ୍ଷୁବ୍ଧ ହୋଇଥିଲେ। କାହିଁକି ଏ ପର୍ଯ୍ୟନ୍ତ କମିଶନଙ୍କ ନିର୍ଦ୍ଦେଶ ପାଳନ ହୋଇନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ନିର୍ଦ୍ଦେଶ ପାଇବାର ୬୦ ଦିନ ଭିତରେ ୱେବସାଇଟ୍ ଅପଡେଟ୍ ସହ ନାୟକଙ୍କୁ କାର୍ଯ୍ୟାଳୟକୁ ଡାକି ତାଙ୍କ ପସନ୍ଦ ମୁତାବକ ସୂଚନା ଦେବାକୁ କମିଶନ ମେମୋ ସଂଖ୍ୟା ୨୩୪୯/୧୧।୧।୨୩ରେ ଉଲ୍ଲେଖ କରିଥିଲେ । ମାତ୍ର ଏହା ଭିତରେ ୭ ମାସ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ୱେସାଇଟ୍ କାର୍ଯ୍ୟକ୍ଷମ ହୋଇନାହିଁ। ଏ ସମ୍ପର୍କରେ ପରିଷଦ ଜନ ସୂଚନା ଅଧିକାରୀ ଦେବବ୍ରତ ମିଶ୍ରଙ୍କୁ ପଚାରିବାରୁ ନୂଆ ୱେବସାଇଟ୍ କାର୍ଯ୍ୟକ୍ଷମ କରିବା ପାଇଁ ଏନ୍‌ଆଇସି (ନ୍ୟାଶନାଲ ଇନଫର୍ମେଟିକ୍ସ ସେଣ୍ଟର)କୁ ଅର୍ଥ ଦିଆଯାଇଛି । କିନ୍ତୁ ଏନ୍‌ଆଇସି ଏହା କାର୍ଯ୍ୟକାରୀ କରିବାରେ ବିଳମ୍ବ କରୁଥିବା କହିଛନ୍ତି । ଯଥାଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରା ନ ଗଲେ ବାଧ୍ୟ ହୋଇ ପୁଣି ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଅଭିଯୋଗ କରିବେ ବୋଲି ନାୟକ ଚେତାବନୀ ଦେଇଛନ୍ତି ।

**ସଂକ୍ଷେପରେ**

## ରାଜନଗର ବ୍ଲକ ବିଜେଡି ସଭାପତି ହେଲେ ନିରଞ୍ଜନ ରାଉତ

ରାଜନଗର, ୨୮।୮ (ଭାସ୍କର ରାଉତରାୟ)



ରାଜନଗର ବ୍ଲକ ବିଜେଡିର ନୂତନ ସଭାପତି ଭାବେ ବରିଷ୍ଠ ନେତା ନିରଞ୍ଜନ ରାଉତଙ୍କୁ ସୋମବାର ନିଯୁକ୍ତି ଦିଆଯାଇଛି। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କୁ ପଦରୁ ବରଖାସ୍ତ କରାଯିବା ସହ ରାଉତଙ୍କୁ ନୂତନ ସଭାପତି ଭାବେ ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା ମନୋନୀତ କରିଛନ୍ତି। ନୂଆ ବ୍ଲକ ସଭାପତି ରାଉତ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଜନତା ଦଳରୁ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୯୨ ମସିହାରେ ଡେରା ପଞ୍ଚାୟତରୁ ସରପଞ୍ଚ ହୋଇଥିଲେ। ୨୦୨୨ରେ ପୁଣି ସେହି ପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ଦୀର୍ଘ ୩ ଦଶନ୍ଧି ଧରି ଅଣକଂଗ୍ରେସ ରାଜନୀତିରେ ପ୍ରଭାବ ବିସ୍ତାର କରିଥିବା ନିରଞ୍ଜନଙ୍କର ବ୍ଲକ ବିଜେଡିରେ ଦବଦବା ରହିଛି। ସେ ଦୁଇ ଦୁଇଥର ବ୍ଲକ ବିଜେଡି ଉପସଭାପତି ପଦରେ ରହିଛନ୍ତି। ନିରଞ୍ଜନଙ୍କୁ ବ୍ଲକ ସଭାପତି ପଦରେ ନିଯୁକ୍ତି ଦିଆଯିବା ପରେ ବିଜେଡିର ନେତୃମଣ୍ଡଳୀ ଓ କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି। ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତି ପାଇବା ପରେ ରାଉତ ଦଳର ସଙ୍ଗଠନକୁ ଆଗକୁ ନେବା ପାଇଁ ସମସ୍ତଙ୍କୁ ସାଙ୍ଗରେ ନେଇ ତୃଣମୂଳସ୍ତରରେ କାମ କରିବେ ବୋଲି କହିଛନ୍ତି। ସେ ଦଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ପର୍ଯ୍ୟବେକ୍ଷିକା ତଥା ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଜିଲା ବିଜେଡି ସଭାପତି ପରିଡା ଓ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ରାତିରେ ଗୋ ଚାଲାଣ ଗାଡ଼ି ଜବତ, ଚାଳକଙ୍କୁ କୋର୍ଟ ଚାଲାଣ

**୯ ଗୋରୁ ଛତିଆ ଗୋଶାଳାକୁ ପଠାଗଲା**

ମହାକାଳପଡ଼ା, ୨୮।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବିଳମ୍ବିତ ରାତିରେ ବେଆଇନ ଗୋ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଖବରପାଇ ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ ରବିବାର ରାତିରେ ସ୍ଥାନୀୟ ବଉଳକଣି ପଞ୍ଚାୟତର ଟାଙ୍କିବେଲାରି ଗ୍ରାମ ଛକରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୯ଟି ଗୋରୁ ବୋଝେଇ ହୋଇଯିବା ପାଇଁ ପ୍ରସ୍ତୁତ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁ ଓ ଗାଡିକୁ ଜବତ କରିବା ସହ ଚାଳକ ଶେଖ୍ ସଫିଉଦ୍ଦିନ(୨୯)ଙ୍କ ଅଟକ ରଖି ପଚରାଉଚରା କରିଥିଲେ। ପରେ ସୋମବାର ଗାଡ଼ି ଚାଳକ ସଫିଉଦ୍ଦିନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି। ଏ ନେଇ ଥାନାରେ ନଂ.୧୩୪/୨୩ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଜବତ ହେଇଥିବା ୯ଟି ଗୋରୁଙ୍କୁ ଛତିଆ ଗୋଶାଳାକୁ ପଠାଯାଇଛି ବୋଲି ଥାନା ପକ୍ଷରୁ କୁହାଯାଇଛି।

## ସାହୁପଡାରେ ଗୋଚର ଜମି ଉଚ୍ଛେଦ କଲା ପ୍ରଶାସନ



ପ୍ରଶାସନ ପକ୍ଷରୁ ଗୋଚର ଜମିରୁ ଜବରଦଖଲ ଜେସିବି ଦ୍ୱାରା ଉଚ୍ଛେଦ କରାଯାଉଛି।

ଆଳି, ୨୮।୮ (ବନମାଳୀ ସେନାପତି)

ଆଳି ତହସିଲ ଅନ୍ତର୍ଗତ ସାହୁପଡ଼ା ଗ୍ରାମର କେତେଜଣ ବ୍ୟକ୍ତି ଦୀର୍ଘଦିନ ହେବ ଜବରଦଖଲ କରିଥିବା ଗୋଚର ଜମିକୁ ସୋମବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସୂଚନା ଅନୁଯାୟୀ, ଏହି ମୌଜାର ଖାତା ନଂ. ୫୪୪, ପ୍ଲଟ ନଂ. ୬୧୩ କିସମ ଗୋଚର ଜମି ଜବରଦଖଲରେ ରହିଥିଲା। ରାଜୀବ ମୁଦୁଲି ଓ ଅଞ୍ଜନ ମହାନ୍ତି ନାମକ ୨ ଜଣ ବ୍ୟକ୍ତି ଏ ସମ୍ପର୍କରେ ୨୦୨୨ ନଭେମ୍ବର ୨୮ରେ ଉଚ୍ଚ ନ୍ୟାୟାଳୟରେ ଡବ୍ଲୁପିସି ନଂ. ୩୧୬୯୨/୨୨ରେ ଏକ ଜନ ସ୍ୱାର୍ଥ ମାମଲା ଦାଏର କରିଥିଲେ। ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକ୍ରମେ ଦଖଲ କରିଥିବା ଅଧିକାରୀ ଖଣ୍ଡୁଆଳ, ଦିଜେନ୍ଦ୍ର ଜେନା, ଆଲୋକ ଜେନା, ସରୋଜ ଖଣ୍ଡୁଆଳ, ଅଚ୍ୟୁତାନନ୍ଦ ରାଉଳ, ଜଗବନ୍ଧୁ ରାଉଳ ଓ ଗୌରହରି ରାଉଳଙ୍କୁ ଉଚ୍ଛେଦ ପାଇଁ ନୋଟିସ ହୋଇଥିଲା। ସୋମବାର ପ୍ରଶାସନ ପକ୍ଷରୁ ଏମାନଙ୍କ ଦଖଲରେ ଥିବା ଜାଗାକୁ ଉଚ୍ଛେଦ କରାଯିବା ସହ ଅଚ୍ୟୁତାନନ୍ଦଙ୍କ ଏକ ଚାଳ ଘରକୁ ଭାଙ୍ଗି ଦିଆଯାଇଛି। ଏହି ଉଚ୍ଛେଦରେ ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ରାଜସ୍ୱ ନିରୀକ୍ଷକ କରୁଣାକର ମଲିକଙ୍କ ସହ ଅନ୍ୟ କର୍ମଚାରୀ ଭାଗ ନେଇଥିଲେ। ଆଳି ଥାନା ପୋଲିସ ଏସ୍‌ଆଇ ପ୍ରଦ୍ୟୋଷ ପଟ୍ଟନାୟକଙ୍କ ସହ ଅନ୍ୟ କର୍ମଚାରୀମାନେ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ।

## ଜଙ୍ଗଲ ଜମି ନୁହେଁ, ସ୍ଥିତିବାନ୍ ଦାବି କଲେ ୩ ପଞ୍ଚାୟତବାସୀ



ଖବରଦାତା ସମ୍ମିଳନୀରେ ୩ ପଞ୍ଚାୟତର ମରବିମାନେ।

କେନ୍ଦ୍ରାପଡ଼ା, ୨୮।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ତହସିଲ ରାମନଗର, ଖରିନାସୀ ଓ ବଟିଘର ଅଞ୍ଚଳ ଜଙ୍ଗଲ ଜମି ନୁହେଁ। ଏହା ସ୍ଥିତିବାନ ସମ୍ପତ୍ତି ଓ ଦୀର୍ଘ ୭୦ ବର୍ଷ ଧରି ଏହି ଅଞ୍ଚଳରେ ରହି ଆସୁଛନ୍ତି ବୋଲି ୩ ପଞ୍ଚାୟତବାସୀ ସୋମବାର ଦାବି କରିଛନ୍ତି। ଏ ନେଇ ମାର୍ଶାଘାଇ ତହସିଲ ଅଧୀନ ପଟ୍ଟା, ରିଫ୍ୟୁଜି ଷ୍ଟାଟସ, କ୍ୟାଶ ଡୋଲ କାର୍ଡ, କେ ଫର୍ମ, କୋର୍ଟରେ ମାମଲା କାଗଜପତ୍ର ସେମାନେ ସହରର ପ୍ରେସ୍ କ୍ଲବ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବାହ୍ନରେ ଉପସ୍ଥାପନ କରିଛନ୍ତି। ଏଥିରେ ତରୁଣକାନ୍ତି କାଞ୍ଜିଲାଲ, ରବୀନ୍ଦ୍ର ରକ୍ଷିତ, କୁଞ୍ଜବିହାରୀ ଦାସ, ତପନ କୁମାର ଦାସ, ସମ୍ରାଟ ମାଝି ପ୍ରମୁଖ ଯୋଗଦେଇ ସ୍ଥିତିବାନ ସମ୍ପତ୍ତିରୁ ଅଧିବାସୀଙ୍କୁ ଉଚ୍ଛେଦକୁ ବିରୋଧ କରିଛନ୍ତି। ଏ ସମ୍ପର୍କରେ ସେମାନେ କହିଛନ୍ତି, ଦେଶ ସ୍ୱାଧୀନ ସମୟରେ ପୂର୍ବପାକିସ୍ତାନରେ ଥିବା ହିନ୍ଦୁ ସମ୍ପ୍ରଦାୟ ଭାରତକୁ ଆସିଥିଲେ। ୧୯୫୦-୫୧ ମସିହାରେ ସେମାନଙ୍କୁ ଏଠାରେ ଥଇଥାନ କରାଯାଇଥିଲା। ଏଥିସହ ଚାଷ ଓ ବସବାସ ପାଇଁ ଜମି ସହିତ ଅନ୍ୟ ସରକାରୀ ସହଯୋଗ ମିଳିଛି। ତେବେ ଏହି ୩ ପଞ୍ଚାୟତର ଜମି ଜଙ୍ଗଲ ୨ ବୋଲି ଖତିଆନରେ ଉଲ୍ଲେଖ କରାଯାଇ ରାଜ୍ୟ ସରକାର ଇଡ୍‌କୋକୁ ହସ୍ତାନ୍ତର କରିଛନ୍ତି। ଅପରପକ୍ଷରେ ଜଙ୍ଗଲ ଜମି କହି ଫର୍ମ କେ'ରେ ଅର୍ଥ ଆଦାୟ ହୋଇଥିବା ବେଳେ ୨୦୧୨ ମସିହାରୁ ଜିଲା ପ୍ରଶାସନ ପକ୍ଷରୁ ରସିଦ କଟା ଯାଉନାହିଁ। ଏହି ସମସ୍ୟା ୩ ପଞ୍ଚାୟତବାସୀଙ୍କ ଜୀବନ ଓ ଜୀବିକା ଉପରେ ପ୍ରଭାବ ପକାଇଛି। ଏ ନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ସହ ସ୍ଥାନୀୟ ରାଜନେତାଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ପ୍ରତି ନିର୍ବାଚନରେ ରାଜନେତା ଜମି ମାଲିକାନା ପ୍ରଦାନରେ ସହଯୋଗ ପ୍ରତିଶ୍ରୁତି ଦେଇ ଭୋଟ ନେଉଥିବା ବେଳେ ଏବେ ପଞ୍ଚାୟତବାସୀଙ୍କ ସମସ୍ୟାର ସମାଧାନ ହୋଇନାହିଁ। ଏ ନେଇ ବିଭିନ୍ନ କୋର୍ଟରେ ମାମଲା ଚାଲିଛି। ୩ ପଞ୍ଚାୟତବାସୀ ଉପଯୁକ୍ତ କ୍ଷତିପୂରଣ ସହ ସ୍ଥାନାନ୍ତର ଜମିର ମାଲିକାନା ଦାବି କରିଛନ୍ତି।

## ରାଜନଗର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ

ରାଜନଗର, ୨୮।୮ (ଭାସ୍କର ରାଉତରାୟ)

ରାଜନଗରସ୍ଥିତ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଜନଗର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ଓ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ଆବାହକ ବୈଲୋଚନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିର୍ବାଚିତ ସଦସ୍ୟାସଦସ୍ୟମାନଙ୍କୁ ଶିକ୍ଷକ ପ୍ରଶାନ୍ତ କୁମାର ଜେନା ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ନିର୍ବାଚିତ ହୋଇଥିବା କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଭାବେ ବିଚିତ୍ରାନନ୍ଦ ନାୟକ, ସମ୍ପାଦକ ଭାବେ ଅନିଲ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଭାବେ ଦାମୋଦର ରାଉତ, ପ୍ରଶାନ୍ତ କୁମାର ଜେନା, ଉପସଭାପତି ଭାବେ ବିଜୟ କୁମାର ଦାସ, କୈଳାସ ଚନ୍ଦ୍ର ରାଉତ, ବିଜୟସେନ ଲୋହାର, କଳ୍ପତରୁ ପରିଡା, ସଞ୍ଜୟ କୁମାର ସେଠୀ, ଅଖିଳ କୁମାର ରାଉତ, ସଂଯୋଜକ ଭାବେ ବୈଲୋଚନ ଦାସ, ଯୁଗ୍ମ ସମ୍ପାଦକ ଭାବେ ସଞ୍ଜୟ କୁମାର ସେଠୀ, ଉତ୍ତମ କୁମାର ମଳିକ, ଜ୍ଞାନେନ୍ଦ୍ର ବେହେରା, ଜ୍ୟୋତ୍ସ୍ନାରାଣୀ ଦାସ, ଜୟସ୍ମିତା ଦାସ, ଲକ୍ଷ୍ମୀ ମଳିକ, କୋଷାଧ୍ୟକ୍ଷ ଭାବେ ସମରେନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ସ୍ୱାଇଁ, ଗଣମାଧ୍ୟମ ସଂଯୋଜକ ଭାବେ ପ୍ରେମାନନ୍ଦ ସେଠୀ, ବିରଞ୍ଚି କୁମାର ଦାସ, ମୁକୁନ୍ଦେନ୍ଦୁ ଘଡାଇ, ଅନଙ୍ଗ କୁମାର ଜେନା, ଲିଗାଲ ଆଡଭାଇଜର ଭାବେ ସୁରେଶ କୁମାର ନରେନ୍ଦ୍ର, ଉପଦେଷ୍ଟା ଭାବେ ପ୍ରଶାନ୍ତ କୁମାର ଜେନା, ଦାମୋଦର ବିଶ୍ୱାଳ, ରାଜକିଶୋର ଚମ୍ପତିରାୟ ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ସଙ୍ଗଠନ ସମ୍ପାଦକ ଭାବେ ସମସ୍ତ ସିଆରସିସିମାନଙ୍କୁ ନିଯୁକ୍ତି ଦିଆଯାଇଥିଲା।

## ମାଣିକପାଟଣା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

ଆଳି, ୨୮।୮ (ବନମାଳୀ ସେନାପତି)

ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଗ୍ରାମ ରୋଜଗାର ସେବକ ରଶ୍ମି ରଞ୍ଜନ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଳି ବିଡିଓ ମିନତି ଜଗଦ୍ଦେବ ଯୋଗଦେଇ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଏହି ଶୁଣାଣିରେ ଭତ୍ତା ପାଇ ନ ଥିବା କେତେଜଣ ହିତାଧିକାରୀ ଅଭିଯୋଗ କରିଥିବା ବେଳେ ଗ୍ରାମରେ ନଳକୂପ ମରାମତି, ନଳକୂପ ନିର୍ମାଣ, ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରେ କୁମ୍ଭୀର ଉପଦ୍ରବରୁ ରକ୍ଷା ପାଇବା ନିମନ୍ତେ ତାରଜାଲି ଦେବାକୁ ଦାବି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମାଣିକପାଟଣା ସରପଞ୍ଚ ସସ୍ମିତା ତରାଇ, ସମିତି ସଭ୍ୟ ଅକ୍ଷୟ କୁମାର ତରାଇ, ନାଏବ ସରପଞ୍ଚ ପ୍ରଭାତୀ ଦାସ, ଯୁବନେତା ପ୍ରତାପ ଜେନା, ସନ୍ତୋଷ ପାତ୍ର, ରଞ୍ଜନ ତରାଇ, ମାନସ ଦାଶ, ଧୀରେନ ରାଉତ, ପୁରୁଷୋତ୍ତମ ବେହେରା, ବିଜୟ ଦାସ, ବଂଶୀଧର ତରାଇ, ୱାର୍ଡ ସଭ୍ୟ ଘନଶ୍ୟାମ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ଶକ୍ତି ଏମ୍‌ବିକେ ଜସ୍ମିନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋରେଖନାଥ ପୀଠରେ କାଉଡ଼ିଆଙ୍କ ଜଳଲାଗି



ରଘୁନାଥପୁର, ୨୮।୮ (ରାଜେନ୍ଦ୍ର ନାରାୟଣ ସିଂହ)

ଶ୍ରାବଣ ମାସ ଶେଷ ସୋମବାରରେ ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ପୀଠରେ ୧୦ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ପ୍ରଭୁଙ୍କୁ ମାନସିକ ଜଳ ଅର୍ପଣ କରିଛନ୍ତି। ସୋମବାର ବଡ଼ିଭୋରୁ ପ୍ରଭୁଙ୍କ ପୂଜାନୀତି ସମ୍ପନ୍ନ ହେବାପରେ କାଉଡ଼ିଆମାନେ ଜଳଲାଗି କରିଥିଲେ। ମଧ୍ୟାହ୍ନ ପର୍ଯ୍ୟନ୍ତ କାଉଡ଼ିଆମାନେ ଜଳଲାଗି ପାଇଁ ଆସୁଥିବା ଜଣାପଡ଼ିଛି। ଏନେଇ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ତାରପୁର, ଜୟୀପୁର ଓ ପୀଠ ପାର୍ଶ୍ୱରେ ଷ୍ଟଲ ଖୋଲାଯାଇ ଖାଦ୍ୟପେୟର ଆୟୋଜନ କରାଯାଇଥିଲା। ଭକ୍ତଙ୍କ ସୁବିଧା ପାଇଁ ପୀଠ ପକ୍ଷରୁ ଟେଣ୍ଟ, ଆଲୋକ, ପାନୀୟଜଳ, ଶୌଚାଳୟ ଓ ଫାଷ୍ଟେଡ୍ ବ୍ୟବସ୍ଥା କରାଯାଇଥିଲା। ସ୍ୱେଚ୍ଛାସେବୀ ସଂସ୍ଥା ବୈଷ୍ଣବ ଜେନା ମେମୋରିଆଲ ଟ୍ରଷ୍ଟର କର୍ମକର୍ତ୍ତା ଓ ଗୋରେଖ ବାହିନୀର ସଦସ୍ୟମାନେ ଉପସ୍ଥିତ ରହି ଭକ୍ତଙ୍କୁ ସେବା ଉପଲବ୍ଧ କରାଇଥିଲେ। ସେହିପରି ତିର୍ତ୍ତୋଲ ପୋଲିସ ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରିଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ଗଣବିକ୍ଷୋଭ

ନାଉଗାଁ, ୨୮।୮ (ସୁଧା ବେହୁରା)

ନାଉଗାଁ ବ୍ଲକର ସମସ୍ତ ୧୬ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଭାଜପା ପକ୍ଷରୁ ଗଣବିକ୍ଷୋଭ କରାଯାଇଛି। ଅଲଣା ମଣ୍ଡଳର ସଭାପତି ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କ ନେତୃତ୍ୱରେ ମଣ୍ଡଳ କର୍ମକର୍ତ୍ତାମାନେ ଗଳଦାରୀଠାରେ ଏକତ୍ରିତ ହୋଇ ପ୍ରଥମେ ଗଳଦାରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏହାପରେ ଗଜରାଜପୁର, ନୁଆଗାଁ, ଅଲଣା, ଜାମୁଗାଁ, ଘୋଡାଂଶ, ରୋହିଆ, ବଛାଲୋ ଆଦି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏଥିରେ ଅଲଣା ମଣ୍ଡଳର ପ୍ରଭାରୀ ଗଣେଶ ପ୍ରସାଦ ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢ଼ିଚାଲିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିସ୍ତାରକ ତ୍ରିନାଥ ବରାଳ, ସାଧାରଣ ସମ୍ପାଦକ ନଗେନ ମଲ୍ଲିକ, ସୁବୋଧ ରାୟ, ଲଲାଟେନ୍ଦୁ ରାୟ, ଓବିସି ନେତା ସୋରେନ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ନାଉଗାଁ ମଣ୍ଡଳର କାର୍ଯ୍ୟକାରୀ ସଭାପତି ସଲିଳ ସ୍ୱାଇଁଙ୍କ ନେତୃତ୍ୱରେ ଭାଜପା କର୍ମକର୍ତ୍ତାମାନେ ଗଙ୍ଗଦାହାଟରେ ଥିବା ଭାଜପା କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି କୋରୁଅ ପଞ୍ଚାୟତରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାସ, ଜିଲା ଯୁବନେତା ରତିକାନ୍ତ ପାଢୀ ପ୍ରମୁଖ ଯୋଗ ଦେଇଥିଲେ।

## ଡେରାବିଶ ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ ବୈଠକ

ଡେରାବିଶ, ୨୮।୮ (ବେବର୍ତ୍ତା ଅଜୟ ଦାସ)




ବୈଠକରେ ଅଧ୍ୟକ୍ଷ ଡ. ଚନ୍ଦ୍ରଶେଖର ନାୟକ ଓ ଅନ୍ୟମାନେ।

ରାଜ୍ୟର ସମସ୍ତ ମହାବିଦ୍ୟାଳୟର ଭିତ୍ତିଭୂମି, ଶିକ୍ଷା ଓ ପରିଚାଳନା ବ୍ୟବସ୍ଥାର ଉନ୍ନତିରେ ପୁରାତନ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ମୋ କଲେଜ ଅଭିଯାନ ଚାଲିଛି। ଏହି ଅଭିଯାନକୁ ଡେରାବିଶ ମହାବିଦ୍ୟାଳୟରେ ସଫଳ କରିବାକୁ ରବିବାର ଆଲୁମ୍ନି ଆସୋସିଏଶନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ. ଚନ୍ଦ୍ରଶେଖର ନାୟକ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ମହାବିଦ୍ୟାଳୟ ସଂଯୋଜକ ଅଧ୍ୟାପକ ବିକ୍ରମ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରେ ଏହି ବୈଠକରେ ବହୁସଂଖ୍ୟାରେ ଯୋଗଦାନ କରିଥିବା ପୁରାତନ ଛାତ୍ରୀଛାତ୍ର ମୋ କଲେଜ ଅଭିଯାନକୁ ଡେରାବିଶ ମହାବିଦ୍ୟାଳୟରେ କିପରି ସଫଳତାର ସହ କାର୍ଯ୍ୟକାରୀ କରି ସରକାରୀ ସୁବିଧା ହାସଲ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଆଲୁମ୍ନି ଆସୋସିଏଶନର କର୍ମକର୍ତ୍ତା ଚୟନ କରାଯିବା ସହ ଅନେକ ପୁରାତନ ଛାତ୍ର ଏହି ଅଭିଯାନରେ ସାମିଲ ହୋଇ କଲେଜର ଉନ୍ନତି ପାଇଁ ଅର୍ଥଦାନ କରିଥିଲେ। ସେହିପରି ଏହି ଅଭିଯାନରେ ପୁରାତନ ଛାତ୍ରୀଛାତ୍ରମାନେ ଦାନ କରିଥିବା ଅର୍ଥ ବାଦ୍ ସରକାର ଉକ୍ତ କଲେଜର ଉନ୍ନତି ପାଇଁ ୩ ଗୁଣ ଅର୍ଥ ଦେବାର ନିୟମ କରିଥିବାରୁ ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ବିସ୍ତାରିତ କରାଯାଇ ବହୁସଂଖ୍ୟାରେ ପୁରାତନ ଛାତ୍ରୀଛାତ୍ରଙ୍କୁ ସାମିଲ କରି ଅର୍ଥ ଆଦାୟ ପାଇଁ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଲୋକନାଥ ଗିରି, ଅଧ୍ୟାପକ ବୃନ୍ଦାବନ ଦାସ, ସଞ୍ଜୟ ମିଶ୍ରଙ୍କ ସମେତ କଲେଜର ପୁରାତନ ଛାତ୍ରୀ ସନିଆ ହସନତ, ପୁରାତନ ଛାତ୍ର ନାରାୟଣ ବାରିକ, ବିଦ୍ୟୁଭୂଷଣ ପଟ୍ଟନାୟକ, ଶାନ୍ତିସ୍ୱରୂପ ଭୂୟାଁ ପ୍ରମୁଖଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ମୋ କଲେଜ ଅଭିଯାନ ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ କଲେଜର କର୍ମଚାରୀମାନେ ସହଯୋଗ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୁଜଙ୍ଗ, ୨୮।୮ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମର ସତ୍ୟପ୍ରକାଶ ନାଥ ଓରଫ ସନା (୪୨)ଙ୍କ ଝୁଲନ୍ତା ମୃତଦେହ ସୋମବାର ପୋଲିସ ଜବତ କରିଛି। ସନା କୁଜଙ୍ଗ ବିବି ହାଇସ୍କୁଲ ନିକଟରେ ଏକ ଧାନ ଓ ଅଟାକଳ ବସାଇ ନିଜ ପରିବାର ପ୍ରତିପୋଷଣ କରୁଥିଲେ। ସୋମବାର ସକାଳୁ ତାଙ୍କର କୌଣସି ଖୋଜଖବର ମିଳି ନ ଥିଲା। ଅପରାହ୍ନରେ ତାଙ୍କ ମା' ଅଟାକଳ ଘରକୁ ଯାଇ ପଛୁଆ କବାଟ ଦିଆଯାଇଥିବା ଦେଖି ସନ୍ଦେହ କରିଥିଲେ। ଝରକା ତାଡିବା ପରେ ସତ୍ୟଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଖବର ଦିଆଯାଇଥିଲା। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ସନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସନାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ପୋଲିସ ଥାନାରେ ଅପମୃତ୍ୟୁ ମାମଲା (ନଂ.୩୨/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି ।

## ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା



ହାଇସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଶିକ୍ଷକ ନିଯୁକ୍ତି ଦାବିରେ ଧାରଣା ଦେଇଛନ୍ତି।

ରାଜନଗର, ୨୮।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସାନବଡ଼ଗୋପାଳପୁର ପଞ୍ଚାୟତର ଭାଟପଡା ଶ୍ରୀ ଶ୍ରୀନୀଳକଣ୍ଠେଶ୍ୱର ହାଇସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଶିକ୍ଷକ ନିଯୁକ୍ତି ଦାବିରେ ସୋମବାର ଧାରଣାରେ ବସିଥିଲେ। ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜଣେ ପ୍ରଧାନ ଶିକ୍ଷକ ଆଉ ଜଣେ ଖେଳ ଶିକ୍ଷକ ସ୍କୁଲ ଚଳାଇ ଆସୁଛନ୍ତି। ଶିକ୍ଷକ ଅଭାବରୁ ଛାତ୍ରୀଛାତ୍ରମାନେ ଗଣିତ, ବିଜ୍ଞାନ, ଭୂଗୋଳ, ସାହିତ୍ୟ, ଇଂରାଜି ପ୍ରମୁଖ ବିଷୟରେ ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି। ଅଭିଭାବକମାନେ ଦୀର୍ଘଦିନ ହେବ ଶିକ୍ଷକ ନିଯୁକ୍ତି ସମ୍ପର୍କରେ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ଜଣାଇବା ପରେ ମଧ୍ୟ ଶିକ୍ଷକ ନିଯୁକ୍ତି ହୋଇପାରିନାହିଁ। ଯେଉଁଥିପାଇଁ ଛାତ୍ରୀଛାତ୍ର ସ୍କୁଲ ସମ୍ମୁଖରେ ଧାରଣାରେ ବସିଥିଲେ। ସବୁଠୁ ବଡ଼କଥା ହେଲା ଏହି ସ୍କୁଲଟି ଗତବର୍ଷଠାରୁ ୫-ଟିରେ ସାମିଲ ହୋଇ ରୂପାନ୍ତରୀତ ହୋଇଛି। ବିଦ୍ୟାଳୟଟି ବ୍ଲକଗ୍ରାଣ୍ଟ ଅଧୀନରେ ରହିଛି। ଜଣେ ଅତିଥି ଶିକ୍ଷକଙ୍କର ବିଦ୍ୟାଳୟରେ ପୋଷ୍ଟିଂ ହୋଇଛି। ଚଳିତମାସ ୧ ତାରିଖରେ ଶିକ୍ଷକ ଯୋଗ ଦେବେ। ପ୍ରଧାନ ଶିକ୍ଷକ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପାଳିରେ ଚାଲିଛି ସ୍ୱାସ୍ଥ୍ୟସେବା

ରଣପୁର,୨୮।୮
(ସୁକାନ୍ତ କିଶୋର ଡ଼ାକୁଆ)

ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ଲାଗି ରହୁଥିଲା ବେଳେ ପାଳି କରି ରୋଗୀସେବା ଚାଲିଛି। ଶଯ୍ୟାଗୁଡିକ ଖାଲି ପଡୁଥିଲା ବେଳେ ସେବା ନ ପାଇ ରୋଗୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମୁହଁ ଫେରାଇ ନେଉଛନ୍ତି। ବର୍ଷ ବର୍ଷ ଧରି ଏପରି କିଛି ଅବ୍ୟବସ୍ଥା ଲାଗି ରହିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ରାଜନେତା ଆଖିବୁଜି ଦେଇଛନ୍ତି। କର୍ମଚାରୀଙ୍କ ଶୋଷଣ, ଆବଶ୍ୟକ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟ ସେବା ଦିଗହରା ହୋଇ ଚାଲିଛି।

ଏ ସମ୍ପର୍କରେ ଗୋଲଖ ଦାସ, ପ୍ରଭାତ ମିଶ୍ର, ନିରଞ୍ଜନ ମହାନ୍ତି ପ୍ରମୁଖ କୁହନ୍ତି, ରଣପୁର ବ୍ଲକର ୩୭ଟି ପଞ୍ଚାୟତ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୫ ଟି ୱାର୍ଡ ସହ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକର ୫ଟି, ବେଗୁନିଆ ବ୍ଲକର ସିକୋ, ଖଡ଼ିପଦର, ଟାଙ୍କୋଳ, ଛଣିଗିରି ଆଦି ଗ୍ରାମର ଲୋକ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ୬୬ ବର୍ଷ ପରେ ବି ସ୍ୱାସ୍ଥ୍ୟକେନ୍ଦ୍ରଟି ରୋଗୀମାନଙ୍କୁ ସେବା ଯୋଗଇବାରେ ବିଫଳ ହୋଇଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନରେ ଏଠାକୁ ରୋଗୀ ସେବା ପାଇଁ ବ୍ୟାପକ ଅର୍ଥ ଆସୁଥିଲେ ମଧ୍ୟ ରୋଗୀମାନେ ଉପଯୁକ୍ତ ସେବା ପାଉନାହାନ୍ତି। ଏହି ଟଙ୍କା ବାଟବରଣ ହେଉଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇ ଥିଲେ ମଧ୍ୟ ଆବଶ୍ୟକ ବିଶେଷଜ୍ଞ ନାହାନ୍ତି। ସରକାରୀ ନିୟମ ଅନୁସାରେ, ଏଠାରେ ୧୧ଜଣ ବିଶେଷଜ୍ଞ ରହିବା କଥା। ତେବେ ଏଠାରେ ଜଣେ ସହକାରୀ ସର୍ଜନ, ୩ ଜଣ ଏମ୍‌ବିବିଏସ୍ ଡାକ୍ତର ରହିଛନ୍ତି। ଶିଶୁ ରୋଗ ବିଶେଷଜ୍ଞ ନ ଥିବାରୁ ଶିଶୁ ଓ ଛୋଟ ପିଲାମାନେ ସ୍ୱାସ୍ଥ୍ୟ ସେବା ପାଇଁ ହଟହଟା ହେଉଛନ୍ତି। ସେହିପରି ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ନ ଥିବାରୁ ଗର୍ଭବତୀ ମହିଳାମାନେ ଚିକିତ୍ସା ପାଇ ହଇରାଣ ହେବା ସହ ଖର୍ଚ୍ଚାନ୍ତ ହୋଇ ବାହାରକୁ ଯାଉଛନ୍ତି। ଅନ୍ୟପକ୍ଷରେ ୪ଜଣ ଡାକ୍ତର ରହୁଥିଲା ବେଳେ ସପ୍ତାହକେ ଦୁଇ ଦୁଇ ଦିନ ପାଳିରେ ସ୍ୱାସ୍ଥ୍ୟ ସେବା କରୁଥିବା ଦେଖିବାକୁ ମିଳିଛି। ବହୁ ବର୍ଷ ଧରି ଜଣେ ଡାକ୍ତର ଅନ୍ୟତ୍ର ବଦଳି ନ ହୋଇ ରହୁଥିବାରୁ ସେ ରୋଗୀମାନଙ୍କୁ ରୁକ୍ଷ ବ୍ୟବହାରପ୍ରଦର୍ଶନ କରୁଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି ଅଭିଯୋଗ ହେଉଛି। ୧୭ଜଣ ଷ୍ଟାଫନର୍ସଙ୍କ ସ୍ଥାନରେ ୮ଜଣ ଅଛନ୍ତି। ୧୪ଜଣ ଆଟେନାଣ୍ଟଙ୍କ ସ୍ଥାନରେ ୭ଜଣ ଅଛନ୍ତି। ଏହା ହେଉଛି ଜିଲାର ସବୁଠାରୁ ବଡ଼ ବ୍ଲକ ଏବଂ ବିଜ୍ଞାପିତ ଅଞ୍ଚଳ। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ବିଭିନ୍ନ ଯନ୍ତ୍ରାଂଶଗୁଡିକ ଟେକନିସିଆନ୍ ନ ଥିବାରୁ ପଡି ପଡ଼ି ନଷ୍ଟ ହେବାକୁ ବସିଲାଣି। ଏଠାରେ ରୋଗୀମାନଙ୍କ ପାଇଁ ରକ୍ତଭଣ୍ଡାର ନାହିଁ। ଫଳରେ ରୋଗୀମାନେ ନୟାଗଡ ୪୦ କିମି ଏବଂ ଖୋର୍ଦ୍ଧା ୫୦ କିମି ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ୧୯୫୭ରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପିତ ହୋଇଥିଲା। ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ନୂତନ ଗୃହ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତିକରଣ ପାଇଁ ଟଙ୍କା ଖର୍ଚ୍ଚ ହେଉଥିଲାବେଳେ ଅବସ୍ଥା ସୁଧୁର ଆସୁନାହିଁ। ଶଯ୍ୟା ଗୁଡିକ ପ୍ରାୟତଃ ନଷ୍ଟ ହୋଇଗଲାଣି। ଏପରି କି କେତେକ ଶଯ୍ୟାକୁ ସ୍ୱାସ୍ଥ୍ୟକେନ୍ଦ୍ର ଘରେ ଚାବି ପକାଇ ରଖାଯାଇଛି। ଆଉଟ ଡୋର ଏବଂ ଇନ୍‌ଡୋରରେ ପାଣିର ବ୍ୟବସ୍ଥା ନାହିଁ। କିଛି ବର୍ଷ ପୂର୍ବେ ରାଜ୍ୟ ସଭା ସାଂସଦଙ୍କ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ହୋଇଥିଲା। ଏବେ ତାହା ଅଚଳ ହୋଇପଡିଛି। ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ନ ଥିବାରୁ ରୋଗୀମାନେ ହଟହଟା ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବେଶ ଅପରିଷ୍କାର ହୋଇରହିଛି। ଏଠାରେ ଚିକିତ୍ସା କରୁଥିବା ଡାକ୍ତରମାନେ ସାଧାରଣ ରୋଗୀଙ୍କୁ ଚିକିତ୍ସା ନ କରି ଭୁବନେଶ୍ୱର ବେସରକାରୀ ଡାକ୍ତରଖାନାକୁ ପଠାଇ ଦେଉଥିବା ବହୁ ସମୟରେ ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀଙ୍କ ରକ୍ତ, ମଳ, ମୁତ୍ର ପରୀକ୍ଷା କରାଯାଉ ନ ଥିବାରୁ ଖର୍ଚ୍ଚାନ୍ତ ହୋଇ ବାହାରେ କରିବାକୁ ପଡୁଛି। ରଣପୁର ଏନ୍‌ଏସିରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷ ବର୍ଷ ଧରି ଜନ୍ମମୃତ୍ୟୁ ପ୍ରମାଣପତ୍ର ମିଳୁନାହିଁ। ଏହି ପ୍ରମାଣପତ୍ର ପାଇବା ପାଇଁ ଲୋକମାନେ ସୁନାଖଳା ୧୩ କିମି ଦୂର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଁ ଖର୍ଚ୍ଚାନ୍ତ ହୋଇ ଯାଉଛନ୍ତି। ଏଠାରେ ରୋଗୀମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ଏହିପରି ନାନା ଅବ୍ୟବସ୍ଥା ମଧ୍ୟରେ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଛନ୍ଦି ହୋଇ ଯାଇଛି। ଏ ସମ୍ପର୍କରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ରମାକାନ୍ତ ପଣ୍ଡାଙ୍କୁ ପଚାରିବାରେ ଏବେ ନୂଆ କରି ଯୋଗ ଦେଇଛି। ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯାହା କିଛି ଅସୁବିଧା ଅଛି ଆପଣଙ୍କଠାରୁ ଜାଣିଲି। ୨ରୁ ୩ ଦିନ ଭିତରେ ସମାଧାନ କରିବା ପାଇ ଚେଷ୍ଟା କରିବି ଓ ଏହାର ସମାଧାନ କରାଯିବ। ସ୍ଥାନୀୟ ବିଧାୟକ ଯଦି ତାଙ୍କ ପ୍ୟାଡ଼ରେ ମତେ ଲେଖି କି ଦେବେ ତାହା ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ପାଳିରେ ଡାକ୍ତରମାନେ କାମ କରିବେ ନାହିଁ। ଏକ ସାଙ୍ଗରେ କାମ କରିବେ।



ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।


ଖାଲିପଡ଼ିଥିବା ଶଯ୍ୟା।


ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଗୃହ ନିର୍ମାଣ ପାଇଁ ଗୋଡ଼ି ଗଦା ହୋଇଛି।

**ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ମୁହଁ ଫେରାଇ ନେଉଛନ୍ତି ରୋଗୀ
- ଖାଲିପଡୁଛି ବେଡ଼
- ମିଳୁନି ମୃତ୍ୟୁ, ଜନ୍ମ ପ୍ରମାଣପତ୍ର

## ସଂକ୍ଷେପରେ

### ଟ୍ରକ୍ ଚାପାରେ ସ୍କୁଟି ଚାଳକ ମୃତ

**ଦଶପଲ୍ଲା ୨୮।୮ (ପ୍ରକାଶ କୁମାର ପାଣି ):** ଦଶପଲ୍ଲା ଥାନା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଅପରାହ୍ନରେ ଏକ ଟ୍ରକ ଚାପାରେ ଜଣେ ସ୍କୁଟି ଚାଳକଙ୍କ ମୃତ ଘଟିଛି। ମୃତ ଚାଳକ ଜଣଙ୍କ ପୀତାମ୍ବର ପଣ୍ଡା, ଘର ଜେରେଡା ତାରସିଂ ଥାନା ଅଞ୍ଚଳର ବୋଲି ଜଣାଯାଇଛି। ସ୍କୁଟି ଚାଳକ ଦଶପଲ୍ଲା ଅଭିମୁଖେ ଯାଉଥିବା ବେଳେ ପଛରୁ ଏକ ଟ୍ରକ ଆସୁଥିଲା। ତେବେ ସ୍କୁଟି ଚାଳକ କୌଣସି କାରଣରୁ ପଡି ଯାଇଥିବା ବେଳେ ପଛରୁ ଆସୁଥିବା ଟ୍ରକଟି ତାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ବହୁ ଯାନବାହାନ ଅଟକି ରହିଥିଲା। ଦଶପଲ୍ଲା ଥାନା ଆଇଆଇସି ମୁକେଶ କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଦଶପଲ୍ଲା ଡ଼ାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଯାନବାହନ ଚଳାଚଳ ପାଇଁ ପଦକ୍ଷେପ ନେଇଥିଲେ। ତେବେ ଟ୍ରକ୍‌ଟିକୁ ଜବତ କରାଯାଇ ଥାନାରେ ରଖାଯାଇଛି।

### ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କୁ ଲାଗି ହେଲା ୧ ଲକ୍ଷ ବେଲପତ୍ର

**ଖଣ୍ଡପଡ଼ା,୨୮।୮(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ସହରର ଆରାଧ୍ୟ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶ୍ରାବଣ ମାସରେ ୧ ଲକ୍ଷ ବେଲପତ୍ର ଲାଗି କାର୍ଯ୍ୟକ୍ରମ ବ୍ରାହ୍ମଣ ସମାଜର ମୁଖ୍ୟ ପୁରୋଧାଙ୍କ ଦ୍ୱାରା ଆରମ୍ଭ ହୋଇଛି। ରାଜରାଜୁଡା ଅମଳରୁ ଖଣ୍ଡପଡ଼ା ସହରର ମଧ୍ୟ ଭାଗରେ ଅବସ୍ଥିତ ପ୍ରାଚୀନ ଶୈବ ପୀଠଟି ଏକ ପ୍ରମୁଖ ଶକ୍ତିପୀଠ ଭାବେ ବେଶ ଜଣାଶୁଣା। ଏହି ଅବସରରେ ଦୈନିକ ସମସ୍ତ ନୀତିକାନ୍ତି ଶେଷ ପରେ ବିଗ୍ରହଙ୍କ ନିକଟରେ ବେଲପତ୍ର ଲାଗି କରାଯାଉଛି। ଆସନ୍ତା ପୂର୍ଣ୍ଣମୀ ତିଥିରେ ବେଲପତ୍ର ଲାଗି କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

### ଫୋନ ଉଠାଉ ନାହାନ୍ତି ସିଡିଏମ୍‌ଓ

**ମୁଁ ରୋଗୀ, ସନ୍ଧ୍ୟା ସାଢ଼େ ୭ଟା ପରେ ଫୋନ କରନା**

**ନୟାଗଡ,୨୮।୮(ଲୋକନାଥ ମିଶ୍ର):** ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ରାତି ସାଢ଼େ ୭ଟା ପରେ ଫୋନ ଉଠାଉନାହାନ୍ତି। ପଚାରିଲେ କହୁଛନ୍ତି ମୁଁ ରୋଗୀ, ମୋତେ ସନ୍ଧ୍ୟା ସାଢ଼େ ୭ଟା ପରେ ଫୋନ କରି ଅଯଥାରେ ଡିଷ୍ଟର୍ବ କରନାହିଁ। ମୋତେ ଫୋନ କଲେ ଉଠାଇବି ନାହିଁ। ସନ୍ଧ୍ୟା ସାଢ଼େ ୭ଟା ପୂର୍ବରୁ ସବୁବେଳେ ଫୋନ କରିବାକୁ ଗଣାମାଧ୍ୟମକୁ ପରାମର୍ଶ ଦେଇଛନ୍ତି ସିଡିଏମ୍‌ଓ। ସିଡିଏମ୍‌ଙ୍କର କଥାକୁ ଅନୁଧ୍ୟାନ କଲେ ଜିଲାରେ କିଛି ଅଘଟଣ ଘଟିଲେ ସିଡିଏମ୍‌ଓ ଉତ୍ତର ଦେବେନି। ଏଣୁ ଜିଲାରେ ସ୍ୱାସ୍ଥ୍ୟସେବା ଅଧିକ ବିପର୍ଯ୍ୟସ୍ତ ହୋଇଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ହାଇଦ୍ରାବାଦରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଫୁଲବାଣୀ,୨୮।୮(ରାକେଶ କୁମାର ରାଉତ ):** କନ୍ଧମାଳ ଜିଲାରୁ ଦାଦନ ଦୁଃଖ ସରିବାର ନାଁ ଧରୁନି। କାମଧନ୍ଦା ଖୋଜିବାକୁ ରାଜ୍ୟ ବାହାରକୁ ଯାଉଥିବା ଲୋକଙ୍କ ବିଭିନ୍ନ ପରିସ୍ଥିତିରେ ମୃତ୍ୟୁ ହେବା ଘଟଣା ଲଗାତାର ଘଟୁଛି। କିଛିଦିନ ତଳେ ରୋଜଗାର ପାଇଁ ବେଙ୍ଗାଲୁର ଯାଇଥିବା ଜି. ଉଦୟଗିରି ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ହାଇଦ୍ରାବାଦଠାରେ ଫିରିଙ୍ଗିଆ ଅଞ୍ଚଳର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ପୋଡାପଡା ଗାଁର ସ୍ୱର୍ଗତ ସୁମନ ମୁଖିଙ୍କ ପୁଅ ଭୋଳେଶ୍ୱର ମୁଖି ଓରଫ ପିଣ୍ଟୁ ପ୍ରାୟ ୫ବର୍ଷ ତଳେ ସ୍ତ୍ରୀ ଓ ଦେଢ଼ବର୍ଷର ଝିଅକୁ ନେଇ କାମ ଖୋଜିବାକୁ ହାଇଦ୍ରାବାଦ ଯାଇଥିଲେ। ସେଠାରେ ନାଲଗୋଣ୍ଡା ଜିଲାର ଏକ ବେସରକାରୀ କମ୍ପାନୀରେ ସେ କାମ କରୁଥିଲେ। ରବିବାର ପିଣ୍ଟୁ ଆତ୍ମହତ୍ୟା କରିଥିବା ନେଇ ସେଠାରେ ଥିବା ତାଙ୍କ ସମ୍ପର୍କୀୟ ପରିବାରକୁ ଖବର ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ସ୍ତ୍ରୀଙ୍କୁ ଶବ ହସ୍ତାନ୍ତର କଲା ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହାୟତାରେ ଗାଁକୁ ଅଣାଯାଉଥିବା ପରିବାର ପକ୍ଷରୁ ସୂଚନା ମିଳିଛି।

## ପ୍ୟାନେଲ ଆଇନଜୀବୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନୟାଗଡ଼,୨୮।୮:(ଲୋକନାଥ ମିଶ୍ର)

ନୟାଗଡ କୋର୍ଟ ପରିସରସ୍ଥ ସମ୍ମିଳନୀ କକ୍ଷରେ, ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ଅନୁମତି କ୍ରମେ ପ୍ୟାନେଲ ଓକିଲମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଓ ଦୌରାଜଜ ନିରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପ୍ରାଧିକରଣ ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ବିଶେଷ କୁମାର ସାହୁ ପ୍ରଶିକ୍ଷଣର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଚାରଧୀନ ବନ୍ଦୀ, ପୀଡିତା କ୍ଷତି ପୂରଣ, ବିଚାର ପ୍ରକ୍ରିୟା, ଆଇନଗତ ସହାୟତା ଉପରେ ବିଶେଷ ଆଲୋଚନା ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା। ନାଗରିକମାନଙ୍କର ଅଧିକାରକୁ ସୁରକ୍ଷା ଦେବା ଅଧିବକ୍ତାମାନଙ୍କର କର୍ତ୍ତବ୍ୟ ବୋଲି ମୁଖ୍ୟବକ୍ତା ମତପୋଷଣ କରିଥିଲେ।

## ଜନ୍ମ ସାର୍ଟିଫିକେଟ ପାଇଁ ୨ରୁ ୩ ହଜାର ଲାଞ୍ଚ

ନୟାଗଡ,୨୮।୮(ଲୋକନାଥ ମିଶ୍ର)

ନୟାଗଡ଼ ମ୍ୟୁନିସିପାଲିଟିରେ ଜନ୍ମ ସାର୍ଟିଫିକେଟ କରିବା ପାଇଁ କିଛି କର୍ମଚାରୀ ୨ରୁ ୩ ହଜାର ଲାଞ୍ଚ ନେଉଥିବା ଅଭିଯୋଗ ହୋଇଆସୁଛି। ପୂର୍ବରୁ ନୟାଗଡ଼ ମ୍ୟୁନିସିପାଲିଟିରେ ଜନ୍ମ ସାର୍ଟିଫିକେଟ ଦିଆଯାଉଥିଲା। ଏବେ ପ୍ରାୟ ବର୍ଷେ ହେଲା ନୟାଗଡ଼ ମ୍ୟୁନିସିପାଲଟିରୁ ଜନ୍ମ ସାର୍ଟିଫିକେଟ ଓ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରୁଥିବା କାର୍ଯ୍ୟାଳୟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଉଠି ଯାଇଛି। ତେବେ ଏ ନେଇ ଅନେକ ଅବଗତ ନ ଥିବାରୁ ସାଧାରଣ ଲୋକ ଅଯଥାରେ ଲାଞ୍ଚ ଦେଇ ହଟହଟା ହେବା ସହ ଜନ୍ମ ସାର୍ଟିଫିକେଟ ଓ ମୃତ୍ୟୁ ପ୍ରମାଣପତ୍ର ପାଇବାରେ ବିଳମ୍ବ ହେଉଛି। ଏହାର ପ୍ରତିକାର ପାଇଁ ଜିଲାପାଳ ଓ ସିଡିଏମ୍‌ଓ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି।

## ୫ଦିନ ପରେ କାଉନ୍‌ସିଲରଙ୍କ ଧାରଣା ପ୍ରତ୍ୟାହୃତ


ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ କାଉନସିଲରମାନଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।

ଖଣ୍ଡପଡା,୨୮।୮
(ଅଜୟ କୁମାର ମହାରଣା)

ଖଣ୍ଡପଡା ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ୪ ଜଣ କାଉନ୍‌ସିଲର ୪ଦିନ ଧରି ଧାରଣା ଦେଇଥିଲେ। ଧାରଣାର ୫ମ ଦିବସରେ କାଉନ୍‌ସିଲରମାନେ କାର୍ଯ୍ୟାଳୟ ସମ୍ମୁଖରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଖଣ୍ଡପଡ଼ା–କଣ୍ଟିଲୋ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ କାଉନ୍‌ସିଲର ଓ ସେମାନଙ୍କ ସମର୍ଥକମାନଙ୍କୁ ରାସ୍ତା ଉପରୁ ହଟାଇ ଦେଇଥିଲେ। ପରେ ଖବରପାଇ ନୟାଗଡ଼ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟଠାରେ ପହଞ୍ଚି ଧାରଣାରତ କାଉନ୍‌ସିଲରମାନଙ୍କୁ ବୁଝାଶୁଝା କରିଥିଲେ। ବିଭିନ୍ନ ଦାବି ସମ୍ବଳିତ ଦାବିପତ୍ର ୪ ଜଣ କାଉନ୍‌ସିଲର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଦାବିଗୁଡ଼ିକ ପ୍ରତି ଦୃଷ୍ଟି ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେବା ପରେ କାଉନ୍‌ସିଲରମାନେ ଧାରଣାରୁ ଓହରି ଯାଇଥିଲେ।

## ୪କେଜି ରୁପା,୧୫୦ଗ୍ରାମ୍ ସୁନାଗହଣା ଚୋରି

ବ୍ରହ୍ମପୁର,୨୮।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହର ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ହରିହରନଗର ୨ୟ ସାରଣୀ ଏକ୍ସଟେନ୍ସନରେ ଥିବା ଏକ ତାଲାବନ୍ଦ ଘରେ ଲୁଟେରା କଳାକନା ବୁଲାଇଛନ୍ତି। ଘରେ କେହି ନ ଥିବାର ସୁଯୋଗ ନେଇ ଲୁଟେରା ତାଲା ଭାଙ୍ଗି ଆଲମିରାରୁ ୪କେଜିର ରୁପା ସାମଗ୍ରୀ ଏବଂ ୧୫୦ଗ୍ରାମର ସୁନା ଗହଣା ଓ ୩୦ ହଜାର ଟଙ୍କା ଚୋରି କରିଥିବା ନେଇ ଘର ମାଲିକ କେ.ବାଲକୃଷ୍ଣ ପାତ୍ର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୨୪୬/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବାଲକୃଷ୍ଣ ଗତ ୨୪ତାରିଖି ରାତିରେ କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ଯିବା ପୂର୍ବରୁ ଘର କବାଟ ସବୁ ବନ୍ଦ କରି ସେଥିରେ ତାଲାପକାଇ ୱାଚମ୍ୟାନକୁ ଚାବି ଦେଇଥିଲେ। ସେହି ରାତିରେ ୱାଚମ୍ୟାନ୍ ଘର ବାରଣ୍ଡାରେ ଶୋଇଥିଲେ। ହେଲେ ୨୫ତାରିଖରେ ସେ ଚାବିକୁ ପଡ଼ୋଶୀଙ୍କ ଘରେ ଦେଇ ରାତିରେ ଆଉ ଆସି ନ ଥିଲେ। ୨୬ ତାରିଖରେ ବାଲକୃଷ୍ଣ ଫେରିବାରେ ଘର କବାଟ ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଭିତରକୁ ଯିବାରେ ଆଲମାରିରୁ ସମସ୍ତ ସୁନା ଓ ରୁପା ଜିନିଶ ଗାଏବ ହୋଇଯାଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## ଚାରା ରୋପଣ କାର୍ଯ୍ୟକ୍ରମ

ଦଶପଲ୍ଲା, ୨୮।୮
(ପ୍ରକାଶ କୁମାର ପାଣି)

ଦଶପଲ୍ଲାରେ ଆଇଡିଆଲ କୋଚିଂ ସେଣ୍ଟର ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କୋଚିଂ ସେଣ୍ଟର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ପାହାଡ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଚାରା ରୋପଣ କରାଯାଇଥିଲା। ଏଥିରେ ଅତିଥି ଭାବେ ଶିକ୍ଷକ ସୁଦାମ ପ୍ରଧାନ, ସଜନ ପୃଷ୍ଟି, ସଦର ଫରେଷ୍ଟର ଶ୍ରବଣ କୁମାର ବଳିଆରସିଂ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କିସମର ପ୍ରାୟ ୩ ଶହ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଇସାନା ସ୍ୱସ୍ତିକ ଦିବ୍ୟ ଜ୍ୟୋତି, ରବିନାରାୟଣ ପ୍ରଧାନ, ସୋନାଲି ପ୍ରଧାନ, ଗୋପୀନାଥ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।



ବୃକ୍ଷ ରୋପଣ ନିମନ୍ତେ ଶୋଭାଯାତ୍ରା।

## ବିଭିନ୍ନ ୱାର୍ଡରେ ବିଧାୟକଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

ଓଡ଼ଗାଁ,୨୮।୮(ଆଦର୍ଶ କୁମାର ପଟ୍ଟନାୟକ )

**ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ**

ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ସୋମବାର ଓଡ଼ଗାଁ ଏନ୍‌ଏସିର ବିଭିନ୍ନ ୱାର୍ଡକୁ ଯାଇ ଉନ୍ନୟନ ଓ ବିକାଶମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ୫-ଟି ଯୋଜନା ଅନ୍ତର୍ଭୁକ୍ତ ହୋଇ ବିଭିନ୍ନ ସାହିର ବିକାଶ ପାଇଁ ଆସିଥିବା ଅନୁଦାନ, ସାଂସଦ ଓ ବିଧାୟକ ପାଣ୍ଠିରୁ ହେବାକୁ ଥିବା ବିକାଶମୂଳକ କାର୍ଯ୍ୟ କିପରି କାର୍ଯ୍ୟକାରୀ ହେବ ସେ ନେଇ ଲୋକଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ଓଡ଼ଗାଁ ଏନଏସି ଅନ୍ତର୍ଗତ ଗୁପ୍ତମଠ ସାହି, ଜାରିଙ୍ଗି, ନିତ୍ୟାନନ୍ଦ ସାହି,ଗାନ୍ଧୀ ନଗର ସାହି, ଦଳକ, ହେମାମାଳିନୀ ସାହି ପ୍ରଭୃତି ସ୍ଥାନକୁ ଯାଇ ବିଧାୟକ ଲୋକଙ୍କ ସାମୁହିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ଆଗାମୀଦିନରେ ଓଡ଼ଗାଁ ଏନ୍‌ଏସିରେ ୫ କୋଟି ୨୦ ଲକ୍ଷ ବ୍ୟୟ ଅଟକଳରେ ୨ଟି କଲ୍ୟାଣମଣ୍ଡପ, ୩ କୋଟି ବ୍ୟୟ ଅଟକଳରେ ନୂତନ ଛାତ୍ରାବାସ, ୪ କୋଟି ୫୦ ଲକ୍ଷରେ ନୂତନ ଏନ୍‌ଏସି କାର୍ଯ୍ୟାଳୟ, ୬ କୋଟି ୨୫ ଲକ୍ଷରେ ଆଦର୍ଶ ବସ୍‌ଷ୍ଟାଣ୍ଡ, ୩ କୋଟି ୫୦ ଲକ୍ଷରେ ରଘୁନାଥଜୀଉ ମନ୍ଦିରର ରୂପାନ୍ତରଣ କାର୍ଯ୍ୟକ୍ରମ ହେବ ବୋଲି ବିଧାୟକ ସାହୁ କହିଥିଲେ। ଜାରିଙ୍ଗିଠାରେ ପାଦ ଚଲା ରାସ୍ତା, ନୂତନ କମ୍ୟୁନିଟି ସେଣ୍ଟର, ଡ୍ରେନେଜ, ନୂତନ କଲଭର୍ଟ, କଂକ୍ରିଟ ରାସ୍ତା ନିର୍ମାଣ ହେବ। ଠିକ୍ ସେହିପରି ଗାନ୍ଧୀ ନଗର ସାହି ଗଣେଶ ମଣ୍ଡପ ସମେତ ମଣ୍ଡପ ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ କରାଯିବ। ନିତ୍ୟାନନ୍ଦ ସାହିରେ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସମେତ ଡ୍ରେନେଜ ସଫା, ହେମାମାଳିନୀ ସାହିରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଜନସାଧାରଣ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମୟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଉପସ୍ଥିତ ଥିଲେ।

## ୩୫ ଲକ୍ଷ ଟଙ୍କାରେ ନିର୍ମିତ ଅଧାପନ୍ତରିଆ କଲ୍ୟାଣ ମଣ୍ଡପ

ଭାପୁର, ୨୮।୮(ଭରତ କୁମାର ବେହେରା)

ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣୀଆ ଗ୍ରାମରେ ୩୫ ଲକ୍ଷ ଟଙ୍କାରେ ନିର୍ମିତ କଲ୍ୟାଣ ମଣ୍ଡପ ଗାଈ ଗୁହାଳ ପାଲଟିଛି। ପ୍ରତି ପଞ୍ଚାୟତରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ ହେଲେ ପଞ୍ଚାୟତରେ ଜନସାଧାରଣ ଏହିଠାରେ ବିବାହ, ବ୍ରତଘର, ସଭା ସମିତି କରିପାରିବେ। ଫଳରେ ପଞ୍ଚାୟତର ଆର୍ଥିକ ଅଭିବୃଦ୍ଧି ହୋଇପାରିବ। ଦୀର୍ଘ ୪ ବର୍ଷ ହେଲା ବାଇଗୁଣୀଆ ଛକ ନିକଟରେ ୩୫ ଲକ୍ଷ ବ୍ୟୟବରାଦରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିଲା। ସେହି ସମୟରେ ସ୍ଥାନୀୟ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ତତ୍କାଳୀନ ବିଡିଓ ସତ୍ୟ ସୁନ୍ଦର ରାଉତ, ତତ୍କାଳୀନ ଜିଲା ପରିଷଦ ସଭ୍ୟା ସୁମିତ୍ରା ରାଉତ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ଏହି କଲ୍ୟାଣ ମଣ୍ଡପ ଛାତ ପଡି ଅଧାପନ୍ତରିଆ ଭାବେ ପଡି ରହିଛି। ଏହି କଲ୍ୟାଣ ମଣ୍ଡପରେ ଗ୍ରାମର କେତେଜଣ ବ୍ୟକ୍ତି ଗାଈ ଆଣି ବାନ୍ଧି ରଖୁଥିବା ଜଣାପଡିଛି। ଗ୍ରାମର କେତେଜଣ ବ୍ୟକ୍ତିଙ୍କ କହିବା ଅନୁଯାୟୀ, କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ତାଙ୍କ ମନ ଇଚ୍ଛାରେ ଛକ ନିକଟରେ ଏହି କଲ୍ୟାଣ ମଣ୍ଡପ ନିର୍ମାଣ କରିଥିଲେ। ଯାହା ବାଇଗୁଣୀଆ ଗ୍ରାମଠାରୁ ଏକ କିଲୋମିଟର ଦୂରରେ ଅବସ୍ଥିତ। ଯଦି ଏହା ପଞ୍ଚାୟତ ନିକଟରେ ହୋଇଥାନ୍ତା ତା'ହେଲେ ଜନସାଧାରଣଙ୍କ କାମରେ ଆସି ପାରିଥାନ୍ତା। ହେଲେ ୩୫ ଲକ୍ଷ ଟଙ୍କା ଆସି କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିଲେ ମଧ୍ୟ କାନ୍ଥ ଓ ଚଟାଣ ପଲସ୍ତରା ନ ହୋଇ ଅଧାପନ୍ତରିଆ ଭାବେ ପଡି ରହିଛି। ଏ ସମ୍ପର୍କରେ ବିଡିଓ ରଣଜିତ କୁମାର ମଲ୍ଲିକଙ୍କୁ ପଚାରିବାରେ ବ୍ଲକରେ ଅସମ୍ପୂର୍ଣ୍ଣ ଥିବା କଲ୍ୟାଣ ମଣ୍ଡପଗୁଡ଼ିକ କାହିଁକି ଅଧାପନ୍ତରିଆ ଭାବେ ପଡ଼ି ରହିଛି ଏ ବିଷୟରେ ଏକ ବୈଠକ କରି ସରପଞ୍ଚମାନଙ୍କ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଅସମ୍ପୂର୍ଣ୍ଣ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।




କଲ୍ୟାଣମଣ୍ଡପର ଶିଳାନ୍ୟାସ ଫଳକ। ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଥିବା ଗୃହ।

# ସରକାରୀ ଜମି ହସ୍ତାନ୍ତରରେ ଅନିୟମିତତା

**ମହା ସିମେଣ୍ଟ କମ୍ପାନୀ**

- ଶିଳ୍ପ ପାଇଁ ଜମିହରା ପରିବାର ସର୍ବହରା
- ୬୮ ଏକର ଜମି ସ୍ଥଳେ ୧୧୩ ଏକର ଜମି ପ୍ରଦାନ






ମହା ସିମେଣ୍ଟ କାରଖାନା ପାଇଁ ନିର୍ମାଣ କାର୍ଯ୍ୟ ଚାଲିଛି ।

ଯାଜପୁର,୨୮।୮(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବଡ଼ଚଣା ବ୍ଲକ ବଇରୀ ଗ୍ରାମରେ ନିର୍ମାଣାଧୀନ ମାଇ ହୋମ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ବା ମହା ସିମେଣ୍ଟ କମ୍ପାନୀକୁ ସରକାରୀ ଜମି ହସ୍ତାନ୍ତରରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ହାଇଦ୍ରାବାଦର ଏହି କମ୍ପାନୀ ବାର୍ଷିକ ୩.୦ ମେଟ୍ରିକ ଟନ ସିମେଣ୍ଟ ଗ୍ରାଇଣ୍ଡିଂ ଉତ୍ପାଦନ ପାଇଁ ୧୧୩ ଏକର ଜମି ଅଧିଗ୍ରହଣ କରିଛି। କମ୍ପାନୀର କାର୍ଯ୍ୟ ନିର୍ବାହୀ ସାରାଂଶ ଏବଂ ୨୦୨୨ ଅଗଷ୍ଟ ୫ରେ ଅନୁଷ୍ଠିତ ଜନଶୁଣାଣିରେ ୬୮ ଏକର ଜମି ଆବଶ୍ୟକତା ଥିବା ଦର୍ଶାଯାଇଥିଲାବେଳେ ଇଡ୍‌କୋ ପକ୍ଷରୁ ୪୫ ଏକର ଜମି ଅଧିକ ଦିଆଯାଇଛି। ଏହି ଜମି ବଳରେ ବ୍ୟାଙ୍କଗୁଡ଼ିକଠାରୁ ଅଧିକ ଅର୍ଥ ଋଣ ହାତେଇ ରାଜ୍ୟ ବାହାରେ ଥିବା ନିଜସ୍ୱ ଅନ୍ୟାନ୍ୟ କାରଖାନାରେ ବିନିଯୋଗ କରିବା ଲକ୍ଷ୍ୟ ରହିଥିବା ଚର୍ଚ୍ଚା ହେଉଛି। ଇଡ୍‌କୋ କର୍ତ୍ତୃପକ୍ଷ ଏବଂ କେତେଜଣ ଉଚ୍ଚପଦାଧିକାରୀଙ୍କୁ ହାତ କରି ଉତ୍ପାଦନ ପରିମାଣ ତୁଳନାରେ କମ୍ପାନୀ ବହୁ ଗୁଣରେ ଅଧିକ ଜମି ହାତେଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଲୋକଙ୍କ କେତେକ ବେସରକାରୀ ଜମି ହାତେଇ କ୍ଷତିପୂରଣ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ସେହିପରି କମ୍ପାନୀ ବେଆଇନ ଭାବେ ରାସ୍ତା ଜମି ଅକ୍ତିଆର କରି ନେଇଥିବାରୁ ଚାଷୀ ନିଜ ଚାଷ ଜମିକୁ ଯାଇପାରୁ ନ ଥିବା ଅଭିଯୋଗ କରୁଛନ୍ତି।

ଯେତେ ନୀତିନିୟମ ଉଲ୍ଲଂଘନ କଲେ ବି ସିମେଣ୍ଟ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତି ସରକାର ଯେ ସହାନୁଭୂତିଶୀଳ ଏକଥା ମହା ସିମେଣ୍ଟ କମ୍ପାନୀ କ୍ଷେତ୍ରରେ ଦେଖିବାକୁ ମିଳୁଛି। କମ୍ପାନୀ ପାଇଁ ଚାଷ ଜମି ହରାଇଥିବା ଚାଷୀଙ୍କୁ କ୍ଷତିପୂରଣ ଦିଆ ନ ଯାଇ ସେମାନଙ୍କ ସମସ୍ୟାକୁ ଝୁଲାଇ ରଖାଯାଉଛି। ଜମି ହରାଇ କିମ୍ବା ଜମି କ୍ଷେତକୁ ଯାଇ ନ ପାରି ବଇରୀ ଗ୍ରାମର ଏକାଧିକ ଚାଷୀ ଆଜି ସର୍ବହରା ହୋଇ ପଡିଛନ୍ତି। ଜିଲା ପ୍ରଶାସନ ଲୋକଙ୍କ ହାରିଗୁହାରି ନ ଶୁଣି କମ୍ପାନୀବାଲାଙ୍କ ସହାୟକ ବୋଲି ମତପ୍ରକାଶ ପାଇଛି। ଜନଶୁଣାଣିରେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ଏହି କାରଖାନା ପାଇଁ ୬୦୦ କୋଟି ଟଙ୍କା ବ୍ୟୟଅଟକଳ ରଖାଯାଇଛି। ଏଥିରେ ସମୁଦାୟ ୩୦୦ ଜଣ ନିଯୁକ୍ତି ପାଇବେ। କିନ୍ତୁ ଯେଉଁ କେତେଜଣ ନିଯୁକ୍ତି ପାଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଅଣଓଡ଼ିଆ। ଜନଶୁଣାଣିକୁ ସହଯୋଗ କରିଥିବା ବଇରୀ ଗ୍ରାମବାସୀ ଏହାକୁ ନେଇ ବିରୋଧ କରିଥିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ଏବେ ବି ୫ ଜଣଙ୍କ ନାମରେ ମାମଲା ଚାଲିଛି। ବିସ୍ଥାପନ ଓ ପ୍ରଦୂଷଣର ଦୁଃଖ ସାଙ୍ଗକୁ ଶିଳ୍ପ ସଂସ୍ଥାର ଏଭଳି ଅମାନବୀୟ କାର୍ଯ୍ୟ ଲୋକଙ୍କୁ ବିଦ୍ରୋହୀ କରିଛି। ଅନ୍ୟପକ୍ଷେ ୬୮ ଏକର ଜମି ମଧ୍ୟରୁ ୬୨.୫୯ ଏକର ଜମି ଇଡକୋରୁ ଲିଜ୍ ସୂତ୍ରରୁ ଦିଆଯିବା କଥା। ବାକି ୫.୪୧ ଏକର ଜମି ପ୍ରଜାଙ୍କଠାରୁ ସିଧାସଳଖ କ୍ରୟ କରିବାକୁ ଯୋଜନା ରହିଥିଲା। କିନ୍ତୁ କେଉଁ ଆଧାରରେ ୧୧୩ ଏକର ଜମି କମ୍ପାନୀକୁ ଦିଆଯାଇଛି, ତାହା ତଦନ୍ତସାପେକ୍ଷ ବୋଲି ଦାବି ହେଉଛି। ଏହି କମ୍ପାନୀ ନିର୍ମାଣାଧୀନ ଥିବାବେଳେ ଆବଶ୍ୟକ ଜଳ କେଉଁଠୁ ଆସିବ ତାହା ଏଯାଏ ସ୍ପଷ୍ଟ କରାଯାଇନାହିଁ।

ଚାଷୀ ଦିଲୀପ ସ୍ୱାଇଁ କୁହନ୍ତି, ତାଙ୍କର ୯ ଗୁଣ୍ଠ ଚାଷ ଜମି ରହିଛି। ହେଲେ ଉକ୍ତ ଜମିକୁ ଯାଉଥିବା ରାସ୍ତା ଉପରେ ଜବରଦଖଲ କରି କମ୍ପାନୀ ଟିଣବାଡ଼ ବୁଲାଇ ଦେଇଛି। ଫଳରେ ସବୁଦିନ ଦସ୍ତଖତ କରି ଉକ୍ତ ଜମିକୁ ଯିବାକୁ ପଡୁଛି। ଟ୍ରାକ୍ଟର କିମ୍ବା ଅନ୍ୟାନ୍ୟ ଚାଷ ଯନ୍ତ୍ରାଂଶ ନେବାକୁ ଅନୁମତି ନ ଥିବାରୁ ସେହି ଜମି ଏବେ ପଡ଼ିଆ ପଡ଼ିଛି। ଚାଷୀ ଧନେଶ୍ୱର ସ୍ୱାଇଁ କୁହନ୍ତି, ତାଙ୍କର ୧.୩୦ ଏକର ଚାଷ ଜମି ରହିଛି। ହେଲେ କମ୍ପାନୀ ପକ୍ଷରୁ ରାସ୍ତା ଅବରୋଧ କରାଯାଉଥିବାରୁ ଚାଷ ଜମି ପଡ଼ିଆ ପଡ଼ିଛି। ଏନେଇ ବିରୋଧ କଲେ ଉଡ଼ାଜାହାଜ କିଣ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଉପହାସ କରୁଛନ୍ତି। ବିଶ୍ୱଜିତ୍ ମହାନ୍ତି ଓ ରବିନାରାୟଣ ସ୍ୱାଇଁ କୁହନ୍ତି, ଏହି ସିମେଣ୍ଟ କମ୍ପାନୀ କ୍ଷତିଗ୍ରସ୍ତ ଲୋକଙ୍କ ଉପରେ ଅତ୍ୟାଚାର କରୁଛି। କୌଣସି ପ୍ରକାର ସୁବିଧା ଦିଆଯିବ ନାହିଁ ବୋଲି ଚେତାବନୀ ଦେଉଛନ୍ତି। ସରକାର ମଧ୍ୟ ଲୋକଙ୍କ କାକୁତିମିନତି ଶୁଣୁନାହାନ୍ତି। ମହା ସିମେଣ୍ଟ କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ ନୀଳାମ୍ବର ମିଶ୍ରଙ୍କୁ ଏନେଇ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ କାରଖାନା ନିର୍ମାଣାଧୀନ ରହିଛି। ପ୍ରତିଶ୍ରୁତି ଅନୁସାରେ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।

# ଅପପୁଷ୍ଟି ନୁହେଁ ଝାଡ଼ା, ଜ୍ୱରରେ ମୃତ୍ୟୁ ଘଟିଛି: ବିଡିଓ

**ନଗଡ଼ାରେ ୨ ଶିଶୁ ମୃତ୍ୟୁ ଘଟଣା**

କାଳିଆପାଣି,୨୮।୮( ଅସିତ ମହାନ୍ତି)



ମୃତ ଶିଶୁଙ୍କ ପରିବାର ଲୋକଙ୍କ ସହ ବିଡିଓ ଆଲୋଚନା କରୁଛନ୍ତି ।

ଗତ ୨୫ ତାରିଖରେ ନଗଡ଼ାରେ ୨ ଶିଶୁଙ୍କ ମୃତ୍ୟୁ ଘଟଣାର ସରଜମିନ ତଦନ୍ତ ପାଇଁ ସୁକିନ୍ଦା ବିଡ଼ିଓ ନମ୍ରତା ମୋଦି ସୋମବାର ନଗଡ଼ା ଯାଇଥିଲେ । ମୃତ ଶିଶୁଙ୍କ ପରିବାର ସଦସ୍ୟଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ଉଭୟ ଶିଶୁଙ୍କ ଦେହରେ ହାଡ଼ଫୁଟି ଭଳି ଫୋଟକା ହୋଇଥିଲା। ସେମାନେ ଜ୍ୱରରେ ଆକ୍ରାନ୍ତ ଥିଲେ । ସେମାନଙ୍କ ଡାକ୍ତରୀ ରିପୋର୍ଟ ଅନୁସାରେ ଆବଶ୍ୟକ ପରୀକ୍ଷା ପରେ ଔଷଧ ଖାଇ ଉଭୟ ସୁସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ଝାଡ଼ା,ଜ୍ୱରରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ ବୋଲି ପରିବାର ସଦସ୍ୟମାନେ କହିଛନ୍ତି । ନିୟମିତ ଭାବେ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ଖାଦ୍ୟ ଦିଆଯାଉଥିବା ବେଳେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିବା ରେକର୍ଡ ରହିଛି । ଏହା ଅପପୁଷ୍ଟି ନୁହେଁ ବୋଲି ସୁକିନ୍ଦା ବିଡ଼ିଓ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି ।

ସ୍ଥାନୀୟ ଚିଙ୍ଗୁଡ଼ି ପାଳ ପଞ୍ଚାୟତର ଅପହଞ୍ଚ ଇଲାକା ନଗଡ଼ାରେ ଏବେ ରାସ୍ତାଘାଟ, ବିଜୁଳି, ପିଇବା ପାଣି, ସହ ସମସ୍ତ ସରକାରୀ ଯୋଜନା ପହଞ୍ଚି ସାରିଛି । କିନ୍ତୁ ସେଠାରେ ଥିବା ଡୁମୁଣି, ଗୁହିଆଶାଳ ଏବେବି ଅବହେଳିତ ହୋଇ ରହିଛି । ରାସ୍ତା ନ ଥିବାରୁ ବିଡ଼ିଓ ନାଳିଆଡାଠାରୁ ପାହାଡିଆ ଦୁର୍ଗମ ଜଙ୍ଗଲ ରାସ୍ତାରେ ୫ କିଲୋମିଟର ଚାଲିଚାଲି ଯାଇ ଗୁହିଆଶାଳର ତଳଡିହରେ ପହଞ୍ଚି ଥିଲେ । ତାଙ୍କ ସହ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଶ୍ୱେତାଲିନା ରଥ, ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ସାମାଜିକ କର୍ମୀ ଧୀରେନ୍ଦ୍ର ମହାନ୍ତ, ମହେନ୍ଦ୍ର ମହାନ୍ତ ପ୍ରମୁଖ ସେହି ଗ୍ରାମକୁ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ । ନଗଡ଼ାରେ ସରକାରଙ୍କ ସମସ୍ତ ଯୋଜନାର ସଦୁପଯୋଗ ହେଉଛି। ହେଲେ ଏବେ ବି ଲୋକଙ୍କ ମାନସିକତା ଓ ଚାଲିଚଳନରେ ପରିବର୍ତ୍ତନ ହୋଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ପୂର୍ବତନ ଅଧ୍ୟକ୍ଷା ଭଗବତୀ ମହାନ୍ତ ପ୍ରକାଶ କରିଛନ୍ତି । ସୁକିନ୍ଦା ଡାକ୍ତରଖାନାର ବରିଷ୍ଠ ଡାକ୍ତର ଜୟଦେବ ନନ୍ଦ ଅପପୁଷ୍ଟିରେ ମୃତ୍ୟୁ ଖବରକୁ ଅସ୍ୱୀକାର କରିଥିବା ବେଳେ ନିମୋନିଆ ଓ ଫିଟ୍ସରେ ଶିଶୁଦ୍ୱୟଙ୍କ ମୃତ୍ୟୁ ଘଟିଥିବା ପ୍ରକାଶ କରିଛନ୍ତି ।

# ବ୍ଲକ ସଭାପତି ପଦରୁ ଅଶୋକ ବରଖାସ୍ତ

**ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କାରଣ ଦର୍ଶାଅ ନୋଟିସ**

ରାଜନଗର,୨୮।୮ (ଭାସ୍କର ରାଉତରାୟ)



ରାଜନଗର ରାଜନୀତି ଏବେ ଉଷ୍ମ ହୋଇପଡ଼ିଛି। ୩ ଥରର ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କୁ ସୋମବାର ପଦରୁ ବରଖାସ୍ତ କରାଯାଇଛି। କେନ୍ଦ୍ରାପଡା ଜିଲା ବିଜେଡିର ସଭାପତି ଉତ୍କଳ କେଶରୀ ପରିଡା ତାଙ୍କୁ ପଦରୁ ବରଖାସ୍ତ କରିଛନ୍ତି। ବ୍ଲକ ବିଜେଡି ଉପସଭାପତି ତଥା ଡେରା ପଞ୍ଚାୟତର ସରପଞ୍ଚ ନିରଞ୍ଜନ ରାଉତଙ୍କୁ ବ୍ଲକ ବିଜେଡି ସଭାପତି ଭାବେ ମନୋନୀତ କରିଛନ୍ତି। କେନ୍ଦ୍ରାପଡ଼ା ଜିଲା ବିଜେଡିର ପର୍ଯ୍ୟବେକ୍ଷିକା ପ୍ରମିଳା ମଲ୍ଲିକଙ୍କ ନିର୍ଦ୍ଦେଶ ଅନୁସାରେ ବ୍ଲକ ବିଜେଡି ସଭାପତି ପଦରୁ ପ୍ରତିହାରୀଙ୍କୁ ବରଖାସ୍ତ କରାଯାଇଥିବା ନେଇ ଜିଲା ବିଜେଡି ସଭାପତି ପରିଡା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଅଶୋକଙ୍କୁ ସଭାପତି ପଦରୁ ବହିଷ୍କୃତ କରାଯିବା ପରେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଅଶୋକଙ୍କୁ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସରେ ବିଜେଡିର ରାଜ୍ୟ ତଥା ଜିଲା ଦଳର କର୍ମକର୍ତ୍ତାଙ୍କ ନଜରକୁ ଆସିଛି ଯେ ଆପଣ ଦଳ ବିରୋଧୀ କାର୍ଯ୍ୟକଳାପରେ ଜଡିତ ଅଛନ୍ତି। ମିଡିଆ ଓ ସୋସିଆଲ ମିଡିଆରେ ନକଲି ଓ ଭିତ୍ତିହୀନ ଖବର ପୋଷ୍ଟ କରିବା ଦ୍ୱାରା ଦଳର ଭାବମୂର୍ତ୍ତିକୁ ଖରାପ କରିଛି। ଆପଣ ମିଡିଆରେ ସ୍ଥାନୀୟ ବିଧାୟକଙ୍କ ବିରୋଧରେ ଅପମାନ ଜନକ ବିବୃତ୍ତି ଦେଉଛନ୍ତି। ଯାହାକି ଗୁରୁତର ଦଳ ବିରୋଧୀ କାର୍ଯ୍ୟ ଅଟେ। ଏହି ପରିସ୍ଥିତିରେ ଆପଣଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ୭ଦିନ ଭିତରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦିଆଯାଇଛି। ଜିଲା ବିଜେଡି ସଭାପତି ପରିଡା ରାଜନଗର ବ୍ଲକ ବିଜେଡି ସଭାପତି ପ୍ରତିହାରୀଙ୍କୁ ସଭାପତି ପଦରୁ ବହିଷ୍କୃତ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିବା ସମ୍ପର୍କରେ ଜିଲା ପର୍ଯ୍ୟବେକ୍ଷିକା ତଥା ରାଜସ୍ୱ ମନ୍ତ୍ରୀ ମଲ୍ଲିକ, ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ରାଜନଗର ବିଧାୟକଙ୍କୁ ଧ୍ରୁବ ଚରଣ ସାହୁଙ୍କୁ ଅବଗତ କରାଇଛନ୍ତି। ପୂର୍ବତନ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ରାଜନଗର ରାଜନୀତିରେ ପତିଆରା ହାସଲ କରିଥିଲେ। ଚାରି ଚାରିଟି ପଦବୀରେ ସେ ରହିଥିଲେ। ନିୟମିତ ଭାବେ କଂଗ୍ରେସ ଓ ଭାଜପା ପାଇଁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଥିବା ୨ ଦଳର କର୍ମୀ ହଠାତ୍ ଅଶୋକଙ୍କ ସପକ୍ଷରେ ପ୍ରଚାର କରିବା ଆରମ୍ଭ କରି ଦେଇଥିଲେ। ବର୍ତ୍ତମାନର ବିଧାୟକଙ୍କ ବିରୋଧରେ କହିଥିଲେ। ଯାହାକୁ ନେଇ ରାଜନଗର ବ୍ଲକର ବିଜେଡିର କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ରବିବାର ଡାଙ୍ଗମାଳଠାରେ ଜିଲା ବିଜେଡି ସଭାପତି ପରିଡାଙ୍କ ଉପସ୍ଥିତିରେ ଅନୁଷ୍ଠିତ ବ୍ଲକ ବିଜେଡି ସାଙ୍ଗଠନିକ ବୈଠକରେ ସମସ୍ତ ନିର୍ବାଚିତ ସରପଞ୍ଚ, ପଞ୍ଚାୟତ ସଭାପତି, ବ୍ଲକ ଛାତ୍ର, ଯୁବ ଓ ମହିଳା ଜନତା ଦଳର କର୍ମକର୍ତ୍ତା, ପଞ୍ଚାୟତ ଏବଂ ବ୍ଲକସ୍ତରୀୟ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଥିବା ଭାବାବେଗ ଓ ଅସନ୍ତୋଷ ସ୍ପଷ୍ଟ ବାରି ହୋଇପଡ଼ିଥିଲା। ବୈଠକ ପରେ ସୋମବାର ପ୍ରତିହାରୀଙ୍କୁ ବ୍ଲକ ବିଜେଡି ସଭାପତି ପଦରୁ ବରଖାସ୍ତ କରାଯାଇଛି।

# ନଦୀପଠାରୁ ନିଖୋଜ କାଉଡ଼ିଆଙ୍କ ମୃତଦେହ ମିଳିଲା

ବାଲିଗୁଡ଼ା,୨୮।୮(ତାପସ ସ୍ୱାଇଁ)



ବାଲିଗୁଡ଼ା ଥାନା ଅପଣ୍ଡରା ପଞ୍ଚାୟତର ସାଲବେଲପୁର ଦେବୀ ନଦୀ ଘାଟରୁ ରବିବାର ଅପରାହ୍ନରେ କାଉଡ଼ିଆ ଚନ୍ଦନ ଓଝା (୧୮) ଭାସି ନିଖୋଜ ହୋଇଯାଇଥିଲେ। ସୋମବାର ଉକ୍ତ ସ୍ଥାନରୁ ଅଳ୍ପ ଦୂର ନଦୀ ମଝିରେ ଥିବା ପଠାରେ ସେ ଲାଗିଥିଲେ। ସ୍ଥାନୀୟ ଲୋକେ ଏହାଦେଖି ଓଡ୍ରାଫ ଟିମ୍‌କୁ ଖବର ଦେଇଥିଲେ। ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ମୃତଦେହ ବାହାରକୁ ଆଣିଥିଲେ। ଚନ୍ଦନଙ୍କ ବାପା ବାନାମ୍ବରଙ୍କ ରିପୋର୍ଟ ଅନୁସାରେ ବାଲିଗୁଡ଼ା ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୨/୨୩) ରୁଜୁ କରାଯାଇ ଚନ୍ଦନଙ୍କ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଯାଇଛି। ପ୍ରକାଶ ଯେ, ପ୍ରତିବର୍ଷ ଭଳି ଶ୍ରାବଣରେ ଜଳାଭିଷେକ ପାଇଁ ଚନ୍ଦନ ଭୁବନେଶ୍ୱରରୁ ନିଜ ଗାଁ ଅପଣ୍ଡରା ପଞ୍ଚାୟତର କୂଳସାହି ଆସିଥିଲେ। ରବିବାର ଅପରାହ୍ନରେ ସାଙ୍ଗମାନଙ୍କ ସହ ପାଣି ଉଠାଇବାକୁ ଦେବୀ ନଦୀକୁ ଯାଇ ଭାସିଯାଇଥିଲେ । ରବିବାର ଓଡ୍ରାଫ ଟିମ୍ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା ।

# ଭଗବାନ୍ ରଥଙ୍କ ଦ୍ୱାଦଶ ଉପଲକ୍ଷେ ସ୍ମୃତିସଭା



ସ୍ମୃତି ସଭାରେ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି ।

ଯାଜପୁରରୋଡ,୨୮।୮(ପବିତ୍ରରଞ୍ଜନମହାନ୍ତି)

ବିଶିଷ୍ଟ ଶିକ୍ଷାବିତ୍ ଭଗବାନ ରଥଙ୍କ ଦ୍ୱାଦଶ ଉପଲକ୍ଷେ ଶଙ୍ଖଚିଲା ରୋଡ଼ସ୍ଥିତ ଗୀତା ମଣ୍ଡପଠାରେ ସୋମବାର ଏକ ସ୍ମୃତି ସଭା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଭାରେ ସାମାଜିକ କର୍ମୀ ମନ୍ମଥ ସାହୁ, ବଟକୃଷ୍ଣ ସାହୁ, ହରିଶ ଚୌଧୁରୀ, ସମରେନ୍ଦୁ ଦାସ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ରଥଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ରଥ କୋରେଇ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବା ସହ ଶଙ୍ଖଚିଲା ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକତା କରିଥିଲେ। ତାଙ୍କ ଶିକ୍ଷାଦାନରେ ବହୁ ମେଧାବୀ ଛାତ୍ରୀଛାତ୍ର ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇ ପାରିଛନ୍ତି। ଏହାସହ ସେ ଯାଜପୁର ରୋଡ୍ ଶିକ୍ଷା ବିଭାଗରେ ଡିଆଇ(ଡେପୁଟି ଇନ୍ସପେକ୍ଟର) କାର୍ଯ୍ୟାଳୟ ଅଧୀନରେ ଏସ୍‌ଆଇ ଭାବେ କାର୍ଯ୍ୟ କରିଥିଲେ। ସେ ଜଣେ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତିତା ଓ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ୱର୍ଗତ ରଥଙ୍କ ୪ ପୁଅ ତ୍ରିବିକ୍ରମ ରଥ, ତ୍ରିଭୁବନ ରଥ, ତ୍ରିଲୋଚନ ରଥ, ତ୍ରିନୟନ ରଥ ଓ ତାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ସ୍ମୃତିରେ ଭକ୍ତି ସମର୍ପଣ ଅନୁଷ୍ଠାନ ପକ୍ଷରୁ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମର ପ୍ରତିନିଧି, ରାଜନୈତିକ ବ୍ୟକ୍ତିବିଶେଷ, ବ୍ୟବସାୟୀ, ଶିକ୍ଷାବିତ, ସରକାରୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ରୋଜଗାର ଦେଉଛି କାଇଞ୍ଚ, ଟେରାକୋଟା ରାଖୀ

କେନ୍ଦ୍ରାପଡ଼ା, ୨୮।୮(ଜଗନ୍ନାଥ ଧଳ)

- ଅନ୍‌ଲାଇନରେ ବିକ୍ରି ହୋଇଛି ୫ ହଜାରରୁ ଅଧିକ
- ଶସ୍ତା ସହ ଆଖିଦୃଶିଆ କଳାକୃତି ମନମୋହୁଛି



ଆସନ୍ତା ୩୦ ତାରିଖରେ ରାଖୀ ପୂର୍ଣ୍ଣିମା। ଭାଇ ଓ ଭଉଣୀଙ୍କ ପାଇଁ ଏହି ଦିନଟି ସ୍ୱତନ୍ତ୍ର। ଭାଇ ହାତରେ ଭଉଣୀ ରାଖୀ ପିନ୍ଧାଇ ନିଜର ସୁରକ୍ଷା ଦାବିକରେ। ଏହାକୁ ଦୃଷ୍ଟିରେ ରଖି ଓର୍‌ମାସ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ଜଜାଙ୍ଗସ୍ଥିତ ହସ୍ତକଳା କ୍ଲଷ୍ଟରରେ ମହିଳାମାନେ କାଇଞ୍ଚ ଓ ଟେରାକୋଟା ରାଖୀ ପ୍ରସ୍ତୁତ କରିଛନ୍ତି। ଆମାଜନ, ଇଣ୍ଡିଆ ମାର୍ଟ, ଫ୍ଲିପ୍‌କାର୍ଟ ଆଦି ଅନ୍‌ଲାଇନରେ ଚଳିତବର୍ଷ ଏହାର ବିକ୍ରି ବୃଦ୍ଧି ହୋଇଛି। ଅଦ୍ୟାବଧି ୫ ହଜାରରୁ ଅଧିକ ରାଖୀ ବିକ୍ରି ହୋଇଥିବା ବେଳେ ଆମେରିକା, କୁଏତ୍ ପରି ଦେଶକୁ ୨୦୦ରୁ ଅଧିକ ରାଖୀ ଯାଇଛି। ଶସ୍ତା ସହିତ ଆଖିଦୃଶିଆ କାଇଞ୍ଚ ଓ ଟେରାକୋଟା ରାଖୀ ଗ୍ରାହକଙ୍କ ମନ ମୋହୁଥିବା ବେଳେ ମହିଳା କାରିଗରଙ୍କ ରୋଜଗାରର ବାଟ ଫିଟିଛି। ଆଗକୁ ଏହି ହସ୍ତକଳା ବ୍ୟାପକ ହେବ ବୋଲି ଜିଲାପାଳ ଅମୃତ ଋତୁରାଜ କହିଛନ୍ତି।

ଶିବପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ରଶ୍ମିତା ବେହେରା କହିଛନ୍ତି, ଓର୍‌ମାସ ପକ୍ଷରୁ ଜିଲାର ୧୩୦ ସଦସ୍ୟ କାଇଞ୍ଚ ହସ୍ତଶିଳ୍ପ ପାଇଁ ତାଲିମ ନେଇଥିଲେ। ବିଭିନ୍ନ ପଲ୍ଲିଶ୍ରୀ ମେଳାରେ ଏହି ହସ୍ତଶିଳ୍ପ ଚାହିଦା ବୃଦ୍ଧି ପରେ ଏହାକୁ ୨୦୧୮ରେ ଅନ୍‌ଲାଇନ ବିକ୍ରି ଆରମ୍ଭ କରାଯାଇଥିଲା। କରୋନା ସଂକ୍ରମଣ କାଳରେ ଏହି ରାଖୀ ବ୍ୟବସାୟ ସୁଦୂରପ୍ରସାରୀ ହୋଇଥିଲା। ଚଳିତବର୍ଷ ଡେରଗାଁରେ ନିର୍ମିତ ଟେରାକୋଟା ରାଖୀ ସାମିଲ କରାଯାଇଛି। ରାଖୀ ପ୍ରସ୍ତୁତ ପରେ ଏହାର ଫଟୋ ଅନ୍‌ଲାଇନରେ ମୂଲ୍ୟ ସହ ପୋଷ୍ଟ କରାଯାଏ। ଚଳିତବର୍ଷ ରାଖୀର ଦାମ୍ ୨୦ରୁ ୫୦ଟଙ୍କା ମଧ୍ୟରେ ରହିଛି। ଶସ୍ତା ଓ ଆଖିଦୃଶିଆ ରାଖୀ ପାଇଁ ଏହାର ଚାହିଦା ବଢ଼ିଛି। ଅଦ୍ୟାବଧି ଅନ୍‌ଲାଇନରେ ପ୍ରାୟ ୫ ହଜାରରୁ ଅଧିକ ଅର୍ଡର ମିଳିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଆଦର ବଢ଼ିଛି। ଜଜାଙ୍ଗ ଗ୍ରାମର ପ୍ରଭାତୀ ତ୍ରିପାଠୀ କହିଛନ୍ତ, ବର୍ଷାଦିନେ କାଇଞ୍ଚ ସଂଗ୍ରହ କରି ରଖାଯାଏ। ବର୍ଷକ ମଧ୍ୟରେ ଏହାର ବ୍ୟବହାର କରା ନ ଗଲେ ନଷ୍ଟ ହୋଇଯାଏ। ଜିଲାରେ ବହୁଳ ଭାବେ କାଇଞ୍ଚ ମିଳୁଥିବାରୁ ଉତ୍ପାଦିତ ସାମଗ୍ରୀ କମ୍ ଦାମରେ ଲୋକଙ୍କ ନିକଟରେ ପହଞ୍ଚାଇ ହେଉଛି। ସେହିପରି ଡେରଗାଁର ମାଳତି ଦାସ କହିଛନ୍ତି, ମାଟିରେ ସୁନ୍ଦର ଭାବେ ମନୁମେଣ୍ଟ ନିର୍ମାଣ ପରେ ରଙ୍ଗ ଦେଇ ରାଖୀ ପ୍ରସ୍ତୁତ ହୋଇଛି। ଟେରାକୋଟା ଓ କାଇଞ୍ଚ ରାଖୀ ପରିବେଶ ସମ୍ବେଦନଶୀଳ। ପ୍ଲାଷ୍ଟିକ ଅଥବା ଧାତୁ ସହିତ ନିର୍ମିତ ରାଖୀକୁ ଏବେ ଲୋକେ ପସନ୍ଦ କରୁନାହାନ୍ତି। ଚଳିତ ବର୍ଷ ଏହି ରାଖୀ ପ୍ରାୟ ୩୦ ଗ୍ରାମରେ ପ୍ରସ୍ତୁତ ହୋଇଛି। ଏହାବ୍ୟତୀତ ଶିଳ୍ପ ପ୍ରଶିକ୍ଷଣ, ନମୁନା ଓ ଗୁଣାତ୍ମକ ପ୍ରଶିକ୍ଷଣ ପାଇଁ ରାଖୀର ନୂତନତ୍ୱ ଆସିଛି। ସୋସିଆଲ ମିଡିଆକୁ ବ୍ୟବହାର କରାଯାଇ ଏହାର ବିକ୍ରିକୁ ବ୍ୟାପକ କରାଯାଇଛି। ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, କାଇଞ୍ଚ ଶିଳ୍ପ ପାଇଁ କେନ୍ଦ୍ରାପଡ଼ା ପ୍ରସିଦ୍ଧ। ଏହାକୁ ପ୍ରୋତ୍ସାହିତ ପାଇଁ ୨୦୨୦ ନଭେମ୍ବରରେ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଦକ୍ଷତା ଆହରଣ ଓ ଜୀବିକା ଉନ୍ନତି ପାଇଁ ଜ୍ଞାନ ସଚେତନତା (ସଂକଳ୍ପ) ଆରମ୍ଭ ହୋଇଛି। ଏଥିପାଇଁ ତାଲିମ ପ୍ରଦାନ କରାଯାଉଛି। ଏହି ସମୟରେ ସଚେତନ ଉତ୍ପାଦନ ଓ ସ୍ଥିରତା, ବ୍ରାଣ୍ଡ୍ ଫିଡ୍‌ବ୍ୟାକ, ଗ୍ରାହକଙ୍କ ମତାମତ, ଆଧୁନିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ଦ୍ରବ୍ୟ ଓ ସେବା କର, ଦୈନନ୍ଦିନ ଆର୍ଥିକ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭୀପ୍ସା



@ ଆଲୋକ



@ ଶ୍ରୀନିବାସ



@ ଶୁଭମ



@ ସୁବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମହିପୁରରେ ୧୨ ଘଣ୍ଟିଆ ଗଣଧାରଣା



ମହିପୁରଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ନେତୃମଣ୍ଡଳୀ।


ସଭାରେ ଯୋଗ ଦେଇଥିବା ଲୋକମାନେ।


ବଲାଙ୍ଗୀର-ଖୋର୍ଦ୍ଧା ଜାତୀୟ ରାଜପଥକୁ ମହିପୁରଠାରେ ଲୋକମାନେ ଅବରୋଧ କରିଛନ୍ତି।


ଉତ୍ତ୍ୟକ୍ତ ଲୋକେ ଦଶପଲ୍ଲା ବିଧାୟକଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

- ଦଶପଲ୍ଲା ବିଧାୟକଙ୍କ କୁଶପୁତ୍ତଳିକା ଦାହ
- ଜାତୀୟ ରାଜପଥ ଅବରୋଧ, ପ୍ରତିବାଦ ସଭା
- ରାଜନୈତିକ ପକ୍ଷପାତିତା, ପ୍ରଶାସନିକ ସ୍ଥାଣୁତା ନେଇ ମେଳି
- ଆନ୍ଦୋଳନରେ ନୂଆଗାଁ ବ୍ଲକର ୧୬ ପଞ୍ଚାୟତବାସୀ
- ଆଦର୍ଶ ବିଦ୍ୟାଳୟ ନିର୍ମାଣକୁ ନେଇ ରାଜନୀତିର ବିସ୍ଫୋରକ ରୂପ

ନୟାଗଡ଼/ନୂଆଗାଁ, ୨୮।୮ (ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଆଦର୍ଶ ବିଦ୍ୟାଳୟର ସ୍ଥାନ ଚୟନରେ ରାଜନୀତିକୁ ବିରୋଧ କରି ସୃଷ୍ଟ ବିବାଦ ସୋମବାର ବିସ୍ଫୋରକ ରୂପ ନେଇଛି। ଆଦର୍ଶ ବିଦ୍ୟାଳୟ ନିର୍ମାଣରେ ରାଜନୈତିକ ପକ୍ଷପାତିତା ଓ ପ୍ରଶାସନିକ ସ୍ଥାଣୁତାର ପ୍ରତିବାଦ କରି ନୂଆଗାଁ ବ୍ଲକର ୨୨ ପଞ୍ଚାୟତ ମଧ୍ୟରୁ ୧୬ ପଞ୍ଚାୟତବାସୀ ମେଳି ହୋଇ ମହିପୁର ବସ୍‌ଷ୍ଟାଣ୍ଡରେ ସକାଳ ୮ ଟାରୁ ୧୨ ଘଣ୍ଟିଆ ଗଣଧାରଣା ଦେଇଥିଲେ। ଗଣଧାରଣା ପରେ ପ୍ରତିବାଦ ସଭା କରି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁ, ନୂଆଗାଁ ଥାନା ଅଧିକାରୀ, ନୂଆଗାଁ ତହସିଲଦାର ଓ ଫୋର୍ସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରି ପାରି ନ ଥିଲେ। ୧୨ ଘଣ୍ଟା ଆନ୍ଦୋଳନ ପରେ ସ୍ଥିତି ବଦଳି ଥିଲେ ମଧ୍ୟ ଆନ୍ଦୋଳନ ଥମିବା ପରିବର୍ତ୍ତେ ଅଧିକ ଘନିଭୂତ ହେବ ବୋଲି ପୁଣି ଆଶଙ୍କା ପ୍ରକାଶ ପାଇଲାଣି। ମହିପୁରର ହରିଡାବନ୍ଧ ମୌଜାରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ନ ହେଲେ ପରିସ୍ଥିତି ଭୟାବହ ହେବ ବୋଲି ଆନ୍ଦୋଳନକାରୀ ଘୋଷଣା କରିଛନ୍ତି।

ଅଭିଯୋଗ ଅନୁସାରେ, ନୂଆଗାଁ ବ୍ଲକର କେନ୍ଦ୍ରସ୍ଥଳ ହେଉଛି ମହିପୁର। ମହିପୁରର ହରିଡାବନ୍ଧ ମୌଜା ହେଉଛି ଆଦର୍ଶ ବିଦ୍ୟାଳୟ ପାଇଁ ଉପଯୁକ୍ତ ସ୍ଥାନ। ହରିଡାବନ୍ଧ ମୌଜା ମହିପୁର ବାହାଡାଖୋଲା ରାସ୍ତାରେ ରହିଛି। ଏଠାରେ ସ୍କୁଲ କରାଗଲେ ବ୍ଲକର ସବୁ ଅଞ୍ଚଳର ଛାତ୍ରୀଛାତ୍ର ଉପକୃତ ହେବେ। ସ୍କୁଲ ପାଇଁ ୨୫ ଏକର ସରକାରୀ ଜମି ରହିଛି। ନୂଆଗାଁ ତହସିଲଦାର, ଉପଜିଲାପାଳ, ନୟାଗଡ଼ ଜିଲା ଶିକ୍ଷା ଅଧିକାରୀ ୨୦୨୦ ଜୁଲାଇ ୨୧ରେ ହରିଡାବନ୍ଧ ମୌଜାକୁ ଯାଇ ସମ୍ପୃକ୍ତ ସ୍ଥାନ ବିଦ୍ୟାଳୟ ପାଇଁ ଠିକ୍ ବୋଲି ଚୟନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ହରିଡାବନ୍ଧ ମୌଜା ବିଦ୍ୟାଳୟ ପାଇଁ ଉପଯୁକ୍ତ ସ୍ଥାନ ବୋଲି ଜିଲା ଶିକ୍ଷା ଅଧିକାରୀ ପତ୍ରାଙ୍କ ସଂଖ୍ୟା ୪୭୩୨/୨୧।୭।୨୦୨୦ରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ସେହିପରି ୨୧।୭।୨୦୨୦ରେ ନୂଆଗାଁ ବ୍ଲକ ଚେୟାରମ୍ୟାନଙ୍କ ସମେତ ୧୬ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏକାଠି ହୋଇ ହରିଡାବନ୍ଧ ମୌଜାରେ ଆଦର୍ଶ ବିଦ୍ୟାଳୟ କରାଯାଉ ବୋଲି ଜିଲାପାଳଙ୍କୁ ଅବଗତ କରାଇଥିଲେ। ଅପରପକ୍ଷେ ନୂଆଗାଁରେ ଚିହ୍ନଟ ସ୍ଥାନକୁ ତହସିଲଦାର ଚିଠି ନଂ. ୩୩୬୭/୨୭।୧୨।୨୦୧୮ରେ ନାକଚ କରି ଜିଲାପାଳଙ୍କୁ ଅବଗତ କରାଇଥିଲେ। ପୂର୍ବରୁ ନୂଆଗାଁ ବ୍ଲକର ନୂଆଗାଁ, କାଚପଲ୍ଲୀ ଓ ମହିତମା ମୌଜାର ଚିହ୍ନଟ ହୋଇଥିବା ଜମି ନାକଚ ହୋଇଥିଲା। ନାକଚ ସ୍ଥାନ ନୂଆଗାଁରେ ବିଦ୍ୟାଳୟ ସ୍ଥାପନ ପାଇଁ ଚେଷ୍ଟା ଆରମ୍ଭ ପରେ ହାଇକୋର୍ଟ ଓ ଏନଜିଟ୍‌ରେ ମାମଲା ହୋଇଥିଲା। ନୂଆଗାଁରେ ନିରୁପିତ ସ୍ଥାନଟିକୁ ଛାଡ଼ି ଅନ୍ୟ ସ୍ଥାନରେ ବିଦ୍ୟାଳୟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ପ୍ରଶାସନ ପକ୍ଷରୁ ନାକଚ ସ୍ଥାନ ନୂଆଗାଁରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ କିସମ ପରିବର୍ତ୍ତନ କରାଯାଇଥିଲା। କିସମ ପରିବର୍ତ୍ତନ ପରେ ପୁରୁଣା ସ୍ଥାନକୁ ନୂଆସ୍ଥାନ ଦେଖାଇ ସ୍କୁଲ ନିର୍ମାଣ ପାଇଁ ପ୍ରୟାସ କରାଗଲା। ଏହା ପରେ ବିବାଦ ଘନେଇ ଚାଲିଲା। ଅଗଷ୍ଟ ୨୮ରେ ମହିପୁର ବନ୍ଦ କରିବାକୁ ୧୬ ପଞ୍ଚାୟତବାସୀ ଚେତାବନୀ ଦେଇଥିଲେ।

## ବିଧାୟକଙ୍କ ବିରୋଧରେ ବର୍ଷିଲେ

ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ମହିପୁର ବସ୍‌ଷ୍ଟାଣ୍ଡରେ ସୁଦର୍ଶନ ସିଠଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ଶିକ୍ଷାବିତ୍ ଅନ୍ତର୍ଯ୍ୟାମୀ ସାହୁ, କଂଗ୍ରେସ ଜିଲା ସଭାପତି ରଣଜିତ ଦାଶ, ଭାଜପା ନେତା ରାଘବ ମଲ୍ଲିକ, ସାମାଜିକ କର୍ମୀ ବିରଞ୍ଚି ନାରାୟଣ ଦାସ, ବିଜେଡିର ନୂଆଗାଁ ବ୍ଲକ ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ ପ୍ରମୁଖ ଯୋଗଦେଇ ଦଶପଲ୍ଲା ବିଧାୟକଙ୍କ ବିରୋଧରେ ବିଷୋଦଗାର କରିଥିଲେ। ବ୍ଲକର ୧୬ ପଞ୍ଚାୟତର ଦାବି, ପ୍ରଶାସନର ରିପୋର୍ଟ, କୋର୍ଟ ରାୟକୁ ଅଣଦେଖା କରି କିସମ ପରିବର୍ତ୍ତନ କରି ନୂଆଗାଁରେ ଆଦର୍ଶ ବିଦ୍ୟାଳୟ ସ୍ଥାପନର ଉଦ୍ୟମ କରିବା ଜଣେ ବିଧାୟକଙ୍କ ପକ୍ଷେ ଶୋଭନୀୟ ହେଲା ନାହିଁ ବୋଲି କହିଥିଲେ। ଜିଲାପାଳ ବି ଦଶପଲ୍ଲା ବିଧାୟକଙ୍କ ହାତବାରିଶି ହୋଇ କାମ କରିବା ଠିକ୍ ନୁହେଁ ବୋଲି ମତପ୍ରକାଶ ପାଇଛି। ଏଭଳି ହେବା ଦ୍ୱାରା ଶାନ୍ତ ନୂଆଗାଁ ବ୍ଲକ ଅଶାନ୍ତ ହୋଇପଡ଼ିଛି ବୋଲି ବକ୍ତାମାନେ କହିଥିଲେ।

## ବ୍ଲକ ହାତରୁ ଖସିଥିଲା

ମହିପୁର ନୂଆଗାଁ ବ୍ଲକର କେନ୍ଦ୍ରସ୍ଥଳୀ ହୋଇଥିଲେ ହେଁ ବ୍ଲକ ପ୍ରତିଷ୍ଠା ହୋଇପାରିଲା ନାହିଁ। ମହିପୁର ଅଞ୍ଚଳ କହିଲେ ମାଳିସାହି ଚାହାଳିଠାରୁ ବାହାଡାଖୋଲା ଓ ବେରୁଆଁବାରୀ ପର୍ଯ୍ୟନ୍ତ, ପୁଣି ଦୁର୍ଦ୍ଦୁରାରରୁ ସମ୍ପଡ଼ା ପର୍ଯ୍ୟନ୍ତ ବ୍ୟାପ୍ତ ରହିଛି। ଏହି ମାଟିରେ ଆନନ୍ଦ ସ୍ୱାଇଁ, କସ୍ତୁରୀ ପରିଡା, ବୁଦ୍ଧି ପରିଡା, ବାୟା ବେହେରା, ଲିଙ୍ଗା ମାହାଳ, ଗତି ମଙ୍ଗରାଜ, ବାଞ୍ଛାନିଧି ସେନାପତି, କଷ୍ଟି ଡାକୁଆଙ୍କ ପରି ସଂଗ୍ରାମୀ ଜନ୍ମ ହୋଇ ମହିପୁରକୁ ଧନ୍ୟ କରିଛନ୍ତି। ତେବେ ସେହି ମାଟିର ଏକତା ଅଭାବରୁ ଧୀରେ ଧୀରେ ଗୋଟିଏ ଗୋଟିଏ ଅଫିସ ଖସି ଚାଲିଲା। ଶେଷରେ ଆଦର୍ଶ ବିଦ୍ୟାଳୟ କ୍ଷେତ୍ରରେ ମଧ୍ୟ ରାଜନିତୀ କରାଯାଇ ମହିପୁରକୁ ଅଣଦେଖା କରାଯାଇଛି ବୋଲି ଅଭିଯୋଗ ଉଠିଛି।

## ନୂଆଗାଁରେ ଆଦର୍ଶ ବିଦ୍ୟାଳୟ

ନୂଆଗାଁ ବ୍ଲକ ସଦର ମହକୁମାର ନୂଆଗାଁ ଶିବ ମନ୍ଦିର ନିକଟରେ ୭ ଏକର ୨୪ ଡେସିମିଲ ଉପରେ ଆଦର୍ଶ ବିଦ୍ୟାଳୟର ନିଅଁ ଖୋଳା ହୋଇ ସାରିଲାଣି। ବିଦ୍ୟାଳୟ ନାଁରେ ପଟା ମିଳି ସାରିଲାଣି। ମୁଖ୍ୟମନ୍ତ୍ରୀ ଏହି ବିଦ୍ୟାଳୟର ୧୦୦ ସିଟ୍ ବିଶିଷ୍ଟ ଛାତ୍ରାବାସ ପାଇଁ ଗତ ଜୁନ ୨୪ରେ ଭର୍ଚ୍ଚୁଆଲ ମାଧ୍ୟମରେ ଶିଳାନ୍ୟାସ ବି ଦେଇ ସାରିଛନ୍ତି। ଇତି ମଧ୍ୟରେ ହରିଡାବନ୍ଧଠାରେ ପୁଣି କ'ଣ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯିବ ସେନେଇ ପୁଣି ସନ୍ଦେହ ସୃଷ୍ଟି ହୋଇଛି।

## ପରୀକ୍ଷଣ ପୂର୍ବରୁ ଚାଲିଗଲା ମହିଳାଙ୍କ ଜୀବନ
### ଡେଙ୍ଗୁ କିଟ୍‌ର ପୁଣି ଅଭାବ

ନୟାଗଡ଼, ୨୮।୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ପରୀକ୍ଷା ପାଇଁ ଡେଙ୍ଗୁ କିଟ୍ ମିଳୁନାହିଁ। ନିକଟରେ ଡିମିଶରର ଜଣେ ଯୁବକଙ୍କ ଜୀବନ ଚାଲି ଯାଇଥିବାବେଳେ ସୋମବାର ହିଞ୍ଜଳଗାଡିଆ ଗାଁର ମିନି ହାତୀଙ୍କର ମୃତ୍ୟୁ ହୋଇଛି। ମିନି ଜ୍ୱରରେ ପୀଡିତ ହୋଇ ଡେଙ୍ଗୁ ପରୀକ୍ଷଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ଭର୍ତ୍ତି ହୋଇଥିଲେ। କିଟ୍ ନାହିଁ କହି ତାଙ୍କୁ ଅପେକ୍ଷା କରିବାକୁ ପଡିଥିଲା। ତେବେ ତାଙ୍କ ମୃତ୍ୟୁ ପରେ ମିନି ସେପ୍ଟି ସେମିଆରେ ପ୍ରାଣ ହରାଇଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ତାଙ୍କର ଟେଷ୍ଟ ରିପୋର୍ଟ ଆସିନି। ଭୁବନେଶ୍ୱର ପଠାଯାଇଥିଲା। ଇତି ମଧ୍ୟରେ ମିନିଙ୍କର ମୃତ୍ୟୁ ହୋଇସାରିଛି। ଅପରପକ୍ଷେ କିଛି ସ୍ୱାସ୍ଥ୍ୟ କର୍ମଚାରୀ କଥା ହେଉଥିଲେ କିଟ୍ ନ ଥିବାରୁ ରୋଗ ସମ୍ପର୍କରେ ଜାଣି ହୋଇ ନ ଥିଲା। ଡେଙ୍ଗୁ କିଟ୍ ଥିଲେ ରୋଗୀଙ୍କୁ ସେବା ଯୋଗାଇବା ସୁବିଧା ହୋଇଥାନ୍ତା ବୋଲି କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ସୁଧାଂଶୁ ମିଶ୍ର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ରମାକାନ୍ତ ପଣ୍ଡାଙ୍କୁ ଫୋନ ଯୋଗେ ଯୋଗାଯୋଗ ପରେ କେହି ଫୋନ ଉଠାଇ ନ ଥିଲେ।

## ଗଞ୍ଜେଇ ଭର୍ତ୍ତି କାର ଜବତ, ୨ ଗିରଫ

ବ୍ରହ୍ମପୁର, ୨୮।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଦିଗପହଣ୍ଡି ଥାନା ଉଙ୍କାରୀ ମୁଖ୍ୟ ରାସ୍ତାରେ ଅବକାରୀ ବିଭାଗର ଏକ ଟିମ୍ ଯାନବାହନ ଯାଞ୍ଚ କରୁଥିବା ବେଳେ ଏକ କାରରୁ ୧୦୩ କିଲୋ ଗଞ୍ଜେଇ ଜବତ କରିଥିଲା। ଗଞ୍ଜେଇ ଚାଲାଣ ଅଭିଯୋଗରେ ଦିଗପହଣ୍ଡି ଥାନା ବଡ଼ଡୁମୂଳା ଗ୍ରାମର ରୋଶନ ସେଠୀ ଓ ଶଙ୍କର ଗୌଡଙ୍କୁ ଗିରଫ କରାଯାଇଛି।

# କୃଷି ଯନ୍ତ୍ରପାତି, ଧାନକିଣା ଦୁର୍ନୀତିର ପ୍ରତିବାଦ

### ସିବିଆଇ ତଦନ୍ତ ଦାବିରେ ଏଡିଏମ୍‌ଙ୍କୁ ସ୍ମାରକପତ୍ର

ନୟାଗଡ଼, ୨୮।୮ (ଲୋକନାଥ ମିଶ୍ର)

ଚାଷୀ ବିରୋଧୀ ବିଜେଡି ସରକାରର କୃଷି ଯନ୍ତ୍ରପାତି ଓ ଧାନକିଣା ଦୁର୍ନୀତିର ସିବିଆଇ ତଦନ୍ତ ଦାବିରେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅନ୍ୟପକ୍ଷେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୨୩ ବର୍ଷର ବିଜେଡି ସରକାରରେ ଚାଷୀ ଓ ଚାଷ ଉପେକ୍ଷିତ। ଚାଷୀଙ୍କ ଉନ୍ନତି ଓ ସୁରକ୍ଷା ଦେଲା ଭଳି ଯୋଜନା ସରକାର କରିପାରିଲେ ନାହିଁ। ପ୍ରତିବର୍ଷ କୃଷି ଯନ୍ତ୍ରପାତି ଓ ଧାନ କିଣାରେ ଦୁର୍ନୀତି ବଢ଼ି ଚାଲିଛି। କୃଷି ଯନ୍ତ୍ରପାତିରେ ଦିଆଯାଉଥିବା ରିହାତିର ତଦନ୍ତ କରାଯାଉ। ଅନ୍ୟପକ୍ଷେ ନୟାଗଡ଼ର ପାଣିପୋଇଲାସ୍ଥିତି ଚିନିକଳରୁ ପୁନଃ ଚାଲୁ କରିବା, ଚାଷୀ ଓ ଶ୍ରମିକଙ୍କ ବକେୟା ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା, ଦାଦନ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ବୃହଙ୍ଗ ଜଳ ଯୋଜନାର କାର୍ଯ୍ୟକାରୀ କରି ଜମିକୁ ଜଳ ଯୋଗାଇବା, ମହାନଦୀର ପାଣିକୁ ଫସଲ କ୍ଷତିରୁ ରୋକାଯାଉ, ନୟାଗଡ଼ର ଗୁଡ, ସାରୁ, ମୁଗ ଭଳି ଦ୍ରବ୍ୟର କ୍ରୟ ବିକ୍ରୟ ବ୍ୟବସ୍ଥା ସହ ଷ୍ଟୋରେଜ ବ୍ୟବସ୍ଥା କରାଯାଉ। ଚାଷୀ ପଞ୍ଜୀକରଣର ସମୟ ସୀମା ସେପ୍ଟେମ୍ବର ୧୫କୁ ବୃଦ୍ଧି କରାଯିବା ପରି ୧୧ ଦଫା ଦାବି ରହିଛି। ସନ୍ତୋଷ ପ୍ରଧାନ, ଶ୍ରୀନିବାସ ପ୍ରଧାନ ଓ ସୌମ୍ୟ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।


ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

# ଜଗନ୍ନାଥ ମନ୍ଦିରର ପରିଚାଳକଙ୍କୁ ବହିଷ୍କାର ଦାବି

### ଦେବୋତ୍ତର ଅଧିକାରୀଙ୍କୁ ଅବଗତ କରାଇଲେ ରଣପୁର ରାଜା

ନୟାଗଡ଼, ୨୮।୮ (ଲୋକନାଥ ମିଶ୍ର)

ଓଡ଼ିଶାର ୨ୟ ଶ୍ରୀକ୍ଷେତ୍ର ରଣପୁରଗଡର ମହାପ୍ରଭୁ ଜଗନ୍ନାଥଙ୍କର ପରିଚାଳକଙ୍କୁ ବହିଷ୍କାର ପାଇଁ ରଣପୁର ରାଜା ଦିଲୀପ ଚନ୍ଦ୍ର ସିଂ ଦେଓ ଚକ୍ରଧର ମହାପାତ୍ର ଦେବୋତ୍ତର ଅଧିକାରୀ ତଥା ରଣପୁର ତହସିଲଦାରଙ୍କୁ ଅବଗତ କରାଇଛନ୍ତି। ଅନ୍ୟପକ୍ଷେ ହିନ୍ଦୁ ଦେବୋତ୍ତର କମିଶନର ଭୁବନେଶ୍ୱର, ଜିଲାପାଳ ନୟାଗଡ଼ଙ୍କୁ ଅନୁରୂପ ଭାବେ ଅବଗତ କରାଇଛନ୍ତି। ରାଜାଙ୍କ ଅଭିଯୋଗ ଅନୁସାରେ, କେଉଁ ଆବାହନ କାଳରୁ ପ୍ରଚଳିତ ପରମ୍ପରାକୁ ରଣପୁର ଜଗନ୍ନାଥ ମନ୍ଦିରର ପରିଚାଳକ ବଦଳାଇ ନିଜସ୍ୱ ଢ଼ଙ୍ଗରେ ପରିଚାଳନା କରୁଛନ୍ତି। ଯାହାକି ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି। ଅନ୍ୟପକ୍ଷେ ଜଗନ୍ନାଥ ମନ୍ଦିରର ପରିଚାଳନା ତଥ୍ୟ ସମ୍ପର୍କରେ ପଚାରିଲେ ମନ୍ଦିର ପରିଚାଳକ ଉଦ୍ଦେଶ୍ୟମୂଳକ ଭାବେ ପ୍ରଦାନ କରୁନାହାନ୍ତି। ଅନ୍ୟପକ୍ଷେ ରଥଯାତ୍ରା ପୂର୍ବରୁ ମନ୍ଦିର ପରିଚାଳକଙ୍କୁ ବହିଷ୍କାର ପାଇଁ ଦେବୋତ୍ତର ଅଧିକାରୀ ତଥା ରଣପୁର ତହସିଲଦାରଙ୍କୁ ଅବଗତ କରାଇଥିଲେ। ରଥଯାତ୍ରା ପରେ ପରିଚାଳକଙ୍କୁ ବହିଷ୍କାର କରାଯାଇ ନୂଆ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଇତି ମଧ୍ୟରେ ଦେବୋତ୍ତର ଅଧିକାରୀ ତଥା ରଣପୁର ତହସିଲଦାରଙ୍କ ବଦଳି ହୋଇ ନୂଆ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଣୁ ମନ୍ଦିର ପରିଚାଳକଙ୍କୁ ବିଦା କରି ନୂଆ ନିଯୁକ୍ତି ପ୍ରକ୍ରିୟା କରାଯାଇନାହିଁ। ଅନ୍ୟପକ୍ଷେ ମନ୍ଦିର ପରିଚାଳକଙ୍କ ମନୋମୁଖୀ କାର୍ଯ୍ୟକଳାପରେ ଭକ୍ତଙ୍କ ଅସନ୍ତୋଷ ଯୋଗୁ ମେ ୮ରେ ରଥଯାତ୍ରା ସୁପରିଚାଳନା ସଂକ୍ରାନ୍ତୀୟ ଅନୁଷ୍ଠିତ ସାଧାରଣ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ପରିଚାଳନା କମିଟିର ସଦସ୍ୟ ଓ ସଭାପତି ତଥା ରଣପୁର ବିଧାୟକଙ୍କ ଉପସ୍ଥିତିରେ ତତ୍କାଳୀନ ମନ୍ଦିର ପରିଚାଳକ ଦେବୋତ୍ତର ଅଧିକାରୀ ତଥା ରଣପୁର ତହସିଲଦାରଙ୍କୁ ମନ୍ଦିର ପରିଚାଳକ ଇସ୍ତଫା ଦେଇଥିଲେ। ରଥଯାତ୍ରା ପରେ ମନ୍ଦିର ପରିଚାଳକ ପଦବୀ ପାଇଁ ନିଯୁକ୍ତି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କୁହାଯାଇଥିଲା। ଏଣୁ ଜଣେ ଅଭିଜ୍ଞ ବ୍ୟକ୍ତିଙ୍କୁ ମନ୍ଦିର ପରିଚାଳକ ପଦବୀରେ ଆସିନ କରାଇବାକୁ ରଣପୁର ରାଜା ଅନୁରୋଧ କରିଛନ୍ତି।


ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଭିପ୍ସା


@ ଆଲୋକ


@ ଶ୍ରୀନିବାସ


@ ଶୁଭମ୍


@ ସୁବାସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉନ୍ନୟନ କାର୍ଯ୍ୟ ପାଇଁ ଅର୍ଥ ନାହିଁ

### ରାଜଗିରି ଅଣଦେଖା କଲେ ନୂଆଗାଁ ବିଡିଓ

ନୟାଗଡ଼, ୨୮।୮ (ଲୋକନାଥ ମିଶ୍ର)

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ରାଜଗିରି ପାହାଡ଼ର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଟଙ୍କା ନାହିଁ। ଏଭଳି କଥା ନୂଆଗାଁ ବିଡିଓ ପତ୍ରାଙ୍କ ସଂଖ୍ୟା ନଂ. ୩୪୮୨/୨୩।୮।୨୦୨୩ରେ ପ୍ରଦାନ କରିଛନ୍ତି। ୫-ଟି ସଚିବଙ୍କ ଗସ୍ତ ସମୟରେ ରାଜଗିରି ପାହାଡର ବିକାଶ ପାଇଁ ମାଳିସାହିର ଅମୂଲ୍ୟ ବିଶ୍ୱାଳଙ୍କ ସମେତ ଗାଁଲୋକ ଦରଖାସ୍ତ କରିଥିଲେ। ହେଲେ ପ୍ରକଳ୍ପ ନିମନ୍ତେ ବହୁତ ଅର୍ଥ ଆବଶ୍ୟକତା ପଡୁଥିବାରୁ ବିକାଶ କରାଇବା କାଠିକର ପାଠ କହି ବିଡିଓ କାର୍ଯ୍ୟ ଶେଷ କରି ଦେଇଛନ୍ତି। ରାଜଗିରି ପାହାଡ ଏକ ପର୍ଯ୍ୟଟନ ପୀଠ ହୋଇଥିବାବେଳେ ଏଠାରେ ବଣଭୋଜି ପାଇଁ ଭିଡ ଜମୁଛି। ପୁଣି ଝରଣାର କୁଳୁକୁଳୁ ନାଦ ପର୍ଯ୍ୟଟକଙ୍କୁ ଆନମନା କରେ। ଏଭଳି ଏକ କ୍ଷେତ୍ର ପର୍ଯ୍ୟଟନସ୍ଥଳର ମାନ୍ୟତା ଅପେକ୍ଷାରେ ଥିବାବେଳେ ରାଜ୍ୟ ସରକାରଙ୍କ ଉପେକ୍ଷା ବାରି ହୋଇ ପଡୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।


Block Development Officer
Nuagaon

**ଶେୟାର ବଜାର କାରବାରରେ ଉତ୍ସାହ**

**ନୂଆଦିଲ୍ଲୀ :** ବିଗତ କିଛି ସପ୍ତାହ ହେବ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୧୦ (୧୧୦.୦୯) ପଏଣ୍ଟ ବଢ଼ି ୬୫,୯୯୭ (୬୫,୯୯୬.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୪୦(୪୦.୨୫) ପଏଣ୍ଟ ବୃଦ୍ଧି ଘଟି ୧୯,୩୦୬(୧୯,୩୦୬.୦୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଜିଓର ଗୁରୁତ୍ୱ-ମୁକେଶ

ନୂଆଦିଲ୍ଲୀ,୨୮।୮

ଗତ କିଛି ବର୍ଷ ହେବ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ନେଇ ସାରା ଦେଶରେ ବ୍ୟାପକ ଚର୍ଚ୍ଚା ହେଉଥିବାବେଳେ ଉକ୍ତ ଏଆଇକୁ ସମସ୍ତଙ୍କ ପାଖରେ ଓ ସବୁ ସ୍ଥାନରେ ପହଞ୍ଚାଇବାକୁ ଜିଓ ପ୍ରୟାସ ଆରମ୍ଭ କରିଛି ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ (ଆରଆଇଏଲ)ର ୪୬ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅବସରରେ ଆରଆଇଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ମତପ୍ରକାଶ କରିଛନ୍ତି। ବିଶେଷ କରି ଭାରତୀୟମାନେ ଏଆଇ ମଡେଲ୍‌ର ଅଗ୍ରଣୀ ଭୂମିକା ଗ୍ରହଣ କରିବା ଏବଂ ଏହି ନୂତନ ପ୍ରଯୁକ୍ତିର ଲାଭକୁ ଭାରତୀୟ ନାଗରିକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଜିଓ ପ୍ଲାଟଫର୍ମ ଆଗ୍ରହୀ ବୋଲି ମୁକେଶ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଏପରିକି ଆରଆଇଏଲର ଏଜିଏମ୍ ଅବସରରେ ସେ ଉକ୍ତ ମହତ୍ତ୍ୱାକାଂକ୍ଷୀ ଯୋଜନା ସମ୍ପର୍କରେ ଘୋଷଣା କରିବା ସହ କହିଛନ୍ତି, ଜିଓର ଅଭିବୃଦ୍ଧି ପାଇଁ ଏଆଇ ହେଉଛି ସବୁଠୁ ଆକର୍ଷଣୀୟ ଦିଗନ୍ତ। ସେହିଭଳି ଦୀର୍ଘସ୍ଥାୟୀ ଅଭ୍ୟାସ ଓ ସବୁଜ ଭବିଷ୍ୟତକୁ ଗ୍ରହଣ କରି ଉଭୟ କ୍ଲାଉଡ୍ ଓ ଏଜ୍ ଲୋକେଶନରେ ୨୦୦୦ ମେଗାୱାଟ୍‌ର ଏଆଇ-ପ୍ରସ୍ତୁତ କମ୍ପ୍ୟୁଟର ଦକ୍ଷତା ସୃଷ୍ଟି କରିବା ପାଇଁ ଜିଓର ପ୍ରତିବଦ୍ଧତା ବିଷୟରେ ମୁକେଶ ଘୋଷଣା କରିଛନ୍ତି। ବିଶେଷ କରି ବିଶ୍ୱ ସ୍ତରରେ ଏଆଇ ବିପ୍ଳବ ଦୁନିଆକୁ ଏକ ନୂଆ ଆକାର ପ୍ରଦାନ କରୁଛି ଏବଂ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଶିଳ୍ପ, ଅର୍ଥନୀତି, ଦୈନନ୍ଦିନ ଜୀବନରେ ଖୁବ୍‌ଶୀଘ୍ର ବିପ୍ଳବ ଆଣି ତା'ର ସଂଜ୍ଞା ବଦଳାଇଦେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ


ମୁକେଶ ଅମ୍ବାନୀ

ରହିବା ପାଇଁ ଭାରତକୁ ନିଶ୍ଚିତ ରୂପେ ଏଆଇର ନବସୃଜନ, ଅଭିବୃଦ୍ଧି ଓ ଜାତୀୟ ସମୃଦ୍ଧିକୁ ବ୍ୟବହାର କରିବାକୁ ପଡ଼ିବ ବୋଲି ମୁକେଶ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୭ ବର୍ଷ ପୂର୍ବେ ସମସ୍ତଙ୍କ ପାଖରେ ଓ ସବୁ ସ୍ଥାନରେ ବ୍ରଡ୍‌ବ୍ୟାଣ୍ଡ୍ ସଂଯୋଗ ପ୍ରଦାନ କରିବାକୁ ଜିଓ ପ୍ରତିଶ୍ରୁତି ଦେଇଥିଲାବେଳେ ବର୍ତ୍ତମାନ ଆମେ ତାହା ମଧ୍ୟ ପ୍ରଦାନ କରିଛୁ, ଆଜି ଜିଓ ଏଆଇକୁ ସମସ୍ତଙ୍କ ପାଖରେ ଓ ସବୁ ସ୍ଥାନରେ ପହଞ୍ଚାଇବାର ପ୍ରତିଶ୍ରୁତି ଦେଉଛି। ଆଗାମୀ ଦିନରେ ଆମେ ତାହା ପ୍ରଦାନ କରିବୁ ବୋଲି ସେ କହିଛନ୍ତି। ବିଶ୍ୱସ୍ତରରେ ଏଆଇକୁ ନେଇ ଚାଲିଥିବା ନବସୃଜନ ବିଶେଷ କରି ଜେନେରେଟିଭ୍ ଏଆଇ କ୍ଷେତ୍ରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ପ୍ରତିଭାବାନ କର୍ମଚାରୀ ଓ ଦକ୍ଷତାରେ ଉନ୍ନତି ଆଣୁଛି। ଆଗାମୀ ଦିନରେ ସବୁ କ୍ଷେତ୍ର ପାଇଁ ଭାରତ ସ୍ୱତନ୍ତ୍ର ଏଆଇ ମଡେଲ୍ ଓ ଏଆଇଭିତ୍ତିକ ସମାଧାନ ବିକାଶ କରିବା ଉଦ୍ୟମରେ ଜିଓ ପ୍ଲାଟଫର୍ମସ୍ ଆଗରେ ରହିବାକୁ ଚାହୁଁଛି, ଫଳରେ ଏଆଇର ଲାଭକୁ ଭାରତୀୟ ନାଗରିକ, ବ୍ୟବସାୟ ଓ ସରକାରଙ୍କ ନିକଟରେ ପହଞ୍ଚାଇ ହେବ। ସେହିପରି ଭାରତ ପାଖରେ ସେହି ବ୍ୟାପକତା, ଡାଟା ଓ ପ୍ରତିଭା ରହିଛି ବୋଲି ମୁକେଶ କହିଛନ୍ତି।

## ବୀମା କ୍ଷେତ୍ରରେ ଆର୍‌ଆଇଏଲ୍

ନୂଆଦିଲ୍ଲୀ,୨୮।୮

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆରଆଇଏଲ)ର ୪୬ ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ) ସୋମବାର ମୁମ୍ବାଇଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆରଆଇଏଲର ଚେୟାରମ୍ୟାନ ତଥା ଏମଡି ମୁକେଶ ଅମ୍ବାନୀ ଜିଓ ଫାଇନାନସିଆଲ ସର୍ଭିସେସକୁ ନେଇ ଏକ ବଡ଼ ଘୋଷଣା କରିଛନ୍ତି। ଏପରିକି ମୁକେଶ କହିଛନ୍ତି, ବର୍ତ୍ତମାନ କମ୍ପାନୀ ବୀମା କ୍ଷେତ୍ରରେ ପ୍ରବେଶ କରିବ। ଏହି କମ୍ପାନୀ ଜୀବନ ବୀମା ସହ ସାଧାରଣ ଏବଂ ସ୍ୱାସ୍ଥ୍ୟ ବୀମା ମଧ୍ୟ ଉପଲବ୍ଧ କରାଇବ। ଅପରପକ୍ଷରେ ଏଜିଏମକୁ ସମ୍ବୋଧିତ କରି ମୁକେଶ କହିଛନ୍ତି, ଜିଓ ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡର ସମସ୍ତ ଶେୟାରଧାରକଙ୍କୁ ମୁଁ ଧନ୍ୟବାଦ ଜଣାଉଛି, ନିକଟରେ କମ୍ପାନୀ ଫାଇନାନ୍ସିଆଲ କାରବାରକୁ ଅଲଗା କରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ପ୍ରତ୍ୟେକ ଶେୟାର ଧାରକଙ୍କୁ ଜିଓ ଫାଇନାନ୍ସିଆଲ ୧:୧ ଆଧାରରେ ଶେୟାର ଦେଇଥିଲା।

## ଗଣେଶ ପୂଜାରେ ଜିଓ ଏୟାର ଫାଇବର

ନୂଆଦିଲ୍ଲୀ,୨୮।୮




ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ (ଆରଆଇଏଲ୍)ର ୪୬ ତମ ସାଧାରଣ ପରିଷଦ ବୈଠକ (ଏଜିଏମ) ସୋମବାର ମୁମ୍ବାଇଠାରେ ଆୟୋଜିତ ହୋଇଯାଇଛି। ଉକ୍ତ ବୈଠକରେ ଆରଆଇଏଲର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଅନେକ ନୂଆ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ବିଶେଷ କରି କମ୍ପାନୀ ଚଳିତ ବର୍ଷ ଗଣେଶ ପୂଜା (ସେପ୍ଟେମ୍ବର-୧୯)ରେ ଜିଓ ଏୟାର ଫାଇବରର ଆନୁଷ୍ଠାନିକ ଶୁଭାରମ୍ଭ ହେବ ବୋଲି ମୁକେଶ ମତପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହାଦ୍ୱାରା ଗ୍ରାହକମାନେ ବିନା ୱାୟାରଲେସ୍ (ତାର)ରେ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ସର୍ଭିସ୍ ପାଇପାରିବେ। ଏପରିକି ଯେଉଁଠାରେ ଫାଇବର ଅପଟିକ ପହଞ୍ଚିନାହିଁ, ଗ୍ରାହକମାନେ ସେଠାରେ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ପାଇପାରିବେ। ସେହିଭଳି ୫ଜି ନେଟୱର୍କ ଜରିଆରେ ଉକ୍ତ ସେବା ଦେଶବାସୀଙ୍କୁ ଯୋଗାଇଦିଆଯିବ ବୋଲି ଅମ୍ବାନୀ ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଜିଓ ପାଖରେ ୫ କୋଟିରୁ ଅଧିକ ଗ୍ରାହକ ଥିଲାବେଳେ ଆଗାମୀ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଅପରପକ୍ଷରେ କମ୍ପାନୀ ଗତ ୧୦ବର୍ଷ ମଧ୍ୟରେ ମୋଟ ୧୫୦ ବିଲିୟନ ଡଲାର ନିବେଶ କରିଛି, ଏହି ସ୍ୱଳ୍ପ ଅବଧି ମଧ୍ୟରେ କୌଣସି କମ୍ପାନୀ ଦ୍ୱାରା ଏହା ସର୍ବାଧିକ ପୁଞ୍ଜିନିବେଶ ବୋଲି ଅମ୍ବାନୀ କହିଛନ୍ତି।

## ରିଲାଏନ୍ସ ବୋର୍ଡରେ ଆକାଶ, ଈଶା, ଅନନ୍ତ

ନୂଆଦିଲ୍ଲୀ,୨୮।୮



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆରଆଇଏଲ)ର ୪୬ ତମ ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ) ସୋମବାର ମୁମ୍ବାଇଠାରେ ଆୟୋଜିତ ହୋଇଯାଇଛି। ଉକ୍ତ ବୈଠକରେ ଆରଆଇଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ କମ୍ପାନୀ ସହ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଓ ନୂତନ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ବିଶେଷ କରି ଆରଆଇଏଲ ବୋର୍ଡରେ ଈଶା ଏମ୍ ଅମ୍ବାନୀ, ଆକାଶ ଏମ୍ ଅମ୍ବାନୀ ଏବଂ ଅନନ୍ତ ଏମ୍ ଅମ୍ବାନୀଙ୍କୁ ସାମିଲ କରାଯାଇଥିବାବେଳେ ନୀତା ଅମ୍ବାନୀ ବୋର୍ଡରୁ ଅବସର ନେଇଛନ୍ତି ବୋଲି ମୁକେଶ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ବୋର୍ଡର ଅନ୍ୟ ଅଂଶୀଦାରଙ୍କ ଅନୁମୋଦନ ପରେ ରିଲାଏନ୍ସ ଇଣ୍ଡିଆର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଈଶା ଏମ୍ ଅମ୍ବାନୀ, ଆକାଶ ଏମ୍ ଅମ୍ବାନୀ ଏବଂ ଅନନ୍ତ ଏମ୍ ଅମ୍ବାନୀଙ୍କୁ ବୋର୍ଡରେ ସାମିଲ (ନିଯୁକ୍ତ) କରିବାକୁ ବୋର୍ଡ ବିଚାର କରିଥିଲା। ଏପରିକି ବୋର୍ଡର ଉକ୍ତ ପ୍ରସ୍ତାବରେ ଅଂଶୀଦାରମାନେ ସହମତି ପ୍ରକାଶ କରିବା ପରେ ଈଶା,ଆକାଶ ଓ ଅନନ୍ତ ବୋର୍ଡରେ ସାମିଲ ହୋଇଥିଲେ ବୋଲି ଆରଆଇଏଲ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ନୀତା ଅମ୍ବାନୀ ବୋର୍ଡରୁ ଇସ୍ତଫା ଦେଇଥିବାବେଳେ ସେ ରିଲାଏନ୍ସ ଫାଉଣ୍ଡେଶନର ଚେୟାରମ୍ୟାନ ରହିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆଗାମୀ ଭବିଷ୍ୟତରେ ଈଶା, ଆକାଶ ଓ ଅନନ୍ତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ନେତୃତ୍ୱ ନେବେ ବୋଲି କୁହାଯାଉଛି।

## ବଜାରରେ ହୋଣ୍ଡାର ନ୍ୟୁ ହର୍ନେଟ

ନୂଆଦିଲ୍ଲୀ,୨୮।୮



ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ହର୍ନେଟ୍-୨.୦କୁ ବଜାର ପ୍ରବେଶ ସହ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ଏବଂ ସିଇଓ ସୁତ୍ସୁମି ଓଟାନି କହିଛନ୍ତି,ସରକାରଙ୍କ ନିୟମ ଅନୁସାରେ ନୂତନ ମଡେଲଗୁଡ଼ିକୁ ପ୍ରସ୍ତୁତ କରିବା ଲାଗି ଏଚ୍‌ଏମ୍‌ଏସ୍‌ଆଇ ଦ୍ରୁତ ଗତିରେ କାର୍ଯ୍ୟ କରୁଥିବାବେଳେ ଓବିଡି୨ ନିୟମ ପାଳନ କରୁଥିବା ୨୦୨୩ ହର୍ନେଟ୍ ୨.୦କୁ ଉନ୍ମୋଚନ ସହିତ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲ୍‌ସ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ନୂଆ ହର୍ନେଟ୍ ୨.୦କୁ ବଜାର ପ୍ରବେଶ କରାଇ ନୂଆ ପିଢ଼ିର ଗ୍ରାହକମାନଙ୍କ ସ୍ୱପ୍ନ ପୂରଣ କରିଛୁ। ବିଶେଷ କରି ଉନ୍ନତ ସୁବିଧା ସୁଯୋଗ ସହିତ ନୂଆ ହର୍ନେଟ୍ ୨.୦ର ଆକର୍ଷଣୀୟ ଗ୍ରାଫିକ୍ ଓ ବିଶାଳ ଟାଙ୍କିର ଡିଜାଇନ୍ ଉକ୍ତ ମୋଟରସାଇକେଲ୍‌କୁ ଏକ ଭିନ୍ନ ଆକାର ପ୍ରଦାନ କରିଛି। ଏଥିରେ ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ଏଲ୍‌ଇଡି ୱିଙ୍କର, ଏକ୍ସ-ଆକାରର ଏଲ୍‌ଇଡି ଟେଲ୍ ଲ୍ୟାମ୍ପ, ପ୍ରିମିୟମ୍ ଛୋଟ ମଫଲର, ଆଲୟ ହ୍ୱିଲ୍ ଓ ସ୍ପ୍ଲିଟ୍ ସିଟ୍ ଆଦି ଗାଡ଼ିକୁ ଆକର୍ଷଣୀୟ ତଥା ଆନ୍ତର୍ଜାତିକ ଷ୍ଟାଇଲ୍ ପ୍ରଦାନ କରୁଛି। ଅପରପକ୍ଷରେ ନ୍ୟୁ ୨୦୨୩ ହର୍ନେଟ୍ ୨.୦ରେ ଶକ୍ତିଶାଳୀ ୧୮୪.୪୦ ସିସି, ୪ ଷ୍ଟ୍ରୋକ୍, ସିଙ୍ଗଲ ସିଲିଣ୍ଡର ବିଏସ୍-୬ ଓବିଡି୨ ନିୟମ ପାଳନ କରୁଥିବା ପିଜିଏମ୍-ଏଫ୍‌ଆଇ ଇଞ୍ଜିନ ରହିଛି, ବିଶେଷ କରି ଚାଳକଙ୍କ ସୁରକ୍ଷା ଓ ସହଜ ଗିୟର ସିଫ୍ଟ ପାଇଁ ନୂଆ ଆସିଷ୍ଟ ଓ ସ୍ଲିପର କ୍ଲଚ୍ ରହିଥିବା ବେଳେ ଅପ୍-ସାଇଡ୍ ଡାଉନ୍ ସାମ୍ନା ଫର୍କ, ସମ୍ପୂର୍ଣ୍ଣ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ ପ୍ୟାନେଲ୍, ପେଟାଲ ଡିସ୍କ ବ୍ରେକ୍ ଓ ସିଙ୍ଗଲ-ଚ୍ୟାନେଲ୍ ଏବିଏସ୍ ରହିଛି।

## ଡ୍ରିମ୍ ଗାର୍ଲ ୨ ସହ ଆଇମନ୍ତ୍ରାର ବୁଝାମଣା

ନୂଆଦିଲ୍ଲୀ,୨୮।୮

ଦେଶର ପ୍ରମୁଖ ଘରୋଇ ଆୟୁର୍ବେଦିକ ସଂସ୍ଥା ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ଅଗ୍ରଣୀ ବ୍ରାଣ୍ଡ ଆଇମନ୍ତ୍ରା ବଲିଉଡ ଚଳଚ୍ଚିତ୍ର ଡ୍ରିମ୍ ଗାର୍ଲ ୨ ସହ ଦ୍ୱିପାକ୍ଷିକ ବୁଝାମଣା କରିଛି। ଉକ୍ତ ବୁଝାମଣା ଅନୁଯାୟୀ ଆଇମନ୍ତ୍ରା ଡ୍ରିମ୍ ଗାର୍ଲ ୨ ପ୍ରଚାର ପ୍ରସାର କରିବ। ଉଲ୍ଲେଖଯୋଗ୍ୟ, ଜଣାଶୁଣା ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜ ସାଣ୍ଡିଲ୍ୟ ନିର୍ଦ୍ଦେଶିତ ବଲିଉଡ ଚଳଚ୍ଚିତ୍ର (ହିନ୍ଦୀ ଫିଲ୍ମ) ଡ୍ରିମ୍ ଗାର୍ଲ ୨ ଏକ ଭିନ୍ନ ଧରଣର ପାରିବାରିକ କାହାଣୀ ହୋଇଥିବାବେଳେ ଏଥିରେ ଫୁଲ କମେଡି, ଇମୋଶନ ଓ ଡ୍ରାମା ଅନ୍ତର୍ଭୁକ୍ତ। ଉକ୍ତ ଚଳଚ୍ଚିତ୍ରରେ ଆୟୁଷ୍ମାନ ଖୁରାନା, ଅନନ୍ୟା ପାଣ୍ଡେ, ପରେଶ ରାୱଲ, ଅନୁ କପୁର , ରାଜପାଲ ଯାଦବ ଏବଂ ଅଭିଷେକ ବାନାର୍ଜୀ ଓ ଅନ୍ୟମାନେ ଅଭିନୟ କରିଛନ୍ତି। ଏ ସମ୍ପର୍କରେ ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ତଥା ଏମ୍‌ଡି ଡ. ସଞ୍ଜୀବ ଜୁନେଜା କହିଛନ୍ତି, ଆମେ ଡ୍ରିମ୍ ଗାର୍ଲ ୨ ସହ ଜଡିତ ହୋଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆଇମନ୍ତ୍ରାର ଆୟୁର୍ବେଦିକ ଆଇ ଡ୍ରପ୍‌ସର ପ୍ରଚାର ଓ ପ୍ରସାର ହେବ। ଫଳରେ ଉଭୟ ସଂସ୍ଥାର କାରବାର ବୃଦ୍ଧି ସହ ଆଇମନ୍ତ୍ରାର ପ୍ରଡକ୍ଟଗୁଡ଼ିକର ଗୁଣବତ୍ତା ଆଦି ସମ୍ପର୍କରେ ବ୍ୟାପକ ସଚେତନତା ମଧ୍ୟ ଚଳଚ୍ଚିତ୍ର ଜରିଆରେ କରାଯିବ ବୋଲି ସେ ମତପ୍ରକାଶ କରିଛନ୍ତି।




## ଫୁର୍‌ସତ୍

# ସେପ୍ଟେମ୍ବର ୨୮ରେ ପ୍ରଭାସଙ୍କ 'ସାଲାର'



ମୁମ୍ବାଇ

ସାଉଥ୍ ଅଭିନେତା ପ୍ରଭାସଙ୍କ ଫିଲ୍ମ 'ଆଦିପୁରୁଷ' ପରେ ଏବେ ତାଙ୍କୁ ପ୍ରଶାନ୍ତ ନିଲଙ୍କ ନିର୍ଦ୍ଦେଶିତ ସିନେମା 'ସାଲାର'ରେ ଦେଖିବାକୁ ମିଳିବ। ମୁଭି ସେପ୍ଟେମ୍ବର ୨୮ରେ ରିଲିଜ୍ ହେବାକୁ ଯାଉଛି। ରିଲିଜ୍ ପୂର୍ବରୁ ବକ୍ସ ଅଫିସରେ ୪୦୦ ହଜାର ଡଲାର ରୋଜଗାର କରିଛି। ସେପ୍ଟେମ୍ବର ୭ରେ ଏଟଲୀ କୁମାରଙ୍କ ବଡ଼ ବଜେଟ ଫିଲ୍ମ 'ଯବାନ' ମୁକ୍ତିଲାଭ କରିବ। ଏହାର ୨୧ ଦିନ ପରେ 'ସାଲାର' ମୁକ୍ତିଲାଭ କରିବ। ଫିଲ୍ମକୁ ନେଇ ପ୍ରଶଂସକଙ୍କ ମଧ୍ୟରେ କ୍ରେଜ୍ ଦେଖିବାକୁ ମିଳିଛି। ଚଳଚ୍ଚିତ୍ରରେ ପ୍ରଭାସଙ୍କ ସହ ପୃଥ୍ୱୀରାଜ ସୁକୁମାରନ୍, ଶ୍ରୁତି ହାସନ, ଈଶ୍ୱରୀ ଏବଂ ଜଗପତି ବାବୁ ପ୍ରମୁଖ ବିଭିନ୍ନ ଭୂମିକାରେ ନଜର ଆସିବେ। ଆମେରିକାରେ ଫିଲ୍ମର ପ୍ରି-ବୁକିଂ ଆରମ୍ଭ ହୋଇଯାଇଛି। ମୁଭିର କୌଣସି ଗୀତ କିମ୍ବା ଟ୍ରେଲର ରିଲିଜ୍ ହୋଇନାହିଁ। କେବଳ ଫିଲ୍ମର ଟିଜରରୁ ଲୋକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇବାରେ ଲାଗିଛି। ଟିଜରରେ ପ୍ରଭାସଙ୍କୁ 'ଡାଇନୋସର' ଭାବରେ ବର୍ଣ୍ଣନା କରାଯାଇଛି। 'ରିବେଲ୍ ଇଜ୍ ବ୍ୟାକ୍' ବୋଲି ସେଥିରେ ଲେଖାଯାଇଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଫିଲ୍ମର ଟ୍ରେଲର କିମ୍ବା କୌଣସି ଗୀତ ରିଲିଜ୍ ହୋଇପାରେ। 'ସାଲାର' ୫ଟି ଭାଷାରେ ମୁକ୍ତିଲାଭ କରିବ। ତେବେ ପ୍ରଭାସ ଅନେକ ଫିଲ୍ମ ଭେଟି ଦେଇଥିବାବେଳେ ପ୍ରଶଂସକଙ୍କ ପ୍ରିୟ ହୋଇପାରିଛନ୍ତି।

# ସବୁଜ ପୃଥିବୀକୁ ଜୀବନ୍ତ ରଖିବା ଅପରିହାର୍ଯ୍ୟ

**ଆ**ମର ସବୁଜ ପୃଥିବୀ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ପୃଥିବୀ ସାମ୍ନା କରୁଥିବା ସମସ୍ତ ସଙ୍କଟ ମଧ୍ୟରୁ ଅଧିକାଂଶ ମନୁଷ୍ୟ କୃତ। ଜନସଂଖ୍ୟା ବୃଦ୍ଧି, ଦ୍ରୁତ ଶିଳ୍ପାୟନ, ବିଶ୍ୱ ତାପନ ଆଦି ଜୀବନ୍ତ ପୃଥିବୀ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଆଧୁନିକତାର ବଶବର୍ତ୍ତୀ ହୋଇ କେତେକ ଦେଶ ନିଜନିଜ ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଆଣବିକ ଅସ୍ତ୍ରଶସ୍ତ୍ର ବିକଶିତ କରିବା ଜାରି ରଖିଛନ୍ତି। ଅସ୍ତ୍ରଶସ୍ତ୍ର ବିକଶିତ କରିବା ତୁଳନାରେ ଏସବୁର ପରୀକ୍ଷଣ ପୃଥିବୀ ଲାଗି ବିପଦ ସୃଷ୍ଟି କରୁଛି। ୧୯୪୫ ରୁ ୧୯୯୬ ମଧ୍ୟରେ ସମଗ୍ର ପୃଥିବୀରେ ୨ ହଜାରରୁ ଅଧିକ ଆଣବିକ ପରୀକ୍ଷଣ କରାଯାଇଛି। ଆଣବିକ ପରୀକ୍ଷଣ ବିରୋଧରେ ଅନ୍ତର୍ଜାତୀୟ ଦିବସ ପାଳନ ନେଇ ସ୍ୱୀକୃତି ପରେ ଏଥିରେ ସୁଧାର ଆସିଛି।

ସଚେତନତା ସୃଷ୍ଟି ପାଇଁ ୧୯୯୧ ଅଗଷ୍ଟ ୨୯ରେ କାଜାଖସ୍ତାନର ସେମିପାଲାଟିନ୍ସ ଆଣବିକ ପରୀକ୍ଷଣ ସ୍ଥାନକୁ ବନ୍ଦ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା। ୨୦୦୯ ଡିସେମ୍ବର ୨ରେ ଜାତିସଂଘ ସାଧାରଣ ସଭାର ୬୪ ତମ ଅଧିବେଶନରେ ଆଣବିକ ନିରସ୍ତ୍ରୀକରଣ ନିମନ୍ତେ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ସର୍ବସମ୍ମତି କ୍ରମେ ଏହା ଗ୍ରହଣ ହୋଇଥିଲା। ତେଣୁ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅଗଷ୍ଟ ୨୯କୁ ପରମାଣୁ ପରୀକ୍ଷଣ ନିରୋଧୀ ଦିବସ ଭାବେ ପାଳନ କରାଯାଉଛି। ୨୦୧୦ ରେ ଆଣବିକ ଅସ୍ତ୍ର ବିକଶିତ ନ କରିବା ଲାଗି ଉଦ୍ଦିଷ୍ଟ ଥିବା ଚୁକ୍ତିରେ ସମସ୍ତ ଦେଶ ଆଣବିକ ଅସ୍ତ୍ର ବିନା ବିଶ୍ୱର ଶାନ୍ତି ଏବଂ ନିରାପତ୍ତା ହାସଲ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିବର୍ଷ ଏହି ଦିବସ ପାଳନ ଅବସରରେ ଭବିଷ୍ୟତ ବଂଶଧରଙ୍କ ପାଇଁ କିଭଳି ପୃଥିବୀକୁ ଜୀବିତ ରଖିବା ଅପରିହାର୍ଯ୍ୟ ସେ ନେଇ ସଚେତନତା ସୃଷ୍ଟି କରାଯାଇଥାଏ। ଏହା ସହିତ ଅଦୂରଦର୍ଶୀ ମନୋଭାବକୁ ଦୂର କରାଯିବା ଲାଗି ଉଦ୍ୟମ ମଧ୍ୟ ହୋଇଥାଏ।



### ଆଣବିକ ପରୀକ୍ଷଣ ନିରୋଧୀ ଦିବସ

ଆଣବିକ ପରୀକ୍ଷଣ କରି ଏବେ ସବୁ ଦେଶ ନିଜର ଶକ୍ତି ପ୍ରଦର୍ଶନ କରିବାରେ ଲାଗିଛନ୍ତି। ଏହା ପୃଥିବୀ ପ୍ରତି କେତେ ଯେ ବିପଦପୂର୍ଣ୍ଣ ତାହା କେହି ବି ଚିନ୍ତା କରୁନାହାନ୍ତି। ପ୍ରଥମେ ୧୬ ଜୁଲାଇ ୧୯୪୫ରେ ଆଣବିକ ପରୀକ୍ଷଣ କରାଯାଇଥିଲା। ଆମେରିକା ଦ୍ୱାରା ନ୍ୟୁ ମେକ୍ସିକୋର ଆଲାମୋଗୋର୍ଡୋର ମରୁଭୂମିରେ ପରମାଣୁ ବୋମା ପରୀକ୍ଷା କରାଯାଇଥିଲା। ଆଣବିକ ପରୀକ୍ଷଣକୁ ରୋକିବା ପାଇଁ ୧୯୬୬ରେ ନ୍ୟୁକ୍ଲିୟର ଟେଷ୍ଟ ବ୍ୟାନ ଟ୍ରିଟି (ସିଟିବିଟି)ରେ ବିଶ୍ୱର ବହୁ ଦେଶ ସ୍ୱାକ୍ଷର କରିଥିଲେ। ଏହି ଦିବସ ପାଳନ ଅବସରରେ ବିଶ୍ୱ ବ୍ୟାପୀ ସବୁଜ ଜୀବନ୍ତ ପୃଥିବୀକୁ ବଞ୍ଚାଇ ରଖିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ।

## କଣ୍ଢେଇ ଫେରାଇବାକୁ ବିମାନରେ ଆସିଲେ ୬ହଜାର ମାଇଲ

**ୱାଶିଂଟନ:** ଜଣେ ୯ ବର୍ଷୀୟା ଝିଅର ଖୁସି ପାଇଁ ପାଇଲଟ୍ ଜଣକ ଯାହା କରିଛନ୍ତି, ସେଥିଲାଗି ସେ ଚର୍ଚ୍ଚାକୁ ଆସିଛନ୍ତି। ବିମାନ ଯାତ୍ରା ସମୟରେ ଅନେକେ ତାଙ୍କର କିଛି ଜିନିଷ ଭୁଲି ଯାଇଥିବା ନଜରକୁ ଆସିଛି। ତେବେ ନିକଟରେ ଏକ ଛୋଟପିଲା ବିମାନରେ ତା' କଣ୍ଢେଇ ଭୁଲି ଛାଡ଼ିଯାଇଥିଲା। ପାଇଲଟ ଜଣକ ସେହି ଖେଳଣାକୁ ଫେରାଇବାକୁ ୬ହଜାର ମାଇଲ ବିମାନରେ ଆସିଥିବା ଜଣାପଡ଼ିଛି। ଆମେରିକାର ଏୟାରଲାଇନ୍ସରେ କାମ କରୁଥିବା ପାଇଲଟ୍ ଜେମ୍ସ ଡେନେନ୍‌ଙ୍କୁ ଫେସ୍‌ବୁକ ଜରିଆରେ ଜଣାପଡିଲା କି ବାଲେନ୍‌ଟିନା ନାମକ ଜଣେ ଝିଅର କଣ୍ଢେଇ ହଜିଯାଇଛି। ଯାହା ଶେଷଥର ପାଇଁ ଟୋକିଓର ବିମାନ ବନ୍ଦରରେ ଦେଖାଯାଇଥିଲା। ଝିଅର ପରିବାର ଇଣ୍ଡୋନେସିଆ ଯାତ୍ରା କରି ଟେକ୍ସାସ୍ ଫେରୁଥିଲେ। ସେମାନଙ୍କୁ ମଝିରେ ଟୋକିଓରେ ରହିବାକୁ ପଡିଥିଲା। ଜେମ୍ସ ଏହା ଜାଣି ଟୋକିଓ ଏୟାରଲାଇନ୍ସ ସହ ସମ୍ପର୍କ କଲେ। ଏହାପରେ ହଜିଥିବା ସେହି କଣ୍ଢେଇ ବାବଦରେ ସେ ଜାଣିବାକୁ ପାଇଥିଲେ। ଜେମ୍ସ ସେହି କଣ୍ଢେଇର ଫଟୋକୁ ବାଲେନ୍‌ଟିନାଙ୍କୁ ପଠାଇଲେ। ପରେ ସେ ବିମାନରେ ୬ହଜାର ମାଇଲ ଯାତ୍ରା କରି ଝିଅର ସେହି କଣ୍ଢେଇକୁ ଫେରାଇଥିଲେ। ଝିଅଟି ୩ ସପ୍ତାହ ପରେ ହଜିଥିବା କଣ୍ଢେଇକୁ ପାଇଗଲା। ତେବେ ପାଇଲଟ୍ ଜେମ୍ସଙ୍କ ଘର ବାଲେନ୍‌ଟିନାଙ୍କ ଘର ପାଖରେ। ଏଥିସହ ଜେମ୍ସ ଝିଅଟିକୁ ଉପହାର ସ୍ୱରୂପ କିଛି ଜିନିଷ ଦେଇଥିଲେ। ବାଲେନ୍‌ଟିନା କହିଛନ୍ତି, ଏହି କଣ୍ଢେଇ ତାଙ୍କ ପାଇଁ ଅମୂଲ୍ୟ। ଏହା ତାଙ୍କୁ ବହୁତ ଖୁସି ଦିଏ। ଜେମ୍ସ ମଧ୍ୟ ବାଲେନ୍‌ଟିନାଙ୍କୁ ସାହାଯ୍ୟ କରି ଖୁସି ଥିବା କହିଛନ୍ତି। ସେ କହିଛନ୍ତି, ଲୋକଙ୍କୁ ସାହାଯ୍ୟ କରିବା ତାଙ୍କୁ ଅଧିକ ପସନ୍ଦ ଆସେ।



## ସବୁଠୁ ଛୋଟ ଭ୍ରମଣକାରୀଙ୍କ ୨୩ ଦେଶ ଭ୍ରମଣ

ୱେଲିଂଟନ୍

ସାଧାରଣତଃ ମା'-ବାପା ଅତିଛୋଟ ପିଲାଙ୍କୁ ବାହାରକୁ ନେଇ ଯାଇ ନ ଥାନ୍ତି। ହେଲେ ନ୍ୟୁଜିଲାଣ୍ଡର ଏକ ଦମ୍ପତି ତାଙ୍କ ୧୧ ମାସର ଶିଶୁକୁ ନେଇ ବିଶ୍ୱ ବୁଲିବାରେ ଲାଗିଛନ୍ତି। ତେବେ ଦୁନିଆର ସବୁଠୁ ଛୋଟ ଭ୍ରମଣକାରୀ ଭାବେ ଆଟଲାସ୍ ମାଣ୍ଟଗୋମେରି ଏଥି ମଧ୍ୟରେ ୨୩ଟି ଦେଶ ବୁଲିସାରିଲାଣି। ୨୯ ବର୍ଷୀୟ ବେକ୍ସ ଲୁଇସ୍ ଏବଂ ୩୧ ବର୍ଷୀୟ ୱିଲ ମାଣ୍ଟଗୋମେରିଙ୍କ ସ୍ୱପ୍ନ ପୂରା ବିଶ୍ୱ ବୁଲିବା, ଯାହାକୁ ସେ ଶୀଘ୍ର ପୂରଣ କରିବାକୁ ଯାଉଛନ୍ତି। ଆପଣମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଦମ୍ପତି ପ୍ରତିଦିନ କେବଳ ୪ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୩୩୦ ଟଙ୍କାରେ ଖାଦ୍ୟ ଖାଇବା ସହ ବହୁତ କମ୍ ଖର୍ଚ୍ଚରେ ବୁଲୁଛନ୍ତି। ପିଲାଙ୍କୁ ନେଇ ବାହାରକୁ ଯିବାରେ ଅସୁବିଧା ହୋଇଥାଏ। ହେଲେ ଏହି ଦମ୍ପତି ତାଙ୍କ ୬ ସପ୍ତାହର ଶିଶୁକୁ ନେଇ ବିଶ୍ୱ ବୁଲିବାକୁ ଆରମ୍ଭ କରିଥିଲେ। କେବଳ ୧୧ ମାସ ମଧ୍ୟରେ ଉକ୍ତ ଶିଶୁ ୧୩ ଦେଶ ବୁଲିଥିବା ସେମାନେ କହିଛନ୍ତି। ଯେତେବେଳେ ଲୁଇସ୍ ମାର୍ଟର୍ନିଟି ଛୁଟିରେ ଥିଲେ, ସେତେବେଳେ ସେମାନେ ବିଶ୍ୱ ଭ୍ରମଣ ପାଇଁ ବାହାରିଥିଲେ। ସେତେବେଳେ ଆଟଲାସ୍‌କୁ ମାତ୍ର ୬ ସପ୍ତାହ ହୋଇଥିଲା। ଲୁଇସ୍ କହିଛନ୍ତି, ଆଟଲାସ୍ ସବୁଠୁ ଛୋଟ ଶିଶୁ, ଯିଏ ଏତେ କମ୍ ବୟସରେ ଏତେ ସ୍ଥାନ ବୁଲିପାରିଛି। ସେମାନେ ଯେତେବେଳେ ନୌକାରେ ଯାଉଥିଲେ, ଆଟଲାସ୍‌ର ସେତେବେଳେ ଦାନ୍ତ ଉଠିବା ଦେଖିଥିଲେ। ପରେ ସେ ଫ୍ରାନ୍ସରେ ଖାଦ୍ୟ ଖାଇବା ଆରମ୍ଭ କରିଥିଲା। ସେମାନେ ତାଙ୍କ ଭ୍ୟାନ୍ ସାହାଯ୍ୟରେ ୟୁରୋପର ଅଧିକାଂଶ ଦେଶ ଭ୍ରମଣ କରିସାରିଲେଣି। ଏ ପର୍ଯ୍ୟନ୍ତ ସେମାନେ ଇଟାଲୀ, ଡେନମାର୍କ, ଅଷ୍ଟ୍ରିଆ, ଚେକିଆ, ସ୍ୱିଡେନ, ନର୍‌ୱେ, ସ୍ଲୋଭେନିଆ, ସୁଇଜରଲାଣ୍ଡ, ପୋଲାଣ୍ଡ, ନେଦରଲାଣ୍ଡ, ଜର୍ମାନୀ, ଫ୍ରାନ୍ସ, ସ୍କଟ୍‌ଲାଣ୍ଡ, ଇଂଲଣ୍ଡ, ସିଙ୍ଗାପୁର ଆଦି ସ୍ଥାନ ବୁଲିସାରିଲେଣି। ତାଙ୍କ ଯାତ୍ରା ଆରମ୍ଭ ଲୁଇସ୍‌ଙ୍କ ପରିବାରରୁ ଆରମ୍ଭ ହୋଇଥିଲା। ସେଠାରୁ ସେମାନେ ୧୪ ହଜାର ଡଲାର ଅର୍ଥାତ୍ ୧୧ ଲକ୍ଷ ୫୬ ହଜାର ଟଙ୍କାର ଏକ ଭ୍ୟାନ୍ କିଣିଲେ। ଏହାପରେ ସେମାନେ ତାଙ୍କ ଯାତ୍ରା ଆରମ୍ଭ କଲେ। ଲୁଇସ୍‌ଙ୍କ କହିବା ଅନୁସାରେ, ଭ୍ୟାନ୍‌ରେ ପର୍ଯ୍ୟାପ୍ତ ପରିମାଣର ଜାଗା ଅଛି। ତା' ମଧ୍ୟରେ ସମସ୍ତ ପ୍ରକାରର ସୁବିଧା ମଧ୍ୟ ରହିଛି। ତାଙ୍କ ଯାତ୍ରା ସମାପ୍ତ ହେବା ବେଳକୁ ଦେଶ ସଂଖ୍ୟା ୨୫ରେ ପହଞ୍ଚିଯାଇଥିବ। ସେମାନେ ସବୁ ଦେଶର ଖାଦ୍ୟକୁ ମଧ୍ୟ ମନ ଭରି ଖାଇଥିଲେ। ଏଥିପାଇଁ ସେମାନେ ପୂର୍ବରୁ ବହୁତ ସଞ୍ଚୟ କରିଥିଲେ।



# କମାନ୍ତୁ ପେଟ ଚର୍ବି

ସାଧାରଣତଃ ମୋଟା ହେଲେ କିମ୍ବା ଶିଶୁ ଜନ୍ମ ପରେ ଅଧିକାଂଶ ମହିଳାଙ୍କର ପ୍ରଥମେ ପେଟରେ ଚର୍ବି ଜମିବା ଆରମ୍ଭ ହୋଇଯାଏ। ଯାହାକି ଫିଗରକୁ ଖରାପ କରିଥାଏ। ହେଲେ ଏପରି ସମସ୍ୟା କମାଇ ନିଜକୁ ଏକ ଷ୍ଟାଇଲିସ୍ ତଥା ସୁନ୍ଦର ଲୁକ୍ ଦେବାକୁ ଚାହୁଁଥିଲେ ପ୍ରତିଦିନ କରନ୍ତୁ ଏହି ତିନୋଟି ଏକ୍ସରସାଇଜ୍...



**ସୁପରମ୍ୟାନ୍ ପୋଜ୍:** ମ୍ୟାଟ୍ ଉପରେ ପେଟ ମାଡ଼ି ଶୋଇପଡନ୍ତୁ। ନିଃଶ୍ୱାସ ଭିତରକୁ ଟାଣି ଦୁଇ ଗୋଡ଼, ଦୁଇ ହାତ ଏବଂ ମୁଣ୍ଡକୁ ଉପରକୁ ଉଠାନ୍ତୁ । କିଛି ସମୟ ରଖିବା ପରେ ଧୀରେ ଧୀରେ ନିଃଶ୍ୱାସ ଛାଡି ଗୋଡ଼, ହାତ, ମୁଣ୍ଡ ତଳକୁ କରନ୍ତୁ। ୧୫ଥର ଏହିପରି କରିବା ପରେ ଟିକେ ରିଲାକ୍ସ କରି ପୁଣି ୧୫ ଥର ଲେଖାଏ ୨ ଥର କରନ୍ତୁ। ଏହାଦ୍ୱାରା ପେଟ, ଅଣ୍ଟା, ଜଙ୍ଘ ଏବଂ ବାହୁରେ ଜମୁଥିବା ଚର୍ବି କମିଯିବ।

**ପୁସ୍‌ଅପ୍:** ଏକ୍ସରସାଇଜ୍ କରୁଥିବା ପ୍ରାୟ ସମସ୍ତେ ପୁସ୍‌ଅପ୍‌କୁ ପସନ୍ଦ କରନ୍ତି। କାରଣ ଏହାଦ୍ୱାରା ନା କେବଳ ପେଟର ଚର୍ବି କମିଥାଏ ବରଂ ପେଟ, ହାତ, ଗୋଡ଼ ଆଦିର ମାଂସପେଶୀ ମଜଭୁତ ହୋଇଥାଏ। ପ୍ରଥମେ ମ୍ୟାଟ୍‌ରେ ପେଟ ମାଡ଼ି ଶୋଇଯାନ୍ତୁ। ଦୁଇ ପାପୁଲି ଏବଂ ଗୋଡ଼ର ଅଙ୍ଗୁଳି ସାହାଯ୍ୟରେ ଶରୀରକୁ ଉପରକୁ ଉଠାନ୍ତୁ। ଧୀରେ ଧୀରେ କହୁଣି ବଙ୍କା କରି ଶରୀରକୁ ତଳକୁ ଖସାନ୍ତୁ ଏବଂ ପୁଣି ଉପରକୁ ଉଠାନ୍ତୁ। ଦିନକୁ ଅତି କମ୍‌ରେ ୩୦ଥର ପୁସ୍‌ଅପ୍ କରନ୍ତୁ। ପ୍ରଥମେ ୧୫ ଥର ଏବଂ ୩୦ ସେକେଣ୍ଡ ରିଲାକ୍ସ କରିବା ପରେ ପୁଣି ୧୫ଥର କରନ୍ତୁ।

**ମାଉଣ୍ଟେନ କ୍ଲାଇମ୍ବର:** ଏଥିରେ ମଧ୍ୟ ପ୍ରଥମେ ମ୍ୟାଟ୍‌ରେ ପେଟ ମାଡି ଶୋଇଯାଆନ୍ତୁ। ଦୁଇ ପାପୁଲି ଏବଂ ଗୋଡ଼ର ଆଙ୍ଗୁଳି ସାହାଯ୍ୟରେ ଶରୀରକୁ ଉପରକୁ ଉଠାନ୍ତୁ। ମନେରଖନ୍ତୁ କହୁଣି ଯେପରି ସମ୍ପୂର୍ଣ୍ଣ ସିଧା ରୁହେ । ଗୋଟିଏ ଗୋଡ଼ର ଆଣ୍ଠୁକୁ ଛାତି ପର୍ଯ୍ୟନ୍ତ ଆଣି ପୁଣି ପଛକୁ ନିଅନ୍ତୁ। ଅନ୍ୟ ଗୋଡ଼ର ଆଣ୍ଠୁକୁ ସେହିଭଳି ଛାତି ପର୍ଯ୍ୟନ୍ତ ଆଣି ପଛକୁ ନିଅନ୍ତୁ ଯେପରି ଆପଣ ପାହାଡ଼ ଚଢୁଛନ୍ତି। ଏହିପରି ୩୦ ଥର କରନ୍ତୁ।

# ଏମିତି ବଢ଼ାନ୍ତୁ ପିଲାଙ୍କ ହାଇଟ୍

ବୟସ ଅନୁସାରେ ପିଲାମାନଙ୍କ ହାଇଟ୍ ଠିକ୍ ଭାବେ ନ ବଢ଼ିଲେ ଅଭିଭାବକଙ୍କ ଚିନ୍ତା ବଢ଼ିଯାଏ । ତେବେ ବର୍ତ୍ତମାନ ଆଉଟ୍‌ଡୋର ଗେମ୍ ନ ଖେଳିବା, ଅଧିକ ସମୟ ମୋବାଇଲ୍,କମ୍ପ୍ୟୁଟର ଆଦି ଦେଖିବା, ଅସନ୍ତୁଳିତ ଖାଦ୍ୟ ଖାଇବା ଏହାର ମୁଖ୍ୟ କାରଣ। ତେଣୁ ଏମିତିରେ ପିଲାଙ୍କ ହାଇଟ୍ ଠିକ୍ ଭାବେ ବଢ଼ିବା ଲାଗି କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...

■ ପିଲାଙ୍କ ଶରୀର ବୃଦ୍ଧି ନିମନ୍ତେ ଭଲ ଖାଦ୍ୟ ସହିତ ଆବଶ୍ୟକ ଶାରୀରିକ ବ୍ୟାୟାମ। ତେଣୁ ସମୟ ବାହାର କରି ପ୍ରତିଦିନ ଅତି କମ୍‌ରେ ୧-୨ ଘଣ୍ଟା ପିଲାଙ୍କୁ ପାର୍କ କିମ୍ବା ଖେଳପଡ଼ିଆରେ ଖେଳିବାକୁ ନିଅନ୍ତୁ। ଦୌଡ଼ିବା, ବାହାରେ ଖେଳକୁଦ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ଉଚ୍ଚତା ମଧ୍ୟ ବଢ଼ିବ।

■ ଫାଷ୍ଟଫୁଡ୍, ଜଙ୍କ୍ ଫୁଡ୍, ମାର୍କେଟ୍‌ରେ ମିଳୁଥିବା ଚିପ୍ସ, କେକ୍ ଭଳି ପ୍ୟାକେଜ୍‌ଡ୍ ଫୁଡ୍ ବଦଳରେ ଘରେ ପ୍ରସ୍ତୁତ ସୁଷମ ଖାଦ୍ୟ ପିଲାଙ୍କ ପାଇଁ ସବୁଠୁ ଭଲ । ଯାହାକି ସେମାନଙ୍କୁ ଫିଟ୍ ରଖିବା ସହ ଭଲ ଭାବେ ବଢ଼ିବାରେ ସାହାଯ୍ୟ କରିଥାଏ।

■ ହାଇଟ୍ ବଢ଼ାଇବା ଲାଗି ଯୋଗ, ବ୍ୟାୟାମ ଆଦି ପିଲାଙ୍କ ପାଇଁ ଅତି ଉତ୍ତମ। ଏହା ଉଭୟ ଶାରୀରିକ ଏବଂ ମାନସିକ ବିକାଶ ପାଇଁ ଭଲ।

■ ପ୍ରତିଦିନ ପିଲାକୁ ଓହଳିବା ଅଭ୍ୟାସ କରାନ୍ତୁ। ଗଛ ଡାଳର ସୁବିଧା ଥିଲେ କିମ୍ବା ପାର୍କ ହେଉ ବା ଘରେ ଏକ ବାର୍ ଲଗାନ୍ତୁ। ଏଥିରେ ଓହଳିବା ଦ୍ୱାରା ପିଲାର ଶୀଘ୍ର ହାଇଟ୍ ବଢ଼ିଥାଏ।

■ ସାଇକେଲ୍ ଚଲାଇବା ଦ୍ୱାରା ପିଲାଙ୍କ ଗୋଡ଼ର ମାଂସପେଶୀ ଏବଂ ହାଡ଼ ମଜଭୁତ ହୋଇଥାଏ ଏବଂ ହାଇଟ୍ ବଢ଼ିବାରେ ବେଶ୍ ସାହାଯ୍ୟ କରିଥାଏ।

■ ସେହିପରି ସୁଇମିଂ ବା ପହଁରିବା ଦ୍ୱାରା ବି ପିଲାଙ୍କ ଶରୀର ଉପରେ ବହୁତ ଭଲ ପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ମାଂସପେଶୀ ମଜଭୁତ ହୁଏ, ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ ଏବଂ ଉଚ୍ଚତା ମଧ୍ୟ ବଢ଼ିଥାଏ।

# ଆତ୍ମସୁରକ୍ଷା

ଆଜିର ଦିନରେ ଚାରିଆଡ଼େ ଅପରାଧ ଏତେମାତ୍ରାରେ ବଢ଼ିଚାଲିଛି ଯେ, ପିଲାଠୁ ବୃଦ୍ଧ ସମସ୍ତେ ବିଶେଷ କରି ନାରୀମାନେ ଅସୁରକ୍ଷିତ। ତେଣୁ ପାଠପଢ଼ା, ଜବ୍ ଆଦି ଲାଗି ବାହାରକୁ ଯାଉଥିବା, ଏକାକୀ ବାହାରେ ରହୁଥିବା ଝିଅ କିମ୍ବା ମହିଳାଙ୍କଠାରୁ ଆରମ୍ଭ କରି ଗୃହିଣୀମାନେ ବି ଆତ୍ମସୁରକ୍ଷା ଲାଗି ବିଭିନ୍ନ ଦିଗ ପ୍ରତି ସଜାଗ ରହିବା ଦରକାର...



**ଆତ୍ମସୁରକ୍ଷା କୌଶଳ ଶିଖିବା ଜରୁରୀ:** ସାଧାରଣତଃ ନାରୀ ଅବଳା ଦୁର୍ବଳା ଏହି ଧାରଣା ଅଧିକାଂଶଙ୍କ ମନରେ ରହିଛି। ଯେଉଁଥିପାଇଁ ନାରୀଟିଏ ହିଁ ସର୍ବପ୍ରଥମେ ଯେକୌଣସି ଅପରାଧର ଶିକାର ହୋଇଥାଏ। ହେଲେ ଜୁଡ଼ୋ, କରାଟେ, ଟାଏକୋଣ୍ଡୋ, କୁଙ୍ଗ୍ଫୁ ଆଦି ବିଭିନ୍ନ ଆତ୍ମରକ୍ଷା କଳା କୌଶଳ ଶିଖିବା ଦ୍ୱାରା ଜଣେ ଶାରୀରିକ ସ୍ତରରେ ମଜଭୁତ ହୋଇପାରିବା ସହ ଯେକୌଣସି ଅସୁବିଧାର ମୁକାବିଲା ସାହସର ସହ କରିପାରିବ। ତେବେ ଯେଉଁମାନେ ଏହିସବୁ କୌଶଳ ନ ଜାଣିଛନ୍ତି ସେମାନେ ସୁରକ୍ଷା ଦୃଷ୍ଟିରୁ ବାହାରକୁ ବାହାରିବା ପୂର୍ବରୁ ପାଖରେ ପେପରସ୍ପ୍ରେ, ଡିଓଡରାଣ୍ଟ, ନେଲ୍‌କଟର, ଛୁରି, ସେଫ୍ଟି ପିନ୍, ଲଙ୍କାଗୁଣ୍ଡ ପରି ଛୋଟ ଛୋଟ ଜିନିଷ ରଖନ୍ତୁ। ଯାହାକି ଅଘଟଣ ସମୟରେ କାର୍ଯ୍ୟରେ ଲାଗିପାରିବ।

**ସେଫ୍ଟି ଆପ୍ ବ୍ୟବହାର କରନ୍ତୁ:** ବର୍ତ୍ତମାନ ମହିଳାଙ୍କ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ଅନ୍ ଲାଇନ୍ ଆପ୍ ସୁବିଧା ଯୋଗାଇ ଦିଆଯାଉଛି। ତେଣୁ ସେଫ୍ଟିପିନ୍, ରକ୍ଷା, ହିମତ୍, ସ୍ମାର୍ଟ ୨୪X୭, ସେକ୍ ଟୁ ସେଫ୍ଟି, ବିସେଫ୍ଟି ଭଳି ଆପ୍‌କୁ ନିଜ ମୋବାଇଲ୍ ଫୋନ୍‌ରେ ଡାଉନ୍‌ଲୋଡ୍ କରନ୍ତୁ। ଏହାର ବ୍ୟବହାର ଭଲ ଭାବେ ଶିଖନ୍ତୁ। ଏଭଳି ଆପ୍‌ରେ ସାଧାରଣତଃ ଆବଶ୍ୟକ ବେଳେ ବ୍ୟବହାର କରୁଥିବା ମହିଳାଙ୍କ ଫୋନ୍‌ରୁ ପୋଲିସ କଣ୍ଟ୍ରୋଲ୍‌ରୁମ୍‌କୁ ସୂଚନା ମିଳିବା ମାତ୍ରେ ଜିପିଏସ୍ ଦ୍ୱାରା ଲୋକେସନ୍ ଟ୍ରାକ୍ କରାଯାଇ ତୁରନ୍ତ ସାହାଯ୍ୟ ଯୋଗାଇ ଦିଆଯାଇଥାଏ।

**ରୁହନ୍ତୁ ଆଲର୍ଟ:** କାହାକୁ ଜଣାଇ କେବେ ବିପଦ ଆସେନି। ତେଣୁ ଘରେ ହେଉ ଅଥବା ବାହାରେ ନିଜର ସୁରକ୍ଷାକୁ ନେଇ ସତର୍କ ରୁହନ୍ତୁ। ବାହାରକୁ ଯିବାବେଳେ ଗହଣା କିମ୍ବା କୌଣସି ଦାମୀ ଅଳଙ୍କାର ପିନ୍ଧନ୍ତୁ ନାହିଁ। ପାଖରେ ଅଧିକ କ୍ୟାଶ୍ ରଖିବା ମଧ୍ୟ ଠିକ୍ ନୁହେଁ। ଯଦି କୌଣସି ନୂଆ ସ୍ଥାନକୁ ଏକୁଟିଆ ଯାଉଛନ୍ତି, ସେଥିନେଇ ଘରେ ପୂର୍ବରୁ ଜଣାନ୍ତୁ। ଉକ୍ତ ସ୍ଥାନରେ ପହଞ୍ଚିବା ପରେ ପରିବାର ଓ ସମ୍ପର୍କୀୟଙ୍କ ସହିତ ଯୋଗାଯୋଗରେ ଥାଆନ୍ତୁ। ମନେରଖନ୍ତୁ ବାହାରକୁ ଯିବା ସମୟରେ ଯଦି ଆପଣଙ୍କ ମନରେ କେବେ ବି କୌଣସି ବ୍ୟକ୍ତି କିମ୍ବା ପରିସ୍ଥିତିକୁ ନେଇ ସନ୍ଦେହ ଉପୁଜେ, କିଏ ଆପଣଙ୍କୁ ଫଲୋ କରେ ଅବା ହଠାତ୍ ଆକ୍ରମଣ କରେ ଯଥାଶୀଘ୍ର ରାସ୍ତା ବଦଳାଇ ଜନଗହଳି ସ୍ଥାନକୁ ଯାଆନ୍ତୁ। ଭୟରେ ଚୁପ୍ ରହିବା ବଦଳରେ ଆବଶ୍ୟକ ସ୍ଥଳେ ପ୍ରତିବାଦ କରନ୍ତୁ ଏବଂ ଏ ନେଇ ନିକଟସ୍ଥ ପୋଲିସ ଷ୍ଟେଶନରେ ସୂଚନା ଦିଅନ୍ତୁ।

**କ୍ୟାଶ୍‌ଲେସ୍ ସୁବିଧା ଆପଣାନ୍ତୁ-** ବର୍ତ୍ତମାନ ଖବରକାଗଜ ଏବଂ ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ପ୍ରତିଦିନ ଟଙ୍କା ଚୋରି ଖବର ପ୍ରସାରିତ ହେଉଛି। ଏମିତିରେ ସୁରକ୍ଷା ପାଇଁ କ୍ୟାଶ୍ ବଦଳରେ କାର୍ଡ କିମ୍ବା ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଭଳି କ୍ୟାଶ୍‌ଲେସ୍ ସୁବିଧା ଆପଣାନ୍ତୁ। ରାତି ଅଧିକ ହୋଇଗଲେ ଏଟିଏମ୍‌ରୁ ଟଙ୍କା ବାହାର କରିବାରେ ଭୁଲ୍ କରନ୍ତୁ ନାହିଁ। ସବୁବେଳେ ଦିନ ସମୟରେ କିମ୍ବା ସନ୍ଧ୍ୟାରେ ଏଟିଏମ୍‌ରୁ ଟଙ୍କା ବାହାର କରିବା ପାଇଁ ଚେଷ୍ଟା କରନ୍ତୁ। ଯଦି ରାତିରେ ଅକସ୍ମାତ୍ ଟଙ୍କା ଦରକାର ପଡ଼େ, ତା'ହେଲେ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ଏଟିଏମ୍ ବ୍ୟବହାର କରନ୍ତୁ। ଏହାଦ୍ୱାରା ଲୁଟ୍‌ପାଟ୍‌ର ଶିକାର ହେବାଠୁ ବର୍ତ୍ତିଯିବେ। ଏଟିଏମ୍‌ରେ ଟ୍ରାଞ୍ଜାକ୍ସନ୍‌ରେ କୌଣସି ଅସୁବିଧା ହେଲେ କୌଣସି ଅଜଣା ବ୍ୟକ୍ତିଙ୍କଠାରୁ ସାହାଯ୍ୟ ନିଅନ୍ତୁ ନାହିଁ। ନଚେତ୍ ଚୋରି, ଡକାୟତି ସହ ଜୀବନପ୍ରତି ବିପଦର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।

**ଲୋକ ସମ୍ପର୍କ ବଢ଼ାନ୍ତୁ:** ଆଜିକାଲି ଅଧିକାଂଶ କେବଳ ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ଆଖପାଖରେ କାହାର କ'ଣ ହେଲା ସେ ଦିଗରେ ଆଦୌ ଅବଗତ ନ ଥା'ନ୍ତି। ହେଲେ ପାଖ, ପଡ଼ୋଶୀ କିମ୍ବା ସହକର୍ମୀ ଓ ବନ୍ଧୁଙ୍କ ସହ ସୁସମ୍ପର୍କ ରଖନ୍ତୁ। କାରଣ ହଠାତ୍ କୌଣସି ଅସୁବିଧା ପରିସ୍ଥିତିରେ ପରିବାର ସଦସ୍ୟ କିମ୍ବା କେହି ଆତ୍ମୀୟ ପାଖରେ ପହଞ୍ଚି ପାରିବେ ତାହା ସବୁବେଳେ ସମ୍ଭବ ହୋଇପାରେନି। ହେଲେ ଏଭଳି ପରିସ୍ଥିତିରେ ଯଦି ଆପଣ ଅନ୍ୟମାନଙ୍କ ସହିତ ପୂର୍ବରୁ ପରିଚିତ ହୋଇଥିବେ ତେବେ ନିଶ୍ଚୟ ସାହାଯ୍ୟ ପାଇପାରିବେ। ତଣୁ ନିଜ ସୁରକ୍ଷା ଲାଗି ସବୁବେଳେ ଲୋକ ସମ୍ପର୍କ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ।

**ପବ୍ଲିକ୍ ଟ୍ରାନ୍ସପୋର୍ଟ ହୋଇପାରେ ବିପଦପୂର୍ଣ୍ଣ:** ଯିବା ଆସିବା କରିବା ଲାଗି ଅଧିକାଂଶ ମହିଳା ପବ୍ଲିକ ଟ୍ରାନ୍ସପୋର୍ଟର ସାହାଯ୍ୟ ନେଇଥାନ୍ତି। ହେଲେ ଯଦି ଆପଣଙ୍କୁ ରାତିରେ ଯିବା ଆସିବା କରିବାକୁ ପଡୁଥାଏ, ତେବେ ଖାଲି ଥିବା ବସ୍ କିମ୍ବା ଅଟୋ ବଦଳରେ ଲୋକ ଗହଳି ଥିବା ଟ୍ରାନ୍ସପୋର୍ଟର ସୁବିଧା ନିଅନ୍ତୁ। ଯଦି ଏକୁଟିଆ କୌଣସି ଗାଡ଼ିରେ ଯିବାକୁ ପଡ଼େ ତେବେ ଯଥାଶୀଘ୍ର ସେ ଗାଡ଼ିର ନମ୍ବର ନିଜ ପରିବାର ଏବଂ ସମ୍ପର୍କୀୟଙ୍କୁ ଏସ୍‌ଏମ୍‌ଏସ୍ କରିଦିଅନ୍ତୁ। ଫଳରେ କୌଣସି ଅସୁବିଧା ହେଲେ ଉକ୍ତ ଗାଡ଼ି ବିଷୟରେ ଜାଣିବା ସହଜ ହୋଇପାରିବ।

**ନିଅନ୍ତୁନି ଅଜଣା ବ୍ୟକ୍ତିଙ୍କ ସାହାଯ୍ୟ:** ଅଧିକାଂଶ ଯୁବତୀ ଏବଂ ମହିଳା ରାସ୍ତାରେ ଲିଫ୍ଟ ମାଗୁଥିବା ଦେଖିବାକୁ ମିଳେ। ହେଲେ ଅଜଣା ଲୋକଙ୍କ ସହ ବିଶେଷକରି ଚାରିଚକିଆ ଯାନରେ ଲିଫ୍ଟ ନେବା ସୁରକ୍ଷିତ ନୁହେଁ। ତେଣୁ ଏଥିପ୍ରତି ସତର୍କ ରୁହନ୍ତୁ। ସେହିପରି କୌଣସି ଅଜଣା ବ୍ୟକ୍ତିଙ୍କୁ ଲିଫ୍ଟ ଦିଅନ୍ତୁ ନାହିଁ। ଜୀବନପ୍ରତି ବିପଦ ଆଶଙ୍କା ବଢ଼ପାରେ।

## ଏମାନେ କ'ଣ କରନ୍ତି



**ସମସ୍ତଙ୍କୁ ଆତ୍ମରକ୍ଷା କୌଶଳ ଶିଖିବା ଦରକାର**

**ଅଂଶିତା ସାହୁ**(ଛାତ୍ରୀ, ଖୋର୍ଦ୍ଧା)- ଆଜିର ଦିନରେ ନାରୀ ସୁରକ୍ଷା ସମାଜ ପାଇଁ ସବୁଠାରୁ ବଡ ଆହ୍ୱାନ। ଯଦିଓ ନାରୀଟିଏ କୌଣସି କ୍ଷେତ୍ରରେ ପୁରୁଷଠାରୁ କମ୍ ନୁହେଁ ତଥାପି ସେ ଅନେକ ଅଘଟଣର ଶିକାର ହେବା ଦୁର୍ଭାଗ୍ୟଜନକ। ମୋ ମତରେ କୌଣସି ନାରୀ ନିଜକୁ ଦୁର୍ବଳା ଭାବିବା ଠିକ୍ ନୁହେଁ। ପାଠ ପଢି କେବଳ ଉଚ୍ଚ ଶିକ୍ଷିତା ହେବା କିମ୍ବା ବଡ ଚାକିରି କଲେ ହେବ ନାହିଁ ଆତ୍ମସୁରକ୍ଷା ପାଇଁ ଶାରୀରିକ ସ୍ତରରେ ମଧ୍ୟ ସଶକ୍ତ ହେବାକୁ ପଡିବ। ଏଥିପାଇଁ ଜୁଡୋ, କରାଟେ ଭଳି ବିଭିନ୍ନ ମାର୍ଶଲ ଆର୍ଟ ବେଷ୍ଟ ଅପ୍ସନ। ନିଜେ ମଧ୍ୟ କରାଟେ ବ୍ଲାକ୍ ବେଲ୍ଟ ହାସଲ କରିସାରିଛି ଏବଂ ଆଗକୁ ଆହୁରି ଟ୍ରେନିଂ ଜାରି ରଖିଛି। ମୋ ମତରେ ସବୁ ଝିଅ ଏଭଳି ଆତ୍ମରକ୍ଷା କୌଶଳ ଶିଖିବା ନିହାତି ଆବଶ୍ୟକ।



**ସୁରକ୍ଷା ପ୍ରତି ସଜାଗ ରହିବା ଆବଶ୍ୟକ**

**କୃଷ୍ଣପ୍ରିୟା ଆଚାର୍ଯ୍ୟ**(କର୍ମଜୀବୀ, ଭୁବନେଶ୍ୱର)- ବର୍ତ୍ତମାନ ଯେଉଁଭଳି ଚୋରି,ଡକାୟତି, ଅପରାଧ ବଢିଚାଲିଛି ଏମିତିରେ ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ ସମସ୍ତଙ୍କୁ ସତର୍କ ରହିବା ଆବଶ୍ୟକ। ନିଜ କଥା କହିବି, ସୁରକ୍ଷା ଦୃଷ୍ଟିରୁ ରାତିରେ ଏକା କେଉଁଆଡେ ନ ଯିବା, ପାଖରେ ଅଧିକ ଟଙ୍କା ନ ରଖି ଇ-ବ୍ୟାଙ୍କିଙ୍ଗ୍ ବ୍ୟବହାର କରିବା, ବାହାରକୁ ଯିବା ବେଳେ ସୁନାଗହଣା ନ ପିନ୍ଧିବା ଆଦି ଦିଗରେ ଯତ୍ନଶୀଳ ରହିଥାଏ। ଅସୁବିଧାରେ ସାହାଯ୍ୟ ପାଇଁ ସର୍ବଦା ପାଖ ପଡୋଶୀଙ୍କ ସହ ସୁସମ୍ପର୍କ ରଖେ। ତେବେ କେବଳ ନିଜେ ନୁହେଁ ଦୁଇ ଝିଅଙ୍କୁ ମଧ୍ୟ ଏସବୁ ଶିଖାଇଥାଏ। ସେମାନଙ୍କୁ ଶାରୀରିକ ସ୍ତରରେ ଦୃଢ ଏବଂ ମାନସିକ ସ୍ତରରେ ସାହାସୀ ହେବା ଲାଗି କରାଟେ ତାଲିମ ନେବାକୁ ପଠାଉଛି।





ସୌନ୍ଦର୍ଯ୍ୟ

# ଗ୍ଲୋ କରିବ ଫେସ୍

ବର୍ତ୍ତମାନ କେବେ ପ୍ରବଳ ବର୍ଷା ତ କେବେ ଅସହ୍ୟ ଗରମ। ପାଣିପାଗର ଏଭଳି ପରିବର୍ତ୍ତନର ପ୍ରଭାବ ପଡୁଛି ତ୍ୱଚା ଉପରେ। ତ୍ୱଚା ରୁକ୍ଷ ଲାଗିବା ସହ ଟ୍ୟାନିଂ ସମସ୍ୟା ମଧ୍ୟ ଦେଖାଦେଉଛି। ଏମିତିରେ କିପରି ତ୍ୱଚାକୁ ହେଲ୍‌ଦି କରିବା ସହ ଏହାର ଗ୍ଲୋ ବଢ଼ାଇ ପାରିବେ ଜାଣି ରଖନ୍ତୁ ଟିପ୍ସ ...

▶▶ ଏକ ଚାମଚ ମହୁ ସହିତ ଏକ ଚାମଚ ଲେମ୍ବୁରସ ମିଶାନ୍ତୁ। ଏହାକୁ ମୁହଁ, ହାତ, ପାଦରେ ଲଗାଇ ଭଲ ଭାବେ ମସାଜ କରନ୍ତୁ। ଅଧଘଣ୍ଟା ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହାଦ୍ୱାରା ତ୍ୱଚା କୋମଳ ହେବା ସହ ଅଧିକ ଗ୍ଲୋ କରିବ।

▶▶ ୨ ଚାମଚ ବେସନରେ ଅଧା ଚାମଚ ହଳଦୀ ଏବଂ ଆବଶ୍ୟକ ମାତ୍ରାରେ ଗୋଲାପ ଜଳ କିମ୍ବା ପାଣି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ତ୍ୱଚା ଡଲ୍ ଲାଗୁଥିଲେ କିମ୍ବା ଟ୍ୟାନିଂ ସମସ୍ୟା ଥିଲେ ଏହି ପ୍ୟାକ୍ ଖୁବ୍ ଲାଭଦାୟକ। ଏହାକୁ ତ୍ୱଚାରେ ଲଗାଇ ୧୫ ମିନିଟ୍ ରଖିବା ପରେ ପାଣିରେ ଭଲ ଭାବେ ଧୋଇଦିଅନ୍ତୁ। ତ୍ୱଚା ଡ୍ରାଏ ହୋଇଥିଲେ ଏଥିରେ ମହୁ ମିଶାଇଲେ ଅଧିକ ଉପକୃତ ହୋଇପାରିବେ। ସପ୍ତାହରେ ୨-୩ ଥର ଏହାକୁ ବ୍ୟବହାର କଲେ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ ହେବ।





▶▶ ବର୍ଷାଦିନିଆ ଖରା ଖୁବ୍ ଟାଣ। ତେଣୁ ତ୍ୱଚା ସିଝିବା ବା କଳା ପଡ଼ିବା ସମସ୍ୟା ଅନେକଙ୍କଠାରେ ଦେଖିବାକୁ ମିଳେ। ଯାହାକୁ ଦୂର କରିବା ଲାଗି ଆପଣ ଗୋଟିଏ ଟମାଟୋ ସହିତ ୨ ଚାମଚ ଦହି ମିଶାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ତ୍ୱଚାରେ ବିଶେଷ କରି ଖରାରେ ପ୍ରଭାବିତ ସ୍ଥାନରେ ଭଲ ଭାବେ ଲଗାନ୍ତୁ। ୧୫-୨୦ ମିନିଟ୍ ରଖିବା ପରେ ଧୀରେ ଧୀରେ ଘଷି ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ୨-୩ ଥର ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଡଲ୍‌ନେସ୍ କମ୍ ହୋଇ ବ୍ରାଇଟ୍ ଲାଗିବ।

▶▶ କଞ୍ଚା ଆଳୁ ରସ ତ୍ୱଚାର ଟ୍ୟାନିଂ ସମସ୍ୟା ଦୂର କରି ଗ୍ଲୋ ବଢ଼ାଇବା ଲାଗି ସବୁଠୁ ଭଲ ଅପ୍ସନ। ଗୋଟିଏ କଞ୍ଚା ଆଳୁରୁ ଚୋପା ଛଡ଼ାଇ ଭଲ ଭାବେ ଗ୍ରାଇଣ୍ଡ କରିଦିଅନ୍ତୁ। ତୁଳା ସାହାଯ୍ୟରେ ଏହି ରସକୁ ମୁହଁ ବେକ, ହାତ, ପାଦ ଆଦି ସ୍ଥାନରେ ଲଗାଇ ୧୫-୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ପ୍ରତିଦିନ କିମ୍ବା ସପ୍ତାହରେ ୩-୪ ଥର ଏହାକୁ ଲଗାଇଲେ ଶୀଘ୍ର ରେଜଲ୍ଟ ପାଇପାରିବେ।

ଖାଦ୍ୟରୁଚି

# ଲାଉ ଚୋପା ଚଟଣି

**ଆବଶ୍ୟକ ସାମଗ୍ରୀ:** ଏକ କପ୍ ଲାଉ ଚୋପା, ମଧ୍ୟ ଆକାରର ଟମୋଟୋ ୨ଟି, ରାଶି ୧୦୦ଗ୍ରାମ, ତେଲ ଏକ ବଡ଼ ଚାମଚ, ଚିନି ୨ ଛୋଟ ଚାମଚ, ରସୁଣ କୋଲା ୫ଟି, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଲାଉ ଚୋପାକୁ ଭଲ ଭାବେ ଧୋଇ ପାଣିରେ ଭିଜେଇ ଦିଅନ୍ତୁ। ଅଧଘଣ୍ଟା ପର୍ଯ୍ୟନ୍ତ ଭିଜିବା ପରେ ଏହାକୁ କାଢ଼ି ଦିଅନ୍ତୁ। ରସୁଣ ଏବଂ ଟମାଟୋକୁ ଛୋଟ ଛୋଟ କାଟି ଦିଅନ୍ତୁ। ଏକ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ ଟମାଟୋ ଏବଂ ଲାଉ ଚୋପା ପକାଇ କିଛି ସମୟ ଭାଜନ୍ତୁ। ଭାଜି ହୋଇଗଲେ ସେଥିରେ କଟା ରସୁଣ, ଲଙ୍କାଗୁଣ୍ଡ ଏବଂ ଲୁଣ ପକାଇ ଅଳ୍ପ ଭାଜି ଚୁଲା ବନ୍ଦ କରିଦିଅନ୍ତୁ। ଗରମ କମିଯିବା ପରେ ଏହାକୁ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ଏକ ପାତ୍ରରେ କାଢି ତା' ଉପରେ ଅଳ୍ପ ରାଶି ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଲାଉ ଚୋପା ଚଟଣି। ଏହାକୁ ଖାଇବାର ମଜା ନିଅନ୍ତୁ।



**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶୋଭାଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାଜ୍ୟରେ ଶଶୀକଳା ସିଣ୍ଡ୍ରୋମର ଲକ୍ଷଣ ଦେଖାଗଲାଣି: ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୮।୮ (ସୁନିତ୍ ମିଶ୍ର)

ଗଣତନ୍ତ୍ରରେ ମର୍ଯ୍ୟାଦା ଓ ପରମ୍ପରାର ନିଜସ୍ୱ ସ୍ଥାନ ଅଛି। ଓଡ଼ିଶାରେ ଗତ ମେ ମାସରୁ ଶଶୀକଳା ସିଣ୍ଡ୍ରୋମର ଲକ୍ଷଣ ଦେଖାଗଲାଣି। ତେବେ ଗଣତନ୍ତ୍ରର ଲକ୍ଷ୍ମଣରେଖା ଭିତରେ ସମସ୍ତେ ରହିବା ଜରୁରୀ। ଦମ୍ଭ ଦେଖାଇ ସମ୍ବିଧାନକୁ ନିଜ ଢଙ୍ଗରେ ଚଲାଇବା ପାଇଁ ଯେଉଁମାନେ ଭାବିଛନ୍ତି ସେମାନେ ଭୁଲ୍ ଭାବୁଛନ୍ତି। ଏହି ଭ୍ରମକୁ ସେମାନେ ଦୂର କରନ୍ତୁ ବୋଲି ସୋମବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ଗଣତନ୍ତ୍ରର ସୀମା ଉଲ୍ଲଂଘନ ହେଉଛି। ଭୁବନେଶ୍ୱର ଏମ୍‌ପିଙ୍କୁ ତାଙ୍କ ନିର୍ବାଚନମଣ୍ଡଳୀ ଗସ୍ତ କରିବା ବେଳେ ତଥାକଥିତ ବିରୋଧ କରିବାର ପ୍ରାୟୋଜିତ ଯୋଜନା କରାଯାଉଛି। ଗଣତନ୍ତ୍ରରେ ଯାହା ପାଖରେ ସଂଖ୍ୟାବଳ ଅଛି, ସେମାନେ ଯଦି ଦମ୍ଭ ଦେଖାଇ ପ୍ରତିପକ୍ଷ ଓ ଅସହମତ ଥିବା ଲୋକଙ୍କୁ ଅପମାନିତ କରିବେ ତେବେ ଏହାଠୁ ବଳି କିଛି ଜଘନ୍ୟ କଥା ହୋଇ ନ ପାରେ। ବ୍ରିଟିଶରାଜ ବେଳେ ଇଷ୍ଟ ଇଣ୍ଡିଆ କମ୍ପାନୀର ଦମ୍ଭ ମଧ୍ୟ ଏହିଭଳି ଥିଲା। ଓଡ଼ିଶାରେ ପଲ୍ଲିସଭା ନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ଥିବା କୁହାଯାଉଛି। ସରକାରୀ ନିର୍ଦ୍ଦେଶ ସମ୍ବିଧାନର ପରିଧି ଭିତରେ ନା ବାହାରେ ବୋଲି ସେ ପ୍ରଶ୍ନ କରିଛନ୍ତି। ଆମ ପୂର୍ବଜମାନେ ଏଠାରେ ସଂଘର୍ଷ କରି ଦେଶ ପାଇଁ ସ୍ୱତନ୍ତ୍ରତା ଆଣିଥିଲେ। ସମ୍ବିଧାନ ବ୍ୟବସ୍ଥା ଲାଗୁ କରିଥିଲେ। କିନ୍ତୁ ସମ୍ବିଧାନକୁ ଦମ୍ଭ ଦେଖାଇ ତାଙ୍କ ଢଙ୍ଗରେ ଚଲାଇବେ ଓ ଲମ୍ବା ସମୟ ସାମ୍ବିଧାନିକ ଅବ୍ୟବସ୍ଥାରୁ ସୁରକ୍ଷା ଦେଇଦେବେ ବୋଲି ଯେଉଁ ବରିଷ୍ଠ ଅଧିକାରୀମାନେ ଭାବୁଛନ୍ତି, ସେମାନେ ଭ୍ରମରେ ଅଛନ୍ତି। ଗଣତନ୍ତ୍ରରେ ଆଇନକାନୁନ ଓ ସାମ୍ବିଧାନିକ ମର୍ଯ୍ୟାଦା ଅଛି। ଗଣତନ୍ତ୍ରର ସବୁଠୁ ଊର୍ଦ୍ଧ୍ୱରେ ଲୋକମତ ଅଛି। ମୁଖ୍ୟମନ୍ତ୍ରୀ ଅଗଣତାନ୍ତ୍ରିକ କାମକୁ ପ୍ରଶ୍ରୟ ଦେବେନି ବୋଲି ରାଜନୈତିକ ବିରୋଧୀ ଦଳଭାବେ ତାଙ୍କଠାରୁ ମୋର ଅପେକ୍ଷା ରହିଛି। ଓଡ଼ିଶାରେ ଆଲୋଚନା, ସମାଲୋଚନା ହେଉ। ବିରୋଧ ରାଜନୈତିକ ସ୍ତରରେ କରାଯାଉ। ଗଣତନ୍ତ୍ରକୁ ସମ୍ମାନ ଦିଆଯାଉ। କିଛି ସରକାରୀ ଅଧିକାରୀ ଯେଉଁଭଳି ହାତବାରିସି ହେଉଛନ୍ତି, ସେମାନେ ଏପ୍ରକାର ଅଗଣତାନ୍ତ୍ରିକ ଓ ବେଆଇନ କାମରୁ ନିବୃତ୍ତ ରୁହନ୍ତୁ। ସାଢେ ୪ କୋଟି ଓଡ଼ିଆଙ୍କ ତରଫରୁ ଏହି ନିବେଦନ କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର କୋଲକାତାସ୍ଥିତ ରାଜ୍ୟ ବିଧାନସଭା ପରିସରରେ ବନମହୋତ୍ସବ ୨୦୨୩ ର ଉଦ୍‌ଘାଟନ କରୁଛନ୍ତି।

# ଭାଜପା ଡିସେମ୍ବରରେ ଲୋକ ସଭା ନିର୍ବାଚନ କରିପାରେ: ମମତା

କୋଲକାତା, ୨୮।୮

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖ୍ୟ ମମତା ବାନାର୍ଜୀ ପୁଣି ଭାଜପାକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଭାଜପା ଚଳିତ ବର୍ଷ ଡିସେମ୍ବରରେ ଲୋକ ସଭା ନିର୍ବାଚନ କରିପାରେ। ଏଥିପାଇଁ ଗୈରିକ ଦଳ ତା'ର ପ୍ରସ୍ତୁତି ଚଳାଇଛି। ଏପରିକି ଏହି ଦଳ ପ୍ରଚାର ପାଇଁ ସମସ୍ତ ହେଲିକପ୍ଟର ମଧ୍ୟ ବୁକ୍ କରିଛି। ଟିଏମ୍‌ସି ଛାତ୍ର ପରିଷଦର ପ୍ରତିଷ୍ଠା ଦିବସ ଅବସରରେ କୋଲକାତାଠାରେ ସୋମବାର ଆୟୋଜିତ ଏକ ରାଲିକୁ ସମ୍ବୋଧିତ କରି ସେ ଚେତାବନୀ ଦେଇଛନ୍ତି ଯେ, ଭାଜପାର ତୃତୀୟ କାର୍ଯ୍ୟକାଳରେ ଦେଶ ଏକ ଏକଛତ୍ର ଶାସନର ସମ୍ମୁଖୀନ ହେବ। ରାଜ୍ୟରେ ଏକ ବେଆଇନ ବାଣ କାରଖାନାରେ ହୋଇଥିବା ବିସ୍ଫୋରଣ ପାଇଁ ମମତା କିଛି ଲୋକଙ୍କ ବେଆଇନ କାର୍ଯ୍ୟକଳାପକୁ ଦାୟୀ କରିଛନ୍ତି। ଆଉ ପୋଲିସର ସହଯୋଗରେ ଏହା କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

# ପ୍ରଶାନ୍ତ ଜଗଦ୍ଦେବ ଘଟଣାରେ ଧରାପଡ଼ିଛି କେନ୍ଦ୍ରମନ୍ତ୍ରୀଙ୍କ ଦୋମୁହାଁ ନୀତି: ବିଜେଡି

ଭୁବନେଶ୍ୱର, ୨୮।୮ (ଅନିଲଦାସ)

ବିଜେଡି ସାଧାରଣ ଜୀବନରେ କୌଣସି ପ୍ରକାର ହିଂସା କିମ୍ବା ବାଧା ସୃଷ୍ଟି କରିବା ଉପରେ ବିଶ୍ୱାସ କରେ ନାହିଁ। ଆମ ସୂଚନା ଅନୁଯାୟୀ ସେଭଳି କୌଣସି ଅଘଟଣ ଘଟି ନ ଥିଲା। ଯଦି ଏହା ଘଟିଥାନ୍ତା ତେବେ ବିଜେଡି ପ୍ରଥମେ ଏହାକୁ ନିନ୍ଦା କରିଥାନ୍ତା। ଭୁବନେଶ୍ୱର ଏମ୍‌ପି ଅପରାଜିତାଙ୍କ ଉପରେ ଆକ୍ରମଣକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟ ଉପରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ସୋମବାର ଗଣମାଧ୍ୟମକୁ ଏହା କହିଛନ୍ତି। ଉଦାହରଣ ଦେଇ ସେ କହିଛନ୍ତି, ଚିଲିକାର ତତ୍କାଳୀନ ବିଜେଡି ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଭାଜପାର ବାଲୁଗାଁ ନଗର ମଣ୍ଡଳ ସଭାପତି ନିରଞ୍ଜନ ସେଠୀଙ୍କୁ ୨୦୨୧ ସେପ୍ଟେମ୍ବର ୮ରେ ବାଲୁଗାଁଠାରେ ଆକ୍ରମଣ କରିଥିଲେ। ଜଗଦ୍ଦେବଙ୍କୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତୁରନ୍ତ ଦଳରୁ ନିଲମ୍ବିତ କରିଥିଲେ। ପରେ ତାଙ୍କୁ ବିଜେଡି ସଭାପତି ଦଳରୁ ବହିଷ୍କାର କରିଥିଲେ। ମୁଖ୍ୟମନ୍ତ୍ରୀ ଗୁଣ୍ଡାଗର୍ଦ୍ଦି ଉପରେ ବିଶ୍ୱାସ କରନ୍ତି ନାହିଁ। ତେବେ ସେହି ଜଗଦ୍ଦେବଙ୍କୁ ଫୁଲମାଳ ପିନ୍ଧାଯିବା ସହିତ ଧର୍ମେନ୍ଦ୍ରଙ୍କ ଆଶୀର୍ବାଦ ଏବଂ ନିୟମିତ ବୈଠକ ଯୋଗୁ ଭାଜପାରେ ଯୋଗ ଦେବାକୁ ପ୍ରସ୍ତୁତ ଅଛନ୍ତି। ଆପଣ ଓଡ଼ିଶାର ଲୋକମାନଙ୍କ ପାଇଁ କେଉଁ ଉଦାହରଣ ସୃଷ୍ଟି କରୁଛନ୍ତି। ଓଡ଼ିଶାର ଲୋକଙ୍କୁ କି ବାର୍ତ୍ତା ଦେବାକୁ ଚାହାନ୍ତି। ଜଣେ ବ୍ୟକ୍ତି ଯିଏ ଗୁଣ୍ଡାଗିରି ଏବଂ ଗୁଣ୍ଡାଗର୍ଦ୍ଦି ପାଇଁ ବିଜେଡିରୁ ବହିଷ୍କୃତ ହୋଇଥିଲେ, କେବଳ ରାଜନୈତିକ ଫାଇଦା ପାଇଁ ତାଙ୍କୁ ଗ୍ରହଣ କରୁଛି କି। ଏଥିରେ ଆପଣ ଓଡ଼ିଶାର ଲୋକଙ୍କୁ କିପରି ସାମ୍ନା କରିବେ। ଗଣତନ୍ତ୍ର ବିଷୟରେ ଆପଣଙ୍କର ସମସ୍ତ କଥା କେବଳ ଲୋକ ଦେଖାଣିଆ ବୋଲି ଓଡ଼ିଶାବାସୀ ଜାଣିଥିବା ସସ୍ମିତ କହିଛନ୍ତି।



ସସ୍ମିତ ପାତ୍ର

# ବସ୍ତିବାସିନ୍ଦାଙ୍କ ଭୋଟ୍ ପାଇଁ ପଟ୍ଟା ବଣ୍ଟନ ନାଟକ: ମନମୋହନ

ଭୁବନେଶ୍ୱର, ୨୮।୮ (ସୁନିତ୍ ମିଶ୍ର)

ଶିକ୍ଷିତ ଲୋକଙ୍କ ଭୋଟ୍ ଭାଜପା ସହିତ ଅଛି। ତେଣୁ ସହରାଞ୍ଚଳରେ ବସ୍ତି ବାସିନ୍ଦାଙ୍କ ଭୋଟ ବିଜେଡିକୁ ଭରସା। ଭୁବନେଶ୍ୱରରେ ଯଦି ବସ୍ତି ବାସିନ୍ଦାମାନେ ବିଜେଡିକୁ ପ୍ରତ୍ୟାଖାନ କରିବେ ତେବେ ରାଜଧାନୀରେ ସେମାନେ ୧୦% ଭୋଟ୍ ବି ପାଇବେନି। ତେଣୁ କେବଳ ବସ୍ତି ବାସିନ୍ଦାଙ୍କ ଭୋଟ ପାଇବା ପାଇଁ ନିର୍ବାଚନ ଆଗରୁ ଏହି ପଟ୍ଟା ବଣ୍ଟା ନାଟକ ଆରମ୍ଭ କରିଛନ୍ତି। ନିର୍ବାଚନ ଆସିଲେ ଶାସକ ଦଳର ବସ୍ତିବାସିନ୍ଦାଙ୍କ କଥା ମନେପଡେ। ୨୩ ବର୍ଷରେ ବିଜେଡି ବସ୍ତିରେ ଗରିବ ଲୋକମାନେ କିଭଳି ରୁହନ୍ତି କେବେ ହେଲେ ବୁଲିକି ଦେଖିନି। ଭୁବନେଶ୍ୱରରେ ବସ୍ତିବାସିନ୍ଦାଙ୍କ ପାଇଁ ବାସଗୃହ ନିର୍ମାଣଲାଗି ନିଜେ ମୁଖ୍ୟମନ୍ତ୍ରୀ ଥରେ ନୁହେଁ, ୨ ଥର ଶୁଭ ଦେଇଛନ୍ତି। କିନ୍ତୁ ତାହା କେବଳ ଫଟୋରେ ସୀମିତ ରହିଛି। ଗୋଟିଏ ପ୍ରକଳ୍ପକୁ ବାରମ୍ବାର ଶୁଭ ଦେବା, ଗୋଟିଏ ଯୋଜନାକୁ ବାରମ୍ବାର ଘୋଷଣା କରିବାରେ ବିଜେଡି ସରକାର ଦେଶରେ ଏକ ନମ୍ବର ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ସହରାଞ୍ଚଳରେ ବସ୍ତିବାସିନ୍ଦାଙ୍କୁ ଦିଆଯାଇଥିବା କାଗଜରେ ଏହା ଏକ ଫର୍ମ ବୋଲି ଉଲ୍ଲେଖ କରାଯାଇଛି। ଏହା ତଳକୁ ଏହା ଏକ ପ୍ରମାଣପତ୍ର ବୋଲି ଲେଖା ହୋଇଛି। ଆଉ ଏହାକୁ ରାଜ୍ୟ ସରକାର ପଟ୍ଟା ବୋଲି କହୁଛନ୍ତି। ପ୍ରଥମେ ସରକାର ସ୍ପଷ୍ଟ କରନ୍ତୁ ଏହା ଫର୍ମ ନା ପ୍ରମାଣପତ୍ର ନା ପଟ୍ଟା। ରାଜ୍ୟରେ ଏକ ଜାଲିଆ ସରକାର ଚାଲିଛି। ସହରାଞ୍ଚଳରେ ନବେ ଦଶକରେ ବସ୍ତିବାସିନ୍ଦାଙ୍କୁ ଯେଉଁ ପଟ୍ଟା ମିଳିଛି ସେଥିରେ ସ୍ପଷ୍ଟ ଭାବରେ ଲେଖାହୋଇଛି ଯେ, ବସ୍ତିବାସିନ୍ଦାଙ୍କ ଥଇଥାନ ଯୋଜନା ଅନୁସାରେ ଏହା ମିଳିଥିବା ପଟ୍ଟା। ହେଲେ ଏବେ ସରକାର ଯେଉଁ କାଗଜ ଧରାଉଛନ୍ତି ସେଥିରେ କେଉଁଠି ବି ପଟ୍ଟା ଶବ୍ଦ ଲେଖାନାହିଁ ବୋଲି ମନମୋହନ କହିଛନ୍ତି।

## ଅଧ୍ୟାପକଙ୍କ ଡକ୍ଟରେଟ୍ ଲାଭ



ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ରାକେଶ ରୋଶନ ଶତପଥୀ ସୋଆ କୃଷି ମହାବିଦ୍ୟାଳୟର ଉଦ୍ଭିଦ ରୋଗ ନିଦାନ ବିଭାଗରୁ ସମ୍ମାନଜନକ ଡକ୍ଟରେଟ୍ (ପିଏଚ୍.ଡି.) ଲାଭ କରିଛନ୍ତି। ଉଦ୍ଭିଦ ରୋଗ ନିଦାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଯୁକ୍ତ ଶତପଥୀଙ୍କ ଗବେଷଣାତ୍ମକ ସନ୍ଦର୍ଭ "Studies on survey and management of *Alternaria zinniae*, the incitant of leaf spot and flower blight of marigold (*Tagetes erecta L*), ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଖ୍ୟାତନାମା ପ୍ରଧାନ ବୈଜ୍ଞାନିକ ଡକ୍ଟର ଦିନେଶ ସିଂହ ତଥା ବାଂଲାଦେଶ ରାଜସାହି ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଡକ୍ଟର ମହମ୍ମଦ ହାସନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଏହି ସମ୍ମାନସୂଚକ ଡକ୍ଟରେଟ୍‌କୁ ଶ୍ରୀଯୁକ୍ତ ଶତପଥୀ ତାଙ୍କ ପରିବାର ତଥା ମହାପ୍ରଭୁଙ୍କୁ ସମର୍ପିତ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଶ୍ରୀଯୁକ୍ତ ଶତପଥୀ ସାକ୍ଷୀଗୋପାଳ ଦାସ ବିଦ୍ୟାଧରପୁର ନିବାସୀ ଶରତ ଚନ୍ଦ୍ର ଶତପଥୀ ଓ ସ୍ୱର୍ଣ୍ଣପ୍ରଭା ଶତପଥୀଙ୍କ ଏକମାତ୍ର ସନ୍ତାନ।

ଧ-୧୧୭୦

# ବିଜେଡି ମୁଖପାତ୍ରଙ୍କ ଅବସ୍ଥା ମିଛୁଆ ରାଧୁଆ ଭଳି ହେବ: ପୃଥ୍ୱୀରାଜ

**ଭୁବନେଶ୍ୱର, ୨୮।୮ (ସୁନିତ୍ ମିଶ୍ର):** ବିଜେଡି ମୁଖପାତ୍ରଙ୍କ ଅବସ୍ଥା ମିଛୁଆ ରାଧୁଆ ଭଳି ହେବ। ସେ ଏତେ ମିଛ କହିଲେଣି ଯେ, ଆଗକୁ ସତ କହିଲେ ବି କେହି ବିଶ୍ୱାସ କରିବେ ନାହିଁ। କେବଳ ନିଜର ଗୁମାସ୍ତାଙ୍କୁ ଖୁସି କରିବା ପାଇଁ ସେ କପୋଳକଳ୍ପିତ ଗଳ୍ପ କହୁଛନ୍ତି ଓ ପାଗଳର ପ୍ରଳାପ କରୁଥିବା ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ପୃଥ୍ୱୀରାଜ ଟୁଇଟ୍ ଜରିଆରେ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ଟାର୍ଗେଟ କରି କହିଛନ୍ତି, ଶାସକ ଦଳର ନେତା ଓ କର୍ମୀ ଗୁଣ୍ଡାଗର୍ଦ୍ଦିର କେଉଁ ସୀମାକୁ ଯାଆନ୍ତି, ତାକୁ ରାଜ୍ୟ ସାରା ଦେଖୁଛନ୍ତି। ଆପଣ ତ ସେହି ଗୋଟିଏ ଲାଉର ମଞ୍ଜି, ସବୁ ସତ ଜାଣିଲା ପରେ ବି ଚୁପ୍ ରହିବାକୁ ବାଧ୍ୟ ହେଉଛନ୍ତି। ଆମେ ଆପଣଙ୍କ ଅବସ୍ଥା କ'ଣ ବୁଝିପାରୁଛୁ। ଆଜି ଆମ ନେତା ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରେ ଅଗଣତାନ୍ତ୍ରିକ ବ୍ୟବସ୍ଥାକୁ ନେଇ ଯେଉଁ କଥା କହିଛନ୍ତି ଆପଣ ଥରେ ନିଜ ମନକୁ ପଚାରନ୍ତୁ। ସେ ଠିକ କହିଲେ ନା ଭୁଲ୍ କହିଲେ ଚିନ୍ତା କରନ୍ତୁ। ଆପଣଙ୍କ ଦଳ ଯାହାଙ୍କୁ ପାର୍ଟିରୁ ସସ୍‌ପେଣ୍ଡ କରେ, ତାଙ୍କୁ ପରେ ଦଳରେ ରଖେ।

# ଜନପ୍ରତିନିଧି ଓ ଜନତାଙ୍କ ମତକୁ ନ୍ୟୂନ ଦେଖାଇବାର ଚେଷ୍ଟା ଚାଲିଛି: ଭାଜପା

**ଭୁବନେଶ୍ୱର, ୨୮।୮ (ସୁନିତ୍ ମିଶ୍ର):** ଗଣତନ୍ତ୍ରରେ ପ୍ରତିବାଦର ବି ଗୋଟିଏ ପରିଧି ରହିଛି। ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ପ୍ରତିବାଦ କରିବାର ଅଧିକାର ଅଛି। କିନ୍ତୁ ପ୍ରାୟୋଜିତ ଭାବେ ଲୋକ ଲଗାଇ ବିଶେଷ କରି ମହିଳାଙ୍କୁ ନେଇ ଟେକା ପଥର ଫିଙ୍ଗିବା, ଅଣ୍ଡା ମାଡ଼ କରିବା, ଅସମ୍ମାନ କରିବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଏହା କେବେ ବି ଗଣତନ୍ତ୍ରରେ ଗ୍ରହଣୀୟ ନୁହେଁ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ରାଜ୍ୟସାରା ଜନପ୍ରତିନିଧିଙ୍କୁ ବିଭିନ୍ନ ସ୍ଥାନରେ ଆକ୍ରମଣ କରାଯାଉଛି। ଜନପ୍ରତିନିଧି ଏବଂ ଜନତାଙ୍କ ମତକୁ ନ୍ୟୂନ ଦେଖେଇବା ପାଇଁ ପ୍ରଚେଷ୍ଟା ଚାଲିଛି। ଗତକାଲି ଭୁବନେଶ୍ୱର ଏମ୍‌ପିଙ୍କ ଉପରେ ଶାସକ ବିଜେଡିର ପ୍ରାୟୋଜିତ ଆକ୍ରମଣ ଅତ୍ୟନ୍ତ ଲଜ୍ଜାଜନକ। ଏହି ଆକ୍ରମଣ ସମ୍ପୂର୍ଣ୍ଣ ଭାବେ ବିଜେଡି ଏବଂ ରାଜ୍ୟ ସରକାର ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ପ୍ରାୟୋଜିତ। ଓଡ଼ିଶାରେ ମା'ଙ୍କୁ ସମ୍ମାନ ଏବଂ ମହିଳା ସଶକ୍ତୀକରଣର ନାରା ଦେଉଥିବା ବିଜେଡି ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ମୁଖା ସମ୍ପୂର୍ଣ୍ଣ ଖୋଲିଯାଇଛି। ଏହାକୁ ଭାଜପା ଘୋର ନିନ୍ଦା କରୁଛି ବୋଲି ଭାଜପା ରାଜ୍ୟ ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଲେଖାଶ୍ରୀ ଆହୁରି କହିଛନ୍ତି ଯେ, ଗୋଟିଏ ପଟେ ମା'ଙ୍କୁ ସମ୍ମାନ ଓ ମହିଳା ସଶକ୍ତୀକରଣର ନାରା ଦେଉଥିବା ବେଳେ ଆଉ ଗୋଟିଏ ପଟେ ମହିଳା ଏବଂ ଗୁଣ୍ଡାମାନଙ୍କୁ ଲଗାଇ ଜନ ପ୍ରତିନିଧିମାନଙ୍କୁ ବିଜେଡି ଆକ୍ରମଣ କରୁଛି। ଏହା ବିଜେଡି ଓ ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି ବୋଲି ଲେଖାଶ୍ରୀ କହିଛନ୍ତି।

# ଭୋଟରଙ୍କୁ ଅହଙ୍କାର ଦେଖାଉଛନ୍ତି ଅପରାଜିତା: ବିଜେଡି

ଭୁବନେଶ୍ୱର, ୨୮।୮ (ଅନିଲଦାସ)

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ରବିବାର ନିଜ ସଂସଦୀୟ କ୍ଷେତ୍ର ଗସ୍ତବେଳେ ଗିରିଙ୍ଗ ଛକରେ ମିଶନ ଶକ୍ତିର ମହିଳା ଓ ବିଜେଡି କର୍ମୀ ତାଙ୍କୁ ବିରୋଧ କରିଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଅପରାଜିତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୋଶିଆଲ ମିଡିଆରେ ଟାର୍ଗେଟ୍ କରିଛନ୍ତି। ବିଜେଡି ପକ୍ଷରୁ ଏହା କଡ଼ା ବିରୋଧ କରାଯାଇଛି। ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ଅପରାଜିତାଙ୍କୁ ଜବାବ ଦେଇ କହିଛନ୍ତି, ଭୁବନେଶ୍ୱରର ସାଧାରଣ ଲୋକଙ୍କୁ ଆପଣ ଗୁଣ୍ଡା ବୋଲି କହିଛନ୍ତି। । ଭୁବନେଶ୍ୱରର ମହିଳାମାନେ ଆପଣଙ୍କୁ ଆକ୍ରମଣ କରିବାକୁ ଆସିଥିବା କହି ସେମାନଙ୍କୁ ଅପମାନିତ କରିଛନ୍ତି। ସେମାନେ ପ୍ରାସଙ୍ଗିକ ପ୍ରଶ୍ନ ପଚାରୁଛନ୍ତି, ଆପଣ କାହିଁକି ତାହାକୁ ଏଡ଼ାଉଛନ୍ତି ଏବଂ ସେମାନଙ୍କୁ ଗୁଣ୍ଡା ବୋଲି କହୁଛନ୍ତି। ଓଡ଼ିଆ ଲୋକଙ୍କୁ ଏବଂ ବିଶେଷକରି ଓଡ଼ିଶାର ମହିଳାମାନଙ୍କୁ ଗୁଣ୍ଡା ବୋଲି କହି ଅପମାନିତ ନ କରିବାକୁ ଶ୍ରୀମୟୀ କହିଛନ୍ତି। ପଥର ଧରିଥିବା କିଛି ନକଲି ଫଟୋ ପୋଷ୍ଟ କରି ମହିଳାମାନଙ୍କୁ ଅପମାନିତ କରିବାକୁ ଚେଷ୍ଟା କରୁଛନ୍ତି। ଜଣେ ଜନପ୍ରତିନିଧି ଭାବେ ସେମାନଙ୍କ ସେବା କରିବା ପାଇଁ ଅଛନ୍ତି, ସେମାନଙ୍କୁ ଏକଚ୍ଛତ୍ରବାଦୀ ଶାସନ କରିବା ପାଇଁ ନୁହେଁ। ଓଡ଼ିଶାର ଲୋକମାନେ ଆପଣଙ୍କର ଅହଙ୍କାର ଏବଂ ରାଜ୍ୟର ମହିଳା ଓ ପୁରୁଷମାନଙ୍କ ପ୍ରତି ଆଚରଣ ଦେଖୁଛନ୍ତି। ଏହାର ଉପଯୁକ୍ତ ଜବାବ ରାଜ୍ୟବାସୀ ଦେବେ ବୋଲି ଶ୍ରୀମୟୀ କହିଛନ୍ତି।

# କଂଗ୍ରେସରେ ନୱାଜ

**ଭୁବନେଶ୍ୱର, ୨୮।୮ (ସୁନିତ୍ ମିଶ୍ର):** କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବରିଷ୍ଠ ସଂଖ୍ୟାଲଘୁ ନେତା ମହମ୍ମଦ ଶାହା ନୱାଜ ନିଜର ଶତାଧିକ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ଉପଲକ୍ଷେ ସୋମବାର ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ନୱାଜଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଶରତ କହିଛନ୍ତି, ଦଳରେ ନୱାଜଙ୍କ ପୁନଃ ଯୋଗଦାନ କଂଗ୍ରେସକୁ ଦୃଢ଼ୀଭୂତ କରିବ। ନୱାଜ କହିଛନ୍ତି, ଆଗାମୀ ଦିନରେ କଂଗ୍ରେସ କିପରି ମଜଭୁତ ହେବ ଓ ସଂଖ୍ୟାଲଘୁ ଭଉଣୀ, ଭାଇଙ୍କର ବିକାଶ ହେବ ସେଥିନେଇ ସେ କାର୍ଯ୍ୟକରିବେ। ଏହି କାର୍ଯ୍ୟକ୍ରମରେ ଏଆଇସିସି ଅନୁସୂଚିତ ଜାତି, ଜନଜାତି, ଓବିସି ଓ ସଂଖ୍ୟାଲଘୁ ବିଭାଗର ସଂଯୋଜକ କେ. ରାଜୁ ଓ ଏଆଇସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ରାଜେଶ ଲିଲୋଠିଆ ପ୍ରମୁଖ ଉପସ୍ଥିତ ଥିଲେ।

**Classified Everyday 0674-2580101, 2549949**



REAL ESTATE

SALE

2BHK / 3BHK flat available at Jatani Gate with affordable price, near to handover position, all Banks, BDA, RERA Approved. Booking contact: 9776776644, 9776406644, 9337244895. D-74574

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

Sale Industrial Land & Shed Opposite fishing harbour, Chandipur, Balasore, Land 1.5Acres 125'X522' with 14000sqft. shed, boundary wall, borewell, servant quarter. Contact: 9861056868. D-74575

Chakeisihani Yellow Zone 1200sqft. @2300/- and 1700sqft. @1300/-, 7008711445, 6372801963. D-1169

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-74899

Duplex sale at-Bhubaneswar, @ 57Lakhs only. Contact-9777433701. D-75206

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

ଭୁବନେଶ୍ୱର ପାହାଳ NH ପାଖରେ developed yellowzone plot boundary, road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 6370354458. D-75207




Ground Floor accommodation with Parking/ Amenities for Office/ Residence VSS Nagar. 7978059473. D-1140




Newly open Spa positively health benefits with expert therapist. 9938843929. D-75144

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

Spa Kerala body Massage only best Therapist @699/- Bhubaneswar. 9337672475. D-1132

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75030

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit before Notary, Dhenkanal I, Mamita Agarwalla, aged about 45 years, W/o. Manoj Kumar Agarwalla, At-Ratan Bazar, Caltex, P.O-Dhenkanal, P.S-Town, Dist.-Dhenkanal state that in my Aadhaar Card bearing No-XXXXXXXX4508 my name has been mentioned as Mamita Agarwalla. My son name is Aniket Agarwalla and in his Passport bearing No. N8069388 my name has been mentioned as Mamita. Mamita Agarwalla and Mamita is one and same person. Henceforth I shall be known as Mamita Agarwalla for all purposes. D-74090

**ମନେ ପଡ଼ନ୍ତି**

ଚତୁର୍ବିଂଶତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ଆବିର୍ଭାବ: ୧୪।୦୨।୧୯୧୨
ତିରୋଧାନ: ୨୪।୦୮।୧୯୯୯
ଆପଣଙ୍କ ଆଦର୍ଶ, ଶ୍ରଦ୍ଧା, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଧର୍ମପରାୟଣ ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ପରିଜନ ଓ ଛାତ୍ରଛାତ୍ରୀବୃନ୍ଦ।
ଧ-୧୦୩୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଆହ୍ଲାଦିନୀ ଦାସ
ତିରୋଧାନ: ତା୧୦।୦୮।୨୦୨୨ରିଖ (ଶ୍ରାବଣ ଶୁକ୍ଳପକ୍ଷ ତ୍ରୟୋଦଶୀ)
ସ୍ୱାମୀ: ପ୍ରଫୁଲ୍ଲ ଚନ୍ଦ୍ର ଦାସ
ପୁରୁଣା ସଦରଥାନା ଲେନ୍, ପୁରୀ
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ଥାନ ଅପୂରଣୀୟ। ତୁମର ସ୍ନେହ, ଆଦର୍ଶ, ଦିଗ୍‌ଦର୍ଶନ, କର୍ତ୍ତବ୍ୟନିଷ୍ଠା ଆମ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଛୁ। ପରିବାରବର୍ଗ: ସ୍ୱାମୀ, ପୁତ୍ର, ପୁତ୍ରୀମାନେ, ପୁତୁରା ଏବଂ ଝିଆରୀମାନେ।
ଧ-୬୯୦୯୧

# ଅଲିମ୍ପିକ୍ସରେ ଭାରତ

**ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାର ୧୨୪ ବର୍ଷ ଇତିହାସରେ ପ୍ରାଧାନ୍ୟ ବିସ୍ତାର କରିଥିବା କ୍ରୀଡ଼ା ମହାଶକ୍ତି ଦେଶଗୁଡ଼ିକ ତୁଳନାରେ ଗତ ୨୭ଟି ଅଲିମ୍ପିକ କ୍ରୀଡ଼ାରେ ଭାରତର ପ୍ରଦର୍ଶନ ଉତ୍ସାହଜନକ ମନେହୁଏ ନାହିଁ। ଆଶା ଓ ବିଶ୍ୱାସ ଆମର କ୍ରୀଡ଼ାବିତ୍‌ମାନେ ପୂର୍ବ ପ୍ରଦର୍ଶନରେ ଉନ୍ନତି ଆଣି ପ୍ୟାରିସ୍-୨୦୨୪ ଅଲିମ୍ପିକ୍ସରେ ନୂତନ କୀର୍ତ୍ତିମାନ ପ୍ରତିଷ୍ଠା କରିବେ। 'ଜାତୀୟ କ୍ରୀଡ଼ା ଦିବସ' ଅବସରରେ ଏହା ହେଉଛି ସବୁଠାରୁ ବଡ଼ ଆହ୍ୱାନ।**



ଅଶୋକ ମହାନ୍ତି

ନିର୍ବିବାଦରେ ଦେଶର ମହାନତମ ଏବଂ ସଫଳତମ କ୍ରୀଡାବିତ୍‌ର ମାନ୍ୟତା ପାଇଥିବା କିମ୍ବଦନ୍ତୀ ହକି ଖେଳାଳି ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କର ୧୧୮ ତମ ଜନ୍ମବାର୍ଷିକୀ ଅଗଷ୍ଟ ୨୯ ତାରିଖ ଦିନ ସାରା ଦେଶରେ 'ଜାତୀୟ କ୍ରୀଡ଼ାଦିବସ' ଭାବେ ପାଳନ ହେଉଛି। ଏହି ଅବସରରେ ଏହି ମହାନ୍ ହକି ଖେଳାଳିଙ୍କର ଅଲିମ୍ପିକ୍ କ୍ରୀଡ଼ାରେ ଅନ୍ଧବିଶ୍ୱସନୀୟ କୀର୍ତ୍ତି ଓ କୃତୀକୁ ମନେପକାଇ ସାମ୍ପ୍ରତିକ ପରିସ୍ଥିତିରେ ଆମ ଦେଶର କ୍ରୀଡ଼ାବିତ୍‌ମାନଙ୍କର ପୂର୍ବ ପ୍ରଦର୍ଶନ ଏବଂ ଆସନ୍ତା ବର୍ଷ ୨୦୨୪ରେ ପ୍ୟାରିସଠାରେ ହେବାକୁ ଯାଉଥିବା ୩୩ତମ ଅଲିମ୍ପିକ୍ କ୍ରୀଡ଼ାରେ ପଦକ ଜିତିବା ସମ୍ଭାବନା ଉପରେ ସମ୍ୟକ୍ ଆଲୋଚନା ପ୍ରାସଙ୍ଗିକ ମନେହୁଏ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ କ୍ରୀଡ଼ା ବିଶେଷ ଭାବେ ଭାରତୀୟ ହକିର ସୁବର୍ଣ୍ଣ ଯୁଗର (୧୯୨୮ ରୁ ୧୯୬୪) ମହାନାୟକ ଥିଲେ ସ୍ୱର୍ଗତ ଧ୍ୟାନଚାନ୍ଦମ୍। ୩ଟି ଅଲିମ୍ପିକ୍ (୧୯୨୮ ଆମ୍‌ଷ୍ଟରଡାମ, ୧୯୩୨ – ଲସଏଞ୍ଜେଲ୍ସ, ୧୯୩୬ – ବର୍ଲିନ୍)ରେ ଭାରତୀୟ ହକି ଦଳକୁ ସ୍ୱର୍ଣ୍ଣ ପଦକ ଜିତେଇବାରେ ଧ୍ୟାନଚାନ୍ଦ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଲିମ୍ପିକ୍ କ୍ରୀଡ଼ା ଇତିହାସରେ ଦଳଗତ କ୍ରୀଡ଼ାରେ ଯୁକ୍ତରାଷ୍ଟ୍ର ଆମେରିକାର ପୁରୁଷ ବାସ୍କେଟବଲ ଦଳ ସମୁଦାୟ ୧୬ ଥର ସ୍ୱର୍ଣ୍ଣପଦକ ଜିତି ସଫଳତମ ଦଳ ଭାବେ ବିବେଚିତ ହେଉଛି। ଏହା ପଛକୁ ଭାରତୀୟ ପୁରୁଷ ହକି ଦଳ ସମୁଦାୟ ୮ ଥର ସ୍ୱର୍ଣ୍ଣ ପଦକ ଜିତି ଦ୍ୱିତୀୟ ସଫଳତମ ଦଳଭାବେ ମାନ୍ୟତା ପାଇଛି। ଆସନ୍ତାବର୍ଷ ଜାତୀୟ କ୍ରୀଡ଼ା ଦିବସ ପାଳନ ହେଲାବେଳକୁ ପ୍ୟାରିସ ଅଲିମ୍ପିକ୍ ସମାପ୍ତ ହେବାର ୧୫ ଦିନ ବିତି ଯାଇଥିବ। ଆମ ଦେଶରୁ କ୍ରୀଡାବିତ୍‌ମାନେ କେତେ ସଫଳ ହେଲେ ତାହା ସ୍ପଷ୍ଟ ହୋଇ ସାରିଥିବ। ଗତ ୩ଟି ଅଲିମ୍ପିକ୍ସରେ ଆମର କ୍ରୀଡ଼ାବିତ୍‌ଙ୍କର ପ୍ରଦର୍ଶନ ଥିଲା ଏହିପରି ୨୦୧୨– ଲଣ୍ଡନ: ପଦକ – ୬, (ରୌପ୍ୟ – ୨, ବ୍ରୋଞ୍ଜ୍ – ୪), ୨୦୧୬–ରିଓ: ପଦକ– ୨ (ରୌପ୍ୟ–୧, ବ୍ରୋଞ୍ଜ–୧), ୨୦୨୦–୨୧ ଟୋକିଓ: ପଦକ ୭ (ସ୍ୱର୍ଣ୍ଣ–୧, ରୌପ୍ୟ–୨, ବ୍ରୋଞ୍ଜ୍–୪), ଅଲିମ୍ପିକ୍ସ କ୍ରୀଡ଼ା ଇତିହାସରେ ଟୋକିଓ କ୍ରୀଡ଼ାରେ ଆମ କ୍ରୀଡ଼ାବିତଙ୍କ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ସର୍ବାଧିକ ରୋମାଞ୍ଚ ଆଣିଥିଲା ଜାଭେଲିନ୍ ଥ୍ରୋରେ ନୀରଜ ଚୋପ୍ରାଙ୍କ ସ୍ୱର୍ଣ୍ଣ ପଦକ ହାସଲ ଏବଂ ୪୧ ବର୍ଷ ପରେ ଭାରତୀୟ ପୁରୁଷ ହକି ଦଳର ବ୍ରୋଞ୍ଜ ପଦକ ହାସଲ।

ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାର ୧୨୪ ବର୍ଷ ଇତିହାସରେ ଯେଉଁ କ୍ରୀଡ଼ା ମହାଶକ୍ତି ଦେଶଗୁଡ଼ିକ ପ୍ରାଧାନ୍ୟ ବିସ୍ତାର କରିଆସିଛନ୍ତି ତା' ସହିତ ତୁଳନା କଲେ ବିଗତ ୨୭ଟି ଅଲିମ୍ପିକ କ୍ରୀଡ଼ାରେ ଭାରତର ପ୍ରଦର୍ଶନ (ଜନସଂଖ୍ୟା – ୧୩୯ କୋଟି, ମେଡାଲ୍ସ: ସ୍ୱର୍ଣ୍ଣ–୧୦, ରୌପ୍ୟ–୯, ବ୍ରୋଞ୍ଜ– ୧୬, ସମୁଦାୟ–୩୫) ଉତ୍ସାହଜନକ ମନେହୁଏ ନାହିଁ। ଗତ ଟୋକିଓ ଅଲିମ୍ପିକ୍ସରେ ଆମର କ୍ରୀଡ଼ାବିତ୍‌ମାନେ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ଗୋଟିଏ ସ୍ୱର୍ଣ୍ଣ ସହ ୭ଟି ପଦକ ଜିତିବାରୁ ଭାରତ ୪୮ତମ ସ୍ଥାନରେ (ଗତ ୪ ଦଶନ୍ଧିରେ ଶ୍ରେଷ୍ଠ ସ୍ଥାନ)ରେ ରହିଥିଲା। ଭାରତୀୟ ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଆଥ୍‌ଲେଟିକ୍ସ ଇଭେଣ୍ଟରୁ ଦେଶ ପାଇଁ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତି ନିଆରା କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। (ଏହା ପୂର୍ବରୁ କେବଳ ଅଭିନବ ବିନ୍ଦ୍ରା ବନ୍ଧୁକ ଚାଳନାରେ ୨୦୦୮ ବେଜିଂ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇଥିଲେ)।

ବର୍ତ୍ତମାନର ଆହ୍ୱାନ ହେଉଛି କିପରି ବିଗତ ବର୍ଷମାନଙ୍କର ସୀମିତ ସଫଳତାକୁ ଅତିକ୍ରମ କରି ଭାରତ ବିଶ୍ୱରେ ଏକ କ୍ରୀଡ଼ାଶକ୍ତି ଭାବେ ପ୍ରତିଷ୍ଠାଲାଭ କରିବ। ଏପରି ସ୍ଥିତିକୁ ବିଚାରକୁ ନେଇ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଗୁଡ଼ିକ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଯୁବପିଢ଼ିଙ୍କୁ କ୍ରୀଡ଼ାପ୍ରତି ଆକୃଷ୍ଟ କରିବା ପାଇଁ 'ଖେଲୋ ଇଣ୍ଡିଆ' କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ଟପ୍ (ଟାର୍ଗେଟ୍ ଅଲିମ୍ପିକ ପୋଡିୟମ) ଯୋଜନା ମାଧ୍ୟମରେ ପ୍ରତିଭାବାନ ଏବଂ ପଦକ ଆଶାୟୀ କ୍ରୀଡ଼ାବିତ୍‌ମାନଙ୍କୁ ବିଦେଶରେ ପ୍ରଶିକ୍ଷଣ ଏବଂ ପର୍ଯ୍ୟାପ୍ତ ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇଛି। ପୂର୍ବତନ ଅଲିମ୍ପିଆନ୍ ଏବଂ ପ୍ରସିଦ୍ଧ କ୍ରୀଡ଼ାବିତମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'ଅଲିମ୍ପିକ୍ ଗୋଲ୍ଡ କ୍ୱେଷ୍ଟ', 'ଗନ ଫରଗ୍ଲୋରି', 'ପି.ଟି. ଉଷା ଆଥ୍‌ଲେଟିକ୍ସ ଏକାଡେମୀ' ଭଳି ପ୍ରଶିକ୍ଷଣ କେନ୍ଦ୍ର/ ଏକାଡେମୀମାନଙ୍କୁ ସରକାର ସହାୟତା ପ୍ରଦାନ କରୁଛନ୍ତି। ଦେଶର ବିଶିଷ୍ଟ ଶିଳ୍ପପତି ଓ ଶିଳ୍ପାନୁଷ୍ଠାନମାନଙ୍କ ସହିତ ସହଭାଗିତାରେ ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭା ଚୟନ ଏବଂ ଆଧୁନିକ ପ୍ରଶିକ୍ଷଣ ସୁବିଧା ଉପଲବ୍ଧ ହେଉଛି। ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ ପାଇଁ ଆମ କ୍ରୀଡ଼ାବିତ୍‌ମାନେ ଜୋର୍‌ଦାର ପ୍ରସ୍ତୁତି ଜାରି ରଖିଛନ୍ତି। ପଦକ ସମ୍ଭାବନା ଥିବା କ୍ରୀଡ଼ା ଶୃଙ୍ଖଳାଗୁଡ଼ିକ ମଧ୍ୟରୁ ତୀରନ୍ଦାଜୀ, କୁସ୍ତି, ବନ୍ଧୁକ ଚାଳନା, ଭାରୋତ୍ତୋଳନ, ପୁରୁଷ ହକି, ବ୍ୟାଡ୍‌ମିଣ୍ଟନ ଏବଂ ଟ୍ରାକ୍ ଆଣ୍ଡ ଫିଲ୍ଡରେ ବିଶେଷ ଧ୍ୟାନ ଦିଆଯାଉଛି।

ଆଶା ଓ ବିଶ୍ୱାସ ଆମର କ୍ରୀଡ଼ାବିତ୍‌ମାନେ ପୂର୍ବ ପ୍ରଦର୍ଶନରେ ଉନ୍ନତି ଆଣି ପ୍ୟାରିସ୍–୨୦୨୪ ଅଲିମ୍ପିକ୍ସରେ ଉତ୍ସାହଜନକ ପ୍ରଦର୍ଶନ କରି ନୂତନ କୀର୍ତ୍ତିମାନ ପ୍ରତିଷ୍ଠା କରିବେ। ଆଜି 'ଜାତୀୟ କ୍ରୀଡ଼ା ଦିବସ' ପାଳନ ଅବସରରେ ଏହା ହେଉଛି ସବୁଠାରୁ ବଡ଼ ଆହ୍ୱାନ।



ନୀରଜ ଚୋପ୍ରା

## ଅନ୍ୟ ଦେଶର ପଦକ ରେକର୍ଡ

ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାର ୧୨୪ ବର୍ଷ ଇତିହାସରେ ଯେଉଁ କ୍ରୀଡ଼ା ମହାଶକ୍ତି ଦେଶଗୁଡ଼ିକ ପ୍ରାଧାନ୍ୟ ବିସ୍ତାର କରିଆସିଛନ୍ତି ଏବଂ ସମୁଦାୟ ପଦକ ଜିତିବାରେ ଯେଉଁ ୧୦ଟି ଦେଶ ସର୍ବାଗ୍ରେ ରହିଛନ୍ତି ତାହାର ଏକ ତାଲିକା ନିମ୍ନରେ ପ୍ରସ୍ତୁତ କରାଯାଇଛି। ଏହି ତାଲିକାରେ ଉଭୟ ବିଶାଳ ଓ ସ୍ୱଳ୍ପ ଜନସଂଖ୍ୟାର ଦେଶଗୁଡ଼ିକ ରହିଛନ୍ତି।

| କ୍ର.ସଂ. | ଦେଶ | ଜନସଂଖ୍ୟା (କୋଟିରେ) | ଜିତିଥିବା ପଦକ ସଂଖ୍ୟା (ସ୍ୱର୍ଣ୍ଣ–ରୌପ୍ୟ–ବ୍ରୋଞ୍ଜ) | ମୋଟ | କେତୋଟି ଅଲିମ୍ପିକ୍ସ |
|---|---|---|---|---|---|
| ୧ | ଯୁକ୍ତରାଷ୍ଟ୍ର ଆମେରିକା | ୩୩,୧୯ | ୧୦୬୧–୮୩୦–୭୩୮ | ୨୬୨୯ | ୨୮ |
| ୨ | ସୋଭିଏଟ୍ ରୁଷ | ୧୪.୫ | ୩୯୫–୩୧୯–୨୯୬ | ୧୦୧୦ | ୦୯ |
| ୩ | ଗ୍ରେଟ୍ ବ୍ରିଟେନ | ୫.୬୩ | ୨୮୪–୩୧୮–୩୧୪ | ୯୧୬ | ୨୯ |
| ୪ | ଚାଇନା | ୧୪୧.୧୧ | ୨୬୩–୧୯୯–୧୭୪ | ୬୩୬ | ୧୧ |
| ୫ | ଫ୍ରାନ୍ସ | ୬.୭୭ | ୨୨୩–୨୫୧–୨୭୭ | ୭୫୧ | ୨୯ |
| ୬ | ଇଟାଲି | ୫.୯୧ | ୨୧୭–୧୮୮–୨୧୩ | ୬୧୮ | ୨୮ |
| ୭ | ଜର୍ମାନୀ | ୮.୩୨ | ୨୦୧–୨୦୭–୨୪୭ | ୬୫୫ | ୧୭ |
| ୮ | ହଙ୍ଗେରି | ୦.୯୭ | ୧୮୧–୧୫୪–୧୭୬ | ୫୧୧ | ୨୭ |
| ୯ | ଜାପାନ | ୧୨.୫୭ | ୧୬୯–୧୫୦–୧୭୮ | ୪୯୭ | ୨୩ |
| ୧୦ | ଅଷ୍ଟ୍ରେଲିଆ | ୨.୫୪ | ୧୬୪–୧୨୬–୨୧୦ | ୫୪୭ | ୨୭ |

### ସ୍ୱଳ୍ପ ଜନସଂଖ୍ୟା (୨ କୋଟିରୁ କମ୍) ବିଶିଷ୍ଟ ଦେଶ

| କ୍ର.ସଂ. | ଦେଶ | ଜନସଂଖ୍ୟା | ଜିତିଥିବା ପଦକ ସଂଖ୍ୟା (ସ୍ୱର୍ଣ୍ଣ–ରୌପ୍ୟ–ବ୍ରୋଞ୍ଜ) | ମୋଟ | କେତୋଟି ଅଲିମ୍ପିକ୍ସ |
|---|---|---|---|---|---|
| ୧ | ପୂର୍ବ ଜର୍ମାନୀ | ୧.୬୧ ଲକ୍ଷ | ୧୫୩–୧୨୯–୧୨୭ | ୪୦୯ | ୦୫ |
| ୨ | ସ୍ୱିଡେନ | ୧.୦୧ ଲକ୍ଷ | ୧୪୭–୧୭୭–୧୭୯ | ୫୦୩ | ୨୮ |
| ୩ | ଫିନ୍‌ଲାଣ୍ଡ | ୦.୫୫ ଲକ୍ଷ | ୧୦୧–୮୫–୧୧୯ | ୩୦୫ | ୨୬ |
| ୪ | ନେଦରଲାଣ୍ଡ୍ସ | ୧.୭୫ ଲକ୍ଷ | ୯୫–୧୦୫–୧୨୨ | ୩୨୨ | ୨୭ |
| ୫ | ରୋମାନିଆ | ୧.୯୧ ଲକ୍ଷ | ୯୦–୯୭–୧୨୧ | ୩୦୮ | ୨୨ |
| ୬ | କ୍ୟୁବା | ୧.୧୩ ଲକ୍ଷ | ୮୪–୬୯–୮୨ | ୨୩୫ | ୨୧ |
| ୭ | ନରୱେ | ୦.୫୪ ଲକ୍ଷ | ୬୧–୫୨–୫୦ | ୧୬୩ | ୨୭ |
| ୮ | ଜାମାଇକା | ୦.୨୮ ଲକ୍ଷ | ୨୬–୩୬–୨୬ | ୮୮ | ୧୮ |




# ଦୁଇ ବର୍ଷ ତଳେ ପରିବାରକୁ ଭେଟିଥିଲେ କିଶୋର

ନୂଆଦିଲ୍ଲୀ,୨୮।୮(ପି.ଟି.)

ସାଧାରଣତଃ କ୍ରୀଡ଼ା ସହ ଜଡ଼ିତ ସମସ୍ତ ଆଥ୍ଲେଟ ଶୈଶବରୁ ଉକ୍ତ କ୍ରୀଡ଼ାକୁ ଆପଣେଇଥାନ୍ତି। ତେବେ ଓଡ଼ିଶାର ଓଭରନାଇଟ ସେନ୍‌ସେସନ୍ ଜାଭେଲିନ୍ ଥ୍ରୋୟର କିଶୋର ଜେନାଙ୍କ କାହାଣୀ ସମ୍ପୂର୍ଣ୍ଣ ଭିନ୍ନ । ଆରମ୍ଭରୁ ଭଲି ଖେଳ ସହ ଜଡ଼ିତ ଥିବା କିଶୋର ୨୦୧୫ରେ ୨୦ବର୍ଷ ବୟସରେ ଜାଭେଲିନ୍ ଅଭ୍ୟାସ କରିବା ଆରମ୍ଭ କରିଥିଲେ। ନିୟମିତ ଭଲ ପ୍ରଦର୍ଶନ କରିବା ସହିତ ପ୍ରଥମ ଓଡ଼ିଆ ଭାବରେ ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ସହିତ ସେ ପଞ୍ଚମ ସ୍ଥାନ ଅଧିକାର ମଧ କରିଥିଲେ। ତେବେ ଏକ ସାକ୍ଷାତ୍‌କାର ସମୟରେ କିଶୋର କହିଛନ୍ତି, ସେ ବିଗତ ଦୁଇବର୍ଷ ହେଲା ନିଜ ଗ୍ରାମକୁ ଆସିନାହାନ୍ତି କି ମାତା ପିତାଙ୍କୁ ଭେଟିନାହାନ୍ତି। ଏପରି କି ପ୍ୟାରିସ୍ ୨୦୨୪ ପାଇଁ ପ୍ରସ୍ତୁତି ଲକ୍ଷ୍ୟ ଥିବାରୁ ଆଗାମୀ ଏକ ବର୍ଷ ପାଇଁ ମଧ ମାତାପିତାଙ୍କୁ ଭେଟିପାରିବେ ନାହିଁ ବୋଲି କହିଛନ୍ତି କିଶୋର। ମାତା ପିତା ସ୍ମାର୍ଟଫୋନ୍‌ର ବ୍ୟବହାର ଜାଣି ନ ଥିବାବେଳେ କେବଳ ସାନ ଭଉଣୀ ଘରକୁ ଆସିଲେ ହିଁ ଭିଡିଓ କଲ୍ ଜରିଆରେ କଥା ହେବାର ସୁଯୋଗ ପାଇଥାନ୍ତି ବୋଲି କିଶୋର କହିଛନ୍ତି।

୧୯୯୫ ସେପ୍ଟେମ୍ବର ୬ରେ କିଶୋର ଜେନାଙ୍କ ଜନ୍ମ। ତାଙ୍କ ମା’ ହେଉଛନ୍ତି ହରପ୍ରିୟା ଜେନା ଓ ବାପା କେଶବ ଜେନା। ଘର ପୁରୀ ବ୍ରହ୍ମଗିରିସ୍ଥିତ କୋଠସାହି ଗ୍ରାମରେ। ୬ ଭଉଣୀଙ୍କ ମଧ୍ୟରେ ବଢ଼ିଥିବା କିଶୋର ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ଓଏନ୍‌ଆଇଏସ୍ ପଟିଆଲାରେ ପ୍ରଶିକ୍ଷଣ ନେଇଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଏହି ଜାଭେଲିନ୍ ପ୍ରତିଭାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୪.୩୮ ମିଟର ରହିଥିଲା। ତେବେ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ସେ ୮୪.୭୭ ମିଟରର ଥ୍ରୋ କରି ପଞ୍ଚମ ସ୍ଥାନରେ ରହିବା ସହିତ ସମସ୍ତଙ୍କୁ ଗର୍ବିତ କରିଛନ୍ତି। ୨୦୧୫ରୁ ଜାଭେଲିନ୍ ଅଭ୍ୟାସ ଆରମ୍ଭ କରିଥିବା ବେଳେ ୨୦୨୧ ପରଠାରୁ ଜାତୀୟ ସ୍ତରରେ ନିଜର ପ୍ରତିଭା ଦେଖାଇବା ଆରମ୍ଭ କରିଥିଲେ। ୨୦୨୩ ମାର୍ଚ୍ଚ ୧ରେ କର୍ନାଟକରେ ଅନୁଷ୍ଠିତ ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତାରେ ସେ ୭୮.୯୩ ମିଟର ସହ ସ୍ୱର୍ଣ୍ଣ ପଦକ ପାଇଥିଲେ। ମାର୍ଚ୍ଚ ୨୦ରେ କେରଳରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୧.୦୧ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଜୁନ୍‌ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଆଥ୍ଲେଟିକ୍ସ ମିଟ୍‌ରେ ସେ ୮୨.୮୭ ମିଟର ଥ୍ରୋ ସହିତ ରୌପ୍ୟ ପଦକ ପାଇଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ହାସଲ କରି ନ ଥିଲେ ମଧ ଏହାର ଅନୁଭୂତି ଆଗାମୀ ଏସିଆନ୍ ଗେମ୍ସରେ ସହାୟକ ହେବ ବୋଲି କିଶୋର କହିଛନ୍ତି।


କିଶୋର ଜେନା

## ନୀରଜ ମୋ ପ୍ରେରଣା

କ୍ୟାରିୟରରେ ପ୍ରଥମ ଥର ପାଇଁ ଏକ ବୃହତର ଷ୍ଟେଜରେ ପ୍ରଦର୍ଶନ କରିଥିବା ବେଳେ ଏହାକୁ ନେଇ ସାମାନ୍ୟ ନର୍ଭସ ମଧ ଥିଲେ। ତେବେ ନିଜ ପ୍ରଦର୍ଶନକୁ ନେଇ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ନୀରଜ ଚୋପ୍ରାଙ୍କ ପରି ଖେଳାଳିଙ୍କ ସହିତ ଖେଳିବାରୁ ବହୁତ ଜିନିଷ ଶିଖିବାକୁ ମିଳିଛି। ଇଭେଣ୍ଟ ସମୟରେ ସମସ୍ତ ଖେଳାଳି ବ୍ୟକ୍ତିଗତ ପ୍ରଦର୍ଶନ ଉପରେ ନଜର ରଖିଥାନ୍ତି। ତେବେ ଅନ୍ତର୍ଜାତୀୟ କ୍ରୀଡ଼ାରେ ଅଭିଜ୍ଞ ନୀରଜ ସର୍ବଦା ଶାନ୍ତ ରହି ଉପଯୁକ୍ତ ପରାମର୍ଶ ଦେଇଥାନ୍ତି। ଫାଇନାଲରେ ଏକ ଥ୍ରୋ ଖରାପ ହେବା ପରେ ବ୍ୟସ୍ତ ନ ହୋଇ ପରବର୍ତ୍ତୀ ଥ୍ରୋ ଉପରେ ଫୋକସ କରିବା ପାଇଁ ନୀରଜ ପରାମର୍ଶ ଦେଇଥିଲେ। ହାଙ୍ଗଝୋରେ ପୋଡିୟମ ଫିନିଶ୍ ଲକ୍ଷ୍ୟ ରହିଥିବା ପ୍ରକାଶ କରିଛନ୍ତି କିଶୋର ଜେନା।

## ଫାଷ୍ଟ ବୋଲରରୁ ଜାଭେଲିନ୍ ଥ୍ରୋୟର

ହଙ୍ଗେରୀର ବୁଦାପେଷ୍ଟରେ ଉଦ୍‌ଯାପିତ ହୋଇଯାଇଛି ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍। ପ୍ରଥମ ଥର ପାଇଁ ୩ ଜଣ ଭାରତୀୟ ନୀରଜ ଚୋପ୍ରା, ଡି.ପି. ମନୁ ଓ କିଶୋର କୁମାର ଜେନା ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲେ। ନୀରଜ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଯଥାକ୍ରମେ ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି କିଶୋର ଓ ମନୁ। କିଶୋର ଭଲିବଲ ଛାଡି ଜାଭେଲିନ୍‌କୁ ଆପଣେଇ ଥିବା ବେଳେ ମନୁ ଜଣେ ଦ୍ରୁତ ବୋଲର ରହିଥିଲେ। କର୍ନାଟକର ଜଣେ କଫି ଚାଷୀଙ୍କ ପୁଅ ଡି.ପି. ମନୁ। ବେଲୁରର ହସନ୍ ଜିଲାରୁ ଆସୁଥିବା ମନୁ ସ୍କୁଲ ସମୟରେ ଜଣେ ଭଲ କ୍ରିକେଟର ଥିଲେ। ଦ୍ରୁତ ବୋଲିଂ କରିବାକୁ ପସନ୍ଦ କରୁଥିବା ମନୁ କ୍ରୀଡା ଶିକ୍ଷକଙ୍କ ପରାମର୍ଶ କ୍ରମେ ଜାଭେଲିନ୍‌କୁ ବାଛିଥିଲେ। ଦକ୍ଷିଣ ଭାରତର ଏକ ଗରିବ ପରିବାରରୁ ଆସିଥିବା ମନୁଙ୍କ ନିକଟରେ ଆରମ୍ଭରୁ ଜାଭେଲିନ୍ ମଧ ନ ଥିଲା। ବାଉଁଶକୁ ଜାଭେଲିନ୍ ଭାବରେ ବ୍ୟବହାର କରି ମନୁ ଆଗକୁ ବଢିଥିବା ବେଳେ ୨୦୧୯ ଖେଲୋ ଇଣ୍ଡିଆ ଗେମ୍ସରେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୋଚ୍ କାଶୀନାଥ ନାଏକ ୧୯ ବର୍ଷୀୟ ମନୁଙ୍କୁ ପୁଣେସ୍ଥିତ ଆର୍ମି ସ୍ପୋର୍ଟ୍ସ ସେଣ୍ଟରରେ ଭର୍ତ୍ତି କରିଥିଲେ।


ଡି.ପି. ମନୁ

# ଦକ୍ଷିଣ କୋରିଆରେ ଟ୍ରେନିଂ ନେବେ ଏହେସାସ

ଅମରପାଲି,୨୮।୮
(ପୀତାମ୍ବର ସାହୁ)

ଦକ୍ଷିଣ କୋରିଆରେ ହେବାକୁଥିବା ପାର୍ଟନରଶିପ୍ ଟାଏକୋଣ୍ଡୋ ପ୍ରୋଗ୍ରାମରେ ଅଂଶଗ୍ରହଣ କରିବେ ଓଡ଼ିଶାର ଏହେସାସ ହୋତା। ଅନ୍ତର୍ଜାତୀୟ ଟାଏକୋଣ୍ଡୋ କ୍ରୀଡାବିତ ଏହେସାସଙ୍କ ଘର ହେଉଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମୂଲ୍ୟମଣୀ ରାଣୀପୁର ଗ୍ରାମରେ। ଆସନ୍ତା ସେପ୍ଟେମ୍ବର ୧ ରୁ ୧୧ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ କୋରିଆ ଟାଏକୋଣ୍ଡୋ ଓନ୍ ମୁଜୁଠାରେ ବିଶ୍ୱ ଟାଏକୋଣ୍ଡୋ ସଂଘ ପକ୍ଷରୁ ପାର୍ଟନରଶିପ ଟାଏକୋଣ୍ଡୋ ପ୍ରୋଗ୍ରାମ ଅନୁଷ୍ଠିତ ହେବ। ଯେଉଁଠରେ ବିଭିନ୍ନ ଦେଶରୁ ବଛା ବଛା ଟାଏକୋଣ୍ଡୋ କୋଚ୍‌ମାନଙ୍କୁ ବିଶ୍ୱର ମାନ୍ୟତା ପ୍ରାପ୍ତ କୋଚ୍‌ମାନେ ଉନ୍ନତମାନର ତାଲିମ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ଏହେସାସ ହୋତା ଓଡ଼ିଶାର ପ୍ରଥମ ଏବଂ ଭାରତର ସର୍ବକନିଷ୍ଠ କୋଚ୍‌ଭାବେ ତାଲିମ ନେବାପାଇଁ ମନୋନୀତ ହୋଇଥିବା କୁହାଯାଉଛି। ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟ କାର୍ଯ୍ୟାଳୟରୁ ତାଙ୍କୁ ଆମନ୍ତ୍ରଣ ପତ୍ର ମିଳିଛି। ଏହେସାସ ପୂର୍ବରୁ ବହୁବାର ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଭାରତ ପାଇଁ ଗୌରବ ଆଣିସାରିଥିବାବେଳେ ପୂର୍ବରୁ ଦୁଇଥର ଦକ୍ଷିଣ କୋରିଆରେ ତାଲିମ ମଧ ନେଇସାରିଛନ୍ତି। ରାଜ୍ୟ ଟାଏକୋଣ୍ଡୋ ସଂଘର ସଂପାଦକ ମନମୋହନ ଭଞ୍ଜ, ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର ସଭାପତି ରବୀନ୍ଦ୍ର ହୋତା, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ଟାଏକୋଣ୍ଡୋ ସଂଘର ଆଇନ ପରାମର୍ଶଦାତା ରାଧାକାନ୍ତ ବାଘ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ ଏହେସାସ ହୋତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଶୁଭକାମନା କରିଛନ୍ତି।


ଏହେସାସ ହୋତା

# ମଦର୍ସ ଟାଇଗ୍ରେସ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଟ୍ରଫି ସହ ୩ ଦଳର ଖେଳାଳି।

ଭୁବନେଶ୍ୱର,୨୮।୮
(ସରୋଜ ଜେନା)

**ଅସ୍ମିତା ଥ୍ରୀ ଏ ସାଇଡ୍ ବାସ୍କେଟବଲ୍**

ଖେଲୋ ଇଣ୍ଡିଆ, ଭାରତୀୟ ବାସ୍କେଟବଲ୍ ସଂଘ ଓ ଓଡ଼ିଶା ବାସ୍କେଟବଲ ସଂଘ ପକ୍ଷରୁ ମଦର୍ସ ପବ୍ଲିକ୍ ସ୍କୁଲରେ ଆୟୋଜିତ ହୋଇଛି ଅସ୍ମିତା ଥ୍ରୀ ଏ ସାଇଡ୍ ୧୭ ବର୍ଷରୁ କମ୍ ବାସ୍କେଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ କଳିଙ୍ଗ ୱାରିୟର୍ସକୁ ୧୭-୧୧ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ମଦର୍ସ ଟାଇଗ୍ରେସ୍। ବିଜୟୀ ଦଳ ପକ୍ଷରୁ ଅନନ୍ୟା ମହାନ୍ତି ଏକାକୀ ୧୨ ପଏଣ୍ଟ ସ୍କୋର କରିଥିବା ବେଳେ ଦେଷ୍ଟା ଜୈନ ୩ ଓ ଅନ୍ୱେଷା ଦାସ ୨ ପଏଣ୍ଟ ସ୍କୋର କରିଥିଲେ। ୱାରିୟର୍ସ ପକ୍ଷରୁ ବିମଳା୫, ସଞ୍ଜିତା ୪ ଓ ଅନୁଷ୍କା୨ ପଏଣ୍ଟ ସ୍କୋର କରିଥିଲେ। ତୃତୀୟ ସ୍ଥାନ ମ୍ୟାଚରେ ମଦର୍ସ ଭୋଲ୍କାନୋ ୯-୬ ପଏଣ୍ଟରେ ଆଭେଞ୍ଜର୍ସକୁ ପରାସ୍ତ କରିଛି। ଭୋଲ୍କାନୋ ପକ୍ଷରୁ ମନୀଷା ପାତ୍ର ୪, ଆମୃଜା ନାୟକ ୩ ଏବଂ ଦୀକ୍ଷା ୨ ପଏଣ୍ଟ ସ୍କୋର କରିଥିଲେ। ମଦର୍ସ ପବ୍ଲିକ୍ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଶ୍ରୀଜିତ୍ ପଟ୍ଟନାୟକ ଓ ଓଡ଼ିଶା ବାସ୍କେଟବଲ ସଂଘର ସମ୍ପାଦକ ଅଶୋକ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ଓଏଫ୍‌ସି ସହ ସିଙ୍ଗସନଙ୍କ ଚୁକ୍ତି

ଭୁବନେଶ୍ୱର,୨୮।୮
(ସରୋଜ ଜେନା)

ଓଡ଼ିଶା ଫୁଟବଲ କ୍ଲବ (ଓଏଫ୍‌ସି) ପକ୍ଷରୁ ଯୁବ ସେଣ୍ଟର ବ୍ୟାକ୍ ପାଓଗୋମାଙ୍ଗ ସିଙ୍ଗସନଙ୍କ ସହିତ ୩ ବର୍ଷର ଚୁକ୍ତି ସ୍ୱାକ୍ଷର କରାଯାଇଛି। ପୂର୍ବରୁ ସିଙ୍ଗସନ୍ ପଞ୍ଜାବ ଏଫ୍‌ସି, ହାଇଦ୍ରାବାଦ ଏଫ୍‌ସି ରିଜର୍ଭେସ, ନେରୋକା ଏଫ୍‌ସି ପରି ଆଇ ଲିଗ୍ ଟିମ୍ ପକ୍ଷରୁ ଖେଳି ସାରିଛନ୍ତି। ସିଙ୍ଗସନଙ୍କ ଉପସ୍ଥିତିରେ ଓଏଫ୍‌ସିର ଡିଫେନ୍ସ ଲାଇନ ଅଧିକ ମଜଭୁତ ହେବା ନେଇ ଆଶା କରାଯାଉଛି। ଭାରତର ବିଭିନ୍ନ ଲିଗ୍‌ରେ ଖେଳିବାରେ ସିଙ୍ଗସନଙ୍କ ଅନୁଭୂତି ଓଏଫ୍‌ସିକୁ ବେଶ୍ ସହାୟତା କରିବ। ନୂତନ ସିଜନ ଆରମ୍ଭ ହେବା ପୂର୍ବରୁ ଓଏଫ୍‌ସି ଏହାର ଡିଫେନ୍ସ ଲାଇନକୁ ମଜଭୁତ କରିବାକୁ ଯୁବ ଖେଳାଳିମାନଙ୍କୁ ସାମିଲ କରିବ ବୋଲି ଓଏଫ୍‌ସି ମ୍ୟାନେଜମେଣ୍ଟ ପକ୍ଷରୁ ପ୍ରକାଶ କରାଯାଇଛି।


ପାଓଗୋମାଙ୍ଗ ସିଙ୍ଗସନ

# ଭାରତ କ୍ରୀଡ଼ା ରାଷ୍ଟ୍ର ହେବାକୁ ଯାଉଛି: ଗାଭାସ୍କର

ମୁମ୍ବାଇ, ୨୮।୮ (ପି.ଟି.)

କ୍ରିକେଟ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଜାଭେଲିନ ସେନ୍‌ସେଶନ ନୀରଜ ଚୋପ୍ରାଙ୍କ ଐତିହାସିକ ସଫଳତାର ଉଚ୍ଚ ପ୍ରଶଂସା କରିଛନ୍ତି। ଏଥିସହ ନିକଟରେ ଚେସ୍ ପ୍ରତିଭା ଆର୍. ପ୍ରଜ୍ଞାନନ୍ଦ ଏବଂ ବ୍ୟାଡ୍‌ମିଣ୍ଟନ ଷ୍ଟାର ଏଚ୍.ଏସ୍. ପ୍ରଣୟଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଦେଶ ପାଇଁ ଏକ ଶୁଭ ସୂଚନା ବୋଲି କହିଛନ୍ତି। ଏହି ସଫଳତାକୁ ଦେଖିଲେ ଆଗାମୀ ୧୦ରୁ ୧୫ ବର୍ଷ ମଧ୍ୟରେ ଭାରତ ଏକ କ୍ରୀଡ଼ା ରାଷ୍ଟ୍ରରେ ପରିଣତ ହେବାକୁ ଯାଉଛି ବୋଲି ସେ କହିଛନ୍ତି। ଚୋପ୍ରା ରବିବାର ପ୍ରଥମ ଭାରତୀୟ ଭାବେ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ସପ୍ତାହରେ ପ୍ରଜ୍ଞାନନ୍ଦ ମାତ୍ର ୧୮ବର୍ଷ ବୟସରେ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲେ। ଅନ୍ୟପକ୍ଷରେ ପ୍ରଣୟ ବ୍ରୋଞ୍ଜ ପଦକ ବିଜୟ ପଥରେ ବିଶ୍ୱର ନମ୍ବର ୱାନ ଭିକ୍ଟର ଏକ୍ସେଲସେନ୍‌ଙ୍କୁ ହରାଇ ଦେଇଛନ୍ତି। ପୂର୍ବରୁ ଗଣମାଧ୍ୟମରେ କେତୋଟି ହାତଗଣତି ଖେଳର ରିପୋର୍ଟ ଦେଖିବାକୁ ମିଳୁଥିଲା। ମାତ୍ର ବର୍ତ୍ତମାନ ଏହିଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି। ମିଡ୍‌ୱିକେଟ ଷ୍ଟୋରିଜର ପ୍ରମୁଖ ପରାମର୍ଶଦାତା ଭାବେ ନିଯୁକ୍ତି ପାଇବା ପରେ ଭାରତୀୟ କ୍ରିକେଟ ଆଇକନ ଏକଥା ପ୍ରକାଶ କରିଛନ୍ତି।

# ଭାରତ ପ୍ରଥମେ ବାଂଲାଦେଶକୁ ଭେଟିବ

**ନୂଆଦିଲ୍ଲୀ, ୨୮।୮ (ପି.ଟି.):** ଓମାନର ସାଲାହାଠାରେ ବାଂଲାଦେଶ ବିପକ୍ଷ ଏସିଆନ ୫ଏସ୍ ପୁରୁଷ ହକି ବିଶ୍ୱକପ୍ କ୍ୱାଲିଫାୟର୍ସରେ ଭାରତୀୟ ଦଳ ମଙ୍ଗଳବାର ବାଂଲାଦେଶ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ପ୍ରତିଯୋଗିତାର ‘ଏଲିଟ୍ ପୁଲ୍’ରେ ଭାରତ ସହ ମାଲେସିଆ, ପାକିସ୍ତାନ, ଜାପାନ, ଓମାନ ଓ ବାଂଲାଦେଶ ସ୍ଥାନ ପାଇଛନ୍ତି। ସେହିପରି ଚ୍ୟାଲେଞ୍ଜର୍ସ ପୁଲ୍‌ରେ ହଂକଂ, ଚାଇନା, ଇଣ୍ଡୋନେସିଆ, ଆଫଗାନିସ୍ତାନ, କାଜାଖସ୍ତାନ ଓ ଇରାନ ରହିଛନ୍ତି। ବାଂଲାଦେଶ ବିପକ୍ଷ ଓପନିଂ ମୁକାବିଲା ପରେ ଭାରତ ଅଗଷ୍ଟ ୩୦ରେ ଓମାନ ଓ ପାକିସ୍ତାନକୁ ଭେଟିବ। ଅଗଷ୍ଟ ୩୧ରେ ଦଳ ମାଲେସିଆ ଓ ଜାପାନ ସହ ମୁକାବିଲା କରିବ। ଏଫ୍‌ଆଇଏଚ୍ ୫ଏସ୍ ହକି ବିଶ୍ୱକପ୍ ୨୦୨୪ରେ ସ୍ଥାନ ପାଇବାକୁ ହେଲେ ଭାରତକୁ ପ୍ରଥମ ୩ ମଧ୍ୟରେ ରହିବାକୁ ପଡ଼ିବ। ସୂଚନାଯୋଗ୍ୟ, ଆସନ୍ତାବର୍ଷ ଗ୍ଲୋବାଲ ଇଭେଣ୍ଟରେ ମୋଟ ୧୬ଟି ଦେଶ ଭାଗ ନେବେ।

# ଫାଇନାଲରେ ଭାରତ

ସାଲାଲା (ଓମାନ),
୨୮।୮ (ପି.ଟି.)

ଭାରତ ଏଠାରେ ଚାଲିଥିବା ଏସିଆନ ୫ଏସ୍ ମହିଳା ହକି ଟୁର୍ନାମେଣ୍ଟରେ ଅଧିନାୟିକା ନବଜୋତ କୌରଙ୍କ ହ୍ୟାଟ୍ରିକ୍ ସହାୟତାରେ ୯-୫ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଦଳ ଏଥିସହିତ ଆସନ୍ତାବର୍ଷ ହେବାକୁଥିବା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ନବଜୋତ ୭ମ, ୧୦ମ ଓ ୧୭ତମ ମିନିଟ୍‌ରେ ଗୋଲ୍ ସ୍କୋର କରି ହ୍ୟାଟ୍ରିକ କରିଥିବା ବେଳେ ମାରିଆନା କୁଜର (୯ମ ଓ ୧୨ତମ) ଏବଂ ଜ୍ୟୋତି (୨୧ତମ ଓ ୨୬ତମ) ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ଭାରତ ପକ୍ଷରୁ ଅନ୍ୟ ଦୁଇ ଗୋଲ ମୋନିକା ଦୀପି ଟପ୍ପୋ (୨୨ତମ) ଓ ମହିମା ଚୌଧାରୀ (୧୪ତମ) ଦେଇଥିଲେ। ସେହିପରି ମାଲେସିଆ ପକ୍ଷରୁ ଜାଟି ମହମ୍ମଦ (୪ର୍ଥ ଓ ୫ମ), ଦିଆନ ନାଜେରି (୧୦ତମ, ୨୦ତମ) ଏବଂ ଅଜିଜ ଜାଫିରା (୧୬ତମ) ଗୋଲ୍ ଦେଇଥିଲେ। ହକି ୫ଏସ୍ ବିଶ୍ୱକପ୍‌ର ଉଦ୍‌ଘାଟନୀ ସଂସ୍କରଣ ଆସନ୍ତା ବର୍ଷ ଜାନୁୟାରୀ ୨୪ ଓ ୨୭ରେ ମସ୍କାଟଠାରେ ହେବ। ଭାରତ ଫାଇନାଲରେ ଥାଇଲାଣ୍ଡ ଓ ଇଣ୍ଡୋନେସିଆ ମଧ୍ୟରେ ହେବାକୁଥିବା ଦ୍ୱିତୀୟ ସେମିଫାଇନାଲ ବିଜେତାଙ୍କୁ ଭେଟିବ।



୫ଏ ସାଇଡ୍ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ମହିଳା ଦଳ।

# ହାଇଦ୍ରାବାଦ ଏଫ୍‌ସିରେ ଫିଲିପ୍ ଆମୋରିମ୍

**ହାଇଦ୍ରାବାଦ, ୨୮।୮ (ପି.ଟି.):** ହାଇଦ୍ରାବାଦ ଏଫ୍‌ସି ଏହାର ଆକ୍ରମଣ କ୍ଷମତାକୁ ଅଧିକ ଶାଣିତ କରିବା ଲାଗି ବ୍ରାଜିଲର ଅନ୍ୟତମ ଦକ୍ଷ ଖେଳାଳି ଫିଲିପ୍ ଡା ସିଲ୍‌ଭା ଆମୋରିମ୍‌ଙ୍କୁ ଦଳରେ ନେଇଛି। ୩୨ବର୍ଷୀୟ ଏହି ଖେଳାଳିଙ୍କ ସହ କ୍ଲବ ସୋମବାର ୨୦୨୩-୨୪ବର୍ଷ ପାଇଁ ଚୁକ୍ତି କରିଛି। ବ୍ରାଜିଲରେ ଜନ୍ମିତ ଫୁଟ୍‌ବଲର ଫିଲିପ୍ ୨୦୧୬ରେ ଫ୍ଲୁମିନେନ୍ସରେ ଯୋଗଦେବା ପୂର୍ବରୁ ତାଙ୍କ ହୋମ୍ ଟାଉନ୍‌ରେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ଏସିଆକୁ ଆସିଥିଲେ। ଥାଇଲାଣ୍ଡରେ ସେ ସୁଫାନ୍‌ବୁରିରେ ଯୋଗ ଦେଇଥିଲେ। ଏହି କ୍ଲବ ସହ ସେ ଗତ ୩ ସିଜନ ଖେଳିଛନ୍ତି। ସମସ୍ତ ପ୍ରତିଯୋଗିତାରେ ସେ ୧୦୦ ପାଖାପାଖି ମ୍ୟାଚ ଖେଳିଛନ୍ତି। ସେ ୨୦୨୧ରେ ଥାଇ ଏଫ୍‌ଏ କପ୍ ଜିତିଥିଲେ। ଅଭିଜ୍ଞତାସମ୍ପନ୍ନ ଫିଲିପ୍ ହାଇଦ୍ରାବାଦ ଏଫ୍‌ସି ଦଳର ଅଂଶବିଶେଷ ହୋଇ ବେଶ୍ ଉତ୍ସାହିତ ଅଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ